# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ମେ ୨୪/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 24/2025 | Page 16 | ₹ 7.00

୫୧ଶ ଭାଗ ୧୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 178 | ମୂଲ୍ୟ ₹୭/-



## ଅସଲ ମାପକାଠି: ବୋର୍ଡ଼ ପରୀକ୍ଷାରେ ଯୁବୋଦୟର ଟପ୍ପର୍ସ, ପ୍ରଥମ ପ୍ରଚେଷ୍ଟାରେ NEET / JEE (M&A)ରେ ମଧ୍ୟ ଚାମ୍ପିଅନ୍

**YUVODAYA** NON-NEGOTIABLE ACADEMICS

**TOPPERS: CHSE INTEGRATED WING** | 90% above: 64 students | 500 above: 165 students | 80% above: 234 students | 70% above: 377 students | 474 FIRST DIVISIONS | PASS PERCENTAGE: 99.404%




**ପଶ୍ଚିମ ଓଡ଼ିଶାରେ ଲଗାତାର ସର୍ବାଧିକ ୯୦+%**

Freshers Paradise: 25 probables in Govt. MBBS & 56 students scored 90+ percentile in JEE (M)

ପିତାମାତାଙ୍କ ଅତୁଟ ଆସ୍ଥା, ଯୁବୋଦୟର ଅବିଶ୍ରାନ୍ତ ପ୍ରଚେଷ୍ଟା। ଛାତ୍ରଛାତ୍ରୀଙ୍କ ଅବିରାମ ସଫଳତା

**BALANGIR: CHSE Campus - Sakma / City Office - Hatisal Pada, Call - 9777884488, 9938086842, 9437367867**

**ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ**

ମହାରାଷ୍ଟ୍ର-ଛତିଶଗଡ଼ ସୀମାନ୍ତ ଗଡ଼ ଚିରୋଲି ଜିଲାରେ ଶୁକ୍ରବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ ହୋଇଛନ୍ତି। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏବଂ ମହାରାଷ୍ଟ୍ର ପୋଲିସର ଏଲାଇଟ୍ ସି-୬୦ କମାଣ୍ଡୋ ୟୁନିଟ ପକ୍ଷରୁ ମିଳିତ ଅଭିଯାନ କରାଯାଇଥିଲା। ଜିଲାର କାୱାଣ୍ଡେ ଏବଂ ନେଲଗୁଣ୍ଡା ଅଞ୍ଚଳରେ କେତେଜଣ ମାଓବାଦୀ ଲୁଚିଥିବା ଗୋଇନ୍ଦା ସୂଚନା ଆଧାରରେ ଗୁରୁବାର ଅପରାହ୍ନଠାରୁ ଏହି ଅଭିଯାନ ଆରମ୍ଭ କରାଯାଇଥିଲା।



**ସଂକ୍ଷେପରେ**

## କେରଳରେ ୨ କୋଭିଡ୍ ମୃତ୍ୟୁ

### ୨ଦିନରେ ମାମଲା ଦ୍ୱିଗୁଣିତ

ଥିରୁଭାନନ୍ତପୁରମ, ୨୩।୫

କେରଳରେ ୨ଟି କୋଭିଡ୍ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି। ରାଜ୍ୟରେ ୨ ଦିନରେ କରୋନାର ସକ୍ରିୟ ମାମଲା ଦ୍ୱିଗୁଣିତ ହୋଇଛି। ମେ’ ୨୧ ସୁଦ୍ଧା ସକ୍ରିୟ ମାମଲା ୧୮୨ରେ ପହଞ୍ଚିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କେରଳରେ ଟେଷ୍ଟିଂ ବୃଦ୍ଧି ପାଇଥିବାରୁ କରୋନା ମାମଲାରେ ବୃଦ୍ଧି ଘଟୁଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କହିଛି। ଅନ୍ୟପକ୍ଷରେ, ବେଙ୍ଗାଲୁରୁର ଜଣେ ୯ ମାସର ଶିଶୁପୁତ୍ର କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ବର୍ତ୍ତମାନ ସେ ବେଙ୍ଗାଲୁରୁର ବାଣୀବିଲାସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ଆତଙ୍କବାଦ ବିରୋଧରେ ସାଲିସ୍‌ବିହୀନ ଲଢ଼େଇ ପାଇଁ ଭାରତକୁ ରୁଷିଆର ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୨୩।୫

ଯେକୌଣସି ପ୍ରକାର ଆତଙ୍କବାଦ ବିରୋଧରେ ଭାରତ ସହ ମିଶି ସାଲିସ୍‌ବିହୀନ ଲଢ଼େଇ ପାଇଁ ରୁଷିଆ ନିଜର ନିର୍ଣ୍ଣାୟକ ପ୍ରତିଶ୍ରୁତିକୁ ଶୁକ୍ରବାର ଦୋହରାଇଛି। ଭାରତର ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ଏବଂ ଅପରେଶନ ସିନ୍ଦୂରର ସଫଳତା ସମ୍ପର୍କିତ ବାର୍ତ୍ତା ନେଇ ଡିଏମ୍‌କେ ଏମ୍‌ପି କାନିମୋଝିଙ୍କ ନେତୃତ୍ୱରେ ରୁଷିଆ ଯାଇଥିବା ବହୁଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀ ରୁଷିଆ ପ୍ରତିପକ୍ଷଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି। ରୁଷିଆ ଉପ ବିଦେଶ ମନ୍ତ୍ରୀ ଆନ୍ଦ୍ରେ ରୁଡେଙ୍କୋ ପ୍ରତିନିଧି ମଣ୍ଡଳୀଙ୍କୁ ଭେଟି ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗରେ ସହଯୋଗ ବଢ଼ାଇବା ପାଇଁ ପ୍ରସ୍ତୁତ ଥିବା ପ୍ରତିଶ୍ରୁତି ଦେଇଛନ୍ତି। ଶାନ୍ତିପୂର୍ଣ୍ଣ କୂଟନୈତିକ ମାଧ୍ୟମ ଜରିଆରେ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ଲାଗିରହିଥିବା ଉତ୍ତେଜନାର ଆଶୁ ସମାଧାନ ଲାଗି ରୁଡେଙ୍କୋ ଆଶାବ୍ୟକ୍ତ କରିଛନ୍ତି।

## ସିନ୍ଧୁ ଜଳଚୁକ୍ତି ସମାଧାନ ନ ହେଲେ ଲୋକେ ଭୋକରେ ମରିଯିବେ: ପାକ୍ ସିନେଟର

ନୂଆଦିଲ୍ଲୀ, ୨୩।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳଚୁକ୍ତିକୁ ସ୍ଥଗିତ ରଖିଥିବାରୁ ଉପୁଜିଥିବା ସଙ୍କଟର ସମାଧାନ ନ ହେଲେ ପାକିସ୍ତାନର ବହୁ ଲୋକ ଖାଇବାକୁ ନ ପାଇ ମରିଯିବେ ବୋଲି ସେଠାର ସିନେଟର ସୟେଦ ଅଲି ଜାଫର ଉଚ୍ଚ ସଦନରେ କହିଛନ୍ତି। ଭାରତର ଏହି ‘ୱାଟର ବମ୍’କୁ ଅକାମୀ କରିବା ଲାଗି ଶେହବାଜ ଶରିଫ ସରକାରଙ୍କୁ ସେ ନିବେଦନ କରିଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ନେତା ଜାଫର କହିଛନ୍ତି, ସିନ୍ଧୁ ନଦୀ ଆମ ଜୀବନରେଖା। ଆବଶ୍ୟକ ଜଳର ତିନି-ଚତୁର୍ଥାଂଶ ବାହାର ଦେଶରୁ ଆସିଥାଏ। ପ୍ରତି ୧୦ ଜଣରେ ୯ ଜଣ ବଞ୍ଚିବା ପାଇଁ ଏହି ଜଳରାଶି ଉପରେ ନିର୍ଭର କରିଥାନ୍ତି। ଯଦି ଆମେ ଏବେ ଜଳସଙ୍କଟର ସମାଧାନ ନ କରିବା ତେବେ କ୍ଷୁଧାରେ ମରିଯିବା ବୋଲି ଜାଫର କହିଛନ୍ତି।

## ଅନ୍‌ଲାଇନ ବେଟିଂ ଆପ୍: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୫(ପି.ଟି.)

ସମସ୍ତ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ବେଟିଂ ଆପ୍ଲିକେଶନକୁ ନିୟନ୍ତ୍ରଣ କରିବା ପାଇଁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଅନ୍‌ଲାଇନ ବେଟିଂ ଏବଂ ଜୁଆ ଆପ୍‌ରେ ସମ୍ପୃକ୍ତ ହୋଇ ଅନେକ ପିଲା ଆତ୍ମହତ୍ୟା କରୁଥିବାରୁ ଏହାକୁ ନିୟନ୍ତ୍ରଣ କରାଯିବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ କେ.ଏ. ପଲ୍ ନାମକ ବ୍ୟକ୍ତି ସର୍ବୋଚ୍ଚ ଅଦାଲତରେ ପିଟିଶନ୍ ଦାଏର କରିଥିଲେ। ସେ ତାଙ୍କ ପିଟିଶନ୍‌ରେ ଆହୁରି ଦର୍ଶାଇଛନ୍ତି ଯେ, ବହୁସଂଖ୍ୟାରେ ଅନ୍‌ଲାଇନ୍ ଇନ୍‌ଫ୍ଲୁଏନ୍ସର, ଅଭିନେତା ଓ କ୍ରିକେଟରମାନେ ଅନ୍‌ଲାଇନ




ଆପ୍‌ଗୁଡ଼ିକର ପ୍ରଚାର କରୁଥିବାରୁ ପିଲାମାନେ ଏହାଦ୍ୱାରା ପ୍ରଲୋଭିତ ହେଉଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିବା ପରେ କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି। ଗତ ୨ ବର୍ଷ ମଧ୍ୟରେ ଜୀବନ ହାରିଥିବା ପିଲାମାନଙ୍କର ଲକ୍ଷାଧିକ ଅଭିଭାବକମାନଙ୍କ ତରଫରୁ ମୁଁ ଅଦାଲତରେ ଉପସ୍ଥିତ ହୋଇଛି ବୋଲି ପଲ୍ କହିଛନ୍ତି। ବେଟିଂ ଆପ୍ ଯୋଗୁ କ୍ଷତିଗ୍ରସ୍ତ ହୋଇ ତେଲଙ୍ଗାନାରେ ୧,୦୨୩ରୁ ଅଧିକ ଲୋକ ଆତ୍ମହତ୍ୟା କଲେଣି। ୨୫ ଜଣ ବଲିଉଡ୍ ଏବଂ ଟଲିଉଡ୍ ଅଭିନେତା ଓ ଇନ୍‌ଫ୍ଲୁଏନ୍ସରମାନେ ନିରୀହ ପିଲାମାନଙ୍କ ଜୀବନ ସହ ଖେଳୁଥିବା ସେ ଅଭିଯୋଗ କରିଛନ୍ତି। ମାମଲା ସାମ୍ବିଧାନିକ ଅଧିକାର ସହ ଜଡ଼ିତ ହୋଇଥିବାରୁ କେତେଜଣ ଇନ୍‌ଫ୍ଲୁଏନ୍ସରଙ୍କ ନାଁରେ ତେଲଙ୍ଗାନାରେ ମାମଲା ରୁଜୁ ହୋଇଛି। ତେବେ ଏଗୁଡ଼ିକ ସାମାଜିକ ବିଚଳନ ବା ବିପଥଗାମୀ ହୋଇଥିବାରୁ ଅଧିକ କିଛି କରାଯାଇପାରିବ ନାହିଁ। ଏପରିକି ଆଇନ କାର୍ଯ୍ୟକାରୀ କଲେ ମଧ୍ୟ ସ୍ୱଇଚ୍ଛାରେ ବେଟିଂରେ ସମ୍ପୃକ୍ତ ହେଉଥିବା ଲୋକଙ୍କୁ ଅଟକାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ବେଟିଂ ବନ୍ଦ ହେବା ଆବଶ୍ୟକ। ତେବେ ଆଇନ ଦ୍ୱାରା ଏହାକୁ ବନ୍ଦ କରାଯାଇପାରିବ, ଏହି ଧାରଣା ସମ୍ଭବତଃ ଭୁଲ୍ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ଆମେ ଯେପରି ଜଣକୁ ହତ୍ୟା କରିବାରୁ ରୋକିପାରିବା ନାହିଁ ସେହିପରି ବେଟିଂ କିମ୍ବା ଜୁଆରେ ସମ୍ପୃକ୍ତ ହେବାରୁ ଆଇନ କାହାକୁ ଅଟକାଇପାରିବ ନାହିଁ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି। ତେବେ ଏହା ଉପରେ କ’ଣ କରାଯାଇପାରିବ, ସେ ନେଇ କେନ୍ଦ୍ରର ମତାମତ ନେବେ ବୋଲି ଖଣ୍ଡପୀଠ କହିବା ସହ ଏଥିପାଇଁ ଆଟର୍ନି ଜେନେରାଲ ଏବଂ ସଲିସିଟର ଜେନେରାଲଙ୍କ ସହଯୋଗ ଲୋଡ଼ିଛନ୍ତି।

## ବୁଥ୍‌ର ୧୦୦ ମିଟର ଦୂରରେ ଭୋଟର ପରିଚୟ ସ୍ଲିପ୍ ବଣ୍ଟାଯାଇପାରିବ

ନୂଆଦିଲ୍ଲୀ, ୨୩।୫ (ପି.ଟି.)

ଭୋଟଦାନ କେନ୍ଦ୍ର ପ୍ରବେଶପଥର ୧୦୦ ମିଟର ଦୂରରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ ଅଣଆନୁଷ୍ଠାନିକ ଭାବେ ଭୋଟର ପରିଚୟ ସ୍ଲିପ୍ ବଣ୍ଟନ ଲାଗି ବୁଥ୍ ସ୍ଥାପନ କରିବାକୁ ନିର୍ବାଚନ କମିଶନ ଶୁକ୍ରବାର ଅନୁମତି ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଭୋଟଗ୍ରହଣ କେନ୍ଦ୍ରର ୨୦୦ ମିଟର ପରିଧି ବାହାରେ ଏହି ସ୍ଲିପ୍ ବଣ୍ଟନ ପାଇଁ ଅନୁମତି ଥିଲା। ସେହିପରି ଭୋଟରମାନଙ୍କୁ ସହାୟତା କରିବା ଲକ୍ଷ୍ୟରେ ବୁଥ୍ ବାହାରେ ମୋବାଇଲ୍ ଫୋନ୍ ଜମା କରିବାକୁ ଏକ କାଉଣ୍ଟର ଖୋଲିବା ନିମନ୍ତେ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଭୋଟ ଦିନର ସୁବିଧାକୁ ବଢ଼ାଇବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଛି।



ଡିଏମ୍‌କେ ଏମ୍‌ପି କାନିମୋଝିଙ୍କ ନେତୃତ୍ୱରେ ରୁଷିଆ ଗସ୍ତ କରିଥିବା ଭାରତର ସଂସଦୀୟ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ମସ୍କୋରେ ବହିର୍ବ୍ୟାପାର ଷ୍ଟେଟ୍ ଡୁମା କମିଟି ଅଧ୍ୟକ୍ଷ ଲିଓନିଡ୍ ସ୍ଲୁଟ୍ସ୍କିଙ୍କୁ ଭେଟିଛନ୍ତି। ପ୍ରତିନିଧି ମଣ୍ଡଳୀରେ ଏମ୍‌ପି ରାଜୀବ ରାୟ, କ୍ୟାପ୍ଟେନ୍ ବ୍ରିଜେଶ, ପି.ସି. ଗୁପ୍ତା ଏବଂ ଅଶୋକ ମିତ୍ତଲ ରହିଛନ୍ତି।

## ଆତଙ୍କବାଦ, ମାଓବାଦ ବିରୋଧରେ ଜାରି ରହିବ ଶୂନ୍ୟ ସହନଶୀଳତା ନୀତି: ମୋଦି

ନୂଆଦିଲ୍ଲୀ, ୨୩।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ନୂଆଦିଲ୍ଲୀଠାରେ ‘ରାଇଜିଂ ନର୍ଥ ଇଷ୍ଟ ଇନ୍‌ଭେଷ୍ଟର୍ସ ସମିଟ୍’ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଆତଙ୍କବାଦ ଏବଂ ମାଓବାଦକୁ ଟାର୍ଗେଟ କରିଛନ୍ତି। ଅଶାନ୍ତି ସୃଷ୍ଟି କରୁଥିବା ଆତଙ୍କବାଦ ଏବଂ ମାଓବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ପ୍ରତି କେନ୍ଦ୍ର ସରକାରଙ୍କ ଅଟଳ ପ୍ରତିବଦ୍ଧତା ରହି ଆସିଛି ବୋଲି ଏହି ଅବସରରେ ସେ କହିଛନ୍ତି। ଭାରତର ଉତ୍ତର-ପୂର୍ବାଞ୍ଚଳ ପୂର୍ଣ୍ଣ ସମ୍ଭାବନାରେ ଭରି ରହିଛି। ତେଣୁ ଏହାର ଠିକ୍ ଉପଯୋଗ ପାଇଁ ସେଠାରେ ଶାନ୍ତି ଏବଂ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏକଦା ହିଂସା ଦ୍ୱାରା ଜର୍ଜରିତ ଭାରତର ଉତ୍ତର ପୂର୍ବାଞ୍ଚଳ



ଏବେ ବିକାଶ ପଥରେ ଆଗେଇ ଚାଲିଛି। ଗତ ଦଶନ୍ଧି ମଧ୍ୟରେ ଉତ୍ତର ପୂର୍ବାଞ୍ଚଳର ୧୦ ହଜାରରୁ ଅଧିକ ଯୁବକ ହିଂସାର ପଥକୁ ପରିତ୍ୟାଗ କରିଛନ୍ତି। ଉତ୍ତର-ପୂର୍ବାଞ୍ଚଳର ବିକାଶ ଦିଗରେ ଏହା ଏକ ଶକ୍ତିଶାଳୀ ସଙ୍କେତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଉତ୍ତର-ପୂର୍ବାଞ୍ଚଳରେ ଅନେକ ସମ୍ଭାବନା ଥିବା ଦର୍ଶାଇ ସେଠାରେ ବିଭିନ୍ନ କ୍ଷେତ୍ରରେ ନିବେଶ କରିବାକୁ ସେ ନିବେଶକଙ୍କୁ ଆହ୍ୱାନ କରିଥିଲେ।

## ପାକ୍ ଅର୍ଥନୀତି ଉପରେ ଆକ୍ରମଣ ଯୋଜନା

### ବିଶ୍ୱବ୍ୟାଙ୍କ, ଏଫ୍‌ଏଟିଏଫ୍‌ର ଦ୍ୱାରସ୍ଥ ହେବ ଭାରତ

ନୂଆଦିଲ୍ଲୀ, ୨୩।୫

ଋଣ ଓ ଆର୍ଥିକ ସହାୟତା ଉପରେ ଅତ୍ୟଧିକ ନିର୍ଭରଶୀଳ ପାକିସ୍ତାନର ଅର୍ଥନୀତି ଉପରେ ଆକ୍ରମଣ କରିବା ପାଇଁ ଭାରତ ଯୋଜନା କରିଛି। ଏନେଇ ନୂଆଦିଲ୍ଲୀ ବିଶ୍ୱବ୍ୟାଙ୍କ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ ନଜର ରଖିଥିବା ଫାଇନାନ୍ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)କୁ ଖୁବ୍‌ଶୀଘ୍ର ନିବେଦନ କରିବାକୁ ଯାଉଛି। ବିଶ୍ୱବ୍ୟାଙ୍କ ଜୁନ୍‌ରେ ପାକିସ୍ତାନକୁ ୨୦ ବିଲିୟନ ଡଲାର ପ୍ୟାକେଜ୍ ମଞ୍ଜୁର କରିବାକୁ ଥିବାବେଳେ ଏହାର ପୁନର୍ବିଚାର ଲାଗି ଭାରତ ନିବେଦନ କରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସେହିପରି ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ପାକିସ୍ତାନକୁ ପୁଣିଥରେ ଗ୍ରେ ଲିଷ୍ଟରେ ତାଲିକାଭୁକ୍ତ କରିବାକୁ ଏଫ୍‌ଏଟିଏଫ୍‌କୁ ଅବଗତ କରାଯିବ। ଇସ୍‌ଲାମାବାଦ ଆତଙ୍କବାଦୀ ସଂଗଠନଗୁଡ଼ିକ ପାଣ୍ଠି ଯୋଗାଉଥିବା ନେଇ ଭାରତ ଏଫ୍‌ଏଟିଏଫ୍‌କୁ ତଥ୍ୟପ୍ରମାଣ ଯୋଗାଇଦେବ। ୨୦୨୨ ଅକ୍ଟୋବରରେ ପାକିସ୍ତାନ ଗ୍ରେ ଲିଷ୍ଟରୁ ମୁକୁଳିବା ବେଳେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ବନ୍ଦ କରିବ ବୋଲି ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ। ସେହିପରି ଆତଙ୍କବାଦୀଙ୍କୁ ଜେଲରେ ଭର୍ତ୍ତି କରିବା ସହ ଉକ୍ତ ସଂଗଠନଗୁଡ଼ିକର ସମ୍ପତ୍ତି ବାଜ୍ୟାପ୍ତ କରିବ ବୋଲି କହିଥିଲେ ମଧ୍ୟ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ଚାଲିଥିବାବେଳେ ନୂଆଦିଲ୍ଲୀର ବିରୋଧ ସତ୍ତ୍ୱେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଗତ ୯ ତାରିଖରେ ଇସ୍‌ଲାମାବାଦକୁ ୧ ବିଲିୟନ ଡଲାର (ପାଖାପାଖି ୮,୫୦୦ କୋଟି ଟଙ୍କା) ବେଲ୍‌ଆଉଟ୍ ପ୍ୟାକେଜ୍ ମଞ୍ଜୁର କରିଥିଲା। ଭାରତ ନିଜର ଅସନ୍ତୋଷ ସିଧାସଳଖ ଆଇଏମ୍‌ଏଫ୍ ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜିଓର୍ଜିଭାଙ୍କୁ ଜଣାଇଥିଲା। ଭାରତର ପ୍ରତିବାଦ ପରେ ଆଇଏମ୍‌ଏଫ୍ ପାକିସ୍ତାନ ପାଇଁ ୧୧ଟି ନୂଆ ସର୍ତ୍ତ ଜାରି କରିଥିଲା।

## କୋଟାରେ ଛାତ୍ର ଆତ୍ମହତ୍ୟା: ରାଜସ୍ଥାନକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୫ (ପି.ଟି.)

ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀ ଆତ୍ମହତ୍ୟା ବଢ଼ିଚାଲିଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ସେଠାରେ ୧୪ ଛାତ୍ରଛାତ୍ରୀ ଆତ୍ମହତ୍ୟା କଲେଣି, ଯାହାକି ଅତ୍ୟନ୍ତ ଗମ୍ଭୀର ସ୍ଥିତି ବୋଲି ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଜଷ୍ଟିସ୍ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ପିଲାମାନେ କେବଳ କୋଟାରେ କାହିଁକି ଆତ୍ମହତ୍ୟା କରୁଛନ୍ତି? ଏକ ରାଜ୍ୟ ଭାବେ ଏହା ଉପରେ କିଛି ବିଚାର କରିଛ କି ବୋଲି ଜଷ୍ଟିସ୍ ପର୍ଦ୍ଦିୱାଲା ରାଜସ୍ଥାନ ସରକାରଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ। ଆତ୍ମହତ୍ୟା ମାମଲାଗୁଡ଼ିକର ତଦନ୍ତ ପାଇଁ ସରକାର ଏସ୍‌ଆଇଟି ଗଠନ କରିଥିବା ଓକିଲ ଜଣାଇଛନ୍ତି। ଗତ ୪ ତାରିଖରେ ଆଇଆଇଟି ଖଡ଼ଗପୁରର ୨୨ ବର୍ଷୀୟ ଛାତ୍ର ଆତ୍ମହତ୍ୟା ଘଟଣାର ଶୁଣାଣି ବେଳେ ଅଦାଲତ ଉପରୋକ୍ତ ପ୍ରଶ୍ନ କରିଛନ୍ତି।

## ରେଭନ୍ତଙ୍କ ଅନୁରୋଧରେ ସୋନିଆ, ରାହୁଲଙ୍କ କମ୍ପାନୀକୁ ମିଳିଥିଲା ୮୦ ଲକ୍ଷ ଟଙ୍କା

ନୂଆଦିଲ୍ଲୀ, ୨୩।୫

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ପରାମର୍ଶକ୍ରମେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ନିୟନ୍ତ୍ରଣରେ ଥିବା କମ୍ପାନୀ ‘ୟଙ୍ଗ ଇଣ୍ଡିଆ ଲିଃ’କୁ ୮୦ ଲକ୍ଷ ଟଙ୍କା ଚାନ୍ଦା ମିଳିଥିଲା। ଏହି କମ୍ପାନୀକୁ ଚାନ୍ଦା ଦେବା ପାଇଁ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ନିର୍ଦ୍ଦେଶ ଦିଆଯାଉଥିଲା ବୋଲି ନ୍ୟାସନାଲ ହେରାଲ୍ଡ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର କହିଛି।

## ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ଇସ୍ତଫା ଦେଇପାରନ୍ତି

ଢାକା, ୨୩।୫

ବାଂଲାଦେଶରେ ବିଭିନ୍ନ ସଂସ୍କାରମୂଳକ ନିଷ୍ପତ୍ତି ପାଇଁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସହମତି ହୋଇପାରୁ ନ ଥିବାରୁ କାର୍ଯ୍ୟ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିବା ଅନ୍ତରୀଣ ସରକାରର ମୁଖ୍ୟ ପ୍ରଫେସର ମହମ୍ମଦ ୟୁନୁସ୍ ଇସ୍ତଫା ଦେବା ପାଇଁ ବିଚାର କରୁଛନ୍ତି। ଦେଶର ସାମ୍ପ୍ରତିକ ସ୍ଥିତିରେ କାମ କରିବା ତାଙ୍କ ପାଇଁ



ମହମ୍ମଦ ୟୁନୁସ୍

ସମ୍ଭବ ହେବ ନାହିଁ ବୋଲି ୟୁନୁସ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ପାଇଁ ଦେଶବାସୀ ଦୀର୍ଘଦିନ ଧରି ଅପେକ୍ଷା କରିଥିବାବେଳେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସହମତିର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ବ୍ୟବସ୍ଥାରେ ସଂସ୍କାର ଆଣିବା ଓ ମୁକ୍ତ ତଥା ଅବାଧ ନିର୍ବାଚନ ପାଇଁ ପ୍ରସ୍ତୁତି ଦିଗରେ ଯଦି ସେ ବିଫଳ ହୁଅନ୍ତି ତେବେ ଇସ୍ତଫା ଦେବେ ବୋଲି ୟୁନୁସ୍ କହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ୟୁନୁସ୍ ପଦ ଛାଡ଼ିବେ ନାହିଁ ବୋଲି ତାଙ୍କ ଉପଦେଷ୍ଟା ତଥା କ୍ୟାବିନେଟ ମନ୍ତ୍ରୀ ଫୈଜ ଅହମଦ ତାଇୟେବ କହିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର ପାଇଁ ୟୁନୁସ୍ ଅନ୍ତରୀଣ ମୁଖ୍ୟ ଭାବେ ରହିବା ଜରୁରୀ ବୋଲି ସେ କହିଛନ୍ତି।

## ଜାମିନ ପରେ ବଳାତ୍କାର ଅଭିଯୁକ୍ତଙ୍କ ବିଜୟ ଶୋଭାଯାତ୍ରା

### ବିବାଦ ବଢ଼ିବା ପରେ ପୁଣି ବାନ୍ଧିଲା ପୋଲିସ

ବେଙ୍ଗାଲୁରୁ, ୨୩।୫

କର୍ଣାଟକର ହାବେରୀ ଜିଲାର ବହୁ ଚର୍ଚ୍ଚିତ ହନଗଲ ଗଣବଳାତ୍କାର ମାମଲାରେ ୭ ମୁଖ୍ୟ ଅଭିଯୁକ୍ତଙ୍କୁ ଗତ ୨୦ ତାରିଖରେ ଜାମିନ ମିଳିଥିଲା। ୧୭ ମାସ ପରେ ଜେଲରୁ ମୁକୁଳିବା ପରେ ଏହି ଅଭିଯୁକ୍ତମାନଙ୍କ ପାଇଁ ଏକ ରୋଡ୍‌ସୋ’ର ଆୟୋଜନ ହୋଇଥିଲା। ହାଭେରୀ ଉପ କାରାଗାରରୁ ଅଭିଯୁକ୍ତମାନେ ୩୦ କିଲୋମିଟର ଦୂର ଜିଲାର ଅକ୍କି-ଅଲୁର ସହରକୁ ଏକ ବିଜୟ ଶୋଭାଯାତ୍ରା



କରି ଯାଇଥିଲେ। ଏହି ଶୋଭାଯାତ୍ରାରେ ୭ ଅଭିଯୁକ୍ତଙ୍କ ସହ ସେମାନଙ୍କର ୨୦ରୁ ଅଧିକ ସମର୍ଥକ ଅନେକ କାର୍ ଏବଂ ବାଇକ୍ ଯୋଗେ ସାମିଲ ହୋଇଥିଲେ। ସେମାନେ ଉଚ୍ଚ ଧ୍ୱନିରେ ଗୀତ ବଜାଇବା ସହ ବିଭିନ୍ନ ସ୍ଲୋଗାନ ଦେଉଥିଲେ। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ଅଭିଯୁକ୍ତମାନେ ଖୁସି ଏବଂ ଉଲ୍ଲାସର ସହ ବିଜୟ ସଙ୍କେତ ଦେଖାଉଥିବାର ନଜରକୁ ଆସିଥିଲେ। ଅନେକ ସୋସିଆଲ ମିଡିଆ ୟୁଜର୍ସ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଥିଲେ। ଶୁକ୍ରବାର ଘଟଣାକୁ ନେଇ ବିବାଦ ବଢ଼ିବା ପରେ ବେଆଇନ୍ ଶୋଭାଯାତ୍ରା ଏବଂ ବେପରୁଆ ଗାଡ଼ି ଚାଳନା ପାଇଁ ପୋଲିସ ନିଜ ଆଡୁ ଏଫ୍‌ଆଇଆର୍ ରୁଜୁ କରିବା ସହ ହନଗଲ ଗଣବଳାତ୍କାର ମାମଲାର ୭ ମୁଖ୍ୟ ଅଭିଯୁକ୍ତଙ୍କୁ ପୁଣିଥରେ ଗିରଫ କରିଛି। କୋର୍ଟଙ୍କ ଜାମିନ ସର୍ତ୍ତାବଳୀକୁ ଉଲ୍ଲଂଘନ କରିଥିବାରୁ ଏହି ୭ ଅଭିଯୁକ୍ତଙ୍କୁ ପୁଣିଥରେ ଗିରଫ କରାଯାଇଥିବା ନେଇ ହାଭେରୀ ଏସ୍‌ପି ଅଂଶୁ କୁମାର ଶ୍ରୀବାସ୍ତବ କହିଛନ୍ତି। ହନଗଲ ଗଣବଳାତ୍କାର ମାମଲାର ୭ ମୁଖ୍ୟ ଅଭିଯୁକ୍ତ ଆଫତାବ ଚନ୍ଦନ କଟ୍ଟି, ମଦାର ସାବ୍ ମଣ୍ଡକୀ, ସମୀଉଲ୍ଲା ଲାଲନଓର, ମହମ୍ମଦ ସାଦିକ ଅଗାସୀମାନି, ସୋଏବ ମୁଲ୍ଲା, ତୌସିପ୍ ଛୋଟି ଏବଂ ରିଆଜ୍ ସାବିକେରୀଙ୍କୁ ହାଭେରୀ ସେସନ୍ କୋର୍ଟ ଗତ ୨୦ ତାରିଖରେ ଜାମିନ ପ୍ରଦାନ କରିଥିଲେ। କୋର୍ଟରେ ପୀଡ଼ିତା ଏହି ଅଭିଯୁକ୍ତମାନଙ୍କୁ ଚିହ୍ନି ପାରି ନ ଥିବାରୁ ସେମାନଙ୍କୁ ଜାମିନ ମିଳିଥିଲା। ପ୍ରକାଶ ଯେ, ଗତବର୍ଷ ଜାନୁଆରୀ ୮ରେ ହାଭେରୀସ୍ଥିତ ଏକ ହୋଟେଲରେ ରହୁଥିବା ଆନ୍ତଃଧର୍ମୀୟ ଦମ୍ପତିଙ୍କ ରୁମ୍‌ରେ କେତେଜଣ ଦୁର୍ବୃତ୍ତ ହଠାତ୍ ପ୍ରବେଶ କରି ଜଣେ ୨୬ ବର୍ଷୀୟା ମହିଳାଙ୍କୁ ଘୋଷାଡ଼ି ନିକଟସ୍ଥ ଜଙ୍ଗଲକୁ ନେଇ ସେଠାରେ ତାଙ୍କୁ ଗଣ ବଳାତ୍କାର କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୭ ମୁଖ୍ୟ ଅଭିଯୁକ୍ତ ସମେତ ସମୁଦାୟ ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର ଅନ୍ୟ ୧୨ ଅଭିଯୁକ୍ତ ୧୦ ମାସ ତଳେ ଜାମିନରେ ମୁକୁଳିଥିଲେ।




ଧରିତ୍ରୀ
DHARITRI
51 Years



# ପୁରୀରେ ହେବ ୧୯ ମଠର ପୁନଃ ନିର୍ମାଣ

ପୂର୍ବ ସରକାର ଅମଳରେ ପୁରୀରେ ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ ଶ୍ରୀମନ୍ଦିରର ୭୫ ମିଟର ପରିଧି ଭିତରେ ଆସୁଥିବା ବାବା ଆଖଡ଼ା, ଲଙ୍ଗୁଳି, ମଙ୍ଗୁ ଓ ଏମାର ଆଦି ୧୯ ମଠକୁ ଭାଙ୍ଗି ଦିଆଯାଇଥିଲା। ସେହି ଭଗ୍ନ ମଠଗୁଡ଼ିକୁ ରାଜ୍ୟ ସରକାର ନୂଆ ପରିଚୟ ଦେବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଗୋଟିଏ ସ୍ଥାନରେ ସମସ୍ତ ୧୯ ମଠର ପୁନଃ ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ତାକୁ ଜବରଦଖଲରୁ ମୁକ୍ତ କରାଯିବ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ମୁଖ୍ୟ ପ୍ରଶାସକ, ଜିଲାପାଳ ଓ ଦେବୋତ୍ତର କମିଶନରଙ୍କ ଉପସ୍ଥିତିରେ ଏନେଇ ୨ ଥର ସମୀକ୍ଷା କରାଯାଇଛି। ଏଥିସହ ମଠଗୁଡ଼ିକର ପୁନର୍ବାସ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାକୁ ନେଇ ଜଗନ୍ନାଥ ସଂସ୍କୃତିପ୍ରେମୀ ଓ ଭକ୍ତ ଖୁସି ବ୍ୟକ୍ତ କରିଛନ୍ତି।


ପୁରୀ ଶ୍ରୀମନ୍ଦିର ନିକଟ ଏମାର ମଠ ଭଙ୍ଗାଯିବା ବେଳର ଦୃଶ୍ୟ। (ଫାଇଲ ଫଟୋ)

ପୁରୀ,୨୩।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ ପୁରୀର ପ୍ରାୟ ୧୯ଟି ମଠ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ନେଇ ମଠଗୁଡ଼ିକର ମଠାଧୀଶମାନେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ଶ୍ରୀକ୍ଷେତ୍ରରେ ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ମଠଗୁଡ଼ିକର ପୁନରୁଦ୍ଧାର ପାଇଁ ମଠାଧୀଶମାନଙ୍କ ସହ ଐତିହ୍ୟ ବିଶାରଦମାନେ ବାରମ୍ବାର ଦାବି କରିଆସୁଛନ୍ତି। ଏହି କ୍ରମରେ ସମ୍ପ୍ରତି ରାଜ୍ୟର ଭାଜପା ସରକାର ୧୯ ମଠର ପୁନରୁଦ୍ଧାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଗତ ବିଜେଡି ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କରିଥିଲେ। ତଦନୁଯାୟୀ ୨୦୧୯ରୁ ୨୦୨୨ ମଧ୍ୟରେ ଶ୍ରୀମନ୍ଦିର ଚାରିପଟେ ଥିବା ବିଭିନ୍ନ ମଠ ଭଙ୍ଗାଯାଇଥିଲା। ଏବେ ୧୯ଟି ମଠକୁ ପୁନର୍ବାସ ପାଇଁ ଆଇନ ବିଭାଗ ଯୋଜନା କରିଛି। ଗୋଟିଏ ଜାଗାରେ ମଠଗୁଡ଼ିକର ବିଜେସ୍ଥଳୀ ଅବସ୍ଥାପିତ କରାଯିବ। ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ପୁରୀର ଏକ ସ୍ଥାନରେ ଜାଗା ଚିହ୍ନଟ ହୋଇଛି। ଗୋଟିଏ ଜାଗାରେ ମଠଗୁଡ଼ିକର ବିଜେସ୍ଥଳୀ ରହିଲେ ଭକ୍ତଙ୍କୁ ଦର୍ଶନ ଏବଂ ସେବା ପୂଜା ପାଇଁ ସୁବିଧା ହେବ ବୋଲି ଆଇନମନ୍ତ୍ରୀ କହିଛନ୍ତି।

### ମଠଗୁଡ଼ିକର ବିଜେସ୍ଥଳୀ ସ୍ଥାନାନ୍ତର କରା ନ ଯିବାକୁ ଦାବି

ଗତବର୍ଷ ଡିସେମ୍ବର ୨୦ରେ ପରିକ୍ରମା ପ୍ରକଳ୍ପରେ କ୍ଷତିଗ୍ରସ୍ତ ୧୯ଟି ମଠର ପୁନର୍ବାସ ସମ୍ପର୍କରେ ନୂଆ ନକ୍ସା ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ଚାଲିଛି ବୋଲି ଆଇନ ମନ୍ତ୍ରୀ କହିଥିଲେ। ସେତେବେଳେ ବିଭିନ୍ନ ମଠର ମଠାଧୀଶ ଓ ସେବାୟତମାନେ ତାହାକୁ ସ୍ୱାଗତ କରିଥିଲେ। ଶୁକ୍ରବାର ଏନେଇ ଆଇନମନ୍ତ୍ରୀ ସୂଚନା ଦେବାପରେ ସରକାରଙ୍କ ନିଷ୍ପତ୍ତିକୁ ବିଭିନ୍ନ ମଠର ମଠାଧୀଶ, ବ୍ୟକ୍ତିବିଶେଷ ସ୍ୱାଗତ କରିବା ସହ ବର୍ତ୍ତମାନ ମଠଗୁଡ଼ିକର ବିଜେସ୍ଥଳୀ ସ୍ଥାନାନ୍ତର ନ କରିବାକୁ ମତ ଦେଇଛନ୍ତି। ଉତ୍ତରପାର୍ଶ୍ୱ ମଠର ମହନ୍ତ ନାରାୟଣ ରାମାନୁଜ ଦାଶ କହିଛନ୍ତି, ପୂର୍ବରୁ ☞ପୃଷ୍ଠା-୨

# ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)

**ସୁନ୍ଦରଗଡ଼ ଖଣି ଦୁର୍ନୀତି ମାମଲା**

**ଗଠନହେଲା ଏସ୍‌ଆଇଟି**

ସୁନ୍ଦରଗଡ଼ ଜିଲାର ହେମଗିର ଓ କୋଇଡ଼ା ତହସିଲରେ ହୋଇଥିବା ବ୍ୟାପକ ବେଆଇନ ଖଣି ଉତ୍ତୋଳନ ଏବଂ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ଭିଜିଲାନ୍ସ ପକ୍ଷରୁ ଏକ ଏସ୍‌ଆଇଟି ଗଠନ କରାଯାଇଛି। ପୂର୍ବରୁ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଭାଗୀୟ ଅଧିକାରୀମାନଙ୍କ ସହ ଉକ୍ତ ବେଆଇନ ଖଣି ଉତ୍ତୋଳନ ସ୍ଥାନକୁ ଗସ୍ତକରି ରିପୋର୍ଟ ସଂଗ୍ରହକରିବା ସହ ଏଥିନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ଏହି ଖଣି ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ଜେନା ମଧ୍ୟ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିବା ସାଙ୍ଗକୁ ଦୋଷୀ ଯିଏ ହୋଇଥାଆନ୍ତୁ ନା କାହିଁକି ସମସ୍ତଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲା ହେମଗିର ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି। ଏହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ, ୩ଟି ରତ୍ନସୋରା ଗ୍ରାମରେ ଏବଂ ୫ଟି ଭୋଗରାକଚର ଗ୍ରାମରେ ଅବସ୍ଥିତ। ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି। ଏହାସହ ହେମଗିରର ଜାମକାନି ସଂରକ୍ଷିତ ଜଙ୍ଗଲ ଏବଂ ଭୋଗରାକଚର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବାର ସୂଚନା ମିଳିଛି। ସେହିପରି କୋଇଡ଼ା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡ଼ା ସାନପୁରୁଳି, କୋଲମଙ୍ଗ ଏବଂ ରୁସିବେଣୁଆଠାରେ ୫୦ଟି ମାଙ୍ଗାନିଜ୍ ଏବଂ ଲୌହ ଉତ୍ତୋଳନ ଖଣିରୁ ବେଆଇନ ଭାବେ ମାଙ୍ଗାନିଜ୍ ଓ ☞ପୃଷ୍ଠା-୨

## ଶ୍ରୀମନ୍ଦିର ଉପରେ ଉଡ଼ିବନି ଡ୍ରୋନ୍

ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ଉପରେ ଆଉ ଉଡ଼ିପାରିବନି ଡ୍ରୋନ୍। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ମନ୍ଦିରରେ ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କରିବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଶ୍ରୀମନ୍ଦିରର ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଏହି ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଛନ୍ତି। ହରିଚନ୍ଦନ କହିଛନ୍ତି, ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିରରେ ଡ୍ରୋନ୍ ନିରୋଧୀ ବ୍ୟବସ୍ଥା ସଂଲଗ୍ନକରିବା ପାଇଁ ଆଇନ ବିଭାଗରେ ଆଲୋଚନା ହୋଇଛି। ଏହି ବ୍ୟବସ୍ଥା କରାଗଲେ ଅନଧିକୃତ କିମ୍ବା ମନ୍ଦ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଉପରେ ଉଡ଼ାଯାଉଥିବା ଡ୍ରୋନ୍‌ଗୁଡ଼ିକୁ ଠାବ ଓ ଟ୍ରାକିଂ କରାଯିବା ସହ ଖସାଇ ଦିଆଯାଇପାରିବ। ଆବଶ୍ୟକ ହେଲେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏଥିପାଇଁ ପାଣ୍ଠି ଯୋଗାଇଦେବ।

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-26: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା26.05.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0124/2526

# ପୁଅକୁ ୧୮ହଜାରରେ ବିକିଲେ ମା'

ଯାଜପୁର ଟାଉନ,୨୩।୫
(ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଟାଉନ ଥାନା ବଡ଼ସୁଆର ଗ୍ରାମର ତୋଟାସାହିରେ ୭ ବର୍ଷର ନାବାଳକ ସାଇରାମ୍ ପରିଡ଼ାଙ୍କୁ ତାଙ୍କ ମା' ୧୮ହଜାର ଟଙ୍କାରେ ବିକ୍ରିକରି ଦେଇଛନ୍ତି। ଏନେଇ ନାବାଳକଙ୍କ ବାପା ପ୍ରଶାନ୍ତ ପରିଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ପ୍ରଶାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି, ସେ ୮ ବର୍ଷ ତଳେ ଛତିଶିଦେବିଲ ଆରଖିଆବାଙ୍କ ଗ୍ରାମର ପୂଜା ପରିଡ଼ାଙ୍କୁ ବିବାହ କରିଥିଲେ। ବିବାହ ପରେ ଏକ ପୁତ୍ରସନ୍ତାନ ଜନ୍ମ ହୋଇଥିଲା। ୪ ବର୍ଷ ହେବ ଉଭୟଙ୍କ ମଧ୍ୟରେ କଳହ ଲାଗି ରହିବାରୁ ପୂଜା ପୁଅକୁ ଧରି ବାପଘର ଆରଖିଆବାଙ୍କୁ ପଳାଇ ଆସିଥିଲେ। ପରେ ଯାଜପୁର ରୋଡ୍‌ରେ ରହି ଏକ ହୋଟେଲ୍‌ରେ କାମ କରୁଥିଲେ। ୩ ବର୍ଷ ପରେ ପୂଜା ପୁଣି ବାପଘରକୁ ଫେରିଥିଲେ। ଖବର ପାଇ ପ୍ରଶାନ୍ତ ସେଠାକୁ ଯାଇଥିଲେ। ପୁଅକୁ ନ ପାଇବାରୁ ପୂଜାଙ୍କୁ ପଚାରିଥିଲେ। ପୂଜା ଯାଜପୁରରୋଡ୍‌ର ଏକ ହୋଟେଲ୍‌ରେ କାମ କରୁଥିଲାବେଳେ ପୁଅର ଦେହ ଖରାପ ହେବାରୁ ସେ ଜଣେ ବ୍ୟକ୍ତିଙ୍କୁ ୧୮ହଜାର ଟଙ୍କାରେ ବିକ୍ରି କରିଦେଇଥିବା କହିଥିଲେ। ଏହା ଶୁଣିବା ପରେ ପ୍ରଶାନ୍ତ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ପୁଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଛନ୍ତି। ଜିଲା ଶିଶୁ ସୁରକ୍ଷା କମିଟି ପକ୍ଷରୁ ଯାଜପୁର ସଦର ଥାନାରେ ଏତଲା ଦିଆଯାଇଛି।

## ଆଜିଠାରୁ ଯୁକ୍ତ ୨ ନାମଲେଖା ଆବେଦନ

ଭୁବନେଶ୍ୱର,୨୩।୫(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ନାମଲେଖା ପାଇଁ ଶନିବାରଠାରୁ ଆବେଦନ ଆରମ୍ଭ ହେବ। ଛାତ୍ରୀଛାତ୍ର ସାମ୍ସ ୱେବ୍‌ସାଇଟରେ ଲଗ୍ ଇନ୍ କରି ଆବେଦନ କରିପାରିବେ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ଜାରି କରାଯାଇଛି। ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ମନ୍ଥର ପ୍ରକ୍ରିୟା






Chandrasekharpur, Bhubaneswar, Mob-7205050700
Master Canteen Square, Bhubaneswar, Mob-9238307043
Cantonment Road, Cuttack, Mob-9238307044
Amalapada, Lane-2, Angul, Mob-9090066000

**ଆଜିର ମନ୍ତବ୍ୟ**
“ପୂର୍ବରୁ ଉତ୍ତର ପୂର୍ବାଞ୍ଚଳରେ ବୋମା ବନ୍ଧୁକର ଶବ୍ଦ ଶୁଭୁଥିଲା। ଅବରୋଧ ଯୋଗୁ ଯୁବପିଢ଼ି ଅନେକ ସୁଯୋଗ ହରାଇ ଦେଇଥିଲେ। ଏନ୍‌ଡିଏ ସରକାର ବିକାଶର ନୂଆ ଧାରା ଆରମ୍ଭ କରି ଅଭିବୃଦ୍ଧିକୁ ଗତିଶୀଳ କରାଇଛନ୍ତି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ଗୁଣନିଧି ମହାପାତ୍ରଙ୍କ ଦ୍ୱାଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, କେଦାରଗୌରୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ ‘ବିଦେଶୀଆ’, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ
- ସାଇ ଆରାଧନା ସଙ୍ଗୀତ ସୁଧା ମ୍ୟୁଜିକ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ନବମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଉପଶାସ୍ତ୍ରୀ ପରୀକ୍ଷାଫଳ ପ୍ରକାଶନ, ସ୍ଥାନ: ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର
- ମହାପ୍ରଭୁଙ୍କ ଅପୂର୍ବ ବେଶ ଓ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ନିଶନପୁର ଶଙ୍କରନାଥ ଜୀଉ ମନ୍ଦିର, ଭୋଗରାଇ, ସମୟ: ସକାଳୁ ରାତ୍ରି ପର୍ଯ୍ୟନ୍ତ।
- ସ୍ୱାମୀ ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଆମ ଅନୁଷ୍ଠାନ ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ: ସକାଳ ୮ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ରବିଧାନ କ୍ରୟକୁ ନେଇ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, ଭୋଗରାଇ, ସମୟ: ସକାଳ ୯ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପଞ୍ଚମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ପଞ୍ଚଦଶ ଜଉକଣ୍ଢେଇ ବାହାଘର ଉତ୍ସବ ଉପଲକ୍ଷେ ସମ୍ପର୍କର ସଙ୍ଗମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଟେନିକଏଟ୍ ପ୍ରଶିକ୍ଷଣ ଶିବିରର ୨ୟ ଦିବସ, ସ୍ଥାନ: ବାଗୁରାଇ ବିନ୍ଧୁମାଧବ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ରକ୍ତଦାନ ଶିବିର, ସ୍ଥାନ: ଜଗନ୍ନାଥପୁରସ୍ଥିତ ମାକ୍ରୋୱେଭ୍ ଟେକ୍ନୋଲୋଜି ସେଣ୍ଟର, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ନିଯୁକ୍ତି ମେଳା, ସ୍ଥାନ: ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଆଣ୍ଡ୍ ଟେକ୍ନୋଲୋଜି, ଅସୁରାଳି, ସମୟ: ପୂର୍ବାହ୍ନ ୧୧ଟା।
- ସାବିତ୍ରୀ ବ୍ରତ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ଙ୍ଗ ସାବିତ୍ରୀ ପୀଠ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ବୈତରଣୀ ନଦୀ ସୁରକ୍ଷା ମଞ୍ଚ ପକ୍ଷରୁ କଣ୍ଡରା ଚାଲ ଡାକରା, ସ୍ଥାନ: କଣ୍ଡରା, ସମୟ ପୂର୍ବାହ୍ନ ୧୦ଟା।
- ବୈତରଣୀ ବଞ୍ଚାଅ ସମ୍ମିଳନୀ, ସ୍ଥାନ: କଣ୍ଡରା ହାଟ ପଡ଼ିଆ, ଯୋଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ନହରପଦା ୱାର୍ଡ ନଂ.୧୬, ବାରିପଦା, ସମୟ: ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା,ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଅପରେଶନ ସିନ୍ଦୂରର ସଫଳତା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା.ସ୍ଥାନ: ଉଦଳା କଲେଜ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।
- ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ଭାଗବତ କଥା ଆଲୋଚନା, ସ୍ଥାନ: ଅନନ୍ତ ବଳିଆ ଭବନ, କେନ୍ଦ୍ରାପଡ଼ା ଲ’ କଲେଜ ନିକଟ, ଉଦୟନଗର, ଡେରାବିଶ, ସମୟ:ସନ୍ଧ୍ୟା ୭ଟା।

## ଯାଜପୁର
- ସଙ୍ଗୀତ ସାଧନାଶ୍ରମ ପକ୍ଷରୁ ୩୬ତମ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଓ ମହାସମ୍ମିଳନୀ–୨୦୨୫, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ଦିନଚର୍ଯ୍ୟାର ୧୪ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।

## ନବରଙ୍ଗପୁର
- ରାସନ କାର୍ଡ ବଣ୍ଟନ, ସ୍ଥାନ: ନବରଙ୍ଗପୁର ଡିଆର୍‌ଡିଏ ବୈଠକ ଗୃହ, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ: ସକାଳ ୭ଟା।
- ଆଇସିଏଆଇ ପକ୍ଷରୁ ଆଞ୍ଚଳିକ ସକ୍ଷମ ସମ୍ମିଳନୀ, ସ୍ଥାନ : ସମ୍ବଲପୁର ଆଇଆଇଏମ ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବୈଠକ ସ୍ଥାନ : କୁମ୍ଭାରପଡା କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ସମ୍ବଲପୁରୀ ସିଟି ପକ୍ଷରୁ ଶାସ୍ତ୍ରୀୟ ଓ ଲୋକ ନୃତ୍ୟ ପ୍ରତିଯୋଗୀତା ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- କେନ୍ଦୁପତ୍ର କର୍ମଚାରୀ ସଶକ୍ତିକରଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୧୨ଟା ୫।
- ଗୋଷ୍ଠୀ ରେଡିଓ ମନ୍ଥନର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ରେଙ୍ଗାଲି ସ୍ଥିତ ରମ୍ଭେଲା, ସମୟ : ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ଆମ୍ବ ଉତ୍ସବ ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ ସ୍ଥିତ କଲ୍ୟାଣ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।
- ଶୀତଳଷଷ୍ଠୀ ଯାତ୍ରା ମିଳିତ ସମନ୍ୱୟ ସମିତିର ପ୍ରସ୍ତୁତି ବୈଠକ, ସ୍ଥାନ : ରିଭର ଇନ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୬ଟା ୩୦।

## ରାଉରକେଲା
- ନନ୍ଦଗାଁ ଗୋଶାଳା ପକ୍ଷରୁ ନାଟକ ମହୋତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର–୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣ ଓ ହୋମଯଜ୍ଞ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ଗ୍ରୀଷ୍ମ ଶିବିର,ସ୍ଥାନ:ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର, ସ୍ଥାନ:ଏଇଏମ୍ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମାବେଶ, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ମା’କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଅଭିଜିତ ସ୍ମୃତି କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିନିକା ନୂଆବଜାର, ସମୟ: ସକାଳ ୯ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ପ୍ରାତଃ ୪ଟା ୪୫।

# ଜୁନ୍ ୨୦ ସୁଦ୍ଧା ରାଜ୍ୟରେ ନୂଆ ଅବକାରୀ ନୀତି

ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଖୁବଶୀଘ୍ର ନୂଆ ଅବକାରୀ ନୀତି ଲାଗୁ କରିବାକୁ ଯାଉଛନ୍ତି। ଅବକାରୀ ବିଭାଗ ଏଥର ୩ ବର୍ଷିଆ ପଲିସି ଆଣିବ। ଅନ୍ୟ ରାଜ୍ୟଗୁଡ଼ିକର ଅବକାରୀ ନୀତିକୁ ଅନୁଧ୍ୟାନ କରି ରାଜ୍ୟରେ ନୂଆ ପଲିସି ଅଣାଯିବ ବୋଲି ଶୁକ୍ରବାର ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆସନ୍ତା ଜୁନ୍ ୧୫ରୁ ୨୦ ମଧ୍ୟରେ ରାଜ୍ୟରେ ନୂଆ ଅବକାରୀ ନୀତି ଅଣାଯିବ। ଖୁବଶୀଘ୍ର ବିଭାଗୀୟ ସଚିବଙ୍କ ନେତୃତ୍ୱରେ ଏକ ଟିମ୍ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଗସ୍ତ କରି ସେଠାରେ କେଉଁ ପ୍ରକାର ଅବକାରୀ ପଲିସି ରହିଛି ତା’ର ଅନୁଧ୍ୟାନ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ନୂଆ ଅବକାରୀ ନୀତି ଗତ ଏପ୍ରିଲରୁ ଆସିବା କଥା। କିଛିଦିନ ତଳେ ବିଭାଗୀୟ ମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ୧୦ରୁ ୧୫ ଦିନରେ ନୂଆ ଅବକାରୀ ନୀତି ଆସିବ ବୋଲି ସୂଚନା ଦେଇଥିଲେ। ହେଲେ ଏହା ସାମାନ୍ୟ ବିଳମ୍ବିତ ହୋଇଛି। ରଜ ପରେ ନୂଆ ଅବକାରୀ ନୀତି ଆସିବ ବୋଲି ସରକାରଙ୍କ ପକ୍ଷରୁ ଯୋଜନା ଚାଲିଛି। ମୁଖ୍ୟତଃ ଆନ୍ଧ୍ର ମଡେଲରେ ନୂଆ ଅବକାରୀ ନୀତି ଅଣାଯାଇପାରେ ବୋଲି ଶୁଣିବାକୁ ମିଳୁଛି।

# ଗୋବର୍ଦ୍ଧନ ପୀଠର ବିକାଶକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)



ପୁରୀ ବାଲିସାହିସ୍ଥିତ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠର ସଂରକ୍ଷଣ ଓ ବିକାଶ ସମ୍ପର୍କିତ ଏକ ବୈଠକ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ଗୋବର୍ଦ୍ଧନ ପୀଠର ସୁରକ୍ଷା ଓ ସଂରକ୍ଷଣ, ସମସ୍ତ ପୂର୍ବ ଆଚାର୍ଯ୍ୟମାନଙ୍କ ସମାଧି ସ୍ଥଳର ସୁରକ୍ଷା, ପୂଜ୍ୟ ଜଗଦ୍‌ଗୁରୁଙ୍କ ସୁରକ୍ଷା ବ୍ୟବସ୍ଥା, ମଠ ପରିସରରେ ଥିବା ଗୋବର୍ଦ୍ଧନ ଗୋଶାଳାର ବିକାଶ, ମହୋଦଧି ସନ୍ଧ୍ୟା ଆରତି ସ୍ଥଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଛି। ଗୋବର୍ଦ୍ଧନ ପୀଠର ବିକାଶ ପାଇଁ ଯାହା ଯାହା ଆବଶ୍ୟକତା ରହିଛି ସମସ୍ତ କାର୍ଯ୍ୟକୁ ଗୁରୁତ୍ୱର ସହ ନେଇ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସନାତନ ଧର୍ମର ସୁରକ୍ଷା ତଥା ଅଦ୍ୱୈତ ବେଦାନ୍ତର ପ୍ରଚାର ନିମନ୍ତେ କାର୍ଯ୍ୟ କରୁଥିବା ଗୋବର୍ଦ୍ଧନ ପୀଠର ଉନ୍ନତି ପାଇଁ ଶଙ୍କରାଚାର୍ଯ୍ୟ ପୀଠ ଟ୍ରଷ୍ଟ ବୋର୍ଡର ସଦସ୍ୟମାନଙ୍କୁ ଆବଶ୍ୟକ କାର୍ଯ୍ୟ ସମ୍ବନ୍ଧରେ ସରକାରଙ୍କୁ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପୀଠର ଉନ୍ନତି ପାଇଁ ସବୁ ବିଭାଗ ତଥା ଜିଲା ପ୍ରଶାସନର ସମନ୍ୱୟରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଗଦ୍‌ଗୁରୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ମଠର ପାରିପାର୍ଶ୍ୱିକ ବିକାଶ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମହୋଦଧି ସନ୍ଧ୍ୟା ଆଳତି ସ୍ଥଳକୁ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲା ପ୍ରଶାସନକୁ କୁହାଯାଇଛି।

ବୈଠକରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ, ପ୍ରମୁଖ ଶାସନ ସଚିବ ଆଇନ ବିଭାଗ ମାନସ ରଞ୍ଜନ ବାରିକ, ପ୍ରମୁଖ ଶାସନ ସଚିବ ପୂର୍ତ୍ତ ବିଭାଗ ସଞ୍ଜୟ ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ଭିନିତ୍ ଅଗ୍ରୱାଲ, ଗୋବର୍ଦ୍ଧନ ପୀଠର ପ୍ରତିନିଧି ପଣ୍ଡିତ ମାତୃପ୍ରସାଦ ମିଶ୍ର, ବ୍ରହ୍ମଚାରୀ ସୁୟସ ପ୍ରଶାନ୍ତ, ରଘୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଉଁଶ ଫୁଲିଲେ ମରେ,**
**ମଣିଷ ବୁଲିଲେ ମରେ।**

ବାଉଁଶ ଫୁଲିଲେ ପାକଳ ହୁଏ, କଟାଯାଏ। ତା’ ଦେହରେ ଫୁଲ ହେଲେ ଆଉ ବଢେନାହିଁ, ମରିଯାଏ। ସେହିପରି ମଣିଷ ବୁଲି ବୁଲି ପିତୁଆ ହୋଇଯାଏ। ଫଳସ୍ୱରୂପ ବେମାରିଆ ହୋଇଯାଏ। ଉପଯୁକ୍ତ ଯତ୍ନ ନ କଲେ କ୍ଷତିର ସମ୍ଭାବନା ଦେଖାଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ବିରି ଡାଲି କଲି ବାସି;**
**ଚିଟାଉ ଉପରେ ଚିଟାଉ ଦେଇ,**
**ବୁଢ଼ୀ ହୋଇଗଲି ଆସି।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା’ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭିଜିଲାନ୍ସ ତଦନ୍ତ...

ପ୍ରଥମ ପୃଷ୍ଠାରୁ...

ଲୁହାପଥର ଉତ୍ତୋଳନ କରାଯାଉଥିବାର ନଜରକୁ ଆସିଛି। ଏହି ୫୦ଟି ଖଣି ମଧ୍ୟରୁ ୧୬ଟି ପଟାବେଡ଼ା ଗ୍ରାମରେ, ୧୦ଟି ମାଲଦା ଗ୍ରାମରେ, ୨୦ଟି କୋଲମଙ୍ଗ ଗ୍ରାମରେ ଏବଂ ଅବଶିଷ୍ଟ ୪ଟି ସାନପୁରୁଲି ଓ ରୁସିବେଣୁଆ ଗ୍ରାମରେ ରହିଛି। ଏସବୁ ଖଣିରୁ ୨୦ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ମାଙ୍ଗାନିଜ ଓର୍ ଏବଂ ୧୨୦୦ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର ଆଇରନ ଓର୍ ବେଆଇନ ଭାବେ ଉତ୍ତୋଳନ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୩୭ କୋଟିରୁ ଅଧିକ ଟଙ୍କା ହେବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ପୁରୀରେ ହେବ...

ଆଇନମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରାଯାଇଥିଲା। ସେତେବେଳେ ଦେବୋତ୍ତର କମିଶନ ଉପସ୍ଥିତ ଥିଲେ। ମଠ ମହନ୍ତମାନଙ୍କ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା ଯେ, ମଠର ବିଜେସ୍ଥଳୀ, ସମାଧି, ମନ୍ଦିର, ଗାଦିଘର ଆଦି ଯେଉଁଭଳି ରହିଛି ସେଗୁଡିକ ସେହିପରି ରହିବ ଏବଂ ଅଧିକ ସୌନ୍ଦର୍ଯ୍ୟକରଣ କରାଯିବ। ତେବେ ଯେଉଁ ନୂତନ ଭାବେ ମଠ ନିର୍ମାଣ କରାଯିବ ସେଠାରେ ସନ୍ଥ ଭବନ, ବିଦ୍ୟାର୍ଥୀ ଭବନ, ଯାତ୍ରୀ ଭବନ, ଭକ୍ତ ନିବାସ ଆଦି ତିଆରି ହେବ। ସେଗୁଡ଼ିକ ରାଜ୍ୟ ସରକାର ପ୍ରଦାନ କରିଥିବା ନୂତନ ସ୍ଥାନରେ କରାଯିବାକୁ ମଠାଧୀଶମାନେ ପ୍ରସ୍ତାବ ଦେଇଥିଲେ। ଫଳରେ ଗୋଟିଏ ସ୍ଥାନରେ ୧୯ଟି ମଠର ପାଟ ମଠ ରହିବ ଓ ମୂଳ ମଠ ଯେଉଁଠାରେ ଅଛି ସେହିଠାରେ ରହିବ। ମାତ୍ର ବର୍ତ୍ତମାନ ବିଜେସ୍ଥଳୀ ନୂତନ ସ୍ଥାନକୁ ସ୍ଥାନାନ୍ତର କରିବା ନେଇ ଆମ ସହ କୌଣସି ଆଲୋଚନା କରି ନ ଥିଲେ। ଯଦି ସରକାର ସେପରି କୌଣସି ନିଷ୍ପତ୍ତି ନେଉଛନ୍ତି, ତେବେ ଏନେଇ ଆମ ସହ ଆଲୋଚନା କରିବା ଉଚିତ। ନଚେତ କେନ୍ଦ୍ର ସରକାରଙ୍କ ଦ୍ୱାରସ୍ଥ ହେବ ବୋଲୁ ଉତ୍ତରପାର୍ଶ୍ୱ ମଠର ମହନ୍ତ କହିଛନ୍ତି।

ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ କହିଛନ୍ତି, ମଠର ପୁନର୍ବାସ ପାଇଁ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ପୂର୍ବରୁ ଆମେ ମଠ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ସରକାରଙ୍କୁ ଜଣାଇଥିଲୁ। ମଠର ବିଜେସ୍ଥଳୀ ଯେଉଁଠି ରହିବା କଥା, ରହିଛି। ବିଦ୍ୟାର୍ଥୀ ଓ ଆଗନ୍ତୁକ ଅତିଥି, ସାଧୁସନ୍ଥଙ୍କ ପାଇଁ ମଠର ଆବାସିକ ଗୃହର ଆବଶ୍ୟକତା ରହିଛି। ଏନେଇ ଆମକୁ ଲିଖିତ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ଯାହା ବି ହେବା କଥା ତ୍ୱରିତ ହେଉ ଏବଂ ମନ୍ଦିର ସନ୍ନିକଟରେ ହେଉ ବୋଲି ସେ କହିଛନ୍ତି। କଟକୀ ମଠ ମହନ୍ତ ବିଜୟ ରାମାନୁଜ ଦାସ କହିଛନ୍ତି, ଯେତେବେଳେ ଜମି ଅଧିଗ୍ରହଣ ହୋଇଥିଲା, ସେତେବେଳେ ଏ ମାମଲା ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟକୁ ଯାଇଥିଲା। ବାସ୍ତବରେ ମଠର ବିଜେସ୍ଥଳୀରେ ଠାକୁର ପ୍ରତିଷ୍ଠା ହୋଇଛନ୍ତି। ଯେଉଁ ମଠ ସମ୍ପୂର୍ଣ୍ଣ ଭଙ୍ଗାଯାଇଥିଲା, ସେଠାକାର ଠାକୁର ଏବଂ ଅନ୍ତେବାସୀଙ୍କୁ ଅନ୍ୟ ମଠର ଜାଗାରେ ସ୍ଥାନିତ କରାଯାଇଛି। ଏହା ବିଧିବଦ୍ଧ ଭାବେ ଚୁକ୍ତିନାମା ପଞ୍ଜୀକୃତ ହୋଇଛି। କୋର୍ଟ ରାୟ ମୁତାବକ, ଯେତେବେଳେ ବି ସରକାର ମଠକୁ ନେଇ କୌଣସି କଥା ଚିନ୍ତା କରୁଛନ୍ତି, ସେତେବେଳେ ମଠ ସହ ଆଲୋଚନା କରିବା ଆବଶ୍ୟକ। ପୂର୍ବରୁ ମଧ୍ୟ ମୁଦୁଲି ଜାଗା ପାଖରେ ଅଧିକ ଜମି ଦେବାର ଲୋଭ ମଠଗୁଡ଼ିକୁ ଦେଖାଯାଇଥିଲା। କିନ୍ତୁ ମଠ ମହନ୍ତମାନେ ଏନେଇ ଅନିଚ୍ଛା ପ୍ରକାଶ କରିଥିଲେ। ଯେହେତୁ ମହାପ୍ରଭୁଙ୍କ ପାଖରେ ମଠର ସେବା ଅଛି, ତେଣୁ ଶ୍ରୀମନ୍ଦିର ନିକଟରେ ଅଳ୍ପ ଜାଗା ହେଲେ ବି ରହିବୁ ପଛେ, ଦୂରକୁ ଯିବୁ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏବେ ଯଦି କୌଣସି ଦୂର ସ୍ଥାନରେ ମଠକୁ ନେବା ପାଇଁ ଉଦ୍ୟମ କରାଯାଏ, ତେବେ ଏହା କେବେ ବି ଗ୍ରହଣୀୟ ହେବ ନାହିଁ ବୋଲି ସେ କହିଛନ୍ତି।

ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ଯେଉଁ ନୂତନ ସ୍ଥାନରେ ମଠ ନିର୍ମାଣ ପାଇଁ ସରକାର ପ୍ରସ୍ତାବ ଦେଉଛନ୍ତି, ସେଠାରେ ନିର୍ମାଣ ହେବାକୁ ଥିବା ମଠଗୁଡ଼ିକର ପୌରାଣିକ ଧାରା ନିର୍ମାଣ କରାଯାଉ। ମଠ ସଂସ୍କୃତି ଓ ପରମ୍ପରା ଅକ୍ଷୁର୍ଣ୍ଣ ରହୁ। ସେହିପରି ବିଶିଷ୍ଟ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଶ୍ରୀମନ୍ଦିର ଚାରିପାଖରେ ଉଚ୍ଛେଦ ହୋଇଥିବା ୧୯ଟି ମଠ ୬ଟି ସମ୍ପ୍ରଦାୟର ମଠ। ପ୍ରତ୍ୟେକ ମଠ ଶ୍ରୀମନ୍ଦିର ସହ ଜଡ଼ିତ। ପ୍ରତ୍ୟେକ ଦିନ ମଠଗୁଡ଼ିକର ସେବା ରହିଛି। ଯଦି ମଠଗୁଡ଼ିକ ଶ୍ରୀମନ୍ଦିରଠାରୁ ଦୂରକୁ ସ୍ଥାନାନ୍ତର କରାଯିବ, ତେବେ ସେବାରେ ବିଶୃଙ୍ଖଳା ଉପୁଜିବ। ତେଣୁ ମଠଗୁଡ଼ିକର ସେବାରେ ଯେପରି କୌଣସି ସମସ୍ୟା ବା ବିଶୃଙ୍ଖଳା ସୃଷ୍ଟି ନ ହେବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ଡ. ମିଶ୍ର ମତ ଦେଇଛନ୍ତି। ଅନ୍ୟପକ୍ଷରେ ଆଇନଜୀବୀ ଦିଲୀପ ବରାଳ କହିଛନ୍ତି, ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ସୁପ୍ରିମକୋର୍ଟଙ୍କ ରାୟର ଅବମାନନା କରୁଛି। ଅତୀତରେ ୨୦୧୯ରେ ସୁପ୍ରିମକୋର୍ଟରେ ସରକାର ସତ୍ୟପାଠ ଦେଇଥିଲେ ଯେ, ସମସ୍ତ ମଠର ଗାଦିଘର ଗୋଟିଏ ସ୍ଥାନରେ ରଖିବେ ଓ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରିବେ। ତେଣୁ ଆଇନମନ୍ତ୍ରୀ ଏପରି ନିଷ୍ପତ୍ତିରୁ ତୁରନ୍ତ ଓହରିବାର ଆବଶ୍ୟକତା ରହିଛି।

## ଆଜିଠାରୁ ଯୁକ୍ତ ୨

ଧନ୍ଦାମୂଳକ ଶିକ୍ଷା ଓ ସଂସ୍କୃତରେ ନାମଲେଖା ପାଇଁ ୨୪ ତାରିଖ ଅପରାହ୍ନ ୨ଟାରୁ ଆବେଦନ ଆରମ୍ଭ ହୋଇ ଜୁନ ୩୦ ପର୍ଯ୍ୟନ୍ତ ଚାଲିବ। ଏଥିଲାଗି ସାଧାରଣ ବର୍ଗଙ୍କ ପାଇଁ ଫର୍ମପୂରଣ ରାଶି ୨୦୦ ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ୧୦୦ ଟଙ୍କା ଏବଂ ତୃତୀୟ ଲିଙ୍ଗ ଓ ଭିନ୍ନକ୍ଷମଙ୍କ ପାଇଁ ନିଃଶୁଳ୍କ ରଖାଯାଇଛି। ଜୁଲାଇ ୭ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ଜୁଲାଇ ୮ରୁ ୧୪ ମଧ୍ୟରେ ରିପୋର୍ଟିଂ ସହ ନାମ ଲେଖାଇପାରିବେ। ଜୁଲାଇ ୯ରୁ ୧୫ ମଧ୍ୟରେ ଅନ୍ୟ ଶିକ୍ଷାନୁଷ୍ଠାନକୁ ସ୍ଥାନାନ୍ତର ପାଇଁ ସ୍ଲାଇଡ୍ ଅପ୍ ଆବେଦନ କରିପାରିବେ। ଜୁଲାଇ ୨୧ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ୨୩ରୁ ୨୮ ମଧ୍ୟରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ ସହ ନାମ ଲେଖାଇପାରିବେ। ଜୁଲାଇ ୨୯ ସୁଦ୍ଧା ସାମ୍‌ସ ଇ–ସ୍ପେସ୍‌ରେ ଶିକ୍ଷାନୁଷ୍ଠାନଗୁଡ଼ିକ ନାମଲେଖା ବାବଦରେ ତଥ୍ୟ ଦାଖଲ କରିବେ। ଜୁଲାଇ ୩୦ରେ ସ୍ପଟ୍ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଅଗଷ୍ଟ ପହିଲାରେ ସ୍ପଟ୍ ନାମଲେଖା ପାଇଁ ଆବେଦନ ବା ଚଏସ ଲକିଂ ସରିବ, ୭ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ଓ ଅଗଷ୍ଟ ୮ରୁ ୧୩ ମଧ୍ୟରେ ତତ୍କାଳ ନାମଲେଖା ଅନୁଷ୍ଠିତ ହେବ। ଜୁଲାଇ ୨୪ରୁ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ। ଛାତ୍ରୀଛାତ୍ର www.samsodisha.gov.in କିମ୍ବା ଟୋଲ ଫ୍ରି ନମ୍ବର ୧୫୫୩୩୫/ ୧୮୦୦୩୪୫୬୭୭୦ ମାଧ୍ୟମରେ ସବିଶେଷ ତଥ୍ୟ ପାଇପାରିବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ଭଲ ତଥାପି ଶତ୍ରୁମାନଙ୍କ ଦ୍ୱାରା ପୀଡ଼ିତ ହୋଇପାରନ୍ତି। ଗୃହ, ଭୂମି, ଗାଡ଼ି, ମୋଟର, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହ ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ବନ୍ଧୁଙ୍କ ପରାମର୍ଶରେ ନୂତନ ଯୋଜନା ଅର୍ଥପ୍ରାପ୍ତିର ରାସ୍ତା ସୁଗମ କରିବ। ପଡ଼ୋଶୀଙ୍କ ସହାୟତାରେ ପରିବାରରେ ଅସ୍ୱସ୍ତିକର ପରିସ୍ଥିତିକୁ ନିୟନ୍ତ୍ରଣ କରି ପାରିବେ। ଅଫିସ୍‌କୁ ଯିବା ସମୟକୁ କୌଣସି ଦରକାରୀ କାଗଜ ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ** ବୁଧ ଓ ଚନ୍ଦ୍ର ଷଡ଼ାଷ୍ଟକ ସ୍ଥିତିରେ ଥିବାରୁ ପାରିବାରିକ କ୍ଷେତ୍ର ଅସ୍ଥିର ରହିବ। ଆଜି ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଆଜିର ଶୁଭଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ମଧ୍ୟ ସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ନିକଟରୁ ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ପରିବହନ, ସଭାସମିତି, ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ରାଶ୍ୟାଧିପ କର୍ମସ୍ଥ ହେତୁ ଏକାଧାରରେ ପରିବାର ଓ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ଖୁସି ରହିବେ। ଈର୍ଷାପରାୟଣ ବ୍ୟକ୍ତି ପରୋକ୍ଷ ସମାଲୋଚନା କରିପାରନ୍ତି। ପ୍ରତ୍ୟୁଷ ଯାତ୍ରା ପୂର୍ବରୁ ଜିନିଷପତ୍ରକୁ ଆଉଥରେ ଦେଖିନେବା ଭଲ ହେବ।

**କନ୍ୟା** ଅଷ୍ଟମଚନ୍ଦ୍ର ପ୍ରଭାବରେ ପରିସ୍ଥିତି ବଦଳିଯିବାରୁ ପାଇବା ଜିନିଷ ହରାଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅଫିସ୍ କାମରେ ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ପିଲାମାନଙ୍କ ଅସନ୍ତୋଷଜନକ କାର୍ଯ୍ୟକଳାପରେ ଅତିଷ୍ଠ ହୋଇପାରନ୍ତି।

**ତୁଳା** ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଅଫିସ ଭିତରେ ସହକର୍ମୀଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ଲାଭବାନ୍ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବାର ଆଶା ରହିଛି।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବାରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ପଡ଼ୋଶୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି କୌଣସି କାମ ଅଟକିବ ନାହିଁ।

**ଧନୁ** ପାରିବାରିକ ଓ କର୍ମକ୍ଷେତ୍ରସ୍ଥ ବିଭିନ୍ନ ସମସ୍ୟାରେ ଜଡ଼ିତ ହୋଇ ମନ ବିଚଳିତ ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କୁଟୀର ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ଭଲ ରହିବ।

**ମକର** ଆପଣ କର୍ମକ୍ଷେତ୍ରରେ ଅସଜଡ଼ା ପରିସ୍ଥିତିକୁ ସହକର୍ମୀଙ୍କ ଜରିଆରେ ସଜାଡ଼ି ନେବେ। ପ୍ରକଳ୍ପ କାର୍ଯ୍ୟ, ପରିବହନ, ଶିଳ୍ପ, ନିର୍ମାଣ, ବାଣିଜ୍ୟରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ଉଦ୍ରେକ ହୋଇପାରେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବାର ସୂଚନା ରହିଛି।

**କୁମ୍ଭ** ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ତାହା ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ପକାଇଦେବ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବ୍ୟବସାୟ ତଥା ପରିବହନ ଅନୁକୂଳ ରହିବ। ବନ୍ଧୁମିଳନ, ଆଲୋଚନା,ଜମିଜମା କାରବାର, ଯାନ୍ତ୍ରିକ ଶିଳ୍ପ, ନିର୍ମାଣ କ୍ଷେତ୍ରରୁ ସଫଳତା ପାଇବେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଭଲକୁ ଭେଲ କ୍ରମରେ ମନକୁ ଆସିବ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଲଦି ପାରନ୍ତି। ପାରିବାରିକ କ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ସାମ୍ବାଦିକତା, ନୂତନ ବନ୍ଧୁ ସମ୍ପର୍କରେ ବିଶେଷ ଉନ୍ନତି କରିବେ।

ଆଜି ମେ ୨୪ ତାରିଖ, ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ, ଶନିବାର, ରାମାନୁଜ ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ। ରାଶିନକ୍ଷତ୍ର–ଦିବା, ଘ.୦୧।୪୭ ପର୍ଯ୍ୟନ୍ତ ରେବତୀ/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ. ୧୦।୦୫ ଗତେ ଘ.୧୨।୦୯ ମଧ୍ୟେ, ଘ.୦୨।୫୯ ଗତେ ଘ.୦୩।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୧ ଗତେ ଘ. ୦୩।୦୦ ମଧ୍ୟେ ରାହୁକାଳ।




ସର୍ତ୍ତ ଓ ନିୟମାବଳୀ ଲାଗୁ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ସମସ୍ତ ଉତ୍ପାଦର ଏମ୍ଆରପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବା ସମସ୍ତ ଅଫର୍ 25 ମଇ 2025, ନିର୍ଦ୍ଦିଷ୍ଟ ପିନ୍ କୋଡ୍‌ରେ ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

ମାନବୀୟ ପ୍ରକୃତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ରିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଛି। -ଶ୍ରୀଅରବିନ୍ଦ



# ମନ୍ଥର ପ୍ରକ୍ରିୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ପ୍ରଶାନ୍ତ କୁମାର ମେ ୩୧ରେ ଅବସର ନେବାକୁ ଯାଉଛନ୍ତି। ଏଣୁ ରାଜ୍ୟର ପୋଲିସ ମୁଖ୍ୟ ଲାଗି ଦୌଡ଼ ଆରମ୍ଭ ହୋଇଯାଇଛି। କିନ୍ତୁ ଏଯାବତ୍ କେବଳ ଗୁଞ୍ଜରଣ ସୃଷ୍ଟି ହେଉଛି, କ'ଣ ସତ୍ୟ ତାହା ପଦାକୁ ଆସୁନାହିଁ। ରାଜ୍ୟ ସରକାର ଏପର୍ଯ୍ୟନ୍ତ ୟୁପିଏସ୍‌ସିକୁ ଶର୍ଟଲିଷ୍ଟ ପଠାଇ ନାହାନ୍ତି କିମ୍ବା ଡିଜିପି ନିଯୁକ୍ତି ପାଇଁ ନୂଆ ଭାବେ ଆଣିଥିବା ନିୟମ ଅନୁଯାୟୀ ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ଫଳରେ ଶୀର୍ଷ ପଦବୀ ରହସ୍ୟ ଓ ଜଳ୍ପନାକଳ୍ପନାର ଏକ ବିଚିତ୍ର ସ୍ଥିତିରେ ଝୁଲିରହିଛି। ରାଜ୍ୟରେ ଅଣାଯାଇଥିବା ନୂଆ ନିୟମ ଅମଲାତାନ୍ତ୍ରିକ ପ୍ରକ୍ରିୟାରେ ହେଉଥିବା ଅଯଥା ବିଳମ୍ବକୁ ରୋକିବା ପାଇଁ ଅଣାଯାଇଛି। ଏଥିରେ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଚୟନ କମିଟି ଗଠନ କରାଯାଇଛି। କିନ୍ତୁ ପର୍ଯ୍ୟବେକ୍ଷକଙ୍କ ମତରେ, ଏହା କେନ୍ଦ୍ରର ଭୂମିକାକୁ ଗୌଣ କରିବା ପାଇଁ ଏକ ଉପାୟ। ତେବେ ଡିଜିପି ପାଇଁ କ୍ଷମତା ପରିସରରେ ବହୁ ଜଣାଶୁଣା ନାମ ଉଠୁଛି। ଡିଜି (ଟ୍ରେନିଂ) ଭାବେ କାର୍ଯ୍ୟରତ ୧୯୯୦ ବ୍ୟାଚ୍ ଅଧିକାରୀ ତିଳୋତ୍ତମା ବର୍ମାଙ୍କ ନାମ ଅଧିକ ଚର୍ଚ୍ଚାରେ ରହିଛି। ଯଦି ତାଙ୍କୁ ଚୟନ କରାଯାଏ, ତେବେ ଉତ୍ତରପ୍ରଦେଶର ସେ ପ୍ରଥମ ମହିଳା ପୋଲିସ ଡିଜିପି ହେବେ। ସିବିଆଇରେ କରିଥିବା କାର୍ଯ୍ୟ ପାଇଁ ସେ ବେଶ୍ ପରିଚିତ। ବର୍ମାଙ୍କୁ ନେଇ ଗୁଞ୍ଜରଣ ସୃଷ୍ଟି ହେବାର କାରଣ ହେଉଛି ତାଙ୍କ ସ୍ୱାମୀ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ଆଶିଷ ଗୁପ୍ତା ଗତ ମାସରେ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ସମ୍ଭବତଃ ବର୍ମାଙ୍କ ପଦୋନ୍ନତି ପାଇଁ ସେ ପଥ ପରିଷ୍କାର କରିଛନ୍ତି। ଡିଜିପି ପାଇଁ ବିଏସ୍‌ଏଫ୍‌ରେ କାର୍ଯ୍ୟରତ ଦଲଜିତ ସିଂ ଚୌଧୁରୀ,ଏସ୍‌ପିଜି ମୁଖ୍ୟ ଆଲୋକ ଶର୍ମା ଏବଂ ରାଜ୍ୟର ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଦାୟିତ୍ୱ ସମ୍ଭାଳୁଥିବା ରାଜୀବ କ୍ରିଷ୍ଣାଙ୍କ ନାମ ମଧ୍ୟ ଆଲୋଚନା ପରିସରକୁ ଆସୁଛି। ତେବେ ନିଯୁକ୍ତି ଯୋଗ୍ୟତା, ସ୍ୱଚ୍ଛତା ଏବଂ ଅଭିଜ୍ଞତା ଆଧାରରେ ହେବ ନା ପୁନର୍ବାର ରାଜନୈତିକ ପ୍ରକ୍ରିୟାରେ ହେବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଗଛକଟା ଅଡୁଆ

ସପ୍ତାହାନ୍ତ ଛୁଟିରେ କେହି କିଛି ଦେଖନ୍ତେନି ଭାବି ତେଲେଙ୍ଗାନା ସରକାର ଜଙ୍ଗଲ ଧ୍ୱଂସ କରିଥିଲେ। କିନ୍ତୁ ସୁପ୍ରିମ କୋର୍ଟ ସବୁ ଦେଖିଥିଲେ ଓ ତାହାର ଶୁଣାଣି କରିଥିଲେ। ତେଲେଙ୍ଗାନା ସରକାର ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟି ନିକଟରେ ଥିବା କାଞ୍ଚା ଗାଚ୍ଚିବୋଲି ଜଙ୍ଗଲରେ ଅନେକ ଶହ ଗଛ କାଟିବାକୁ ନେଇ ଶୀର୍ଷ କୋର୍ଟ ତ୍ୱରିତ୍ ଶୁଣାଣି କରିବା ସହ ସରକାରକୁ ଭର୍ତ୍ସନା କରିଛନ୍ତି। ସପ୍ତାହର ଦୀର୍ଘ ଛୁଟିଦିନରେ ଯେତେବେଳେ ସୁପ୍ରିମକୋର୍ଟର ଫରେଷ୍ଟ ବେଞ୍ଚ ଉପଲବ୍ଧ ନ ଥିଲା ସେତେବେଳେ ଏଭଳି ଶୁଣାଣି କରାଯାଇଥିଲା। ଦୁଇମାସରେ ପୁନର୍ବାର ଜଙ୍ଗଲ ସୃଷ୍ଟି ସହ କିମ୍ବା ରାଜ୍ୟ ମୁଖ୍ୟ ଶାସନ ସଚିବ ଜେଲ୍‌ରେ ରହିବାକୁ ପ୍ରସ୍ତୁତ ରୁହ ବୋଲି କୋର୍ଟ ଅତ୍ୟନ୍ତ କଠୋର ଶବ୍ଦ ଶୁଣାଇଥିଲେ। ଭାରତର ପ୍ରଧାନ ବିଚାରପତି ବି.ଆର୍. ଗଭାଇ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, ଏହାକୁ ନ ମାନିଲେ ରାଜ୍ୟ ସରକାର ଅଦାଲତ ଅବମାନନାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ। ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟ 'ପୂର୍ବ ଆୟୋଜିତ' ଏବଂ ଜାଣିଶୁଣି କରିଛନ୍ତି ବୋଲି ସେ କହିଥିଲେ। ତେବେ ରାଜ୍ୟ ସରକାର ଯୁକ୍ତି ଦର୍ଶାଇଥିଲେ ଯେ, ସେହି ଜାଗା ଜଙ୍ଗଲ ନ ଥିଲା ଏବଂ ଅତୀତ ନିଷ୍ପତ୍ତି ଅନୁଯାୟୀ ଗଛ କଟାଯାଇଥିଲା। କୋର୍ଟ ଏଭଳି ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ। କୋର୍ଟ ଦ୍ୱାରା ନିଯୁକ୍ତ ସେଣ୍ଟ୍ରାଲ ଏମ୍ପାୱାରମେଣ୍ଟ କମିଟି ରିପୋର୍ଟରେ ଦର୍ଶାଯାଇଛି ଯେ, ବିନା ଅନୁମତିରେ ୧୦୦ ଏକରରୁ ଅଧିକ ଜାଗାରୁ ଗଛକାଟି ଧ୍ୱଂସ କରିଦିଆଗଲା। ଏହି ଜାଗାରେ ପ୍ରାକୃତିକ ଜଳାଶୟ ଥିଲା ଓ ଏହା ଥିଲା ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳୀ। କିନ୍ତୁ ଏହା ଆଇଟିପାର୍କ ପାଇଁ ଉପଯୁକ୍ତ ବୋଲି ଚିନ୍ତା କରାଗଲା।

### ଅନ୍‌ଲାଇନ ଟ୍ରୋଲିଂ

ଏବେ କ୍ରୋଧ ଓ ଅସନ୍ତୋଷ ଭାବ ନିମିଷକ ମଧ୍ୟରେ ଭାଇରାଲ ହୋଇଯାଉଛି ଏବଂ ଇଣ୍ଟରନେଟ ଏହାର ପ୍ଲାଟଫର୍ମ ପାଲଟିଯାଇଛି। ସରକାରୀ କର୍ମଚାରୀମାନେ ସହଜରେ ଏହାର ଶିକାର ହେଉଛନ୍ତି। ନିକଟରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ଭୁଲ୍ କୂଟନୈତିକ ପଦକ୍ଷେପ ପାଇଁ ନୁହେଁ ବରଂ ତାଙ୍କ କାମ ଲାଗି ଏଭଳି ଏକ ଝଡ଼ର ସାମ୍ନା କରିଥିଲେ। ସୋସିଆଲ ମିଡ଼ିଆ ଟ୍ରୋଲିଂରେ ତାଙ୍କ ଝିଅଙ୍କ ବ୍ୟକ୍ତିଗତ ତଥ୍ୟକୁ ଦର୍ଶାଯିବା ସହ ବାହାରେ ପଡ଼ିବାକୁ ନେଇ ତାଙ୍କୁ ରାଷ୍ଟ୍ର ବିରୋଧୀ ଭାବେ ଚିତ୍ରଣ କରାଯାଇଥିଲା। ଡିଜିଟାଲ କ୍ଷେତ୍ରରେ ଏଭଳି ଖରାପ ଟ୍ରୋଲିଂ ଉପରେ ସରକାର ପୂରା ନୀରବ ରହିଥିଲେ ଏପରି କି ମିସ୍ରିଙ୍କ ମନ୍ତ୍ରଣାଳୟ। ଏହି ଟ୍ରୋଲିଂର କିଛି ସପ୍ତାହ ପୂର୍ବରୁ ନବ ବିବାହିତ ନାଭାଲ ଅଫିସର ଲ୍ୟୁଟ୍‌ନାଣ୍ଟ ବିନୟ ନରୱାଲଙ୍କର ପହଲଗାମରେ ଆତଙ୍କବାଦ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁକୁ ସାମ୍ପ୍ରଦାୟିକରଣ ନ କରିବାକୁ ଅପିଲ କରିଥିଲେ, ଯାହା ପାଇଁ ଅନ୍‌ଲାଇନରେ ତାଙ୍କୁ ଅସଭ୍ୟ ବ୍ୟବହାର କରାଯାଇଥିଲା। ଆସୋସିଏଶନ ଅଫ୍ ଡିପ୍ଲୋମାଟ୍ସ ଏବଂ ଆଇଏଏସ୍ ଓ ଆଇପିଏସ୍ ଆସୋସିଏଶନ ଭଳି ସିଭିଲ ସର୍ଭିସ ସଂସ୍ଥାଗୁଡ଼ିକ ସହିତ ପ୍ରତିଷ୍ଠିତ ନାଗରିକମାନେ ବୈଦେଶିକ ସଚିବଙ୍କ ସମର୍ଥନରେ ମୁହଁ ଖୋଲିଥିଲେ ଏବଂ ଏଭଳି ଖରାପ ଅନ୍‌ଲାଇନ ଆକ୍ରମଣକୁ ନିନ୍ଦା କରିଥିଲେ। ରାଜନେତା ଅଖିଳେଶ ଯାଦବ ମଧ୍ୟ ନିନ୍ଦା କରିବା ସହ କେନ୍ଦ୍ରର ନୀରବତା ଉପରେ ପ୍ରଶ୍ନ ଉଠାଇଥିଲେ। ଏପରି କି ସୋସିଆଲ ମିଡିଆ ଟ୍ରୋଲିଂକୁ ସୁପ୍ରିମକୋର୍ଟ ଭୟାନକ ବୋଲି ଦର୍ଶାଇ ଏହା ମୁକ୍ତ ଅଭିବ୍ୟକ୍ତି ନୁହେଁ, ବରଂ ଏହା ହେଉଛି ପବ୍ଲିକ ଲିଞ୍ଚିଂ ବୋଲି କହିଥିଲେ।

Email: dilipcherian@gmail.com

# ରାମଚନ୍ଦ୍ର, ସକ୍ରେଟିସ୍ ଓ ଗଣତନ୍ତ୍ର



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କୁ ଆମେ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିନିଧି ଭାବରେ ବ୍ୟାଖ୍ୟା କରୁ। ଉତ୍ତରାକାଣ୍ଡର ବର୍ଣ୍ଣନା ଅନୁସାରେ ନଗର ଭ୍ରମଣ କରିସାରି ଗୁପ୍ତଚର ଭଦ୍ର ରାମଙ୍କୁ କହିଛି, "ହେ ରାଜନ, ପୁରବାସୀ ଆପଣଙ୍କ ବିଷୟରେ ରାସ୍ତାରେ, ବଜାରରେ, ବନ ଉପବନରେ କିପରି ଉଭୟ ଭଲ ଓ ମନ୍ଦ କଥା କହୁଛନ୍ତି ଶୁଣନ୍ତୁ। ଭଲ କଥାରେ ଅଛି ରାଜା ରାମ କିପରି ସେତୁବନ୍ଧ ବାନ୍ଧି ଲଙ୍କାରେ ପ୍ରବେଶ କରି କୁମ୍ଭ ରାବଣଙ୍କୁ ହତ୍ୟା କଲେ ଓ ସୀତାଙ୍କୁ ଉଦ୍ଧାର କଲେ। ମନ୍ଦ କଥାରେ ଅଛି ସୀତାଙ୍କୁ ରାବଣ ବଳପ୍ରୟୋଗ କରି ଅପହରଣ କଲା ଓ ଲଙ୍କା ନେଇ ଅଶୋକ ବନରେ ରଖିଲା। ତା'ସତ୍ତ୍ୱେ ରାଜା ତାଙ୍କୁ ଗ୍ରହଣ କଲେ। ପ୍ରଜାମାନଙ୍କ ସ୍ତ୍ରୀ କ୍ଷେତ୍ରରେ ଏପରି ଘଟଣା ଘଟିଲେ ସେମାନେ ତାକୁ ସହିନେବେ। କାରଣ ରାଜା ଯାହା କରନ୍ତି, ପ୍ରଜାମାନେ ତାକୁ ଅନୁସରଣ କରନ୍ତି। ପୁରବାସୀ ଏଭଳି ଭାବରେ ନଗର ଜନପଦ ସର୍ବତ୍ର କଥୋପକଥନ କରୁଛନ୍ତି (୧୩-୨୦ ଉତ୍ତରାକାଣ୍ଡ, ତ୍ରିଚତ୍ୱାରିଂଶ ସର୍ଗ)। ଏହା ଶୁଣି ରାମ ସୀତା ନିଷ୍ପାପ ଜାଣିଥିବା ସତ୍ତ୍ୱେ ଜନମତକୁ ସମ୍ମାନ ଦେବା ପାଇଁ ସୀତାଙ୍କୁ ନିର୍ବାସନ କରିଛନ୍ତି। ମାତ୍ର ମହର୍ଷି ବାଲ୍ମୀକି ରାମଚନ୍ଦ୍ରଙ୍କୁ ଜନମତ ସମର୍ଥକ ଭାବରେ ଚିତ୍ରଣ କରିନାହାନ୍ତି। ତାଙ୍କ ରାମାୟଣ ସୀତାଙ୍କ ଉଦ୍ଧାର ଓ ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ସିଂହାସନ ଆରୋହଣରେ ସମାପ୍ତ ହୋଇଛି। ଉତ୍ତରାକାଣ୍ଡ ବାଲ୍ମୀକିଙ୍କ ଦ୍ୱାରା ରଚିତ ନୁହେଁ। ପରବର୍ତ୍ତୀ ସମୟରେ କେହିଜଣେ ଏହି ଅଂଶକୁ ଯୋଡ଼ିଛନ୍ତି। ଜନମତ ସବୁବେଳେ ଠିକ୍ ହୋଇ ନ ପାରେ। ଏଣୁ ସେ ଜନମତ ଅପେକ୍ଷା ସତ୍ୟନିଷ୍ଠା ଧର୍ମ ଓ ନୀତିକୁ ପାଳନ କରିଛନ୍ତି। ରାମ ଲକ୍ଷ୍ମଣ ଓ ସୀତାଙ୍କୁ ସାଙ୍ଗରେ ନେଇ ବନବାସ ଗଲାପରେ ଭରତ, ଶତ୍ରୁଘ୍ନ, ଗୁରୁବଶିଷ୍ଠ ଓ ପ୍ରଜାଙ୍କୁ ନେଇ ରାମଙ୍କୁ ଫେରାଇ ଆଣିବା ପାଇଁ ଅରଣ୍ୟକୁ ଯାଇଛନ୍ତି। ସେତେବେଳେ ରାମ ଥାନ୍ତି ଚିତ୍ରକୂଟ ଆଶ୍ରମରେ। ପ୍ରକୃତରେ ଜନମତ ଥିଲା ରାମ ଅଯୋଧ୍ୟା ଫେରି ରାଜ୍ୟ ଶାସନ କରନ୍ତୁ। ମାତ୍ର ରାମ ଜନମତକୁ ଗ୍ରହଣ ନ କରି ସତ୍ୟ ଓ ଧର୍ମ ରକ୍ଷା କରିବା ପାଇଁ ବନବାସକୁ ଗ୍ରହଣ କରି ନେଇଛନ୍ତି। ଜନମତକୁ ସମ୍ମାନ ଦେଇ ଅନ୍ତଃସତ୍ତ୍ୱା ସୀତାଙ୍କୁ ନିର୍ବାସନ କରିବା ବାଲ୍ମୀକିଙ୍କ ରାମଙ୍କ ବ୍ୟକ୍ତିତ୍ୱର ପରିଚାୟକ ନୁହେଁ। ବାଲ୍ମୀକିଙ୍କ ମର୍ଯ୍ୟାଦାପୁରୁଷ ରାମ ଜନମତକୁ ସମ୍ମାନ ଦେଇ କେବେ ନୀତିଭ୍ରଷ୍ଟ ହୋଇନାହାନ୍ତି।

ସାମ୍ପ୍ରତିକ ଗଣତନ୍ତ୍ର ହେଉଛି ସଂଖ୍ୟାର ଖେଳ। ବହୁ ମତକୁ ଅନ୍ଧଭାବରେ ଗ୍ରହଣ କରିନେବା ହିଁ ଗଣତନ୍ତ୍ର। ମାତ୍ର ଯଦି ଗଣଅଶିକ୍ଷିତ ଓ ଅବିବେକୀ, ସେମାନଙ୍କ ସଂଖ୍ୟାଗରିଷ୍ଠ ମତ ବି ଭୁଲ ହୋଇପାରେ



ଓ ଏକକ ବିବେକୀ ମତ ମଧ୍ୟ ଠିକ୍ ହୋଇପାରେ। ଗ୍ରୀସ୍ ଦେଶରେ ଗଣତନ୍ତ୍ର ଶାସନ ଥିବାବେଳେ ସକ୍ରେଟିସ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ବିରୋଧ କରି ଏକ ନୂଆ ବିଶ୍ୱାସର କଥା କହୁଥିଲେ। ତାଙ୍କୁ ଲୁହାଗଲା ସଂଖ୍ୟାଧିକ ବ୍ୟକ୍ତିଙ୍କ ମତକୁ ସମ୍ମାନ ଦେବା ହିଁ ଗଣତନ୍ତ୍ର। ତା'ର ବିରୁଦ୍ଧାଚରଣ କରିବା ହେଉଛି ଦେଶଦ୍ରୋହ। ମାତ୍ର ସକ୍ରେଟିସଙ୍କ ଉତ୍ତର ଥିଲା ସଂଖ୍ୟାଧିକ ମନୁଷ୍ୟଙ୍କ ମତ ଯେପରି ମହାର୍ଘ; ସେ କୌଣସି ଏକକ ବ୍ୟକ୍ତିର ନିଜସ୍ୱ ମତ ବ୍ୟକ୍ତ କରିବାର ସ୍ୱାଧୀନତା ମଧ୍ୟ ସେପରି ମହାର୍ଘ। ଜଣେ ମଣିଷର ଯୁକ୍ତିଶୀଳ ମତ ଅଗଣିତ ମଣିଷର ଅଚିନ୍ତିତ ମତଠାରୁ ମୂଲ୍ୟବାନ ହୋଇପାରେ। ସଂଖ୍ୟାର ବୃଦ୍ଧି ଦେଇ ବ୍ୟକ୍ତିତ୍ୱ ବିନାଶ ଚେଷ୍ଟା ନ ହେଉ। ମାତ୍ର ସକ୍ରେଟିସଙ୍କ ମତକୁ ସେଦିନ ଗ୍ରହଣ କରାଯାଇ ନ ଥିଲା ଓ ତାଙ୍କୁ ଦେଶଦ୍ରୋହୀ ଅପରାଧରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ମାତ୍ର ଏବେ ଆମେ ସ୍ୱୀକାର କରୁଛୁ ଯେ ସେ ଦିନର ସଂଖ୍ୟାଗରିଷ୍ଠ ମତ ହିଁ ଭୁଲ ଥିଲା, ସକ୍ରେଟିସ ହିଁ ଠିକ୍ କଥା କହିଥିଲେ। ଏଣୁ ଗଣତନ୍ତ୍ର ନାମରେ ସଂଖ୍ୟାଗରିଷ୍ଠ ମତ ଅନୁଯାୟୀ ଚାଲିଥିବା ଶାସନକୁ ସର୍ବୋତ୍କୃଷ୍ଟ ଶାସନ ବୋଲି କୁହାଯାଇ ନ ପାରେ। ଯଦି ଗଣ ଶିକ୍ଷିତ ଓ ବିବେକୀ ନୁହନ୍ତି ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ସରକାର ନିଷ୍ପକ୍ଷ ହେବା ଅସମ୍ଭବ ନୁହେଁ। ଏହି ଗହନ କଥା ରାମଚନ୍ଦ୍ର ଉପଲବ୍ଧି କରିଥିଲେ ବୋଲି ସକ୍ରେଟିସଙ୍କ ବହୁ ପୂର୍ବରୁ ସେ ନିଜର କାର୍ଯ୍ୟଦ୍ୱାରା ସୂଚାଇ ଦେଇଥିଲେ ଯେ ଜନମତ ଅପେକ୍ଷା ସତ୍ୟନିଷ୍ଠା ବଡ଼। ଯେଉଁଠି ଗଣ ବିବେକୀ ଓ ଶିକ୍ଷିତ କେବଳ ସେଠି ଗଣତନ୍ତ୍ର ସଫଳ ହେବ।

ମହାତ୍ମା ଗାନ୍ଧୀ ଗଣତନ୍ତ୍ରରେ ବିଶ୍ୱାସ କରୁଥିଲେ ମଧ୍ୟ ତାଙ୍କର ଆଦର୍ଶ ଥିଲା ରାମରାଜ୍ୟ। ସେ ରାମ ରାଜ୍ୟର କଥା କହୁଥିବା ବେଳେ ଜନମତ ଉପରେ ଗୁରୁତ୍ୱ ଦେଇ ନାହାନ୍ତି। ସେ କହିଛନ୍ତି ମୁଁ ରାମରାଜ୍ୟ କହିଲେ ହିନ୍ଦୁରାଜ୍ୟ ବୁଝେ ନାହିଁ। ରାମରାଜ୍ୟ କହିଲେ ମୁଁ ଈଶ୍ୱରଙ୍କ ରାଜ୍ୟ ବୁଝେ ଅର୍ଥାତ୍ ସର୍ବୋତ୍କୃଷ୍ଟ ଶାସନକୁ ବୁଝେ। ମୋ ଚିନ୍ତାକରୁରେ ରାମ ଏହି ପୃଥିବୀରେ ବାସ କରୁଥିଲେ କି ନାହିଁ ସେଥିରେ ଯାଏ ଆସେ ନାହିଁ, କିନ୍ତୁ ରାମ ରାଜ୍ୟର ପ୍ରାଚୀନ ଆଦର୍ଶ ପ୍ରକୃତ ଗଣତନ୍ତ୍ରର ଅନ୍ୟତମ ଉଦାହରଣ। ପୁଣି ସେ କହିଥିଲେ "ମୋ ସ୍ୱପ୍ନର ରାମରାଜ୍ୟରେ ଜଣେ ରାଜକୁମାର ଓ ନିଃସ୍ୱ ଗରିବ ଲୋକ ସମାନ ଅଧିକାର ଉପଭୋଗ କରିବେ।" ଗାନ୍ଧୀଙ୍କ ପରିକଳ୍ପିତ ରାମରାଜ୍ୟର ଏକ ସ୍ପଷ୍ଟ ଛବି ଦେଖିବାକୁ ମିଳେ ଗୋସ୍ୱାମୀ ତୁଳସୀ ଦାସଙ୍କ ରଚିତ ରାମଚରିତ ମାନସରେ। ରାମରାଜ୍ୟରେ ଥାଏ ନାହିଁ ଦୈହିକ, ଦୈବିକ ଓ ଭୌତିକ କ୍ଳେଶ। ସେଠାରେ ପ୍ରଜାକୁଳ ପରସ୍ପରକୁ ପ୍ରେମ କରନ୍ତି ଓ ସ୍ୱଧର୍ମ ପାଳନ କରନ୍ତି, ସେଠି କେହି ଦୀନ ଦରିଦ୍ର, ଅଜ୍ଞାନ କିମ୍ବା ଦୁର୍ଲକ୍ଷ୍ମ ସ୍ୱଭାବର ନ ଥାନ୍ତି।

ଆଜି ଭାରତରେ ସଂଖ୍ୟାଧିକ ଜନପ୍ରତିନିଧିଙ୍କ ମତକୁ ନେଇ ଶାସନ ଚାଲିଛି। କୌଣସି ସ୍ୱାଧୀନ ବିଧାୟକ/ସାଂସଦ ବୀରୋଧୀଦଳର ସଭ୍ୟଙ୍କ ମତକୁ ଗୁରୁତ୍ୱ ଦିଆଯାଉନାହିଁ। ସଂଖ୍ୟାର ବୃଦ୍ଧି ଆଗରେ ସଂଖ୍ୟାଲଘୁ ଦଳର ମତକୁ ଉପେକ୍ଷା କରାଯାଉଛି। ମାତ୍ର ଆମେ ଭୁଲିଯାଉଛୁ ଯେ ସଂଖ୍ୟାଗରିଷ୍ଠ ଦଳର ମତ ଭୁଲ ହୋଇପାରେ ଓ ଜଣକର ଯୁକ୍ତିଶୀଳ ମତ ଠିକ ହୋଇପାରେ। ଏକଥା ସକ୍ରେଟିସଙ୍କ ସମ୍ପର୍କରେ ପ୍ରମାଣିତ ହୋଇସାରିଛି। ଏବେ ମଧ୍ୟ ଲୋକଙ୍କ ଅଜ୍ଞାନତା ଭିତରେ ବୃଦ୍ଧି ରହିଛନ୍ତି। ସକ୍ରେଟିସଙ୍କ ମତରେ ଅଜ୍ଞତା ହେଉଛି ଅନ୍ଧକାର। ଅନ୍ଧକାର ଭିତରେ ରାଷ୍ଟ୍ରର ଉନ୍ନତି ଅସମ୍ଭବ। ଯଦି ରାଷ୍ଟ୍ରର ଶାସକମାନେ ଅଜ୍ଞ ହେବେ ସେମାନେ ଜନ ସମର୍ଥନ ପାଇଲେ ମଧ୍ୟ ନ୍ୟାୟ ଅନ୍ୟାୟ ମଧ୍ୟରେ କିମ୍ବା ସତ୍ୟ ଅସତ୍ୟ ମଧ୍ୟରେ ପ୍ରଭେଦ ପାଇବେ ନାହିଁ। ଯଦି ନାଗରିକମାନେ ଅଜ୍ଞ ରହିବେ, ସେମାନେ ଅନ୍ୟାୟ ସହିବେ ଓ ଅସହାୟ ଅବସ୍ଥାରେ ସବୁ ମାନିନେବେ। ଏଣୁ ସକ୍ରେଟିସ ଲୋକଙ୍କୁ ମୁକ୍ତ ଓ ବିଚାରବନ୍ତ ହେବାକୁ ଆହ୍ୱାନ ଦେଉଥିଲେ। ମାତ୍ର ଅର୍ଦ୍ଧେକ ହଜାରରୁ ଅଧିକ ବର୍ଷ ଅତିକ୍ରାନ୍ତ ହେଲାପରେ ବିଶେଷ ପରିବର୍ତ୍ତନ ଘଟିନାହିଁ। ଯେଉଁ ଦେଶର ନିର୍ବାଚନରେ ଭାଗ ନେଉଥିବା ଜନତା ଅଶିକ୍ଷିତ ଓ ଅବିବେକୀ ଏବଂ ପ୍ରଲୋଭନର ବଶବର୍ତ୍ତୀ, ସେଠାରେ ଗଣତନ୍ତ୍ର ନିର୍ବୋଧଙ୍କ ଶାସନ, ନିର୍ବୋଧଙ୍କ ଦ୍ୱାରା ଶାସନ ଓ ନିର୍ବୋଧଙ୍କ ପାଇଁ ଶାସନ ଭାବରେ ପରିଗଣିତ ହେଉଛି। ସେହି ଦୃଷ୍ଟିରୁ ଗଣତନ୍ତ୍ରରେ ସର୍ବଦା ସଂଖ୍ୟାଧିକ ଜନମତକୁ ଅନ୍ଧଭାବରେ ଗ୍ରହଣ ନ କରି ଏକକ ମତ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ହୋଇଥିଲେ ତାକୁ ମଧ୍ୟ ଗ୍ରହଣ କରିବା ହିଁ ହିତକର ହେବ। ଏଥରେ ଆଇନ୍‌ଷ୍ଟାଇନଙ୍କ ଜଣେ ଖବର ଦେଲେ, "ଆପଣଙ୍କ ତତ୍ତ୍ୱ ଭୁଲ ବୋଲି ୧୦୦ ଜଣ ଅଧ୍ୟାପକଙ୍କ ଦସ୍ତଖତରେ ଗୋଟିଏ ବିବୃତି ବାହାରିଛି।" ଆଇନ୍‌ଷ୍ଟାଇନ୍‌ଙ୍କ ଉତ୍ତର ଥିଲା, "ମୋ ତତ୍ତ୍ୱ ଯଦି ଭୁଲ ହୋଇଥିବ ତେବେ ଗୋଟାଏ ଦସ୍ତଖତ ହିଁ ଯଥେଷ୍ଟ।" ସର୍ବମିଥ୍ୟା ସଂଖ୍ୟା ଦ୍ୱାରା, କୋଳାହଳ ଦ୍ୱାରା ନିରୂପିତ ହୋଇପାରେ ନାହିଁ। ମାତ୍ର ସେ ଉପଲବ୍ଧି ଦ୍ୱାରା ପରିଚାଳିତ ହେବା ଲୋକ ରାଜନୀତିରେ ନାହାନ୍ତି। ରାଜନୀତି କୋଳାହଳ ସାପେକ୍ଷ। ଏହା ହିଁ ବିଡ଼ମ୍ବନା।

ପ୍ରାକ୍ତନ ଅଧ୍ୟକ୍ଷ, ଡି.ଏ.ଭି. ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼
ମୋ: ୯୪୩୭୩୧୨୯୨୭

# ଦୈବାଶିଷ ପ୍ରାପ୍ତ ହେଉ ଭାବୀ କର୍ଣ୍ଣଧାରଙ୍କୁ



ବିଭୂତି ଭୂଷଣ ସେନାପତି

ସମାଜରେ ସୁଖ ଶାନ୍ତିରେ ଚଳିବା ପାଇଁ ମଣିଷ ଗଢ଼ିଛି ନୀତି ଓ ନିୟମ। ସ୍ୱକୀୟ ସୁଖ ଶାନ୍ତି ପାଇଁ ପ୍ରସ୍ତୁତ ନିୟମ କାଳକ୍ରମେ ସମାଜ, ଜାତି ଓ ଦେଶ ପାଇଁ ନୀତିରେ ପରିଣତ ହୋଇଛି। ସମୟର ପରିପ୍ରେକ୍ଷୀରେ ରାଷ୍ଟ୍ରର ନୀତି ହୋଇଥିବାରୁ ତା'ର ନାମକରଣ 'ରାଜନୀତି' ହୋଇଛି। ଏହି 'ରାଜନୀତି' ସ୍ଥାନ, କାଳ, ପାତ୍ର ଭେଦରେ ରାଜତନ୍ତ୍ର, ସମାଜବାଦ ଓ ଗଣତନ୍ତ୍ର ରୂପରେ ପରିବର୍ତ୍ତିତ ହୋଇଛି। ଏଥିରେ ସମାଜର ଯାବତୀୟ ରୀତି, ନୀତି, ଆଚାର ବିଚାର ଅନ୍ତର୍ଭୁକ୍ତ। ରାଷ୍ଟ୍ର ବା ଦେଶର ନୀତି ହିଁ 'ରାଜନୀତି'। ଭାଷାନ୍ତରରେ ନୀତିମାନଙ୍କ ମଧ୍ୟରେ ଯିଏ ରାଜା ବା ଶ୍ରେଷ୍ଠ ତାହା 'ରାଜନୀତି'। ଯେଉଁ ପଦ୍ଧତିରେ ଦେଶର ଜନସାଧାରଣଙ୍କର ହିତ ସାଧନ ହେବ ତାହା ହେଉଛି 'ରାଜନୀତି'। ରାଜନୀତିରେ ଏହି ମହାନ ଆଦର୍ଶ ଆଜିର ନିର୍ବାଚନ ଓ ଦଳୀୟ ରାଜନୀତିରେ ପରିଦୃଷ୍ଟ ହେଉନାହିଁ। ଏହାର କାରଣ ହେଉଛି ଦେଶର ଉନ୍ନତି କରିବାକୁ ହେଲେ ନୀତି ନିର୍ଦ୍ଧାରଣରେ ଦଳୀୟ ମତଭେଦ ଓ ଅଯୋଗ୍ୟ ବ୍ୟକ୍ତିମାନଙ୍କର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ। ଦେଖିବାକୁ ଗଲେ ଛାତ୍ର ଦେଶର ଭବିଷ୍ୟତ ପରିଚାଳକ। ଭାରତରେ ରାଜା ରାମମୋହନ ରାୟ, ସ୍ୱାମୀ ବିବେକାନନ୍ଦ, ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ଜାତୀୟବାଦୀ ନେତୃବୃନ୍ଦ ସମାଜର ସବୁ ଶ୍ରେଣୀର ଲୋକଙ୍କ ମଧ୍ୟରେ ରାଜନୀତିକ ସଚେତନତା ଭରିଦେବା ପାଇଁ ଉଦ୍ୟମ କରିଥିଲେ। ଗାନ୍ଧିଜୀ ଏହି କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ପ୍ରାଧାନ୍ୟ ଦେଇଥିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା-ଛାତ୍ରମାନେ ଦେଶର ନୀତି ସମ୍ପର୍କରେ ସଚେତନ ହେଲେ ସାଧାରଣ ସହଜ ଲଭ୍ୟ ହେବ। ଏଥିପାଇଁ ସେ ଛାତ୍ର ସମାଜକୁ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବାକୁ ପ୍ରରାମର୍ଶ ଦେଉଥିଲେ। ଆଜି ଦେଶ ସ୍ୱାଧୀନ ହୋଇଛି ସତ; କିନ୍ତୁ ଗାନ୍ଧିଜୀଙ୍କ ପରିକଳ୍ପିତ ଭାରତ ମାଟିରେ ଆଜି ଦୁଷ୍ଟ/ସ୍ୱାର୍ଥପର ଶାସନକର୍ତ୍ତାଙ୍କର ଦଳୀୟ ରାଜନୀତି ଚାଲିଛି। ଏହାର ପରିଣତି ସ୍ୱରୂପ 'ସେବା' ସ୍ଥାନରେ 'ନେବା' ହିଁ ସାର ହୋଇଛି। କଳେବଳେ-କୌଶଳେ ଶାସନ କ୍ଷମତାକୁ ଆସିବା ହିଁ ଆଜିର ରାଜନୀତିକ ଦଳମାନଙ୍କର ଆଦର୍ଶ। ସେମାନେ ନିର୍ବାଚନ ରାଜନୀତିରେ ବିଜୟୀ ହେବା ଉଦ୍ଦେଶ୍ୟରେ ଛାତ୍ର ସମାଜକୁ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି। ଫଳରେ ଛାତ୍ର ସମାଜ ସେମାନଙ୍କର ଅପରିପକ୍ୱ ବୟସରୁ ଦୁର୍ନୀତି ପରାୟଣ, ସ୍ୱାର୍ଥପର ଓ ପ୍ରତିଶୋଧ ମନୋଭାବ ସମ୍ପନ୍ନ ହୋଇ ପଡୁଛନ୍ତି।

ବିଶିଷ୍ଟ ରାଷ୍ଟ୍ରନେତା ଜୟପ୍ରକାଶ ନାରାୟଣଙ୍କର ମତ ଥିଲା- ଯେହେତୁ ଛାତ୍ରମାନେ ଦେଶ-ଜାତି ସମ୍ପର୍କରେ ଅନେକ କଥା ଶିକ୍ଷା କରୁଛନ୍ତି; ସ୍କୁଲ, କଲେଜ ବିଶ୍ୱବିଦ୍ୟାଳୟ ସ୍ତରରେ ରାଷ୍ଟ୍ରନୀତି ସମ୍ପର୍କରେ ମତବ୍ୟକ୍ତ କରିବା ପାଇଁ ସେମାନଙ୍କର ସୁଯୋଗ ରହିଛି; ଅଧିକନ୍ତୁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନେ ଅବହିତ; ତେଣୁ ଗଣତନ୍ତ୍ର ରାଷ୍ଟ୍ରର ଶାସନରେ ଭାଗୀଦାର ହେବାକୁ ସକ୍ଷମ। କିନ୍ତୁ ପରିତାପର ବିଷୟ, ଛାତ୍ର-ରାଜନୀତିର ସେହି ମହତ୍ ଆଦର୍ଶ ଆଜି ଲୁପ୍ତ। ନୀତି ଓ ଆଦର୍ଶବିହୀନ ନେତାଙ୍କର ବଚସ୍କର ସାଜି, ସେମାନଙ୍କର କୁଟନୀତି ଫାଶରେ ଆବଦ୍ଧ ହୋଇ ନିଜର ଅଧୋଗତିକୁ ସ୍ୱକୀୟ ଜ୍ଞାନାଲୋକ ଦ୍ୱାରା, ସ୍ୱଦେଶକୁ ବିଶ୍ୱର ସର୍ବଶ୍ରେଷ୍ଠ ସମ୍ମାନନୀୟ ରାଷ୍ଟ୍ରରେ ପରିଣତ କରିବା ପାଇଁ ବିଶେଷ ଯତ୍ନଶୀଳ ହେବା ବିଧେୟ। ଏହା ହିଁ ହେବ ଛାତ୍ର-ସମାଜର ରାଜନୀତି ପ୍ରବେଶର ଲକ୍ଷ୍ୟ। 'ରାଜନୀତି' ରାଷ୍ଟ୍ରର ଚଳିବାର ନୀତି। ନାଗରିକଙ୍କର ସୁରକ୍ଷା, ସାମାଜିକ ସମ୍ପର୍କ ଆଜିର ନିୟାମକ ହୋଇଥିବା ବେଳେ ଦୁଃଖଦ ଘଟଣା ହେଉଛି; ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ତରରେ ନିର୍ବାଚନକୁ ସ୍ଥଗିତ ରଖି ଆଜିର ଶାସକଗୋଷ୍ଠୀ ସେମାନଙ୍କର ଅଧିକାର ଉପରେ ହସ୍ତକ୍ଷେପ କରିଛନ୍ତି। ସମାଜରେ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସମାଜରେ କ'ଣ ଘଟୁଛି ବା ଘଟିବ ସେ ବିଷୟରେ ମୁଣ୍ଡ ଖେଳାନ୍ତି ନାହିଁ। 'ସମାଜ', 'ଜାତି', 'ଦେଶ' ଆଦି ଶବ୍ଦ ଓ ଏହାର ତାତ୍ତ୍ୱିକ ଅର୍ଥ, ସେମାନଙ୍କ ପକ୍ଷେ ମୂଲ୍ୟହୀନ। ତଥାପି ଏମାନେ ଗଣତନ୍ତ୍ର ରାଷ୍ଟ୍ରର ଏକ ଏକକ, ଏହା ଅସ୍ୱୀକାର୍ଯ୍ୟ। ପକ୍ଷାନ୍ତରେ ସାମାଜିକ ପରିବର୍ତ୍ତନ ପାଇଁ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବିଶ୍ୱବିଦ୍ୟାଳୟସ୍ତରୀୟ ନିର୍ବାଚନ ଅପରିହାର୍ଯ୍ୟ।



ଆଜିର ସମାଜରେ ଛାତ୍ର ରାଜନୀତିର ଭୂମିକା କ'ଣ ହେବା ଉଚିତ ସେ ପ୍ରସଙ୍ଗରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ କାର୍ଯ୍ୟାବଳୀ ଦୃଷ୍ଟାନ୍ତ ସ୍ୱରୂପ ମାନସପଟରେ ଉଙ୍କିମାରେ। ମୁଖ୍ୟମନ୍ତ୍ରୀ ଆସନରେ ଅଧିରୂଢ଼ ଥାଇ ମଧ୍ୟ କୌଣସି ସ୍ଥାନକୁ ସରକାରୀ ଗାଡ଼ିରେ ପୋଲିସ ହେପାଜତରେ ନ ଯାଇ ସାଧାରଣ ନାଗରିକଙ୍କ ଭଳି ବସ୍‌ରେ ଟିକେଟ୍ କରି ଯାଉଥାନ୍ତି। ତ୍ୟାଗର କି ଅପୂର୍ବ ଦୃଷ୍ଟାନ୍ତ! ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟର ଏକ ଘଟଣା। ମୁଖ୍ୟ ଅତିଥି ରୂପେ ଢେଙ୍କାନାଳର ଏକ ସଭାସ୍ଥଳକୁ ଯିବା ପରିପ୍ରେକ୍ଷୀରେ ପଥରେ ଥିବା ଏକ ଗ୍ରାମର ଯୁବକଙ୍କ ସହ ତାଙ୍କ ଗାଁ ପୋଖରୀରୁ ଦଳ ଛାଣିବା କାର୍ଯ୍ୟରେ ନିଜକୁ ନିୟୋଜିତ କରି 'କର୍ମ ହିଁ ଜୀବନର ମାନଦଣ୍ଡ' ଏହି ମହାନ ଉକ୍ତିକୁ ବାସ୍ତବରେ ରୂପାୟିତ କରିପାରିଥିଲେ। ଆଚାର୍ଯ୍ୟ ବିନୋବା ଭାବେ ଏଥିପାଇଁ ତାଙ୍କୁ 'ଉତ୍କଳ ରାଜର୍ଷି' ରୂପେ ଆଖ୍ୟାୟିତ କରିଥିଲେ। ତାଙ୍କର ଅତୁଳନୀୟ ପାବନ-ବ୍ୟକ୍ତିତ୍ୱ ଛାତ୍ର-ସମାଜର ସର୍ବଦା ଧ୍ୟେୟ ହେଉ। ପରିଶେଷରେ ଜନ-ହିତୈଷୀ-ଦୂରଦୃଷ୍ଟି ସମ୍ପନ୍ନ ସଦା ଏ ଧରାର ହିତାକାଂକ୍ଷୀ ମହାମାନବଗଣଙ୍କର ଅମରବାଣୀ ମାନବ ଜାତିକୁ ଦିଗଦର୍ଶନ ଦେଇ ଆଗାମୀ ପିଢ଼ିକୁ ସୁମାର୍ଗରେ ପରିଚାଳିତ କରୁ।

ଆମନ୍ତ୍ରଣ କରିବା ଦିଗରେ ଅଗ୍ରସର ହେଉଛନ୍ତି। ଛାତ୍ର ସୁବିଧାବାଦରୁ ମୁକ୍ତ ରହିବା ସକାଶେ ଓଡ଼ିଶାର ବିଶିଷ୍ଟ ରାଜନୈତିକ ଚିନ୍ତକ ହରେକୃଷ୍ଣ ମହତାବ 'ଛାତ୍ର ଓ ରାଜନୀତି' ସମ୍ପର୍କରେ କହିଥିଲେ- 'ଛାତ୍ରମାନେ ରାଜନୀତି କ୍ଷେତ୍ରରେ ପ୍ରବେଶ କଲେ ସର୍ବଦା ଜନସାଧାରଣଙ୍କର ସୁଖ ସୁବିଧାକୁ ଆଖି ଆଗରେ ରଖି, ସେମାନଙ୍କ ସହ ଖରା-ବର୍ଷାରେ ମିଶି ପାରିବେ। ଆଜିର ଉଚ୍ଚଶିକ୍ଷିତ ଯୁବକମାନଙ୍କ ଠାରେ ଏହି ଭାବନା ଦେଖାଯାଉନାହିଁ। ନିଜେ ସେବକ ହୋଇ ସମାଜର ଅବହେଳିତ ଶ୍ରେଣୀର ଲୋକଙ୍କର ସେବା କରିବାକୁ ଛାତ୍ରମାନେ ଚେଷ୍ଟା କରୁନାହାନ୍ତି।

ଦେଶ ଆଜି ଉତ୍କଟ ରାଜନୈତିକ ସଂକଟର ସମ୍ମୁଖୀନ ହୋଇଛି। ଏତେବେଳେ ଛାତ୍ରମାନେ ସଚେତନ ନହେଲେ, ଏ ଦେଶ ଧ୍ୱଂସାଭିମୁଖୀ ହେବ। ଛାତ୍ରମାନେ ରାଜନୀତିରେ ଅଂଶଗ୍ରହଣ କରି, ଉପସ୍ଥିତ ସମସ୍ୟା ପ୍ରତି ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପପୂର୍ବକ,

କଟକ, ମୋ: ୯୧୩୭୭୦୦୪୭୧୪

## ଏଇ ଭାରତରେ

ମୌସୁମୀ ଆସିବା ପୂର୍ବରୁ ମଧ୍ୟ ବନ୍ୟା କଥା ଆଲୋଚନା ହେଉଛି। ଏହା ନଦୀ ବଢ଼ି ନୁହେଁ, ବରଂ ଅତ୍ୟଧିକ ବର୍ଷା ଯୋଗୁ ହେଉଥିବା ସହରୀ ବନ୍ୟା। ନିକଟରେ ବେଙ୍ଗାଲୁରୁରେ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜି ୩ ଜଣଙ୍କର ମୃତ୍ୟୁ ହେବା ସହ ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଲୋକଙ୍କ ପାଖରେ ସହାୟତା ପହଞ୍ଚିବା ମଧ୍ୟ କଷ୍ଟକର ହୋଇଯାଇଥିଲା। ତେବେ ବନ୍ୟାରେ ଅସହାୟ ହୋଇପଡ଼ିଥିବା ଲୋକଙ୍କ ନିକଟରେ ଏବେ ସହାୟତା ପହଞ୍ଚାଇଦେବ ଏକ ଡ୍ରୋନ। ଏହାକୁ ଭଞ୍ଜାନ ଦେବଜ୍ୟୁ ଏକାଡେମୀ ନିର୍ମାଣ କରିଛି । ଏହାର ନାମ ଉଦ୍ଧାର ଡ୍ରୋନ୍। ଏହା ଏମର୍ଜେନ୍ସି ଟିମ୍‌କୁ ସାହାଯ୍ୟ କରିବ ଓ ଶୀଘ୍ର ପୀଡ଼ିତଙ୍କ ନିକଟରେ ସହାୟତା ପହଞ୍ଚାଇ ଦେଇପାରୁଛି। ଟିମ୍‌କୁ ଗାଇଡ କରିବାରେ ପ୍ରମୁଖ ଭୂମିକା ନେଇଛି। ଏହି ଡ୍ରୋନ ଡ୍ରୋନ୍ ପାଣିର ଉଚ୍ଚ ଲହଡ଼ିକୁ ଅତିକ୍ରମ କରି ଯାଇପାରୁଛି। ଏହା ୧୦୦ କେଜି ଜିନିଷ ନେଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ମେ ୧୯୭୬

- ଆଦିବାସୀମାନେ ଅଣଆଦିବାସୀଙ୍କୁ ଜମି ହସ୍ତାନ୍ତର କରିବା ବିରୁଦ୍ଧରେ ସମ୍ପୂର୍ଣ୍ଣ କଟକଣା ଜାରି କରିବା ପାଇଁ ମଧ୍ୟପ୍ରଦେଶ ମନ୍ତ୍ରିମଣ୍ଡଳ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ନୂଆଦିଲ୍ଲୀଠାରେ ୬ ଏକର ଜମି ଉପରେ ନିର୍ମିତ ଏସିଆର ବୃହତ୍ତମ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ଉଦ୍‌ଘାଟିତ।

## ଚିରନ୍ତନୀ

ଲଭିଅଛି ଯେ ସମ୍ପଦ
ଏ ମର ଜୀବନେ,
ମିଳଇ ସେ କେବେ
କେଉଁ ଅମର ଭୁବନେ ?
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 3 | 8 | | | 4 |
| 6 | | | | | 4 | 1 | | 7 |
| 2 | 7 | | 1 | | | | | |
| 4 | | | | | 7 | | | 3 |
| | | | 3 | | | | | 9 |
| | | | | 1 | | | | |
| | | 2 | | | | 4 | | |
| | 5 | 1 | | 9 | | | 3 | |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 9 | 4 | 5 | 8 | 1 | 7 | 6 |
| 4 | 8 | 7 | 1 | 2 | 6 | 9 | 5 | 3 |
| 6 | 5 | 1 | 7 | 3 | 9 | 8 | 4 | 2 |
| 7 | 6 | 5 | 9 | 4 | 1 | 3 | 2 | 8 |
| 2 | 1 | 4 | 6 | 8 | 3 | 5 | 9 | 7 |
| 8 | 9 | 3 | 2 | 7 | 5 | 4 | 6 | 1 |
| 5 | 4 | 6 | 8 | 1 | 2 | 7 | 3 | 9 |
| 9 | 3 | 8 | 5 | 6 | 7 | 2 | 1 | 4 |
| 1 | 7 | 2 | 3 | 9 | 4 | 6 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଜ୍ଞଜନ ବିଚାର କରିବେ କି

ମହାଶୟ,

ଏବେ ଦେଖାଯାଉଛି ଯେ, ମାତାପିତାମାନେ ନିଜ ନିଜ ପୁତ୍ର/କନ୍ୟାମାନଙ୍କ ନାମ ପୂର୍ବରୁ ବାବାଙ୍କ ଉପନାମ 'ସାଇ' ଯୋଡ଼ି 'ସାଇଜଗନ୍ନାଥ' 'ସାଇରାମ' 'ସାଇକୃଷ୍ଣ' 'ସାଇଲକ୍ଷ୍ମୀ' ଇତ୍ୟାଦି ନାମ ପ୍ରଦାନ କରୁଛନ୍ତି; ଯାହାକି ଏକ ଝୁଙ୍କ ପାଲଟିଛି। ଏଠାରେ ଆମେ କହି ରଖୁଛୁ ଯେ, ଭକ୍ତ ଉପନାମରେ ଥିବା 'ବାବା' ବା ତାଙ୍କ ଅନୁଗାମୀଙ୍କୁ ଅପମାନ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଆମର ଏଠାରେ କହିବାର କଥା ହେଲା ବିଶ୍ୱନିୟନ୍ତା ଜଗନ୍ନାଥ ପ୍ରଥମେ ନା ବାବା ପ୍ରଥମେ। ଏପରି କ୍ଷେତ୍ରରେ 'ସାଇ' ଉପନାମ ପରେ ଜଗନ୍ନାଥାଦି ଦେବଦେବୀଙ୍କ ନାମକୁ ରଖି ପୁତ୍ର/କନ୍ୟାମାନଙ୍କ ନାମ ଦେବା କେତେଦୂର ସମୀଚୀନ? ଏହା କ'ଣ ଜଗନ୍ନାଥ, ରାମ, କୃଷ୍ଣ, ଦେବୀ ଲକ୍ଷ୍ମୀ ମା'ଙ୍କ ପ୍ରତି ଘୋର ଅପମାନ ନୁହେଁ? ବିଜ୍ଞଜନମାନେ ବିଚାର କରିବେ ।

-ନରେନ୍ଦ୍ର କୁମାର ନାୟକ
ମହାଦେବ ବିହାର, ଚଣ୍ଡୀ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଦିନକର ଶିଶୁକନ୍ୟାକୁ ବିକ୍ରି ଅଭିଯୋଗ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଚାଉନମେଡି ଗ୍ରାମରେ ଦିନକର ଶିଶୁକନ୍ୟାକୁ ଜନ୍ମଦେଇ ମା' ବିକ୍ରି କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଚିହ୍ନା ବ୍ୟକ୍ତି ଶୁକ୍ରବାର ୧୦୯ ଶିଶୁ ସୁରକ୍ଷା ଆମ୍ବୁଲାନ୍ସକୁ ଫୋନ୍‌କରି ଏନେଇ ଖବର ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା କମିଟି ଶିଶୁକନ୍ୟାକୁ ଉଦ୍ଧାରକରି ମାଲକାନଗିରି ସଖୀ ଭବନକୁ ହସ୍ତାନ୍ତର କରିଛି। ସଖୀ ଭବନରେ ଶିଶୁକନ୍ୟାର ଚିକିତ୍ସା ଚାଲିଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ସୂଚନା ଦେଇଛନ୍ତି।

# ବିସ୍ଥାପନ ହେବାକୁ ଥିବା ୩୬୬ ପରିବାରକୁ ଥଇଥାନ ସହ ମିଳିବ ଆର୍ଥିକ ସହାୟତା

## ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହ ଟ୍ରାଫିକ୍ ଭିଡ଼ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଏହି ବିକାଶ ଯୋଜନାରେ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ କରାଯିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେଶନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର ସହ ଏହି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସରୁ ପଥରଗାଡ଼ିଆ- ଉତ୍କଳ ହସ୍ପିଟାଲ- ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ରୋଡ୍ ପାରାଲାଲ୍ କାମ ମଧ୍ୟ ଜାରି ରହିଛି। ଏହା ସହ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବରିମୁଣ୍ଡ ଓ କେକୁରେଣ ପାର୍କରୁ ବରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଅଫ୍ ୱେ ଆକ୍ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି। ଏକ ଇନର ରିଂ ରୋଡ୍ ମଧ୍ୟ ନିର୍ମାଣ କରାଯିବ। ଏହିସବୁ ନିର୍ମାଣ ହେଲେ ଭୁବନେଶ୍ୱରରେ ପ୍ରତିଦିନ ବଢ଼ୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ ଏବଂ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମ୍ବାଦପତ୍ର ମାଲିକଙ୍କୁ ଇଡି ନୋଟିସ

**ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)**

ଭୁବନେଶ୍ୱରରୁ ପ୍ରକାଶ ପାଉଥିବା ତଥା ନିଜକୁ ବଡ଼ ଖବରକାଗଜ ବୋଲାଉଥିବା ଏକ ଓଡ଼ିଆ ସମ୍ବାଦପତ୍ରର ମାଲିକ (ଚେୟାରମ୍ୟାନ)ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ନୋଟିସ କରାଯାଇଛି। ଏଥିରି କି ତାଙ୍କ ଖବରକାଗଜରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ମଧ୍ୟ ଇଡି ଅଧିକାରୀମାନେ ଜେରା କରିଥିବା ଖବର ପଦାକୁ ଆସିଛି। ଏସବୁ ଜଣାପଡ଼ିବା ପରେ ସାମ୍ବାଦିକ ମହଲରେ ତାହା ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

# ଅନୁଜ କୁମାର ଦାସପଟ୍ଟନାୟକ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

## ଓଏଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୩।୫(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପିଏମ୍ ପୋଷଣ ଏବଂ ଏମ୍‌ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହି ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଦେବ ପ୍ରସାଦ ଦାଶଙ୍କ ସ୍ଥାନରେ ଅନୁଜ ଅବସ୍ଥାପିତ ହୋଇଛନ୍ତି। ଦେବ ପ୍ରସାଦ ଏବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଅଛନ୍ତି।

ସେହିପରି ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ଏବଂ ଏମ୍‌ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀର ପୂର୍ବତନ ତହସିଲଦାର ତଥା ନିକଟରେ ସାଧାରଣ ପ୍ରଶାସନ ବିଭାଗରେ ଯୋଗଦେଇଥିବା ଓଏଏସ୍ ଅଧିକାରୀ ମିତାଲି ପାତ୍ରଙ୍କୁ ମୟୂରଭଞ୍ଜର ବାରିପଦା ସିଡିଏମ୍ ଏବଂ ପିଏଚ୍‌ଓ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିବାବେଳେ ଅଜୟ କୁମାର ପ୍ରଧାନଙ୍କୁ ଗୁଣପୁର ଆଇଟିଡିଏର ପିଏ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେରଙ୍କୁ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ରେଜିଷ୍ଟ୍ରାର (ଆଇଜିଆଇଟି)ର ଭାବେ ବଦଳି କରାଯାଇଛି।



ଅନୁଜ କୁମାର ଦାସପଟ୍ଟନାୟକ

# ୨୭ ନୁହେଁ, ୨୬ରେ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି

**ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ଆସନ୍ତା ୨୭ ପରିବର୍ତ୍ତେ ୨୬ ତାରିଖରେ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ସେ ଶୁକ୍ରବାର ଅନୁମୋଦନ ଦେଇଛନ୍ତି। ତେଣୁ ଛୁଟି ତାରିଖକୁ ପରିବର୍ତ୍ତନ କରାଯାଇ ୨୭ ତାରିଖରେ ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ଖୋଲା ରଖିବାକୁ ଘୋଷଣା କରିଛନ୍ତି। ଏହି କ୍ରମରେ ଆସନ୍ତା ୨୬ରେ ସରକାରୀ ଛୁଟି ଘୋଷଣା କରାଯାଇଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ଏହିଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରଖାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ମେ ମାସ ୨୭ ତାରିଖକୁ ସ୍ଥିରୀକୃତ ହୋଇଥିଲା। ହେଲେ ପୁରୀ ମୁକ୍ତି ମଣ୍ଡପ, ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନକାରୀ ଅନୁଷ୍ଠାନଗୁଡ଼ିକ ସହ ଯୋଗାଯୋଗ ପରେ ଏହା ଜଣାଯାଇଛି। ୨୬ ତାରିଖରେ ହିଁ ସାବିତ୍ରୀ ଅମାବାସ୍ୟା ପାଳନ କରାଯିବ।

# ୩ରେ କୋଟିଆ କମିଟିର ପ୍ରଥମ ବୈଠକ

**ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)**

କୋଟିଆକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ସରକାର ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ୧୬ ଜଣିଆ କମିଟି ଘୋଷଣା କରିଛନ୍ତି। ଏହି କମିଟି ହାତରେ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶୁକ୍ରବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ଆସନ୍ତା ୩ ତାରିଖରେ କୋଟିଆ କମିଟିର ପ୍ରଥମ ବୈଠକ ହେବ। କୋଟିଆ ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ଏଥିସହ କୋଟିଆ ପାଇଁ ଦୀର୍ଘ ଓ ସ୍ୱଳ୍ପ ମିଆଦୀ ଯୋଜନା କରାଯିବ। ମାମଲାର ପୁନର୍ବିଚାର ଲାଗି ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। କୋଟିଆବାସୀ ଓଡ଼ିଶା ସହିତ ଥିଲେ ଓ ରହିବେ ବୋଲି ସେ କହିଛନ୍ତି। ଏହାସହ ଖୁବ୍‌ଶୀଘ୍ର କୋଟିଆ ଲାଗି ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ ହେବେ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା କୋଟିଆ ସୀମା ବିବାଦ ଲାଗି ରହିଛି। ଏହାର ସମାଧାନ ଲାଗି ଗତ ଏପ୍ରିଲ ୨୨ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିକୁ ନିର୍ଦ୍ଦେଶ ଦିଆଯାଇଛି, କୋଟିଆ ପଞ୍ଚାୟତକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଲାଗି ଯୋଜନା ପ୍ରସ୍ତୁତ କରାଯିବ। ସମସ୍ତଙ୍କ ନିକଟରେ ଯେପରି ଗୋଟିଏ ଏଜେନ୍ସି ଜରିଆରେ ସବୁ ପ୍ରକାର ସରକାରୀ ସୁବିଧା ପହଞ୍ଚିବ ତାକୁ ନିଶ୍ଚିନ୍ତ କରିବେ।

# ବେଆଇନ ମାଦକଦ୍ରବ୍ୟ ବିରୋଧରେ ୩୧ରୁ ଜୁନ୍ ୨୬ ଯାଏ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)**

- ପାଲା, ଦାସକାଠିଆ, ଘୋଡ଼ାନାଚ, ପଥପ୍ରାନ୍ତ ନାଟକ ଜରିଆରେ ହେବ ସଚେତନତା
- ସ୍କୁଲସ୍ତରରେ ହେବ ପ୍ରବନ୍ଧ ପ୍ରତିଯୋଗିତା, ସଚେତନତା ରଥ ବୁଲିବ
- ପ୍ରତିଦିନ କେଉଁ କାର୍ଯ୍ୟକ୍ରମ ହେବ ତା'ର ତାଲିକା ପ୍ରସ୍ତୁତ ପାଇଁ ବିଭାଗକୁ ନିର୍ଦ୍ଦେଶ

ନୂଆ ସରକାର ରାଜ୍ୟର ଶାସନ ଭାର ହାତକୁ ନେବା ପରେ ବେଆଇନ ମାଦକଦ୍ରବ୍ୟ କାରବାର ଅନେକାଂଶରେ ହ୍ରାସ ପାଇଛି। ଅବକାରୀ ବିଭାଗ, ପୋଲିସ ପ୍ରଶାସନ ଏବଂ ସ୍ପେଶାଲ ସ୍କ୍ୱାଡ୍ ଜରିଆରେ ନିୟମିତ ଚଢ଼ାଉ କରାଯାଇ ଅନେକ ବେଆଇନ ମଦଭାଟିକୁ ବନ୍ଦ କରାଯିବା ସହ ପ୍ରସ୍ତୁତି ସାମଗ୍ରୀ ଓ ଗାଡ଼ି ଜବତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତଥାପି ଏ ଦିଗରେ ଅଧିକ କାର୍ଯ୍ୟକରି ରାଜ୍ୟରୁ ବେଆଇନ ମାଦକଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବେଆଇନ ମାଦକଦ୍ରବ୍ୟ ସେବନ ଓ କାରବାର ରୋକିବା ଦିଗରେ ସଚେତନତା କାର୍ଯ୍ୟକ୍ରମ ନେଇ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଧ୍ୟକ୍ଷତାକରି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବେଆଇନ ମାଦକଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିଦ୍ୟାଳୟ ସ୍ତରରୁ ଆରମ୍ଭକରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେବ। ଏହାସହ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା ରଥ ଜରିଆରେ ସବୁବର୍ଗଙ୍କୁ ସଚେତନ କରାଇବା ନେଇ ଉପସ୍ଥିତ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିଦିନ କ'ଣ କାର୍ଯ୍ୟକ୍ରମ କରାଯିବ ତା'ର ତାଲିକା ପ୍ରସ୍ତୁତ କରିବା ନେଇ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକଦ୍ରବ୍ୟ କାରବାର ଓ ସେବନ ବିରୋଧରେ ନିୟମିତ ସଚେତନ କରିବାକୁ ପରାମର୍ଶ ଦିଆଯାଇଛି।

# ଜୁନ୍ ୨୫ରୁ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

**ଭୁବନେଶ୍ୱର, ୨୩।୫ (ଅନୁରାଧା ମହାରଣା)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଜୁନ୍ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ମେ ୨୮ରୁ ଜୁନ୍ ୨ ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ ଚାଲିବ। ଜୁନ୍ ୨ ଓ ୩ ତାରିଖରେ ଦେୟ ପୈଠ କରିବାକୁ ପଡ଼ିବ। ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଏଗ୍ରିଗେଟ୍‌ରେ ପାସ୍ ମାର୍କ ୨୧୦ ରଖିଥିବେ ଏବଂ ମାତ୍ର କୌଣସି ଗୋଟିଏ ବିଷୟରେ ଫେଲ୍ ହୋଇଥିଲେ, ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ୨୦୨୫ ଶିକ୍ଷାବର୍ଷରେ ଯେଉଁ କମ୍ପାର୍ଟମେଣ୍ଟାଲ ପରୀକ୍ଷାର୍ଥୀ କୌଣସି ବିଷୟରେ ପରୀକ୍ଷା ଦେଇ ଫେଲ୍ ହୋଇଥିଲେ ଏହି ପରୀକ୍ଷା ପାଇଁ ଆବେଦନ କରିପାରିବେ। ସେହିପରି କୌଣସି ପରୀକ୍ଷାର୍ଥୀ ଏକ ବିଷୟର ଉଭୟ ପ୍ରାକ୍ଟିକାଲ କିମ୍ବା ଥିଓରୀରେ ଫେଲ୍ ହୋଇଥିଲେ ତାଙ୍କୁ ଉଭୟ ପରୀକ୍ଷା ଦେବାକୁ ହେବ। ଥିଓରୀରେ ଫେଲ୍ ହୋଇ ପ୍ରାକ୍ଟିକାଲରେ ପାସ୍ ହୋଇଥିଲେ, କେବଳ ଥିଓରୀ ପରୀକ୍ଷା ଦେବାକୁ ହେବ। ସେହିପରି ପ୍ରାକ୍ଟିକାଲରେ ଫେଲ୍ ହୋଇ ଥିଓରୀରେ ପାସ୍ ହୋଇଥିଲେ, କେବଳ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ହେବ। ତେବେ ପରୀକ୍ଷାରେ କପି କରି ଧରାପଡ଼ିଥିଲେ କିମ୍ବା ପରୀକ୍ଷା ଫଳ ସ୍ଥଗିତ ରହିଥିଲେ ଉକ୍ତ ପରୀକ୍ଷାର୍ଥୀ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ ନାହିଁ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ସହକାରୀ ଆବଶ୍ୟକ**
ମହିଳା ବୟସ 35-50ବର୍ଷ, ଯୋଗ୍ୟତା-ଏକାଦଶ ବା +2, ପ୍ରଥମଶ୍ରେଣୀ ଓଡିଶା ଉତ୍ତମ ଦୃଷ୍ଟି ଶକ୍ତି ସଂପର୍ଣ୍ଣ ସନ୍ତାନ ସନ୍ତତି 12 ବର୍ଷରୁ ଉର୍ଦ୍ଧ୍ୱ ସର୍ବାଧିକ ତିନି ଜାତି-ସାଧାରଣ ବର୍ଗ ସେବା କାମ୍ୟ ବ୍ୟକ୍ତି 89ବର୍ଷ ରହିବା ଘର ବ୍ୟବସ୍ଥା ଅଛି । ଆଧାର କାର୍ଡ, ସ୍ୱାସ୍ଥ୍ୟ ଓ ଜାତି ପରିଚୟ ପତ୍ର ଆବଶ୍ୟକ । ପାରିଶ୍ରମିକ ସାକ୍ଷାତରେ ଯାହା ନିଶ୍ଚିତ ହେବ । ପ୍ରତ୍ୟକ୍ଷରେ ଯୋଗାଯୋଗ କରନ୍ତୁ-9438572007, କର୍ତ୍ତା- ଲିଙ୍ଗରାଜ ପାଳ, (କଲୋନୀ), ଭଞ୍ଜନଗର

**REQUIREMENT**
Educated & Well behaved Candidate required for a Construction Site with good communication skill. Both Field & Office Work Bhubaneswar.
**Mob. - 7381207777**

**ଅମ୍ବିକା ସର୍ଭିସେସ୍ (ଭୁଜ୍)**
ଗୁଜରାଟ ବିପୁଳ ସଂଖ୍ୟକ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେଉଛି। ଦରମା 24000+3200, ପିଏଫ୍ + ରହିବା ସୁବିଧା, 12 ଘଣ୍ଟା ଡ୍ୟୁଟି।
**ଯୋଗାଯୋଗ : 9624019510, 9727054779, 7486050035, 9429927537, ନିଯୁକ୍ତି ମାଗଣା।**

**SHRE HEALTH CARE HOSPITAL**
Athagarh, Cuttack
**URGENTLY REQUIRED**
**G.N.M. Nurse**
with good Salary & Boarding Lodging Free. Kindly Contact & Submitted Bio-Data immediately.
Contact
**7381588664 / 9437654025**

**WANTED**
Honest, Responsible **Peon-cum-Caretaker** for guest house, Salary as per experience, Free room, utilities. Must speak Hindi, English, Odia. Immediate joining in Bhubaneswar.
**Send Biodata to 9438128790**

See Career Appointment on every Wednesday & Saturday

**RECRUITMENT**
**ZENITH ENGINEERING & MANAGEMENT STUDIES**
Approved by AICTE, New Delhi, Affiliated to BPUT, Odisha
1. **Principal :** (Ph.D with 5-10 Year's Experience)
2. **Professor / Asso. Prof. / Asst. Prof :** PhD / M.Tech in Civil, EE, Mech., CSE, Mining with (0-5 years experience)
3. **Lab Assistant :** Civil, EE, Mech, CSE, Mining (B.Tech with 0-3 years experience)
4. **Administrative Officer :** Graduate & above with 3 years minimum experience in Educational field.
5. **Placement Officers / Librarian & Accountant :** Minimum 0-3 years experience in respective field.

Eligible candidates are requested to send their updated resume through the E-mail ID : zemsbbsr@gmail.com within 7days from the date of publication of the advertisement. You can also send through whatsapp
NH-16, Pitapalli, Khordha, 752057
Contact / WhatsApp : 8908018083

# ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ, ନୀତି ଆୟୋଗ ବୈଠକରେ ଯୋଗଦେବେ

## ୨୫ରେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ

**ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଶନିବାର ଆୟୋଜିତ ନୀତି ଆୟୋଗରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଅଧିକାଂଶ ରାଜ୍ୟର ଅର୍ଥମନ୍ତ୍ରୀ ଏହି ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟର ଅର୍ଥ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବାରୁ ସେ ଏହି ବୈଠକରେ ଯୋଗଦେବେ। ଅନ୍ୟପଟେ ଆସନ୍ତା ୨୫ରେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ନୂଆଦିଲ୍ଲୀଠାରେ ହେବା କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଉକ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ମୁଖ୍ୟତଃ ନୂଆଦିଲ୍ଲୀ ଗସ୍ତ କରିଥିବା ତାଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେ ୨୬ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

# କୌଣସି କାର୍ଯ୍ୟରେ ଅବହେଳା ହେଲେ ଆରଟିଓ ଦାୟୀ

## ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ଜୋନ୍‌ସ୍ତରୀୟ ସମୀକ୍ଷା କଲେ ପରିବହନ କମିଶନର

**ଛତ୍ରପୁର,୨୩।୫ (ଦିଲୀପ ସାମଲ)**

ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ଜୋନ୍‌ସ୍ତରୀୟ ଆରଟିଓମାନଙ୍କ କାର୍ଯ୍ୟ ଦକ୍ଷତା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ରଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଯୋଗଦେଇ ରାଜସ୍ୱ ଆଦାୟ, ଏନଫୋର୍ସମେଣ୍ଟ, ଆଧୁନିକୀକରଣ ଓ ସଡକ ସୁରକ୍ଷା ଉପରେ ସମୀକ୍ଷା କରିଥିଲେ। ଆରଟିଓମାନେ ନିଜ କାର୍ଯ୍ୟ ଶୈଳୀ ଉପରେ ଅଧିକ ଫୋକସ ଦେବାକୁ ପରାମର୍ଶ ଦେଇଥିଲେ। ଟ୍ରାଫିକ ଇନ୍ସପେକ୍ଟର, ଟ୍ରାଫିକ ସବ ଇନ୍ସପେକ୍ଟର ଏବଂ ଆରଟିଓ, ଏଆରଟିଓ ଓ ଏମଭିଆଇମାନେ ନିଜ ମଧ୍ୟରେ ସମନ୍ୱୟ ରଖି ବିଭିନ୍ନ କାର୍ଯ୍ୟ କରିବା ଆବଶ୍ୟକ। ଗାଡି ପଞ୍ଜୀକରଣ, ଏରିଅର ଟାକ୍ସ, ପେନାଲଟି, ଚାଲାଣ ଇସ୍ୟୁ ଓ ଏନ୍‌ଫୋର୍ସମେଣ୍ଟକୁ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ କୁହାଯାଇଛି। ବିଭାଗର କୌଣସି ବି କାର୍ଯ୍ୟରେ ଅବହେଳା ହେଲେ ଆରଟିଓମାନେ ଦାୟୀ ରହିବେ ବୋଲି ମଧ୍ୟ କମିଶନର କଡା ନିର୍ଦ୍ଦେଶ ଦେଇଛନ୍ତି।

ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ଜୋନ୍‌ର ଗଞ୍ଜାମ, କନ୍ଧମାଳ, ଗଜପତି, ବୌଦ୍ଧ, ଭଞ୍ଜନଗର, କଳାହାଣ୍ଡି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା ଓ ମାଲକାନଗିରି ଆର୍‌ଟିଓ ବୈଠକରେ ଉପସ୍ଥିତ ରହିଥିବା ବେଳେ ପରିବହନ କମିଶନର ସମସ୍ତ ଜିଲ୍ଲାର ସମୀକ୍ଷା କରିଥିଲେ। ଏହି ୧୧ଟି ଜିଲ୍ଲାରେ ମୋଟ ୯୮୮୭୬ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ କେସ୍ ରହିଥିବା ବେଳେ ୯୧,୩୭୦ଟି ଫିକ୍ସଡ ହୋଇଛି। ୭୧୪୬ ପ୍ଲେଟ ପଡିରହିଛି। ଅଧିକାରୀମାନେ ନିଜ ଚାକିରି ସୁରକ୍ଷା ନିମନ୍ତେ ଧର୍ମକୁ ଆଖି ଠାର ଭଳି ଏନଫୋର୍ସମେଣ୍ଟ ନ କରିବାକୁ କୁହାଯାଇଛି। ବର୍ଷ ବର୍ଷ ଧରି ଫିଟନେସ ନ ଥାଇ ଚାଲୁଥିବା ଗାଡିଗୁଡିକୁ ଧରି ସିଜ୍ କରିବା, ହେଲମେଟ ଚେକିଂ, ମଦ୍ୟପାନ କରି ଗାଡି ଚଳାଇବା, ଓଭର ଲୋଡିଂ ଆଦି ସମସ୍ତ ଦିଗ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ ବିଭାଗର ଆଡିଶନାଲ କମିଶନର (ପ୍ରଶାସକ) ଇନ୍ଦ୍ରମଣି ନାୟକ, ଆଡିଶନାଲ କମିଶନର (ସଡକ ସୁରକ୍ଷା) ଦୀପ୍ତି ରଞ୍ଜନ ପାତ୍ର, ଆଡିଶନାଲ କମିଶନର (ଏନଫୋର୍ସମେଣ୍ଟ) ଲାଲମୋହନ ସେଠୀ, ଜେସିଟି ସମରେନ୍ଦ୍ର ପଟ୍ଟନାୟକଙ୍କ ସମେତ ୨ଜଣ ଡେପୁଟି କମିଶନ ଏବଂ ସମସ୍ତ ଆରଟିଓ, ଏମଭିଆଇ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଜଟଣୀରେ ବଢୁଛି ନିଶା କାରବାର

**ଜଟଣୀ,୨୩ା୫(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ଥାନା ଏବଂ ବ୍ଲକ ଅଞ୍ଚଳରେ ନିଶା କାରବାର ଦିନକୁ ଦିନ ବଢ଼ିଚାଲିଛି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍, ଅବକାରୀ, ଫ୍ଲାଇଂ ସ୍କ୍ୱାଡ୍ ଏବଂ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଥିଲେ ମଧ୍ୟ ଏହି କାରବାର ଥମୁନାହିଁ। ସ୍ୱଳ୍ପ ସମୟରେ ଅଧିକ ରୋଜଗାର ଆଶାରେ ଏକାଧିକ ଯୁବକ ଏହାକୁ ପେସାଭାବେ ଗ୍ରହଣ କରିନେଇଛନ୍ତି। ନିଶା ସେବନକାରୀଙ୍କ ସଂଖ୍ୟା ବଢ଼ିବା ସହ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢୁଛି। ସେହିପରି ନିଶା କାରବାରରେ ମହିଳାଙ୍କ ସମ୍ପୃକ୍ତି ବଢ଼ିବାରେ ଲାଗିଛି, ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଛଣଘର, କୁଶୁମାଟି, ଆଡତୋଟା ବେଲପଡ଼ା, ତରାବୋଇ, ଅରଗୁଳ, ବେଣାପଞ୍ଜରୀ, ତିରିମଲ୍ଲ, କନ୍ତିଆ, ଝାଁଳା, ଜାମୁକୋଳି, ପଧାନସାହି, ଛତାବର, ବାଲିଛକମୁଣ୍ଡିଆ ସାହି, ରାଜାବାଜର, ରେଗେଡବସ୍ତି, ରାମଚନ୍ଦ୍ରପୁର ବଜାର ଆଦି ଅଞ୍ଚଳରେ ବେଆଇନ ଭାବେ ବ୍ରାଉନ୍‌ସୁଗାର ଏବଂ ଗଞ୍ଜେଇ କାରବାର ଚାଲିଛି ବୋଲି ଅଭିଯୋଗ ହେଉଛି। ବିଶେଷକରି ହାଟବଜାର ନିଶାବେପାରୀଙ୍କ ପେଣ୍ଠସ୍ଥଳ ପାଲଟିଛି। ନିଶା ସେବନକରି ଦ୍ରୁତବେଗରେ ଗାଡ଼ି ଚଳାଚଳ କରୁଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ତେବେ ନିଶା କାରବାରର ମାଷ୍ଟରମାଇଣ୍ଡ ନିକଟରେ ପୋଲିସ ନ ପହଞ୍ଚିବା ପର୍ଯ୍ୟନ୍ତ ସହରକୁ ନିଶାମୁକ୍ତ କରାଯାଇପାରିବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### କୁଡୋ ପ୍ରତିଯୋଗିତାରେ ପ୍ରିସ୍କିଲାଙ୍କୁ ବ୍ରୋଞ୍ଜ

**ବେଗୁନିଆ,୨୩ା୫(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ରବି ନାରାୟଣ ନାଗ ଓ କବିତା ନାୟକଙ୍କ ଝିଅ ପ୍ରିସ୍କିଲା ଜାତୀୟସ୍ତରର ତୃତୀୟ ବାର୍ଷିକ କୁଡୋ ପ୍ରତିଯୋଗିତାରେ ବ୍ରୋଞ୍ଜ୍ ପଦକ




ହାସଲ କରିଛନ୍ତି। ୧୬ ବର୍ଷରୁ କମ୍ ବର୍ଗର ଯୁବତୀ ଯୁବକଙ୍କୁ ନେଇ ୬ ଦିନ ଧରି ମହାରାଷ୍ଟ୍ର ପୁନେର ଫୁଲଗାଁଠାରେ ଏହିପ୍ରତିଯୋଗିତା ହୋଇଥିଲା। ପୂର୍ବରୁ କୋଚ୍ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରିସ୍କିଲା ରାଜ୍ୟ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ସେ ଭୁବନେଶ୍ୱରସ୍ଥିତ କେଦାରଗୌରୀ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ନବମ ଶ୍ରେଣୀରେ ଅଧ୍ୟୟନରତ ଥିବା ବେଳେ ସୁନ୍ଦରପଦାସ୍ଥିତ ବାପୁଜୀ କ୍ଲବ ପରିସରରେ କୁଡୋ ଖେଳର ପ୍ରଶିକ୍ଷଣ ନେଉଛନ୍ତି। ସେ ବ୍ରୋଞ୍ଜ ପଦକ ଜିତି ରାଜ୍ୟ ତଥା ବେଗୁନିଆ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ବହୁ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମା' ବାଇଧର ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାଲୁଗାଁ,୨୩ା୫(ସଂଗ୍ରାମ ପାଇକରାୟ):** ଚିଲିକା ବ୍ଲକ ସିଙ୍ଗେଶ୍ୱର ପଞ୍ଚାୟତ ଅଧୀନ ଆମ୍ବପଡ଼ା ଗ୍ରାମରେ ମା' ବାଇଧର ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗତ ମଙ୍ଗଳବାର ରତ୍ନମୁଦ, ଅଙ୍କୁରାରୋପଣ ସହ ବୁଧବାର କଳସ ଯାତ୍ରା, ପଞ୍ଚକର୍ମ, ସୂର୍ଯ୍ୟପୂଜା, ଦେବତା ଆବାହନ, ଅଗ୍ନି ସଂସ୍କାର ଆଳତି ଏବଂ ଗୁରୁବାର ଗୋପୂଜା, ସାଲା ପ୍ରବେଶ, ମଣ୍ଡଳ ପୂଜା, ମହତୀ ସ୍ନାନ, ରାତ୍ର କାଳରେ ଦେବତାଙ୍କ ନ୍ୟାସ କରାଯାଇଥିଲା। ଶୁକ୍ରବାର ସୂର୍ଯ୍ୟପୂଜା, ଗୋପୂଜା, ପଞ୍ଚ କର୍ମ, ଆହୁତି, ଦେବତା ସ୍ନାନ ଏବଂ ମା'ଙ୍କୁ ଯଜ୍ଞ ମଣ୍ଡପରୁ ନିଜ ମନ୍ଦିରରେ ଥିବା ଆସ୍ଥାନକୁ ଘଣ୍ଟ ଘଣ୍ଟା ହରିବୋଲ ହୁଳହୁଳି ଦେଇ ଆଡ଼ମ୍ବରରେ ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ଥାପନ କରାଯାଇ ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ପୁରୀ ମୁକ୍ତିମଣ୍ଡପ ପୂଜାରୀ ବିଚିତ୍ରାନନ୍ଦ ମିଶ୍ର, ଦୀପ୍ତିରଞ୍ଜନ ଦୀକ୍ଷିତ, ଲିଙ୍ଗରାଜ ପଣ୍ଡା, ମନୋରଞ୍ଜନ ଷଡ଼ଙ୍ଗୀ, ବିଶ୍ୱଜିତ ଦାଶ, ସତ୍ୟବାନ୍ ମୁଦ୍ରା, ସୌମ୍ୟରଞ୍ଜନ ମିଶ୍ର, ନୀହାର ରଞ୍ଜନ ମିଶ୍ର ପ୍ରମୁଖଙ୍କ ଦ୍ୱାରା ସମସ୍ତ ପୂଜାକାର୍ଯ୍ୟ କରାଯାଇଥିଲା। ସଭାପତି ଅଜୟ ସୁନ୍ଦରା ଓ ପ୍ରମୋଦ ବେହେରା ତଥା କର୍ତ୍ତା ବାଲାଜୀ ଲକ୍ଷ୍ମୀ ନାରାୟଣ ପ୍ରଧାନ ଓ କୁବେର ପ୍ରଧାନ ଉପସ୍ଥିତ ଥିଲେ। ଆମ୍ବପଡ଼ା ଓ କିମ୍ବୀରପଡ଼ା ତଥା ଆଖପାଖ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ




ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଭୂତି ବଳବନ୍ତରାୟ, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ଏବଂ ଅନ୍ୟମାନେ।

**ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ**

**ଖୋର୍ଦ୍ଧା,୨୩ା୫(ପ୍ରଭାତ ପାଣିଗ୍ରାହୀ)**

ଆସନ୍ତା ଜୁନ୍ ୨୭ରେ ପବିତ୍ର ଘୋଷଯାତ୍ରା। ଖୋର୍ଦ୍ଧା ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ) ଦେବଙ୍କ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରା ଏବଂ ବାହୁଡ଼ାଯାତ୍ରା ଶୃଙ୍ଖଳିତ, ଟ୍ରାଫିକ୍ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ନୀତିନିର୍ଘଣ୍ଟ ସ୍ଥିର ଲାଗି ମଧ୍ୟ ଗୁରୁତ୍ୱ ଦିଆଯାଇଛି। ରଥଯାତ୍ରା ପୂର୍ବରୁ ମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ଥଣ୍ଡା ପାନୀୟଜଳ ବ୍ୟବସ୍ଥା, ରଥ ନିର୍ମାଣ ନିମନ୍ତେ ରଥକାଠ ଯୋଗାଇବା, ମନ୍ଦିର ରଙ୍ଗଦେବା, ବିଦ୍ୟୁତ୍, ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ଉପରେ ପାଣି ସିଞ୍ଚନ, ଆମ୍ବୁଲାନ୍ସ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର, ସେବାରେ ସ୍ୱେଚ୍ଛାସେବୀଙ୍କୁ ନିୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର, ସୁନାବେଶରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ କରାଯିବ। ଏଥିସହିତ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତି, ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯିବ। ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ, ରଥ ଏବଂ କାଠ ରଖିବା ପାଇଁ ଗୃହ ନିର୍ମାଣ ଲାଗି କେତେଜଣ ସଦସ୍ୟ ଦାବି କରିଥିଲେ। ରଥଯାତ୍ରା ସମୟରେ ପାନୀୟଜଳ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ କେତେଜଣ ସଦସ୍ୟ ଗୁରୁତ୍ୱ ଦେଇଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ପୌର ନିର୍ବାହୀ ଅଧିକାରୀ ରିଜ୍ୱାନା କଅକବ, ନାଲିପଡ଼ା ଅର୍ଜୁନପୁର ସରପଞ୍ଚ ସୂର୍ଯ୍ୟପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ବୀରେନ ଛୋଟରାୟଙ୍କ ସମେତ ଅନ୍ୟ ସଦସ୍ୟ, ଜାଗୁଳିପାଟଣା ଗ୍ରାମ୍ୟ କମିଟି ସଭାପତି ଗଣେଶ୍ୱର ପ୍ରଧାନ, ସମ୍ପାଦକ ବୈକୁଣ୍ଠ ନାଥ ମହାପାତ୍ର, କାର୍ତ୍ତିକେଶ୍ୱର ପ୍ରଧାନ, ମୀନକେତନ ମହାନ୍ତି, ବଂଶୀଧର ପାଲ୍‌ଟାସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଟିକେଟ୍ ନ ଥିବା ୮୦ ଯାତ୍ରୀଙ୍କଠାରୁ ୩୫ ହଜାର ଜରିମାନା ଆଦାୟ




**ନିରାକାରପୁର,୨୩ା୫(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ-୨ ଜି.ସି. ନାୟକଙ୍କ ନେତୃତ୍ୱରେ ଶୁକ୍ରବାର ନିରାକାରପୁର ରେଳଷ୍ଟେଶନରେ ଟିକେଟ୍ ଯାଞ୍ଚ କରାଯାଇଛି। ଯାଞ୍ଚ ବେଳେ ଟିକେଟ ନ ଥିବା ୮୦ ଯାତ୍ରୀଙ୍କଠାରୁ ମୋଟ୍ ୩୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ସିଏମ୍‌ଆଇ ପି.ସି. କ୍ୟାମେଲ, ତପନ ଦେବତାଙ୍କ ସମେତ ଗୋବିନ୍ଦ ପାଟ୍ଟଶାଣୀ, ଅଶୋକ ମାର୍ଥୀ, ପି.କେ. ମହାପାତ୍ର ପ୍ରମୁଖ ଯାଞ୍ଚ କରିଥିଲେ। ଏହି ଯାଞ୍ଚ କାର୍ଯ୍ୟରେ ୧୩ ଜଣ ବିଭାଗୀୟ କର୍ମକର୍ତ୍ତା ଏବଂ ୫ଜଣ ରେଳ ସୁରକ୍ଷା ବଳ କର୍ମଚାରୀ ସହଯୋଗ କରିଥିଲେ। ପ୍ରକାଶ ଯେ, ଉକ୍ତ ଷ୍ଟେଶନରେ ବିଭାଗ ପକ୍ଷରୁ ଟିକେଟ ଯାଞ୍ଚ ଚାଲୁଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ଯୁବକଙ୍କ ପାଇଁ ଯାଞ୍ଚ କାର୍ଯ୍ୟରେ ବାଧକ ସୃଷ୍ଟି ହୋଇଥିଲା। ଷ୍ଟେଶନରେ ରେଳ ସୁରକ୍ଷା ବଳ ଓ ଜିଆର୍‌ପି ଅଫିସ କାର୍ଯ୍ୟାଳୟ ଥିବା ସତ୍ତ୍ୱେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଯାଞ୍ଚବେଳେ ଉପସ୍ଥିତ ନ ରହିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା ବେଳେ ଯାଞ୍ଚ ଦାୟିତ୍ୱରେ ଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି। ଅସାମାଜିକ ଯୁବକଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।




ଟାଙ୍ଗୀ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ଗଣଧାରଣା ଦିଆଯାଇଛି।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଗଣଧାରଣା

**ପଦୋନ୍ନତି କ୍ଷେତ୍ରରେ ଓଟିଇଟି ପ୍ରମାଣପତ୍ର ବାଧ୍ୟତାମୂଳକ କରାଯିବାକୁ ବିରୋଧ**

**ଟାଙ୍ଗୀ,୨୩ା୫(ରଘୁନାଥ ସାହୁ)**

ପଦୋନ୍ନତି କ୍ଷେତ୍ରରେ ଓଟିଇଟି ପ୍ରମାଣପତ୍ର ବାଧ୍ୟତାମୂଳକ କରାଯିବା ବିରୋଧରେ ଟାଙ୍ଗୀ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ(ପିଷ୍ଟା) ପକ୍ଷରୁ ଶୁକ୍ରବାର ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଶିକ୍ଷକ ସଂଘ ପକ୍ଷରୁ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ଜାରି ଚିଠି ମୁତାବକ, ଯେଉଁମାନେ ଓଟିଇଟି ପାସ୍ କରିନାହାନ୍ତି ସେମାନଙ୍କୁ ପଦୋନ୍ନତି ମିଳିବନାହିଁ। ଏନେଇ ରାଜ୍ୟର ପ୍ରାୟ ୬୦ ହଜାର ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୯ କ୍ୟାଡର ରୁଲ୍ ଚିଠି ନମ୍ବର ୫୭୫୪, ତାରିଖ ୮ା୩ା୧୯ ଅନୁସାରେ ଶିକ୍ଷକଙ୍କ ପଦୋନ୍ନତି ନିମନ୍ତେ ଓଟିଇଟି ଦେବା ପାଇଁ କୌଣସି ନିୟମ ନ ଥିଲା। ଏହାପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନମ୍ବର ୧୦୬୮୬, ତାରିଖ ୬ା୫ା୨୩ରେ ଶିକ୍ଷକଙ୍କ ପଦୋନ୍ନତି ପାଇଁ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଏକ ଚିଠି କରାଯାଇଥିଲା। ସେଥିରେ ଲେଖା ଥିଲା ୧୧ା୨ା୧୧ ବିଜ୍ଞପ୍ତି ଅନୁସାରେ ଯେଉଁମାନେ ଶିକ୍ଷକ ନିଯୁକ୍ତି ପାଇଥିବେ ସେମାନଙ୍କ ପାଇଁ ଓଟିଇଟି ବାଧ୍ୟତାମୂଳକ କରାଗଲା। ସେହି ଅନୁସାରେ ୧୧ା୨ା୧୧ ପରେ ଯେଉଁମାନେ ନିଯୁକ୍ତି ପାଇଛନ୍ତି ଓ ଏବେ ପାଇବେ, ଓଟିଇଟି ପାସ୍ ପରେ ସେମାନଙ୍କୁ ନିଯୁକ୍ତି ମିଳିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଚିଠି କ୍ରମାଙ୍କ ୧୨୬୩୭, ତାରିଖ ୩ା୫ା୨୫ ଅନୁସାରେ ଯେଉଁମାନେ ୧୧ା୨ା୨୦୧୧ ପୂର୍ବରୁ ନିଯୁକ୍ତି ପାଇଛନ୍ତି କିନ୍ତୁ ଓଟିଇଟି ପାସ୍ କରିନାହାନ୍ତି ସେମାନେ ପଦୋନ୍ନତି ପାଇପାରିବେ ନାହିଁ। ତେଣୁ ସରକାର ତୁରନ୍ତ ଉକ୍ତ ଚିଠିକୁ ପ୍ରତ୍ୟାହାର କରିନେବାକୁ ସଂଘ ଦାବି କରିଛି। ଏହି ଗଣଧାରଣାରେ ସଙ୍ଘ ସଭାପତି ଅମ୍ଲାନ୍ ପ୍ରହରାଜ, ଉପସଭାପତି ଅମର କୁମାର ଜୟସିଂ, ସମ୍ପାଦକ ଦେବାନନ୍ଦ ବେହେରା, ରାଜ୍ୟ ସଂଘ କୋଷାଧ୍ୟକ୍ଷ ଗୋପାଳ କିଶୋର ସେଣ, ପ୍ରଦୀପ କୁମାର ପରିଡ଼ା, ବିଭୂତି ଭୂଷଣ ଜୁଝାରସିଂ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରସନ୍ନ କୁମାର ପଣ୍ଡିତ, ଭାଗ୍ୟଲକ୍ଷ୍ମୀ ଦାଶ, କବିଲତା ଦାଶ, ରେଣୁବାଳା ବେହେରା, ମମତା ବେହେରା, ସଞ୍ଜୁକ୍ତା ପଟ୍ଟନାୟକ, ମିନତି ହରିଚନ୍ଦନ, ବିଜୟ ସେଠୀ, ନୀଳାଦ୍ରି ସିଂ, ପ୍ରଜ୍ଞା ପ୍ରଣିତା ମଙ୍ଗରାଜ, ବଳରାମ ବେହେରା, ଧରଣୀଧର ମହତରାୟ, ସିଦ୍ଧାର୍ଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ମେଧାବୃତ୍ତି ପାଇଁ ନୃତ୍ୟଶିଳ୍ପୀ ବିଭୁପ୍ରସାଦ ମନୋନୀତ

**ଖୋର୍ଦ୍ଧା,୨୩ା୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ଅର୍ଜୁନପୁର ଗ୍ରାମର ନୃତ୍ୟଶିଳ୍ପୀ ବିଭୁ ପ୍ରସାଦ ବେହେରା ଜାତୀୟ ମେଧାବୃତ୍ତି ଲାଗି ମନୋନୀତ ହୋଇଛନ୍ତି। ସେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ୨୦୨୨-୨୩ ବର୍ଷ 'ଓଡ଼ିଶୀ ନୃତ୍ୟ' ପାଇଁ ମେଧା ଛାତ୍ରବୃତ୍ତି ପାଇଛନ୍ତି। ଛାତ୍ରଜୀବନରୁ ବିଭୁପ୍ରସାଦଙ୍କ ନୃତ୍ୟଶିକ୍ଷା ପ୍ରତି ଆଗ୍ରହ ରହିଥିଲା। ଗୁରୁ ନିରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନ ଏବଂ ଗୁରୁ ଡ. ମନୋଜ କୁମାର ବେହେରାଙ୍କ ମାର୍ଗଦର୍ଶନରେ ସେ ନୃତ୍ୟଶିକ୍ଷା ଆରମ୍ଭ କରିଥିଲେ।



ତୁଳସୀ ଦୁଇପତ୍ରରୁ ବାସିବା ଭଳି ନୃତ୍ୟକ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିଚାଲିଥିଲେ। ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଦଶମ ପାସ୍ ପରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନୃତ୍ୟଶିକ୍ଷା ଅଧ୍ୟୟନ ସମୟରେ ଗୁରୁ ଲିଙ୍ଗରାଜ ପ୍ରଧାନ ଓ ପଙ୍କଜ ପ୍ରଧାନଙ୍କଠାରୁ ନୃତ୍ୟ ଶିକ୍ଷା ଲାଭ କରିଥିଲେ। ୨୦୧୭ରେ ଗୋଟିପୁଅ ନୃତ୍ୟ କନିଷ୍ଠ ବିଭାଗରେ ଛାତ୍ରବୃତ୍ତି ପାଇଥିଲେ। ଏବେ ସେ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓଡ଼ିଶୀ ନୃତ୍ୟ ବିଭାଗରେ ଦ୍ୱିତୀୟ ବର୍ଷ ସ୍ନାତକୋତ୍ତର ଛାତ୍ର। ଏହି ସଫଳତା ପଛରେ ସମସ୍ତ ନୃତ୍ୟଗୁରୁ ଏବଂ ମାତାପିତାଙ୍କ ପ୍ରେରଣା, ଆଶୀର୍ବାଦ ରହିଛି ବୋଲି ବିଭୁ କହିଛନ୍ତି।

## କ୍ୱାକେରିକୁ ନେଇ ଆଇଏଡିଭିଏଲ୍‌ର ଉଦ୍‌ବେଗ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଖୋର୍ଦ୍ଧା,୨୩ା୫(ପ୍ରଭାତ ପାଣିଗ୍ରାହୀ)**

**ସତର୍କ ରହିବାକୁ ଜନତାଙ୍କୁ ନିବେଦନ**

ଚର୍ମ ବିଜ୍ଞାନ ଓ କସମେଟୋଲୋଜିରେ ବଢୁଥିବା କ୍ୱାକେରିକୁ ନେଇ ଭାରତୀୟ ଚର୍ମ, ଯୌନ, କୁଷ୍ଠ ସଂଘ ବା ଡର୍ମାଲୋଜିଷ୍ଟ, ଭେନେରିଓଲୋଜିଷ୍ଟ ଏବଂ ଲେପ୍ରୋଲୋଜିଷ୍ଟ (ଆଇଏଡିଭିଏଲ୍) ଓଡ଼ିଶା ଶାଖା ଉଦ୍‌ବେଗ ପ୍ରକାଶ କରିଛି। ଏ ନେଇ ଗତ ୨୧ତାରିଖରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଏଡିଭିଏଲ୍ ପକ୍ଷରୁ କୁହାଯାଇଛି ଯେ, କାନପୁରର ଜଣେ ଦନ୍ତ ଡାକ୍ତର ନିଜକୁ ମିଛରେ ଚର୍ମରୋଗ ବିଶେଷଜ୍ଞ ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କ କେଶ ପ୍ରତିରୋପଣ କରିଥିଲେ। ତେବେ ପ୍ରତିରୋପଣ ପ୍ରକ୍ରିୟା ସରିବାର କିଛି ଘଣ୍ଟା ପରେ ବ୍ୟକ୍ତି ଜଣଙ୍କର ମୃତ୍ୟୁ ଘଟିଥିଲା। ଅଣତାଲିମପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏଭଳି ଲେଜର ଚିକିତ୍ସା, ରାସାୟନିକ ପିଲସ, କସମେଟିକ୍ସ ପ୍ରକ୍ରିୟା ବୃଦ୍ଧି ପାଉଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଅଣତାଲିମପ୍ରାପ୍ତ ବା ଶିକ୍ଷାଗତ ଯୋଗ୍ୟତା ନ ଥିବା ବ୍ୟକ୍ତିଙ୍କ ଦ୍ୱାର ଯେଉଁ ଚିକିତ୍ସା କରାଯାଏ ତାହାକୁ କ୍ୱାକେରି କୁହାଯାଇଥାଏ। ସେହିପରି ବିଭିନ୍ନ ସ୍ପା ଓ ବ୍ୟୁଟିସିଆନଙ୍କ ଦ୍ୱାରା କ୍ୱାକେରି ବଢୁଥିବାରୁ ରୋଗୀମାନଙ୍କ ମଧ୍ୟରେ ସଂକ୍ରମଣ, ପାର୍ଶ୍ୱ ପ୍ରତିକ୍ରିୟା ସହ ରୋଗୀଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ଜାତୀୟ ମେଡିକାଲ କମିଶନ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁସାରେ କେବଳ ଯୋଗ୍ୟ ଚର୍ମରୋଗ, ଯୌନ ଓ କୁଷ୍ଠ ରୋଗରେ ସ୍ନାତକୋତ୍ତର ତାଲିମପ୍ରାପ୍ତ ଓ ସରକାରୀ ପଞ୍ଜୀକୃତ ଡାକ୍ତରମାନେ ସୌନ୍ଦର୍ଯ୍ୟ ପାଇଁ କସମେଟିକ ଚିକିତ୍ସା କରିପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। କିଛି କ୍ୱାକେରି ଯେଉଁମାନେ ତାଲିମପ୍ରାପ୍ତ ନୁହନ୍ତି ଅନ୍ୟ ବିଭାଗର ଡାକ୍ତରଙ୍କ ଦ୍ୱାରା ନିଜକୁ ଚର୍ମରୋଗ ବିଶେଷଜ୍ଞ ପରିଚୟ ଦେଇ କସମେଟିକ କ୍ଲିନିକ ଓ ମେଡିସ୍ପା ଚଳାଉଛନ୍ତି ଯାହାଦ୍ୱାରା ସାଧାରଣ ଜନତାଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ତେଣୁ ଚର୍ମ ରୋଗ ତଥା କସମେଟିକ ଚିକିତ୍ସା କରୁଥିବା ଅନୁଷ୍ଠାନ ଏହାକୁ ଦୃଷ୍ଟିରେ ରଖିବା ନିହାତି ଆବଶ୍ୟକ। ଏଥିସହିତ ସରକାର ବିଧିବଦ୍ଧ ଭାବେ ଏହାକୁ ତଦନ୍ତ ପରିସରଭୁକ୍ତ କ୍ୱାକେରିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ଏହି ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଡା.ବିନୋଦିନୀ ବେହେରା, ସମ୍ପାଦକ ଡା.କୁମାର ଅଭିଷ ନନ୍ଦ, ସଂଘ ଆଇନ ପରାମର୍ଶଦାତା ତଥା ଆଇନଜୀବୀ ରାଖୀ ମିଶ୍ର, ଉପସଭାପତି ଡା. ହର ପ୍ରସନ୍ନ ତ୍ରିପାଠୀ, କୋଷାଧ୍ୟକ୍ଷ ଡା.ରବି ନାରାୟଣ ନନ୍ଦଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ, ପଲିଥିନ୍‌ରେ ପୋତିହୋଇଗଲାଣି ଡ୍ରେନ୍

**ଖୋର୍ଦ୍ଧା,୨୩ା୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରରେ ଏକାଧିକ ଡ୍ରେନ୍ ମୁକୁଳା ରହିଛି। ଏଥିପାଇଁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସହରର ମୁଖ୍ୟ ରାସ୍ତାକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ଗଳିରେ ରହିଥିବା ଡ୍ରେନ୍ ମୁକୁଳା ରହିଛି। ସେହିପରି କେତେକ ଡ୍ରେନ୍ କେଉଁଠାରୁ ଆରମ୍ଭ ଆଉ କେଉଁଠି ଶେଷ, ଏ ସମ୍ପର୍କରେ ପୌର ପ୍ରଶାସନ କିମ୍ବା ଡ୍ରେନେଜ ବିଭାଗ ପାଖରେ ସୂଚନା ନ ଥିବା ଜଣାପଡ଼ିଛି। ଡ୍ରେନ୍ ସଫେଇ ନ ହେବାରୁ ପ୍ଲାଷ୍ଟିକ, ପଲିଥିନରେ ପୋତି ହୋଇଗଲାଣି। ଖ୍ରୀଷ୍ଟିଆନସାହି, ଚର୍ଚ୍ଚ, ମସଜିଦ୍ ଏବଂ ପୂର୍ତ୍ତ ବଙ୍ଗଳା ସମ୍ମୁଖ ଡ୍ରେନ୍ ମୁକୁଳା ପଡିଛି। ଏଥିସହିତ ବରୁଣେଇ ସାହି, ଉପରସାହି, ତଳସାହି, ବାସେଳି ସାହି, ଗୁରୁଜଙ୍ଗ, ଡାକ୍ତର୍ସ ଲେନ, ବକ୍ସିଲେନ, ସାମନ୍ତରାପୁର, ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ, ଗୋପାଳବଲ୍ଲଭ ସାହି, ଶ୍ରୀରାମ ନଗର ସମେତ ୨୨ଟି ୱାର୍ଡର ସମସ୍ତ ଡ୍ରେନ ମୁକୁଳା ପଡିଛି। ଏଥିପ୍ରତି ପୌର ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ଏକାଧିକ ଡ୍ରେନ୍ ଉପରେ ସ୍ଲାବ୍ ନାହିଁ। ବର୍ଷବର୍ଷ ଧରି ଡ୍ରେନ୍‌ଗୁଡିକ ମୁକୁଳା ରହିଥିଲେ ମଧ୍ୟ ପୌର ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ପ୍ରତିବର୍ଷ ବିଭିନ୍ନ ବାବଦକୁ ପୌର ପ୍ରଶାସନ କୋଟି କୋଟି ଟଙ୍କା ଟିକସ ଆଦାୟ କରୁଛି। ତେବେ ଡ୍ରେନ୍‌ଗୁଡିକର ରକ୍ଷଣାବେକ୍ଷଣ ଏବଂ ମରାମତି ତ ଦୂରର କଥା ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ସାହିଗଳିରେ ରହିଥିବା ଡ୍ରେନ୍‌ଗୁଡିକ ଉପରେ ସ୍ଲାବ୍ ପଡି ନ ଥିବା ଆଇନଜୀବୀ ଶିଶିର ପରିଡା ଅଭିଯୋଗ ଆଣିଛନ୍ତି। ସେହିପରି ଶ୍ରୀରାମ ନଗର ବାସିନ୍ଦା ଗୋପାଳ ଦାସ କୁହନ୍ତି, ନିକଟ ବସ୍ତିରେ ବଡ଼ ଖୋଲା ଡ୍ରେନ ରହିଛି। ବସ୍ତିର ପିଲାମାନେ ଏଠାରେ ଖେଳୁଛନ୍ତି। କେତେବେଳେ ଯେ, ଅଘଟଣ ଘଟିବ କହି ହେବନି। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ମଙ୍ଗଳା ନଗର ବାସିନ୍ଦା ପ୍ରଭାତ ମିଶ୍ର କୁହନ୍ତି, ଖୋର୍ଦ୍ଧା ସାହିତ୍ୟ ସଂସଦ ନିକଟରେ ବଡ଼ ଡ୍ରେନ ରହିଥିବା ବେଳେ ଏହା ମୁକୁଳା ପଡିଛି। ଗତବର୍ଷ ଦୁଇଟି ଷଣ୍ଢ ଖସି ପଡିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ବହୁ କଷ୍ଟରେ ଏହାକୁ ଉଦ୍ଧାର କରିଥିବା ବେଳେ ଗୋରୁ ପଡ଼ି



ଡ୍ରେନରେ ପଡ଼ିରହିଥିବା ପ୍ଲାଷ୍ଟିକ, ପଲଥିନ୍ ଓ ଆବର୍ଜନା।

ଆହତ ହେଉଛନ୍ତି। ବରୁଣେଇ ସାହିର ଶୁଭ୍ରରଞ୍ଜନ ଦାସ କୁହନ୍ତି, କାମନାବର ମନ୍ଦିରଠାରୁ ଉପରସାହି, ଏଠାରୁ ବରୁଣେଇ ସାହି ହୋଇ ପୁରୁଣା ଦମକଳ ଛକ, ବାସେଳି ମନ୍ଦିରଠାରୁ ହଡ଼ା ଛକ, ସେଠାରୁ ଶିଶୁ ଉଦ୍ୟାନ, ପଟାଦାର ଦୋକାନଠାରୁ ମାଛ ମାର୍କେଟ, ଖ୍ରୀଷ୍ଟିଆନ ସାହି, ପୁରୁଣା ଦମକଳ ଛକଠାରୁ ତଳସାହି ଦେଇ ଫାର୍ମ ଛକ, ଡାକ୍ତର୍ସ ଲେନ ଆଦି ଡ୍ରେନ ମୁକୁଳା ପଡିଛି। ଷ୍ଟେଟବ୍ୟାଙ୍କ ଠାରୁ କୋର୍ଟ ପଛପଟକୁ ସଂଯୋଗ କରୁଥିବା ଏକ ଡ୍ରେନ ଅଧିପନ୍ତରିଆ ରହିଛି। ଚାନ୍ଦବାରି ପଡିଆ(ପୁରୁଣା ଷ୍ଟାଡିୟମ) ଠାରୁ ବିଏସଏନଏଲ୍ ଅଫିସ ପର୍ଯ୍ୟନ୍ତ ନିର୍ମାଣାଧୀନ ଡ୍ରେନ୍ ଅଧାପନ୍ତରିଆ ରହିଛି। ସେହିପରି କଂଗ୍ରେସ ଯୁବ ନେତା ପ୍ଲାବନ ପଟ୍ଟନାୟକ କୁହନ୍ତି, ଡ୍ରେନ୍‌ରେ ଭାସିଯିବା ଭଳି ସମସ୍ୟା ନ ଥିଲେ ମଧ୍ୟ ଅନେକ ସମୟରେ ଯାତାୟାତ ବେଳେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏପରିକି ସାହିଗଳିରେ ପିଲାମାନେ ଖେଳୁଥିବା ବେଳେ ମୁକୁଳା ଡ୍ରେନ୍‌ରେ ପଡି ଆହତ ହେଉଥିବା ନଜିର ରହିଛି। ବର୍ଷାଦିନ ପୂର୍ବରୁ ଥରେ ଡ୍ରେନ୍‌ଗୁଡିକ ସଫା କରାଯାଏ, ତା'ପରେ ପ୍ରଶାସନ ପକ୍ଷରୁ ବର୍ଷ ବର୍ଷ ଧରି କୌଣସି ସଫା କରାଯାଉନାହିଁ। ବିଡିଏ କଲୋନୀର ସାମାଜିକ କର୍ମୀ ଶୋଭନ ଘୋଷ କୁହନ୍ତି, ଖୋର୍ଦ୍ଧା ସହରରେ ପରିମଳ ଅବସ୍ଥା ନ କହିଲେ ଭଲ। ଦୀର୍ଘ ବର୍ଷ ଧରି ଡ୍ରେନ୍ ମରାମତି କରାଯାଇନାହିଁ। ବିଡିଏ କଲୋନୀରେ ଅନେକ ଡ୍ରେନ୍ ପୋତିହୋଇଗଲାଣି। ବର୍ଷା ହେଲେ ଅଳିଆ ଅପରିଷ୍କାର ପାଣି ରାସ୍ତାରେ ଜମୁଛି। ମୁକୁଳା ଡ୍ରେନ୍‌ଗୁଡିକ ଭାଙ୍ଗିରୁଜି ଗଲାଣି। ଅନେକ ସ୍ଥାନରେ ଡ୍ରେନଗୁଡିକୁ ଜବରଦଖଲ କରାଯାଇ ଏହା ଉପରେ ଦୋକାନ ଘର ହୋଇଥିବା ନଜିର ରହିଛି। ଫଳରେ ବର୍ଷା ହେଲେ ପାଣି ରାସ୍ତା ଉପରେ ଜମି ରହୁଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ କୁହନ୍ତି, ଡ୍ରେନ୍ ସଫେଇ ଚାଲିଛି। ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନ ସଫା କରାଯିବ। ମୁକୁଳା ପଡିଥିବା ଡ୍ରେନ ଉପରେ ପର୍ଯ୍ୟାୟକ୍ରମେ ସ୍ଲାବ୍ ପକାଯିବ ବୋଲି ସେ କହିଛନ୍ତି।

### ମା' ସନ୍ତୋଷୀଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବେଗୁନିଆ,୨୩ା୫(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ଦୋଳ ପଡ଼ିଆରେ ମା' ସନ୍ତୋଷୀଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ମହିଳାମାନେ ମନ୍ଦାକିନୀ ନଦୀରୁ ପାଣି ଉଠାଇ କଳସ ଯାତ୍ରାରେ ଆସି ମନ୍ଦିରରେ କଳସ ସ୍ଥାପନ କରିଥିଲେ। ଦ୍ୱିତୀୟ ଦିନରେ ଗର୍ଭାଧାନ, ମହାସ୍ନାନ ଏବଂ ଶୁକ୍ରବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ରବିନାରାୟଣ ଚମ୍ପତି ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଚନ୍ଦ୍ରଶେଖର ମିଶ୍ର ଏବଂ ମୃତ୍ୟୁଞ୍ଜୟ ମିଶ୍ର ବେଦପାଠ କରିଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ୍ୱର ଛୋଟରାୟ, ପୂର୍ବତନ ସରପଞ୍ଚ ଭବାନୀ ଚମ୍ପତି, ପୂର୍ବତନ ସମିତିସଭ୍ୟ ପ୍ରମୋଦ କୁମାର ମହାପାତ୍ର, ସଞ୍ଜୟ କୁମାର ବାହୁବଳେନ୍ଦ୍ର, ଅନନ୍ତ କୁମାର ସାହୁ, ଚିତ୍ତରଞ୍ଜନ ସେଠୀଙ୍କ ସହ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ।

**ଶ୍ରୀମନ୍ଦିରରେ ବିଦ୍ୟୁତ ଉପକରଣର ନବୀକରଣ ପାଇଁ ଅଏଲ୍ ଇଣ୍ଡିଆ ଦେବ ୨.୨୨ କୋଟି**

ପୁରୀ,(ଅଜିତ୍ କୁମାର ମହାନ୍ତି)-ଶ୍ରୀମନ୍ଦିରରେ ସମସ୍ତ ବିଦ୍ୟୁତ ଉପକରଣ ନବୀକରଣ ହେବ। ଏଥିପାଇଁ ଅଏଲ୍ ଇଣ୍ଡିଆ ଲିମିଟେଡ୍ ୨କୋଟି ୨୨ ଲକ୍ଷ ଟଙ୍କା ଯୋଗାଇଦେବ। ଏନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ସହ ଅଏଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି।

## ସଂକ୍ଷେପରେ

### ଅଟୋ ଧକ୍କାରେ ଜଣେ ମୃତ

ବାଲିଅନ୍ତା,୨୩।୫(ନୀଳମାଧବ ସାହୁ): ବାଲିଅନ୍ତା ଥାନା ଅଧୀନ ହଂସପାଳ-ବନମାଳୀପୁର ଅଭୟମୁଖୀ ପୂର୍ତ୍ତ ବିଭାଗ ରାସ୍ତାର ପାରିବାସୁଦେଇପୁର ଗ୍ରାମର ରାଇସ ମିଲ୍ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଡାଲା ଅଟୋ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ମୃତ ଯୁବକଙ୍କ ଘର ବାଲିପାଟଣା ଥାନା ଅଧୀନ ମହୁଖଣ୍ଡା ଗ୍ରାମରେ ବୋଲି ଜଣାପଡ଼ିଛି।

ଯୁବକମାନେ କ୍ରିକେଟ ଖେଳିବାକୁ ବାଲିଅନ୍ତା ଅଭିମୁଖେ ଯାଉଥିଲେ। ଏହି ସମୟରେ ବାଲିଅନ୍ତା ପଟୁ ପ୍ରତାପରୁଦ୍ରପୁର ଅଭିମୁଖେ ଯାଉଥିବା ଏକ ଡାଲା ଅଟୋ ଭାରସାମ୍ୟ ହରାଇ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସେଠାରେ ଉତ୍ତେଜନା ଦେଖାଦେବା ସହ ଲୋକେ ରାସ୍ତାରୋକୋ କରିଥିଲେ। ବାଲିଅନ୍ତା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଅଟୋକୁ ଜବତ କରି ତଦନ୍ତ ଚଳାଇଛି। ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଦ୍ରୁତ ଓ ବେପରୁଆ ଗାଡ଼ିଚାଳନା ଉପରେ ଅଙ୍କୁଶ ଲଗାଇବା ପାଇଁ ଲୋକେ ଦାବି କରିଛନ୍ତି।

### ୪ଦିନରେ ୯୨ ସରକାରୀ କ୍ୱାର୍ଟର୍ସରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୨୩।୫ (ବନ୍ଦନା ସେଠୀ)- ଲଗାତର ଚତୁର୍ଥ ଦିନ ଧରି ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ଥିବା ସରକାରୀ କ୍ୱାର୍ଟର୍ସରେ ଜବରଦଖଲ ଉଚ୍ଛେଦ ଜାରି ରହିଛି। ଚତୁର୍ଥ ଦିନ ଶୁକ୍ରବାର ମୋଟ ୩୪ଟି କ୍ୱାର୍ଟର୍ସ ସିଲ୍ କରାଯାଇଥିବାବେଳେ ଏଯାବତ୍ ମୋଟ ୯୨ଟି ସରକାରୀ କ୍ୱାର୍ଟର୍ସ ବେଆଇନ ଜବରଦଖଲକୁ ବିଡିଏ ସ୍କ୍ୱାଡ୍ ଅବରୋଧମୁକ୍ତ କରିଛନ୍ତି। ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ ଯାଏଁ ପାର୍ଶ୍ୱରେ ଥିବା ସରକାରୀ କ୍ୱାଟର ଏବେ ଜବରଦଖଲକାରୀଙ୍କ କବଜାରେ ରହିଛି। କିଏ ଓ କିପରି ଜବରଦଖଲ କଲା ତାକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦୂରର କଥା, ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ନଜରକୁ ଆସୁନାହିଁ। ହାତଗଣତି ଜବରଦଖଲକାରୀ ନିଜେ ସରକାରୀ କ୍ୱାଟର କବ୍‌ଜାରେ ରଖିବା ସହ ଭଡ଼ା ଲଗାଇ ଟଙ୍କା ଆଦାୟ କରୁଥିବା ଘଟଣା ସାମ୍ନାକୁ ଆସିଛି। ମାତ୍ର ଏଯାବତ୍ ସେମାନଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଥାନାରେ ଫିନାଇଲ ପିଇ ଯୁବକ ଗୁରୁତର

ଖୋର୍ଦ୍ଧା,୨୩।୫(ପ୍ରଭାତ ପାଣିଗ୍ରାହୀ): ବୋଲଗଡ଼ ଥାନାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଅଟକ ଯୁବକ ଶୌଚାଳୟରେ ଫିନାଇଲ ପିଇ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ପ୍ରଥମେ ବୋଲଗଡ଼ ପରେ ଖୋର୍ଦ୍ଧା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। କେଉଁ ଆଧାରରେ ଯୁବକ ଜଣଙ୍କ ଫିନାଇଲ ପିଇଲେ, ଥାନାରେ ତାଙ୍କୁ କୌଣସି ନିର୍ଯ୍ୟାତନା ଦିଆଯାଇଥିଲା କି ତାହାର ତଦନ୍ତ ଚଳାଇଛନ୍ତି।

ଥାନା ଅଧିକାରୀ ସ୍ନିଗ୍ଧାମୟୀ ବରାଳ କୁହନ୍ତି, ବୋଲଗଡ଼ ଅଞ୍ଚଳରେ କେତେଜଣ ଯୁବକ ଅସାମାଜିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ବିଭିନ୍ନ ସ୍ଥାନରେ ଗଣ୍ଡଗୋଳରେ ଲିପ୍ତ ଥିବା ନେଇ ଅଭିଯୋଗ ଆସିବା ପରେ ୩ ଜଣଙ୍କୁ ପଚରାଉଚରା ପାଇଁ ଥାନାକୁ ଅଣାଯାଇଥିଲା। ସେମାନଙ୍କ ଗଣ୍ଡଗୋଳ ସମୟର ଭିଡିଓ, ପାଖରେ ମାରଣାସ୍ତ୍ର ଏବଂ ବନ୍ଧୁକ ଥିବା ଜଣାପଡ଼ିଛି। ସେମାନଙ୍କଠାରୁ ବନ୍ଧୁକ, ମାରଣାସ୍ତ୍ର ଜବତ ପାଇଁ ଥାନାରେ ଅଟକ ରଖାଯାଇଥିବା ବେଳେ ଜଣେ ଯୁବକ ଗିରଫ ହେବା ଭୟରେ ଶୌଚହେବାକୁ ଯିବାକୁ କହି ସେଠାରେ ଫିନାଇଲ ପିଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ତାଙ୍କୁ ସେଠାରୁ ତୁରନ୍ତ ବୋଲଗଡ଼ ପରେ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଏମ୍ସକୁ ପଠାଇ ଦିଆଯାଇଛି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଥାନାଧିକାରୀ ବରାଳ କହିଛନ୍ତି।

# ମୁଖ୍ୟ ଅଭିଯୁକ୍ତ ରାଜାଙ୍କ ଘର ମାଟିରେ ମିଶିଲା

## ସହଦେବ ନାୟକ ହତ୍ୟା ମାମଲା

ଭୁବନେଶ୍ୱର,୨୩।୫(ସତ୍ୟଜିତ୍ ରାଉତ)

ରସୁଲଗଡ଼ ରେଳ ଓଭରବ୍ରିଜ୍ ଉପରେ ସଫେଇ କର୍ମଚାରୀ ସଂଘ ସଭାପତି ସହଦେବ ନାୟକଙ୍କୁ ହତ୍ୟା ଘଟଣାରେ ଫେରାର ଥିବା ରାଜା ନାୟକଙ୍କ ଘର ମାଟିରେ ମିଶିଛି। ପୋଲିସ ସହାୟତାରେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ସରକାରୀ ଜମିରେ ଥିବା ରାଜାଙ୍କ ଘରକୁ ବିଏମ୍‌ସି ଉଚ୍ଛେଦକାରୀ ଦଳ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦେଇଛି। ତେବେ ଏହି ଉଚ୍ଛେଦ ବେଳେ ରାଜାଙ୍କ ମା' ଓ ଭଉଣୀ ପୋଲିସ ସହ ଯୁକ୍ତିତର୍କକରି ଏହାକୁ ବିରୋଧ କରିଥିଲେ। ପୋଲିସ ଟିମ୍ ଉଭୟଙ୍କୁ ବୁଝାଇଶୁଝାଇ ବଳପୂର୍ବକ ଘରୁ ବାହାରକରିବା ପରେ ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଏନେଇ ଜୋନ୍-୧ ଏସିପି ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ୮ଜଣ ଅଭିଯୁକ୍ତ କେଦାରପଲ୍ଲୀ ବସ୍ତିରେ ନିଶା କାରବାର ସହ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ହୋଇଥିଲା। ଏସବୁ ଘରକୁ ଉଚ୍ଛେଦ ପାଇଁ ପୋଲିସ ପକ୍ଷରୁ ବିଏମ୍‌ସିକୁ ଚିଠି ଲେଖାଯାଇଥିଲା। ବିଏମ୍‌ସି ଟିମ୍ ଯାଞ୍ଚକରି ପ୍ରଥମେ ରାଜାଙ୍କ ଘର ଭାଙ୍ଗିଛି। ଆଗକୁ ଅନ୍ୟ ଅଭିଯୁକ୍ତମାନଙ୍କ ବେଆଇନ ଘରକୁ ମଧ୍ୟ ଉଚ୍ଛେଦ କରାଯିବ ବୋଲି ଏସିପି ବିଶୋଇ କହିଛନ୍ତି। ସୂଚନାଯୋଗ୍ୟ, କେଦାରପଲ୍ଲୀ ବସ୍ତିର ସହଦେବଙ୍କୁ ଗତ ଜାନୁଆରୀ ୮ରେ ବାଣୀବିହାର ରେଲ୍‌ୱେ ଓଭରବ୍ରିଜ୍ ଉପରେ ହତ୍ୟା କରାଯାଇଥିଲା। ନିଶା କାରବାରକୁ ବିରୋଧ କରିବାରୁ ବ୍ୟକ୍ତିଗତ ଶତ୍ରୁତା ପାଇଁ ଅପରାଧୀମାନେ ଏହି କାଣ୍ଡ ଘଟାଇଥିଲେ। ଏହି ମାମଲାରେ ମଞ୍ଚେଶ୍ୱର ପୋଲିସ କେଦାରପଲ୍ଲୀ ବସ୍ତିରେ ରହୁଥିବା ଲକ୍ଷ୍ମୀଧର ନାୟକ, ସ୍ତ୍ରୀ ଲିପିକା ନାୟକ, ଫତେଗଡ଼ ଅଞ୍ଚଳର ରାକେଶ ନାୟକ ଓ ସ୍ତ୍ରୀ ଲକ୍ଷ୍ମୀ ନାୟକ


ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ରାଜା ନାୟକଙ୍କ ଘରକୁ ଭଙ୍ଗା ଯାଉଛି।

ଏବଂ ପାତ୍ରପଡ଼ାରେ ରହୁଥିବା ରକି ନାୟକ ଏବଂ ଖୋର୍ଦ୍ଧା ଜଙ୍କିଆ ଅଞ୍ଚଳର ପିଙ୍କି ନାୟକଙ୍କୁ ଗିରଫ କରିଥିଲା। ଫେବୃଆରୀ ୧୧ରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ କେଦାରପଲ୍ଲୀ ବସ୍ତିର ରମା ନାୟକ ଆତ୍ମସମର୍ପଣ କରିଥିଲେ। ତେବେ ଏହି ମାମଲାରେ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି କରୁଛି।

# ଥାନାରୁ ଖସି ପଳାଇବାକୁ ଉଦ୍ୟମ କରି ଉତ୍ପାତ

## ୨ କନ୍‌ଷ୍ଟେବଲଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୫(ସତ୍ୟଜିତ୍ ରାଉତ)

ଥାନାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଅଟକାଇବାରୁ ଜଣେ ଅଭିଯୁକ୍ତ ଉତ୍ପାତ କରିଛନ୍ତି। ଲୁହାଛଡ଼ରେ ପୋଲିସଙ୍କୁ ଆକ୍ରମଣ କରିବା ସହ ଥାନାରେ ଆସବାବପତ୍ର ଆଦି ଭାଙ୍ଗି ଦେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନାରେ ଜଣେ ଅଭିଯୁକ୍ତ ଏଭଳି କାଣ୍ଡ ଘଟାଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଆସାମ କାଛାର ଜିଲା ଲକ୍ଷିପୁର ଥାନା ଅଞ୍ଚଳର ଶଙ୍କର ରିକିୟାସନ (୨୬)। ଶଙ୍କରଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ବୁଦ୍ଧନଗରରେ ଶଙ୍କର ଜଣଙ୍କ ଘରେ ପଶି ଚୋରି କରିବାକୁ ଚେଷ୍ଟା କରୁଥିଲେ। ପିସିଆର୍-୮ର କର୍ମଚାରୀମାନେ ଶଙ୍କରଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଶଙ୍କର ଥାନାରେ ଥିବାବେଳେ ପୋଲିସ ଟିମ୍ ତାଙ୍କୁ ପଚରାଉଚରା କରୁଥିଲା। ରାତି ପ୍ରାୟ ୩ଟା ବେଳେ ପଛପାର୍ଶ୍ୱ ତାଜା ଡେଇଁ ଶଙ୍କର ଖସିଯିବାକୁ ଉଦ୍ୟମ କରିଥିଲେ। ଏହାଦେଖି ସେଣ୍ଟ୍ରି ଡ୍ୟୁଟିରେ ଥିବା କନ୍‌ଷ୍ଟେବଲ ବିଭୂତି ବେହେରା ତାଙ୍କୁ ଅଟକାଇବାକୁ ଚେଷ୍ଟା କରଥିଲେ। ହେଲେ ଶଙ୍କର ତାଜା ଉପରେ ନିର୍ମାଣ ପାଇଁ ଶ୍ରମିକମାନେ ରଖିଥିବା ଏକ ଲୁହାଛଡରେ ବିଭୂତିଙ୍କୁ ଆକ୍ରମଣ କରିଥିଲେ। ଫଳରେ ବିଭୂତିଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ନିକଟରେ ଥିବା ଓପିଏଫ୍ କନଷ୍ଟେବଲ ସଚିନ ଓରାମ ବିଭୂତିଙ୍କୁ ବଞ୍ଚାଇବା ଲାଗି ପ୍ରୟାସ କରିବାବେଳେ ଶଙ୍କର ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିସହ ଶଙ୍କର ଉତ୍ତ୍ୟକ୍ତ ହୋଇ ଥାନାରେ ଥିବା ଏକ କାଚ କବାଟ ଭାଙ୍ଗିବା ସହ ଟେବୁଲ ଉପରେ ଥିବା କାଚ ସାମଗ୍ରୀକୁ ଲୁହାଛଡରେ ବାଡ଼େଇ ଭାଙ୍ଗି ଦେଇଥିଲେ। ଅନ୍ୟ ପୋଲିସ କର୍ମଚାରୀମାନେ ଶଙ୍କରକୁ କାବୁ କରିଥିଲେ। ଅନ୍ୟପକ୍ଷରେ ପ୍ରାଥମିକ ଚିକିତ୍ସା ପରେ ବିଭୂତିଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୫୯/୨୦୨୫) ରୁଜୁ କରିଛି।


ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ଚାଲିଥିବା ସପ୍ତମ ଜାତୀୟ ନାଟ୍ୟ ମହୋତ୍ସବର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ବ୍ୟଥା'ର ଏକ ଦୃଶ୍ୟ।

# ଅତ୍ୟାଚାରର କଥା ବଖାଣିଲା 'ବ୍ୟଥା'

## ୨ଜଣଙ୍କୁ 'ବିଦ୍ୟାକନକ ସମ୍ମାନ'

ଭୁବନେଶ୍ୱର, ୨୩।୫ (ସୌମ୍ୟରଞ୍ଜନ ରାଉତ)

ଯେତେ ଆଧୁନିକ ହେଲେ ହେଁ, ଯୁଗେଯୁଗେ ଧନୀ ଗରିବ, ବଡ଼ଲୋକ-ଛୋଟଲୋକ ମଧ୍ୟରେ ଭେଦଭାବ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଚଳି ଆସିଛି। ବିଶେଷକରି ଗରିବ ଓ ଅସ୍ପୃଶ୍ୟ ଲୋକମାନେ ଏହି ଭେଦଭାବରେ ସଦାସର୍ବଦା ଅଧିକ ପ୍ରଭାବିତ ହୋଇଥାନ୍ତି। ପ୍ରତିଦିନ ନିଜ ପରିବାର ପାଇଁ ଦୁଇମୁଠା ଦୁଇବେଳା ଖାଦ୍ୟ ସଂଗ୍ରହ କରିବାକୁ ସେମାନେ ନିରନ୍ତର ସଂଗ୍ରାମ କରି ଚାଲିଥାନ୍ତି। ଠିକ୍ ସେମିତି ଦଳିତ ମହିଳା କାଳାୟା ନିଜ ପରିବାର ଲୋକଙ୍କୁ ଭୋକରୁ ବଞ୍ଚାଇବା ପାଇଁ ସାହୁକାର ଇଟୁପାଙ୍କ ତେଲ ଘଣାରୁ ଗୋଟିଏ ଚିନାବାଦାମ ବସ୍ତା ଚୋରି କରିନିଏ। ପରେ ସାହୁକାରଙ୍କ ଅଭିଯୋଗରେ କାଳାୟାକୁ ପୋଲିସ ଗିରଫ କରି ନେଇ ଅତ୍ୟାଚାର କରେ। ପରିବାର ପାଇଁ ଜଣେ ଦଳିତ ମହିଳା କିଭଳି ଅତ୍ୟାଚାରର ଶିକାର ହେଉଛି ତାହାକୁ ଅତି ନିଖୁଣ ଭାବେ ନାଟକ 'ବ୍ୟଥା'ରେ ପରିବେଷଣ କରାଯାଇଛି। ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ସପ୍ତମ ଜାତୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଶୁକ୍ରବାର ଏଭଳି ଏକ ହୃଦୟସ୍ପର୍ଶୀ ନାଟକ ପରିବେଷିତ ହୋଇଥିଲା। ମୂଳ କନ୍ନଡ କାହାଣୀ 'ଦେବନୁରୁ ମହାଦେବ'ର ହିନ୍ଦୀ ଅନୁବାଦ ନାଟକ 'ବ୍ୟଥା'କୁ ଖୁବ୍ ସୁନ୍ଦର ଭାବେ ମଞ୍ଚରେ ଉପସ୍ଥାପନ କରିଥିଲେ ଆସାମ ଗୁଆହାଟୀର ସିଗଲ୍ ଥିଏଟରର କଳାକାରମାନେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଧରିତ୍ରୀ ଖବରଦାତା ବନ୍ଦନା ସେଠୀ ଓ ସମାଜସେବା କ୍ଷେତ୍ରରେ କନକ ଲତା ଦାସଙ୍କୁ 'ବିଦ୍ୟାକନକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ପରିଚୟ ଫାଉଣ୍ଡେସନର ସଭାପତି ରୋଜାଲିନ୍ ପାଟଶାଣି, ରୋଟାରିଆନ୍ ଜୟଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ସାମ୍ବାଦିକତା କ୍ଷେତ୍ରରେ ଧରିତ୍ରୀ ଖବରଦାତା ବନ୍ଦନା ସେଠୀଙ୍କୁ 'ବିଦ୍ୟାକନକ ସମ୍ମାନ' ଦିଆଯାଉଛି।

### ସିରିଜ୍ ଦୁର୍ଘଟଣା: ୩ କାର୍ କ୍ଷତିଗ୍ରସ୍ତ

ଭୁବନେଶ୍ୱର,୨୩।୫(ସତ୍ୟଜିତ୍ ରାଉତ)

ଜନପଥର ଶ୍ରୀୟା ଛକ ନିକଟରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ସିରିଜ୍ ଦୁର୍ଘଟଣା ଘଟିଛି। ପଛକୁ ପଛ ୩ କାର ପିଟି ହୋଇଯିବାରୁ ଗାଡ଼ିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଏଥିରେ କୌଣସି ଲୋକ ଆହତ ହୋଇନାହାନ୍ତି। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ କାର୍‌କୁ ଥାନାକୁ ନେଇଛି। ଟ୍ରାଫିକ୍ ରେଡ୍ ସିଗ୍ନାଲ୍ ଦେଖି ରୁପାଲି ଛକ ପାର୍ଶ୍ୱରୁ ଯାଉଥିବା ଏକ କାର୍ ହଠାତ୍ ଅଟକିଯିବାରୁ ପଛକୁ ପଛ ଗାଡିଗୁଡ଼ିକ ଧକ୍କା ହୋଇଥିଲା। ସବୁ ଗାଡ଼ିର ପଛପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ତେବେ ଖବର ଲେଖାହେବା ଯାଏ ଏନେଇ ଥାନାରେ କୌଣସିଏତଲା ହୋଇ ନଥିବା ଜଣାପଡିଛି।

### ଯୁକ୍ତ ୨ ପରୀକ୍ଷା ଫଳ: ୩୦ରୁ ରିଚେକିଂ, ରିଆଡିଶନ ଆବେଦନ

ଭୁବନେଶ୍ୱର, ୨୩।୫ (ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ପରୀକ୍ଷା ଫଳକୁ ନେଇ ସନ୍ତୁଷ୍ଟ ନ ଥିଲେ ଛାତ୍ରୀଛାତ୍ର ରିଚେକିଂ କିମ୍ବା ରିଆଡିଶନ ପାଇଁ ଆବେଦନ କରିପାରିବେ। ଆସନ୍ତା ୩୦ ତାରିଖରୁ ଜୁନ୍ ୧୩ ତାରିଖ ମଧ୍ୟରେ ୨୦୨୪-୨୫ ଶିକ୍ଷାବର୍ଷରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏଥିପାଇଁ ପ୍ରତି ବିଷୟକୁ ୨୦୦ଟଙ୍କା ଲେଖାଏ ଆର୍ଥିକ ରାଶି ଜମା କରିବାକୁ ପଡିବ। ଅଧିକ ସୂଚନା ପାଇଁ http: www.chseodisha. nic.in ପରିଦର୍ଶନ କରିବା ପାଇଁ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା ସୂଚନା ଦେଇଛନ୍ତି। ତେବେ ପରୀକ୍ଷା ସମୟରେ କପି କରି ଧରାପଡ଼ିଥିବା ଛାତ୍ରୀଛାତ୍ର କିମ୍ବା ପରୀକ୍ଷାଫଳ ସ୍ଥଗିତ ରହିଥିବା ପରୀକ୍ଷାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ନାହିଁ।

# ୩ ଗିରଫ, ଦୁଇ ଖଣ୍ଡା ଜବତ

## ଇଞ୍ଜିନିୟରିଂ ଛାତ୍ରଙ୍କୁ ହତ୍ୟା ଉଦ୍ୟମ ଘଟଣା

ଭୁବନେଶ୍ୱର,୨୩।୫(ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ରାଜଧାନୀ ଇଞ୍ଜିନିୟରିଂ କଲେଜର ବି.ଟେକ୍ ଦ୍ୱିତୀୟ ବର୍ଷ ଛାତ୍ର ରୁଦ୍ର ନାରାୟଣ ପାତ୍ର ଓରଫ ସିଲୁଙ୍କୁ ହତ୍ୟା ଉଦ୍ୟମ ଘଟଣାର ୩ ଦିନ ପରେ ଶୁକ୍ରବାର ମଞ୍ଚେଶ୍ୱର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ତ୍ରିନାଥ ମନ୍ଦିର ପାଖରେ ରହୁଥିବା ପିଣ୍ଟୁ ଓରଫ ପ୍ରିୟବ୍ରତ ରାଉତ (୨୧), ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ତଳସାହିର ରାହୁଲ ଓରଫ ସୂର୍ଯ୍ୟକାନ୍ତ ବେହେରା (୨୧) ଓ ଆଖଣ୍ଡଳମଣୀ ବସ୍ତିରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ବିଷ୍ଣୁ ଓରଫ ବିଶ୍ୱନାଥ ଜେନା (୧୯)। ସେମାନଙ୍କଠାରୁ ଦୁଇଟି ଖଣ୍ଡା ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଆପରାଧିକ ମାମଲା ରହିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ୩୦ରେ ରୁଦ୍ର ତାଙ୍କର ଦୁଇ ସାଙ୍ଗଙ୍କ ସହ ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଚକେଇସିଆଣୀ ନିକଟ ଏକ ଖୋଲା ପଡିଆରେ ବସିଥିଲେ। ଏହି ସମୟରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗିରଫ ୩ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ସେଠାକୁ ଆସି ଖଣ୍ଡାରେ ରୁଦ୍ରଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରୁଦ୍ରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପରେ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ଏନେଇ ରୁଦ୍ରଙ୍କ ବାପା କୁମୁଦ ଚନ୍ଦ୍ରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୭୧/୨୦୨୫)ରୁଜୁ କରି ତଦନ୍ତ କରୁଛି। ତେବେ ଏବେ ରୁଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମାମଲାରେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି।


ଗିରଫ ୩ ଅଭିଯୁକ୍ତଙ୍କ ସହ ଜବତ ଖଣ୍ଡା।

# କବିତାପାଠ, ସଙ୍ଗୀତରେ 'ଗ୍ରୀଷ୍ମଉତ୍ସବ'

ଭୁବନେଶ୍ୱର, ୨୩।୫ (ସୌମ୍ୟରଞ୍ଜନ ରାଉତ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଶ୍ୱେତପଦ୍ମା ସଙ୍ଗୀତାଳୟ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ 'ଗ୍ରୀଷ୍ମଉତ୍ସବ' ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାର ସଙ୍ଗୀତ ନିର୍ଦ୍ଦେଶନା ସିତାଂଶୁ ଶେଖର ରାଉତ ଦେଇଥିଲେ। ପରେ ଗୀତି ଗଙ୍ଗୋତ୍ରୀ ପରିବାର ପକ୍ଷରୁ ଗୀତି କବିଙ୍କ ଦ୍ୱାରା ଗ୍ରୀଷ୍ମ ଆଧାରିତ କବିତା ପାଠ କରାଯାଇଥିଲା। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଉପଶାସନ ସଚିବ ବସନ୍ତ କୁମାର ବେହେରା, କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ଅଧକ୍ଷା ଡ. ମୋନାଲିସା ବଳ, ମହିଳା ଅଧିକାର ଅଭିଯାନର ସଭାପତି ନମ୍ରତା ଚଢ଼ା ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର, କ୍ୟାପିଟାଲ ହସ୍ପିଟାଲ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରମୋଦ କୁମାର ସାମନ୍ତରାୟ, ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ଅଧକ୍ଷା ମିନତୀ ମଲ୍ଲ ଉତ୍ସବ ପରିଚାଳନା କରିଥିଲେ।



'ଗ୍ରୀଷ୍ମଉତ୍ସବ'ରେ ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଉଛି।

# ଶ୍ରୀଲିଙ୍ଗରାଜ ମନ୍ଦିରରେ ଅଣହିନ୍ଦୁ

## ମାରା ହେଲା ଦିଅଁଙ୍କ ନୀତି



ପୁରୁଣା ଭୁବନେଶ୍ୱର,୨୩।୫(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶୁକ୍ରବାର ଜଣେ ଅଣହିନ୍ଦୁ ତଥା ବିଦେଶୀ ନାଗରିକ ପ୍ରବେଶ କରିଥିଲେ। ଭୋଗମଣ୍ଡପ ପୂର୍ବରୁ ଏହି ଅଣହିନ୍ଦୁ ଜଣଙ୍କ ମନ୍ଦିରରେ ପ୍ରବେଶ କରି ନୃସିଂହ ମନ୍ଦିର ପାଖରେ ପହଞ୍ଚି ଯାଇଥିଲେ। ତେବେ ତାଙ୍କ ଗତିବିଧିକୁ ସନ୍ଦେହ କରି କେତେଜଣ ସେବାୟତ ତାଙ୍କୁ ସେଠାରେ ଅଟକାଇ ପଚରାଉଚରା କରିଥିଲେ। ଖବର ପାଇ ମନ୍ଦିର ଫାଣ୍ଡି ପୋଲିସ ପହଞ୍ଚିଥିଲା। ତାଙ୍କୁ ମନ୍ଦିର କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯିବା ପରେ ଛାଡ଼ି ଦିଆଯାଇଥିଲା। ତେବେ ଅଣହିନ୍ଦୁ ଜଣଙ୍କ ମନ୍ଦିର ଭିତରକୁ ପ୍ରବେଶ କରିବାରୁ ଦିଅଁଙ୍କ ନୀତି ମାରା ହୋଇଥିଲା। ଏଥିପାଇଁ ବଡ଼ ଧୋକାଳ ନୀତି କରାଯାଇ ପୁନଃ ଠାକୁରଙ୍କ ନୀତି କରାଯାଇଥିଲା। ଅନ୍ୟପଟେ ଠାକୁରଙ୍କ ଭୋଗ ମନ୍ଦିର ପରିସରରେ ଥିବା ଆହ୍ଲୁଣିଆ କୂଅରେ ପୋତାଯାଇଥିଲା। ପ୍ରକାଶ ଯେ, ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ କିପରି ଅଣହିନ୍ଦୁ ମନ୍ଦିର ଭିତରକୁ ଗଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଦେବଦମ୍ପତିଙ୍କ ବିବାହ ପାଇଁ ନୀତିନିର୍ଘଣ୍ଟ

ପୁରୁଣା ଭୁବନେଶ୍ୱର,୨୩।୫
(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୩୦ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ମା' ପାର୍ବତୀଙ୍କ ମଧ୍ୟରେ ବିବାହ ସମ୍ପନ୍ନ ହେବ। ଶୀତଳଷଷ୍ଠୀ ଅବସରରେ ଦେବଦମ୍ପତିଙ୍କ ବିବାହ ନେଇ ନୀତିନିର୍ଘଣ୍ଟ ଶୁକ୍ରବାର ମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଉକ୍ତ ଦିନ ସକାଳ ୬ଟା ୩୦ରୁ ମଙ୍ଗଳ ଆଳତି ଅବକାଶ କରାଯାଇ ବିଭିନ୍ନ ନୀତି କରାଯିବ। ସକାଳ ୬ଟା ୩୦ରୁ ୯ଟା ୩୦ ମଧ୍ୟରେ ସାହାଣମେଲା ଦର୍ଶନ, ସକାଳ ୭ଟାରେ କୋଠରୋଷ ଧୋପଖାଳ, ହୋମ ଓ ପାକକାର୍ଯ୍ୟ ଆରମ୍ଭ, ପୂର୍ବାହ୍ନ ୧୦ଟାରେ ମହାସ୍ନାନ, ପୂର୍ବାହ୍ନ ୧୦ଟା ୨୦ରୁ ୧୧ଟା ମଧ୍ୟରେ ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ଠାକୁରାଣୀଙ୍କ ବଲ୍ଲଭ ନୀତି ହେବ। ସେହିପରି ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟରେ ସକାଳଧୂପ, ଠାକୁରାଣୀଙ୍କ ସକାଳ ଧୂପ, ଭୋଗ ମଣ୍ଡପ, ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୩ଟା ମଧ୍ୟରେ ସାହାଣମେଲା ଦର୍ଶନ, ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ବଲ୍ଲଭ ଦ୍ୱିପ୍ରହର ଧୂପ, ଠାକୁରାଣୀଙ୍କ ଦ୍ୱିପ୍ରହର ଧୂପ ହେବ। ଅପରାହ୍ନ ୫ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ପହୁଡ଼, ସନ୍ଧ୍ୟା ୬ଟାରୁ ୬ଟା ୩୦ ମଧ୍ୟରେ ସନ୍ଧ୍ୟା ଅଳତି ଓ ଟେରାଫିଟା ନୀତି, ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ମଧ୍ୟରେ ବେଶ, ସନ୍ଧ୍ୟାଧୂପ ପରେ ଦିଅଁ ବିଜେ, ଠାକୁରାଣୀଙ୍କ ସନ୍ଧ୍ୟାଧୂପ, ରାତି ୮ଟାରେ ଶ୍ରୀକପିଳନାଥ ବିଜେ, ରାତି ୮ଟାରୁ ୯ଟା ମଧ୍ୟରେ ବଡ଼ସିଂହାର ପଞ୍ଚବକ୍ର ବିଜେ ପୁଷ୍ପାଞ୍ଜଳି, ପହୁଡ଼ ହେବ। ସେହିପରି ରାତ୍ର ୯ଟା ୩୦ରୁ ୧୦ଟା ୩୦ ମଧ୍ୟରେ ମନ୍ଦିର ଭିତରେ ବରଯାତ୍ରୀଙ୍କ ପାଇଁ ଭୋଜିର ଆୟୋଜନ କରାଯିବ। ରାତ୍ର ୧୧ଟାରେ ବରାନୁଗମନ, ରାତ୍ର ୧୦ଟା ୧୫ରୁ ୨ଟା ୩୦ ମଧ୍ୟରେ ବିବାହ ସମ୍ପନ୍ନ ହେବ। ବିଳମ୍ବିତ ରାତିରେ ଦେବଦମ୍ପତିଙ୍କ ମଧ୍ୟରେ ହାତଗଣ୍ଠି ଓ କଉଡ଼ି ଖେଳ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରେ ସମ୍ପନ୍ନ ହେବ। ଏହା ପରଦିନ ରାତ୍ର ୯ଟା ୩୦ରେ ଫେରନ୍ତା ବିବାହ ଶୋଭାଯାତ୍ରା ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶୀତଳଷଷ୍ଠୀ ବୈଠକରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତି ସୂଚନା ଦେଇଛନ୍ତି।

### ମହାଦେବ ମନ୍ଦିରରୁ ୩୦ ହଜାର ଚୋରି

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ)- ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଉଳୀ ପଞ୍ଚାୟତ ସୋହଣା ଶାସନ ଗ୍ରାମରେ ଥିବା ବାବା ତ୍ରିଲୋଚନେଶ୍ୱର ମହାଦେବଙ୍କ ମନ୍ଦିରରୁ ହୁଣ୍ଡି ଭାଙ୍ଗି ୩୦ ହଜାରେ ଟଙ୍କା ଓ ଘଣ୍ଟ, ଝାଞ୍ଜ, ଗିନି ଚୋରି ହୋଇଛି। ଏନେଇ ବଂଶୀଧର ନାୟକ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଥିବା ବେଳେ ଗୋପ ଥାନାରେ କେସ୍ ନଂ.୧୫୯/୨୫ରେ ଏକ ମାମଲା ରୁଜୁ କରାଯାଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୫।୨୦୨୫

| | |
|---|---|
| ୫,୪୦,୧୭୬ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୩୬.୧୦୦ ଗ୍ରାମ୍ |

# ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ

**ପୁରୀ,୨୩।୫(ଅଜିତ୍ କୁମାର ମହାନ୍ତି)**

ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଏକାଦଶୀ ବା ଜଳକ୍ରୀଡ଼ା ଏକାଦଶୀ ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ପବିତ୍ର ଅକ୍ଷୟ ତୃତୀୟା ତିଥିଠାରୁ ୨୧ ଦିନ ବ୍ୟାପୀ ଆରମ୍ଭ ହୋଇଥିବା ବାହାର ଚନ୍ଦନ ଯାତ୍ରା ହଳଦୀପାଣି ଦିନ ଶେଷ ହେବା ପରେ ଗୁରୁବାରଠାରୁ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ୨୧ଦିନିଆ ଭିତର ଚନ୍ଦନ ଆରମ୍ଭ ହୋଇଛି। ଶୁକ୍ରବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥିଲା। ଭୋରୁ ଶ୍ରୀମନ୍ଦିର ଦ୍ୱାରଫିଟା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ବଢ଼ି ସକାଳଧୂପ, ଭୋଗମଣ୍ଡପ, ମଇଲମ, ଆଳଟ ଲାଗି, ଚନ୍ଦନ ଲାଗି ପରେ ମହାପ୍ରଭୁଙ୍କ ବେଶ ବଢିଥିଲା। ପରେ ଯାତଭୋଗ ହୋଇଥିଲା। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନ ମୋହନ, ଶ୍ରୀଦେବୀ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରସ୍ଥ ରୋହିଣୀ କୁଣ୍ଡ ନିକଟ ତଥା ନୃସିଂହ ମନ୍ଦିର ପଶ୍ଚାତ ଭାଗରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ମଣ୍ଡପ ମଝିରେ ଏକ ପ୍ରସ୍ତର ନିର୍ମିତ କୁଣ୍ଡରେ ସୁବାସିତ ଜଳ ପୂର୍ଣ୍ଣ ହୋଇ ରହିଥାଏ। ଶ୍ରୀମଦନମୋହନ ଓ ଶ୍ରୀଦେବୀ ଏହି ସୁବାସିତ ଜଳପୂର୍ଣ୍ଣ କୁଣ୍ଡରେ ବିଜେ କରିଥିଲେ। ପରେ ମୁଦିରସ୍ତ ଠାକୁର ଓ ଠାକୁରାଣୀଙ୍କୁ ପ୍ରସାଦ ଲାଗି କରିଥିଲେ। ଚନ୍ଦନପାଣି ପିଚିକାରୀ ନୀତି ପରେ ଠାକୁର ଓ ଠାକୁରାଣୀଙ୍କ ନିକଟରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହୀ କରାଯାଇଥିଲା। ଠାକୁର, ଠାକୁରାଣୀଙ୍କୁ ଜଳ ମଧ୍ୟରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇଥିଲା। ପରେ ମାଳଫୁଲ ଲାଗି କରାଯିବା ସହ ବେଶ ବଢିଥିଲା। ପରେ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେ ଠାକୁର ଓ ଠାକୁରାଣୀ ପାଲିଙ୍କିରେ ବାହୁଡ଼ା ବିଜେ କରିଥିଲେ। ଭିତର ଚନ୍ଦନ ସମୟରେ ଜଳକ୍ରୀଡ଼ା ମଣ୍ଡପରେ ୪ଥର ମହାପ୍ରଭୁଙ୍କ ଜଳକ୍ରୀଡା ନୀତି ଅନୁଷ୍ଠିତ ହୋଇଥାଏ। ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ବା ଜଳକ୍ରୀଡ଼ା ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଏବଂ ଜ୍ୟେଷ୍ଠ ଏକାଦଶୀ ବା ରୁକ୍ମିଣୀ ହରଣ ଏକାଦଶୀରେ ଏହି ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ।

## ରଥଖଳାରୁ...

### ୩ ରଥର ୧୦ ଲେଖାଏ ଯୋକା ନିର୍ମାଣ ଶେଷ



ରଥଚକରେ ପଇ ସଂଯୋଗ କରାଯାଉଛି।

**ପୁରୀ,୨୩।୫(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁବାର ତିନିରଥର ୩୫ଟି ଚକ ନିର୍ମାଣ ଶେଷ ହୋଇଥିଲା। ତାଳଧ୍ୱଜ ରଥର ୩ ଚକ, ଦର୍ପଦଳନ ଏବଂ ନନ୍ଦିଘୋଷ ରଥର ୨ଟି ଲେଖାଏ ମୋଟ ୭ଟି ଚକ ପାଇଁ ରହିଥିବା ପଇ ଉପଯୋଗୀ ନ ହେବା ଦୃଷ୍ଟିରୁ ବରିଷ୍ଠ ତତ୍ତ୍ୱାବଧାରକ ଗୁରୁବାରଠାରୁ କଟିଙ୍ଗ ପଇ ଖପୁରିଆ ଶ'ମିଲରୁ କଟିଙ୍ଗ କରାଇ ଶୁକ୍ରବାର ଅପରାହ୍ନ ସୁଦ୍ଧା ରଥଖଳାରେ ପହଞ୍ଚାଇଥିଲେ, ଯାହାକି ବାକି ୭ଟି ଚକର ନିର୍ମାଣ ପାଇଁ ମହାରଣା ସେବକ ପଇବିନ୍ଧ କାର୍ଯ୍ୟ ଆରମ୍ଭ କରିଛନ୍ତି। ତିନିରଥର ୮ ଟି ଲେଖାଏ ୧୨ଟି ଭୂଇଁ ଚଉତା, ୪ଟି ଲେଖାଏ ମୁହାଁଟ, ୪ଟି ଲେଖାଏ ନିରାଡ଼ି ଏବଂ ୧୨ଟି ଲେଖାଏ ଭୂଇଁଖମ୍ବିର ଚଉପଟ କାର୍ଯ୍ୟ ଶେଷ ହୋଇ ବିନ୍ଧ କାର୍ଯ୍ୟ ଜାରିରହିଛି। ଏଥିସହ ମୋଟ ୪୪ଟି ଯୋକାରୁ ତିନିରଥର ୧୦ଟି ଲେଖାଏ ଯୋକା ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ସହ ଖୋଦେଇ ସରିଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା କମାରସେବକମାନେ ତିନି ରଥର ଅଖଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ତିଆରି କରୁଛନ୍ତି। ଦୋଳବେଦିଠାରେ ସ୍ନାନଯାତ୍ରା ଏବଂ ରଥଯାତ୍ରାରେ ଆବଶ୍ୟକ କାଠ, ବାଉଁଶରେ ନିର୍ମିତ ପୂଜା ସରଞ୍ଜାମ ପାହି ମହାରଣା ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ କରାଟେ: ସ୍ୱର୍ଣ୍ଣ ଜିତିଲେ ପୁରୀର ଅଭ୍ୟର୍ଥନା

**ପୁରୀ,୨୩।୫(ଅଜିତ କୁମାର ମହାନ୍ତି)**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ୩୭ତମ ରାଜ୍ୟସ୍ତରୀୟ କନିଷ୍ଠ କରାଟେ ପ୍ରତିଯୋଗିତା ଚଳିତ ମାସ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ ବର୍ଷ ଓ ୫୫ କିଲୋଗ୍ରାମ୍ ସବ୍‌ଜୁନିୟର ବାଳିକା ବିଭାଗରେ ପୁରୀର ଅଭ୍ୟର୍ଥନା ବରାଳ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆସନ୍ତା ଜୁନ୍ ୧୩ ରୁ ୧୫ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ସେ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଭ୍ୟର୍ଥନା ବର୍ତ୍ତମାନ ପୁରୀ ଗୋରୁଆଳସ୍ଥିତ ମଦର୍ସ ପବ୍ଲିକ ସ୍କୁଲର ୭ମ ଶ୍ରେଣୀର ଛାତ୍ରୀ। ପୁରୀ ସଦର ଅନ୍ତର୍ଗତ ଶାସନ ଦାମୋଦରପୁର ଗ୍ରାମର ଶିବଭୂଷଣ ବରାଳ ଓ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପ୍ରଧାନଙ୍କ ପୁତ୍ର ହେଉଛନ୍ତି ଅଭ୍ୟର୍ଥନା। ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ମା'ରାମଚଣ୍ଡୀଙ୍କ ଜଳଶାୟୀ

**ପୁରୀ,୨୩।୬(ଅଜିତ କୁମାର ମହାନ୍ତି)**

ଦୋଳମଣ୍ଡପ ସାହି ଜେନାରୀଗଛ ଛକସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ଜଳଶାୟୀ ଉତ୍ସବ ଶୁକ୍ରବାର ଜଳକ୍ରୀଡ଼ା ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ଭୋରରୁ ମନ୍ଦିର ଦ୍ୱାର ଫିଟିବା ପରେ ମଙ୍ଗଳଆଳତି, ଅବକାଶ, ବାଲଭୋଗ ଓ ସଖୁଡ଼ି ଭୋଗ ପରେ ମା'ଙ୍କ ଅସ୍ଥାନରେ ମାଟି ପ୍ରଲେପ କରାଯାଇଥିଲା। ଶିଶିର ଶତପଥି, ରଞ୍ଜନ ଦାଶ, ଅକ୍ଷୟ କର, ଯତୀନ୍ଦ୍ର କୁମାର ପାଣିଗ୍ରାହୀ, ତ୍ରିଲୋଚନ ମିଶ୍ର ଓ ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ନିକଟସ୍ଥ କୂଅରୁ ଗରୁରେ ଜଳ ଆଣି ମା'ଙ୍କ ଅସ୍ଥାନ ନିକଟରେ ଥୋଇବା ପରେ ପୂଜକ ସୋମନାଥ ଦାଶ ଓ ପିନାକ ଦାଶ ଅଗୁର, ଚନ୍ଦନ, ଚୁଆ, କେଶର ଓ ସୁବାସିତ ପୁଷ୍ପ ମିଶ୍ରଣ କରିଥିଲେ। ସେହି ଜଳ ମା'ଙ୍କ ମସ୍ତକରେ ଲାଗି କରାଯାଇଥିଲା। ପରେ ପଣା ଭୋଗ ହୋଇଥିଲା। ସନ୍ଧ୍ୟାରେ ଆସ୍ଥାନରୁ ଜଳ ନିଷ୍କାସନ କରାଯିବା ପରେ ମା'ଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇ ସନ୍ଧ୍ୟା



ଆଳତି କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ମା'ଙ୍କ ବେଶ ଓ ଜଳଶାୟୀ ଦର୍ଶନ କରିଥିଲେ। ରାତିରେ ମା'ଙ୍କୁ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଭୋଗ କରାଯାଇଥିଲା। ଏହି ଅବସରରେ ମନ୍ଦିରକୁ ଉଜ୍ୱଳ ଆଲୋକମାଳାରେ ସଜରଯାଇଥିଲା। ମା' ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟି ସମ୍ପାଦକ ମାରୁଣି ପୃଷ୍ଟି, ସହସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଏବଂ କୋଷାଧକ୍ଷ ବୁଲୁ ପଡ଼ିଆରୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ଯୋଗେଶ୍ୱରପୁର,୨୩।୫(ରଶ୍ମିରଞ୍ଜନ ସାହୁ)**

ଗାଡ଼ି ଧକ୍କାରେ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫଗୁ ବେହେରା। ଗୁରୁବାର ବିଳମ୍ବିତ ରାତିରେ ଏକ ବିବାହ ଭୋଜି ଖାଇ ବିଳମ୍ବିତ ରାତିରେ ବାଇକ୍ ଯୋଗେ ଫେରୁଥିବା ବେଳେ ନୟାହାଟ କଲେଜ ରାସ୍ତାରେ ଫଗୁ ବେହେରାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ନୟାହାଟ ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଚରିଛକ ମେଡିକାଲ୍ ପଠାଇଛି। ଏନେଇ ଗୋପ ଥାନାରେ ୧୫୮/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଛି।

# 'ବରିଷ୍ଠ ନାଗରିକମାନେ ସମାଜ ପାଇଁ ଶକ୍ତି'




ଅତିଥିମାନେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସୂଚନା ପତ୍ର ଉନ୍ମୋଚନ କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

**ପୁରୀ,୨୩।୫(ଅଜିତ କୁମାର ମହାନ୍ତି)**

ପୁରୀ ଜିଲାସ୍ତରୀୟ ବରିଷ୍ଠ ନାଗରିକ ସମ୍ମିଳନୀ ଶୁକ୍ରବାର ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଉଦ୍‌ଘାଟନ କରି କହିଛନ୍ତି, ବରିଷ୍ଠ ନାଗରିକମାନେ ଅଭିଜ୍ଞତା ଓ ଅନୁଭବ ଦୃଷ୍ଟିରୁ ସମାଜ ପାଇଁ ଜଣେ ଜଣେ ସମ୍ବଳ ଓ ଶକ୍ତି ସଦୃଶ। ଆଜିର ପିଢ଼ି ଓ ବୟସ୍କମାନଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି ହେଉଛି। ଏହାକୁ ପ୍ରତିହତ କରି ଆମ ମହାନ ସଂସ୍କୃତି ଓ ପରମ୍ପରା ଆଧାରରେ ବରିଷ୍ଠମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଏବଂ ସମସ୍ତ ସୁବିଧା ସୁଯୋଗ ଦେବାର ବ୍ୟବସ୍ଥା ରହିଛି ବୋଲି ଭୋଇ କହିଥିଲେ। ଉପଜିଲାପାଳ ରାଜକିଶୋର ଜେନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ନିୟମ, ସୁରକ୍ଷା ବ୍ୟବସ୍ଥା, ସମସ୍ୟାର ସମାଧାନ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଭାରପ୍ରାପ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ଅନିତା ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଯୋଗଦେଇଥିବାବେଳେ ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସୂଚନା ପତ୍ର ଉନ୍ମୋଚନ କରିଥିଲେ। ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲାସ୍ତରୀୟ ବରିଷ୍ଠ ନାଗରିକ କମିଟି ସଦସ୍ୟମାନଙ୍କ ନାମ ଘୋଷଣା କରାଯିବା ସହିତ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ସହ ପ୍ରତ୍ୟେକଙ୍କୁ ଛତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା।

## ମେ ୨୬ ପରିବର୍ତ୍ତେ ୨୭ରେ ହେବ ଅଭିଯୋଗ ଶୁଣାଣି

**ପୁରୀ,୨୩।୫(ଅଜିତ କୁମାର ମହାନ୍ତି)**

ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଚଳିତ ମାସ ୨୬ତାରିଖ ସୋମବାର ପରିବର୍ତ୍ତେ ୨୭ ତାରିଖ ମଙ୍ଗଳବାର ସକାଳ ୭ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ପୂର୍ବରୁ ୨୭ତାରିଖ ସାବିତ୍ରୀ ଅମାବାସ୍ୟା ପାଇଁ ଛୁଟି ଥିଲା। ତେବେ ସାବିତ୍ରୀ ଅମାବାସ୍ୟା ୨୬ ତାରିଖରେ ପଡୁଥିବାରୁ ଏହି ଦିନ ଛୁଟି ରହିବ। ତେଣୁ ୨୭ ତାରିଖରେ କାର୍ଯ୍ୟାଳୟ ଖୋଲା ରହିବ ଏବଂ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ଶୁକ୍ରବାର ସୂଚନା ଦେଇଛନ୍ତି। ଅଭିଯୋଗ ଶୁଣାଣିରେ ଆବେଦନ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଚଳିତ ମାସ ୨୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## 'ସାହିତ୍ୟରେ ରାଷ୍ଟ୍ରୀୟ ଭାବନା ପ୍ରକଟିତ ହେବା ଜରୁରୀ'

**ପୁରୀ,୨୩।୫(ଅଜିତ୍ କୁମାର ମହାନ୍ତି)**

ପୁରୀ ସରସ୍ୱତୀ ଜ୍ଞାନ ମନ୍ଦିର ପରିସରରେ 'ଅଖିଳ ଭାରତୀୟ ସାହିତ୍ୟ ପରିଷଦ' ଓଡ଼ିଶା ଶାଖା ପକ୍ଷରୁ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ପରିଷଦର ଓଡ଼ିଶା ପ୍ରାନ୍ତ ସଭାପତି ଅଭୟ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ସହସଙ୍ଗଠନ ସମ୍ପାଦକ ମନୋଜ କୁମାର ଯୋଗଦେଇ ସାହିତ୍ୟରେ ରାଷ୍ଟ୍ରୀୟ ଭାବନା ପ୍ରକଟିତ ହେବା ଜରୁରୀ ବୋଲି ସେ କହିବା ସହ କାଳଜୟୀ ସାହିତ୍ୟ ସୃଷ୍ଟି ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ପୁରୀ, ଜଟଣୀ ଓ ଭୁବନେଶ୍ୱରର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ପୁରୀ ସାହିତ୍ୟ ପରିଷଦ ସଂଯୋଜକ ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, ସହସଂଯୋଜିକା ସୁଶ୍ରୀ ସର୍ବାଣୀ ଦାଶ, ନୃସିଂହ ପ୍ରସାଦ ସାହୁ, ରାଜକିଶୋର ସାହୁ, ସତ୍ୟନାରାୟଣ ମିଶ୍ର, କଳ୍ପନା ମିଶ୍ର, ସୁକାନ୍ତ ପଣ୍ଡା, ପ୍ରମୋଦ କୁମାର ଦଳେଇ, ଅରବିନ୍ଦ ଶତପଥୀ, ସରଙ୍ଗାଧର ଷଡ଼ଙ୍ଗୀ, ନାରାୟଣ ନନ୍ଦ ଏବଂ ରେଣୁକା ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ସାକ୍ଷୀଗୋପାଳ ମନ୍ଦିରରେ ଜଳକ୍ରୀଡ଼ା ନୀତି

**ସାକ୍ଷୀଗୋପାଳ,୨୩।୫(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ତିଥି ଶୁକ୍ରବାର ସାକ୍ଷୀଗୋପାଳ ମନ୍ଦିରରେ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ରତ୍ନସିଂହାସନ ଉପରେ ଛନ୍ଦା ଚରଣରେ ସାକ୍ଷୀଗୋପାଳ ଠାକୁର ଦଣ୍ଡାୟମାନ ରହିଥିବା ବେଳେ ଜଳକ୍ରୀଡ଼ା ଏକାଦଶୀ ତିଥିରେ କଦମ୍ବ ବୃକ୍ଷ ଡାଳରେ ବିରାଜମାନ କରିଥିବା ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା। ୨୧ ଦିନ ବ୍ୟାପୀ ଭିତର ଚନ୍ଦନ ନୀତିର ଅନ୍ୟତମ ଆକର୍ଷଣ ସାକ୍ଷୀଗୋପାଳ ଠାକୁରଙ୍କ ଜଳକ୍ରୀଡ଼ା ବେଶ। ଏହି ବେଶରେ କଦମ୍ବ ବୃକ୍ଷ ଡାଳରେ ଠାକୁର ବିରାଜମାନ କରିଥିବା ଦେଖାଯାଇଥିଲା। ବିବସ୍ତ୍ର ଗୋପାଙ୍ଗନାମାନେ ସ୍ନାନ କରୁଥିବା ସମୟରେ ସେମାନଙ୍କର ବସ୍ତ୍ର ହରଣକରି କଦମ୍ବ ବୃକ୍ଷ ଡାଳରେ ରଖାଯାଇଥିଲା। ଦ୍ୱିପ୍ରହର ଧୂପ ବେଶରେ ସାକ୍ଷୀଗୋପାଳ ଠାକୁରଙ୍କ ଛନ୍ଦା ଚରଣକୁ ବସ୍ତ୍ରରେ ଆବୃତ୍ତ କରାଯାଇ ସୋଲରେ ତିଆରି କରାଯାଇଥିବା ଅନ୍ୟ ଦୁଇଟି ଖଞ୍ଜା ପୟର ଲାଗି କରାଯାଇଥିଲା। ପ୍ରଚଳିତ ଦେବନୀତି ଅନୁଯାୟୀ ଆଳଟ ଲାଗି, କାଛିଲାଗି, ଚନ୍ଦନ ବେଢ଼ା, ଚନ୍ଦନ ସାଙ୍ଗ ବେଶ ପରେ ଛତି, ତ୍ରାସ୍, ଘଣ୍ଟ, କାହାଳି, ତେଲିଙ୍ଗି ବାଜା ବଜାଇ ବିଜେ ପ୍ରତିମା ମଦନମୋହନଙ୍କୁ ପୂଜାପଣ୍ଡା ଓ ପୁଷ୍ପାଳକ ସେବାୟତ ଜଳକ୍ରୀଡ଼ା ମନ୍ଦିରକୁ ବିଜେ କରିଥିଲେ। ଚନ୍ଦନ ସ୍ନାନ, ନୂତନବସ୍ତ୍ର, ଫୁଲ ତୁଳସୀ ମାଳ, ଟାହିଆ, ଚନ୍ଦନ ଲାଗି କରାଯାଇଥିଲା। ପଣାଭୋଗ, ଜାତଭୋଗ, ଆଳତି, ଉପଚାର କରି ପୂଜାପଣ୍ଡା ଠାକୁରଙ୍କୁ ଦୂବ, ବରକୋଳି ପତ୍ର, ଅରୁଆ ଚାଉଳ, ଫୁଲରେ ବନ୍ଦାପନା କରିଥିଲେ। ଏହି ଅବସରରେ ରଙ୍ଗଣି କୁଳ ପକ୍ଷରୁ ଚୁଡ଼ାଘସା, କ୍ଷୀର, କଦଳୀ, ଫଳମୂଳ, ପଣା ପଇଡ଼ ଆଦି ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କଦମ୍ବ ବୃକ୍ଷଡାଳରେ ବିରାଜିତ ସାକ୍ଷୀଗୋପାଳଙ୍କ ଜଳକ୍ରୀଡ଼ା ବେଶ ଦର୍ଶନ କରିଥିବା ବେଳେ ରତ୍ନ ସିଂହାସନ ତଳେ କୃତ୍ରିମ ଯମୁନା ଜଳ ମଧ୍ୟରେ ବିବସ୍ତ୍ର ଗୋପାଙ୍ଗନାମାନେ ଲଜ୍ଜାରେ ଦଣ୍ଡାୟମାନ ହୋଇଥିବା ଦେଖିବାକୁ ମିଳିଥିଲା। ପରମ୍ପରାକ୍ରମେ ଏହି ବେଶ ରଙ୍ଗଣି କୁଳ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଛି। ପରମ୍ପରା ଅନୁଯାୟୀ, ୫୫୦ ଘର ରଙ୍ଗଣି ସମିତି ତରଫରୁ ଏହି ବେଶ ଅନୁଷ୍ଠିତ ହୋଇଥିଲା। ସଭାପତି ଚକ୍ରଧର ନାୟକ, ସମ୍ପାଦକ ରବୀନ୍ଦ୍ର କୁମାର ଦାସ, ଉପଦେଷ୍ଟା ଜନ୍ମେଶ୍ୱର ବେହେରା ଓ ବିରଞ୍ଚି ନାରାୟଣ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

**କଦମ୍ବ ବୃକ୍ଷ ଡାଳରୁ ଦର୍ଶନ ଦେଲେ ଠାକୁର**

# ରେଲ୍‌ୱେ ସ୍ଥିରୀକୃତ ସ୍ଥାନରେ ହେବ ଓଭରବ୍ରିଜ୍

**ସାକ୍ଷୀଗୋପାଳ,୨୩।୫(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)**

ବହୁ ପ୍ରତୀକ୍ଷିତ ସାକ୍ଷୀଗୋପାଳ ରେଲ୍‌ୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ଶେଷଥର ଜମି ଚିହ୍ନଟ କରାଯାଇ ଉପଯୁକ୍ତ ବିସ୍ଥାପନ ସହ ଥଇଥାନ ପ୍ରକ୍ରିୟା ଜୁନ୍ ମଧ୍ୟରେ ଆରମ୍ଭ କରାଯିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସତ୍ୟବାଦୀ ବଜାର ବ୍ୟବସାୟୀ ସଂଘ ଓ ଅଞ୍ଚଳବାସୀଙ୍କ ସହଯୋଗ କରିବାକୁ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ସଂଘର ସଦସ୍ୟଙ୍କୁ ଜିଲାପାଳ ଏହି ସୂଚନା ଦେଇଛନ୍ତି ବୋଲି ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ବୈଠକରେ ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ (ରାଜସ୍ୱ), ଉପଜିଲାପାଳ, ସତ୍ୟବାଦୀ ତହସିଲଦାର, ଜୟପୁର ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ, ସମିତି ସଭ୍ୟ ଦୀପକ ଶତପଥୀ, ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତ, ସମିତି ସଭ୍ୟ ସୁମନ୍ତ ଘଡ଼ୁଆରୀ, ବ୍ୟବସାୟୀ ସଂଘ ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଉପସଭାପତି ଶଙ୍କର୍ଷଣ ପ୍ରଧାନ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସହସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ବ୍ୟବସାୟୀ ସଂଘ ସଭାପତି ବୀରେନ୍ଦ୍ର ଭୂଷଣ ହୋତା ସାକ୍ଷୀଗୋପାଳ ବଜାର ମଧ୍ୟରେ ଥିବା ରେଲ୍‌ୱେ ଫାଟକଠାରେ ଉକ୍ତ ଓଭରବ୍ରିଜ୍ ନିର୍ମାଣ ନ କରି ସାକ୍ଷୀଗୋପାଳ କଲେଜ ବାଇପାସ୍ ରାସ୍ତାରେ ଥିବା ରେଲ୍‌ୱେ ଫାଟକ ନିକଟକୁ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କରିଥିଲେ। ପୂର୍ବରୁ ମଧ୍ୟ ଏଥିପାଇଁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ବ୍ୟବସାୟୀ ସଂଘ ପକ୍ଷରୁ ଏଠାରେ ଓଭରବ୍ରିଜ୍ ନିର୍ମାଣ ନ କରି ଏକ ଅଣ୍ଡରପାସ୍ ନିର୍ମାଣ ନିମନ୍ତେ ଅନ୍ୟ ଏକ ପ୍ରସ୍ତାବ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ।

ଆଲୋଚନାକ୍ରମେ ଯେଉଁ ସ୍ଥାନରେ ଓଭରବ୍ରିଜ୍ ହେବା ପାଇଁ ରେଳ ବିଭାଗ ସ୍ଥିର କରିଛି, ସେହି ସ୍ଥାନରେ ହିଁ ଓଭରବ୍ରିଜ୍ ହେବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ରେଲ୍‌ୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ଆମେ ସହଯୋଗ କରିବୁ। କିନ୍ତୁ ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ ଓ କ୍ଷତିଭରଣା ପାଇଁ ପ୍ରାଧାନ୍ୟ ଦିଆଯିବାକୁ ସଂଘର ସହସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର ବୈଠକରେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ।

# ସରକାରଙ୍କ ନିଷ୍ପତ୍ତିକୁ ଶ୍ରଦ୍ଧାଳୁ, ସେବାୟତଙ୍କ ସ୍ୱାଗତ

**ପୁରୀ,୨୩।୫(ଅଜିତ୍ କୁମାର ମହାନ୍ତି)**

**ଶ୍ରୀମନ୍ଦିର ସୁରକ୍ଷା ପାଇଁ ଆଣ୍ଟିଡ୍ରୋନ ବ୍ୟବସ୍ଥା**

ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜ୍ୟ ସରକାର ଅତ୍ୟାଧୁନିକ ଆଣ୍ଟିଡ୍ରୋନ ଟେକ୍ନୋଲୋଜି ସ୍ଥାପନ କରିବେ। ଏହି ଟେକ୍ନୋଲୋଜି ଦ୍ୱାରା ଶ୍ରୀମନ୍ଦିର ନିକଟକୁ ଆସୁଥିବା ଡ୍ରୋନ୍‌ଗୁଡ଼ିକୁ ଠାବ କରାଯିବା ସହ ଅଚଳ କରାଇ ତଳକୁ ଖସାଇ ଦିଆଯାଇପାରିବ। ଫଳରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଦ୍ୱାରା କୌଣସି ଅଘଟଣ ଯୋଜନାକୁ ରୋକାଯାଇପାରିବ ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଶ୍ରଦ୍ଧାଳୁ ଓ ସେବାୟତ ସ୍ୱାଗତ କରିଛନ୍ତି। ଏନେଇ ବରିଷ୍ଠ ସେବାୟତ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନ କହିଛନ୍ତି, ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ନଜରରେ ଥିବା ଗୋଇନ୍ଦା ସଂସ୍ଥା ପକ୍ଷରୁ ଅବଗତ କରାଯାଇଥିଲା। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଛି। ମାତ୍ର ପୋଲିସ ସେମାନଙ୍କୁ ଗିରଫ କରି ଛାଡ଼ିଦେଉଛି। କଠୋର ନିୟମ ନ ଥିବାରୁ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବାକୁ ଲୋକେ ପଛାଉ ନାହାନ୍ତି। ତେଣୁ ଏ ନେଇ ପ୍ରଥମେ କଠୋର ଆଇନ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। ତେବେ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିପରି ପୂର୍ବତନ ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସେବାୟତ ମାଧବ ମହାପାତ୍ର କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ସରକାର ଗୁରୁତ୍ୱର ସହ ନେଇ ଏଭଳି ନିଷ୍ପତ୍ତି ନେଇଛନ୍ତି। ଲୋକଙ୍କ ନିକଟକୁ ଭଲ ବାର୍ତ୍ତା ଯିବ। ଆଗକୁ ରଥଯାତ୍ରା ଅଛି, ତେଣୁ ଏହା ଉତ୍ତମ ପଦକ୍ଷେପ। ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ର ସୁରକ୍ଷା ପ୍ରସଙ୍ଗକୁ ନେଇ ଅଧିକ ଗାଇଡ୍‌ଲାଇନ ଆସିବା ଆବଶ୍ୟକ। ମନ୍ଦିର ପ୍ରବେଶ ସମୟରେ କଡ଼ାକଡ଼ି ଚେକିଂ, ସମୁଦ୍ରପଥ ଉପରେ ନଜର ରଖିବା, ପ୍ରବେଶ ପଥଗୁଡ଼ିକରେ ଏଆଇ କ୍ୟାମେରା ଲଗାଯିବ ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସେବାୟତ ମୁକ୍ତିକାଶ ପ୍ରତିହାରୀ କହିଛନ୍ତି, ସରକାରଙ୍କ ଏହି ଘୋଷଣା ସ୍ୱାଗତଯୋଗ୍ୟ। ଶ୍ରୀମନ୍ଦିର ସୁରକ୍ଷାକୁ ଦୃଷ୍ଟିରେ ରଖି ଡ୍ରୋନ ଉଡ଼ାଇବା ବ୍ୟକ୍ତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସୁରକ୍ଷାକୁ ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି କରାଯାଉ। ଗୋଇନ୍ଦା ବିଭାଗ ଆହୁରି ସଜାଗ ହେବା ଆବଶ୍ୟକ ବୋଲି ପ୍ରତିହାରୀ କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନିକଟରେ ବାରମ୍ବାର ବେଆଇନ୍ ଭାବେ ଡ୍ରୋନ୍ ଉଡ଼ାଣ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିରର ଗୁପ୍ତ ତଥ୍ୟ ଲିକ୍ ହେବା ସହ ଶ୍ରୀମନ୍ଦିର ଉପରେ ଆକ୍ରମଣର ଆଶଙ୍କା ରହୁଛି। ସେହିପରି ଶ୍ରୀମନ୍ଦିର ସବୁବେଳେ ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ନେଇ କେନ୍ଦ୍ରୀୟ ଗୁଇନ୍ଦା ବିଭାଗ ପୋଲିସକୁ ସତର୍କ କରାଇଆସୁଛି। ତେଣୁ ଡ୍ରୋନ୍ ଉଡ଼ାଣ ରୋକାଯିବା ଜରୁରୀ ହୋଇପଡ଼ିଛି।

# ଇକୋ ପରିବେଶ ସୃଷ୍ଟି କରୁଛନ୍ତି ଅଲିଭ ରିଡ୍‌ଲେ

**କୋଣାର୍କ,୨୩।୫(ଜ୍ୟୋତିରାଜ ମହାନ୍ତି)**

**ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ସଚେତନତା ଶୋଭାଯାତ୍ରା, ବେଳାଭୂମି ସଫେଇ**

ବିଶ୍ୱ କଇଁଛ ଦିବସ ପାଳନ ଅବସରରେ କାମତ ହୋଟେଲ ଆଣ୍ଡ ଲୋଟସ ରିସୋର୍ଟ ପକ୍ଷରୁ କୋଣାର୍କ ବନ ବିଭାଗ ସହଯୋଗରେ ଶୁକ୍ରବାର ଲୋଟସ ରିସୋର୍ଟର କର୍ମଚାରୀ ଓ କୋଣାର୍କ ବନ କର୍ମଚାରୀଙ୍କୁ ନେଇ ଚନ୍ଦ୍ରଭାଗା ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଓ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲୋଟସ ରିସୋର୍ଟର କର୍ମଚାରୀ ଓ କୋଣାର୍କ ବନ କର୍ମଚାରୀମାନେ ପ୍ଲାକାର୍ଡ ଧରି ଅଲିଭ ରିଡ୍‌ଲେ ସୁରକ୍ଷା ଓ ପରିବେଶ ସନ୍ତୁଳନ ରକ୍ଷାର ନାରା ଦେଇ ସଚେତନତାର ବାର୍ତ୍ତା ଦେଇଥିଲେ। ବିଶ୍ୱ କଇଁଛ ଦିବସ ପାଳନ ଅବସରରେ ଅଲିଭ ରିଡ୍‌ଲେ ସୁରକ୍ଷା ସମ୍ପର୍କରେ ଲୋଟସ ରିସୋର୍ଟର କର୍ମଚାରୀମାନେ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ପରେ ଚନ୍ଦ୍ରଭାଗାଠାରେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅପରାହ୍ନରେ ଲୋଟସ ରିସୋର୍ଟ ସମ୍ମେଳନ କକ୍ଷଠାରେ ଅଲିଭ ରିଡ୍‌ଲେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖବରଦାତା ସଞ୍ଜୟ ପତିଙ୍କ ଅଧ୍ୟକ୍ଷତାରେ କର୍ମଶାଳାରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ଯୋଗଦେଇ ଅଲିଭ ରିଡ୍‌ଲେ ସୁରକ୍ଷା, ସେମାନଙ୍କ ସୁରକ୍ଷିତ ଅଣ୍ଡାଦାନ ପ୍ରକ୍ରିୟା ଓ ପରିବେଶ ସନ୍ତୁଳନ ରକ୍ଷା ଦିଗରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କାମତ ହୋଟେଲର ଆଞ୍ଚଳିକ ପରିଚାଳକ ଭାରତ ଭୂଷଣ ବିଶ୍ୱାଳ ଯୋଗଦେଇ ଇକୋ ପରିବେଶ ସୃଷ୍ଟି ଦିଗରେ ଅଲିଭ ରିଡ୍‌ଲେମାନଙ୍କ ଅତୁଳନୀୟ ଅବଦାନ ରହିଛି। ଏମାନଙ୍କ ସୁରକ୍ଷା ପାଇଁ ସାମୂହିକ ପ୍ରଚେଷ୍ଟା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ କଇଁଛ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ କୋଣାର୍କ ବନ ବିଭାଗର ୮ଜଣ କର୍ମଚାରୀଙ୍କୁ ଲୋଟସ ରିସୋର୍ଟ ପକ୍ଷରୁ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲୋଟସ ରିସୋର୍ଟର ସୁନୀଲ କୁମାର ପାଣିଗ୍ରାହୀ, ପ୍ରଭୁଦତ୍ତ ଦାସ, ଧୀରେନ କୁମାର ଆଚାର୍ଯ୍ୟ, ରାଜୀବ କୁମାର ନାୟକ, ଜିତେନ୍ଦ୍ର ଜେନା, ପ୍ରଦୀପ ମଣ୍ଡଳ, ଅଭିମନ୍ୟୁ ମାନ୍ୟାଲୁ, ସରାଫର୍ଜ କୋରସିନ ଓ ନିର୍ମାଲ୍ୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଲୋଟସ ରିସୋର୍ଟର ପରିଚାଳକ ସୁନୀଲ ସେଫ ଧନ୍ୟବାଦ ଦେଇଥିଲେ।




ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଆୟୋଜିତ ସଚେତନତା ଶୋଭାଯାତ୍ରା।

**୨୭ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର**

କଟକ,(କାର୍ତ୍ତିକ ସାହୁ): ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ରାଜ୍ୟ ସରକାର ଆସନ୍ତା ୨୬ ତାରିଖ (ସୋମବାର) ସରକାରୀ ଛୁଟି ଘୋଷଣା କରିଛନ୍ତି। ତେଣୁ ୨୬ ତାରିଖରେ ନିଆଳି ବ୍ଲକରେ ହେବାକୁ ଥିବା ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ୨୭ ତାରିଖ (ମଙ୍ଗଳବାର) ହେବାକୁ ସ୍ଥିର କରାଯାଇଛି। ନିଆଳି ବ୍ଲକରେ ଏହି ମିଳିତ ଜନଶୁଣାଣି ଶିବିର ମଙ୍ଗଳବାର ସକାଳ ୭ଟାରେ ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୋଗ ଶୁଣାଣି ଶିବିରରେ ନିଜର ଅଭିଯୋଗ ଦାଖଲ କରିବା ନିମନ୍ତେ ଜନଶୁଣାଣି ୱେବ ପୋର୍ଟାଲ/ମୋବାଇଲ ଆପ୍ଲିକେସନ ମାଧ୍ୟମରେ ସ୍ଲଟ ବୁକିଂ କରିବାକୁ ଅନୁରୋଧ କରାଯାଉଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଶନିବାର ରାତ୍ରି ୧୧ଟା ୫୯ ମିନିଟ ପର୍ଯ୍ୟନ୍ତ ଜନଶୁଣାଣି ପୋର୍ଟାଲରେ ସ୍ଲଟ ବୁକିଂ କରାଯାଇପାରିବ।

# ଏଣିକି ଥରକେ ୧୫ ପ୍ରକଳ୍ପକୁ ମିଳିବ ଅନୁମୋଦନ

କଟକ,୨୩।୫(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ୩୧୦ତମ କାଉନସିଲ ବୈଠକ ଚୌଧୁରୀବଜାରସ୍ଥିତ ବିଜୁ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଣିକି ପ୍ରତ୍ୟେକ କର୍ପୋରେଟର ନିଜ ୱାର୍ଡର ୧୫ଟି ପ୍ରକଳ୍ପ କାମର ତାଲିକା ଥରକେ ସିଏମ୍‌ସିକୁ ଦେବେ। ତାହାକୁ ଅନୁମୋଦନ କରାଯିବା ପରେ କାମ ଆରମ୍ଭ ହେବ। ସେହି ୧୫ଟି କାର୍ଯ୍ୟର ଅଗ୍ରଗତି ଏକ କମିଟି ଯାଞ୍ଚ କରି ସମୀକ୍ଷା ବୈଠକ ଡକାଯିବ। ଏଥିସହ ସେହି କାମ ସମ୍ପୂର୍ଣ୍ଣ ହେବା ପରେ ପର୍ଯ୍ୟାୟକ୍ରମେ ପୁଣି ୧୫ଟି ଲେଖାଏ କାର୍ଯ୍ୟର ତାଲିକା ଦେବେ ବୋଲି ସିଏମ୍‌ସି କାଉନସିଲ ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନାନୁସାରେ, ବିନା ଟେଣ୍ଡରରେ ୱାର୍ଡୱାରି ୫୦ ଲକ୍ଷ ଟଙ୍କାର କାମ ହୋଇଥିବା ନିର୍ଦ୍ଦିଷ୍ଟ କର୍ପୋରେଟର ବୈଠକ ପ୍ରାରମ୍ଭରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବେଶ୍ କିଛି ସମୟ ତର୍କ ଚାଲିଥିଲା। ତେବେ ଏଭଳି ଅଭିଯୋଗ ଭିତ୍ତିହୀନ ବୋଲି କେତେକ କର୍ପୋରେଟର କହିବା ସହ ସିଏମ୍‌ସି କମିସନର ଅନାମ ଚରଣ ପାତ୍ର ମଧ୍ୟ ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ ବୋଲି କହିଥିଲେ। ଫଳରେ ସମ୍ପୃକ୍ତ କର୍ପୋରେଟରମାନେ ଶାନ୍ତ ହୋଇଥିଲେ। ଏଣିକି କର୍ପୋରେଟରମାନେ ଆଉ ମନଇଚ୍ଛା ଶତାଧିକ ପ୍ରକଳ୍ପ ତାଲିକା ଦେଇପାରିବେ ନାହିଁ ବୋଲି ମେୟର ସୁଭାଷ ସିଂହ କଟକଣା ଲଗାଇଛନ୍ତି। କର୍ପୋରେଟର ବିଶ୍ୱଜିତ ପଣ୍ଡା କାମ ହାତେଇବା ପାଇଁ ୨ ଲକ୍ଷର ଫାଇଲ କରାଯାଇ ହରିଲୁଟ କରାଯାଉଛି ବୋଲି ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗର କୌଣସି ସତ୍ୟତା ନାହିଁ ଓ ସେଭଳି କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି କମିସନର ପାତ୍ର ସ୍ପଷ୍ଟ କରିଥିଲେ। ଅପରପକ୍ଷରେ ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଆଇନ ଅନୁସାରେ ୨ ଲକ୍ଷ ଟଙ୍କା ମଧ୍ୟରେ ଜରୁରୀ କାମ କରାଇବା ପାଇଁ ପରିଷଦର ଅଧିକାର ରହିଛି ବୋଲି କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ କହିଥିଲେ। ତେଣୁ କର୍ପୋରେଟର ସେମାନଙ୍କ ୱାର୍ଡରେ ୨ଲକ୍ଷ ଟଙ୍କା ମଧ୍ୟରେ ବିନା ଟେଣ୍ଡରରେ କାମ କରିପାରିବେ ଓ ଯେଉଁ କର୍ପୋରେଟର କାମ କରିନାହାନ୍ତି, ସେମାନେ କାମ କରାଇବାକୁ ଅଧିକାଂଶ କର୍ପୋରେଟର ମତ ରଖିଥିଲେ। ୨୦୨୨ରୁ ୨୦୨୫ ପର୍ଯ୍ୟନ୍ତ ପ୍ରତି ୱାର୍ଡରେ କେତେ କାମ ଓ ଏହା ବାବଦକୁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହାର ତାଲିକା ୭ ଦିନ ମଧ୍ୟରେ ପ୍ରସ୍ତୁତ କରିବାକୁ ନଗର ଯନ୍ତ୍ରୀଙ୍କୁ କମିସନର ନିର୍ଦ୍ଦେଶ ଦେଇଛନ୍ତି। କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ୫୭ ନମ୍ବର ୱାର୍ଡର ଗୋପାଳପୁରଠାରେ ପାର୍କ ନିର୍ମାଣ, ଶ୍ମଶାନ ଓ ପଦ୍ମ ପୋଖରୀକୁ ରାସ୍ତା କରାଯିବାରେ ଯାନ୍ତ୍ରିକ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ଉପରେ ପଦକ୍ଷେପ ନେବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। କର୍ପୋରେଟର ଗୋପାଳ ବେହେରା ବାୟୋ ମାଇନିଂ ଟେଣ୍ଡରରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଥିଲେ। ସେହିଭଳି ବିଭିନ୍ନ ୱାର୍ଡର କର୍ପୋରେଟର ସେମାନଙ୍କ ୱାର୍ଡରେ ପଙ୍କୋଦ୍ଧାର, ରାସ୍ତା, ଲାଇଟ ଆଦି ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ସମସ୍ତ କର୍ପୋରେଟରଙ୍କ ସହ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।


କଟକ ମହାନଗର ନିଗମର ୩୧୦ତମ କାଉନସିଲ ବୈଠକରେ ଉପସ୍ଥିତ ମେୟର, କମିଶନର, କର୍ପୋରେଟର ଓ ଅନ୍ୟମାନେ।

**ସିଏମ୍‌ସି କାଉନସିଲ ବୈଠକ**

## ଓମ୍‌ଟାର ସାଧାରଣ ବାର୍ଷିକ ବୈଠକ



ଓଏମ୍‌ଟାର ସାଧାରଣ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୩।୫(ଶିଖା ପ୍ରିୟଦର୍ଶିନୀ)

ଓଡ଼ିଶା ମେଡିକାଲ କଲେଜ ଶିକ୍ଷକ ସଂଘ (ଓଏମ୍‌ଟା)ର ସାଧାରଣ ବୈଠକ ଏସ୍‌ସିବି ମେଡିକାଲ ଅଡିଟୋରିୟମଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଅଧ୍ୟାପକ, ବିଭାଗ ମୁଖ୍ୟ ଓ ୧୫୦ରୁ ଅଧିକ ପ୍ରଫେସର ଯୋଗଦେଇଥିଲେ। ବୈଠକରେ ଶିକ୍ଷକଙ୍କ ସମସ୍ୟା, ସଂଗଠନର ଭବିଷ୍ୟତ କାର୍ଯ୍ୟ ଯୋଜନା ଓ ରାଜ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉନ୍ନତି ତଥା ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ସଭାପତି ଡା. ଚିନ୍ମୟ ସୁନ୍ଦର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ମୁଖ୍ୟ ସମ୍ପାଦକ ଡା. ନିହାର ରଞ୍ଜନ ସାହୁ ବିଭିନ୍ନ କାର୍ଯ୍ୟ ପ୍ରତିବେଦନ ଉପସ୍ଥାପନ କରିଥିଲେ। ବୈଠକରେ ଡା. ମନୋରଞ୍ଜନ ଦାସ, ଡା. ସାରଦା ପ୍ରସନ୍ନ ସ୍ୱାଇଁ, ଡା. ମିହିର ନାୟକ, ଡା. ମନୋଜ କୁମାର ପାତ୍ର, ଡା. ଜଗଦୀପ ନାୟକ, ଡା. ଜୟନ୍ତ କୁମାର ପଣ୍ଡା, ଡା. କାଳି ପ୍ରସନ୍ନ ସ୍ୱାଇଁ, ଡା. ଆଶିଷ କୁମାର ବାରିକ ଯୋଗଦେଇ ଶିକ୍ଷକମାନଙ୍କ ପଦୋନ୍ନତି, ସ୍ଥାୟୀ ନିଯୁକ୍ତି ଓ ଅନ୍ୟାନ୍ୟ ସେବା ସର୍ତ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଓମଟା ବୁଲେଟିନର ଉନ୍ମୋଚନ କରାଯାଇଥିଲା। ଡା. [illegible] କୁମାର ସ୍ୱାଇଁ ଓମଟାର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ବୈଠକରେ ଏକ ନୂଆ କାର୍ଯ୍ୟନୀତି ଗ୍ରହଣ କରାଯାଇଥିବା ବେଳେ ଆସନ୍ତା ଦିନରେ ଏହି କାର୍ଯ୍ୟନୀତି ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ବସ୍‌ରୁ ୮ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ମଙ୍ଗୁଳି-ଜଗତପୁର,୨୩।୫(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗର ଅରୂପ ବିଶ୍ୱାସ। ତାଙ୍କ ନିକଟରୁ ୮ କିଲୋ ୨୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ, ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ଓଝାଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ ଥାନା ୧୬ ନଂ. ଜାତୀୟ ରାଜପଥ ଟୋଲ ଗେଟ ନିକଟରେ ଏକ ଘରୋଇ ବସ୍ ଅଟକାଇ ଯାଞ୍ଚ କରାଯାଇଥିଲା। ଜଣେ ଯୁବକ ପାଖରୁ ଏକ ବସ୍ତା ମିଳିଥିଲା। ବସ୍ତା ଯାଞ୍ଚ କରିବାରୁ ୮ କିଲୋ ୨୦୦ଗ୍ରାମ ଗଞ୍ଜେଇ ମିଳିଥିଲା। ଏ ନେଇ ଅବକାରୀ ବିଭାଗ ଏକ ମାମଲା (ନଂ.୩୮/୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଯାଞ୍ଚ ବେଳେ ଇନ୍‌ସପେକ୍ଟର ମାନସୀ ନାୟକ, ଏଆଇଏସ ବାପି ସାହୁ, ଆଶୁତୋଷ ଜେନାଙ୍କ ସମେତ ୪ କନଷ୍ଟେବଲ ସାମିଲ ଥିଲେ।

### ମୋରମ ବୋହେଇ ୩ ଟ୍ରାକ୍ଟର, ୧ ଜେସିପି ଜବତ



ମଙ୍ଗୁଳି-ଜଗତପୁର,୨୩।୫(ମାନସ ସାମଲ)

ବେଆଇନ ମୋରମ ଚାଲାଣ ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ୩ଟି ଟ୍ରାକ୍ଟର ଓ ଗୋଟିଏ ଜେସିପି ଗୁରୁବାର ଜବତ କରିଛି। ଜଣେ ଜେସିବି ଡ୍ରାଇଭରଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ସୂଚନା ମୁତାବକ, ଗୁରୁବାର ରାତିରେ ଟାଙ୍ଗୀ ଥାନା ଅଧୀନ ଓଏଲ ରୋଡ ବଡ଼ ପଖୋରୀ ବୁଢ଼ିଆଣୀ ଠାକୁରାଣୀ ନିକଟ ଏକ ପଡ଼ିଆରୁ ଜେସିପିରେ ଖୋଳି ମୋରମ ଟ୍ରାକ୍ଟରରେ ଚାଲାଣ କରାଯାଉଥିବା ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ପାଇଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଥାନା ପୋଲିସ ସ୍ଥାନରେ ଚଢ଼ାଉ କରିଥିଲା। ବିନା ସରକାରୀ ଅନୁମୋଦନରେ ମୋରମ ଚାଲାଣ ହେଉଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ଏକ ମାମଲା (ନଂ. ୧୪୨/୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ଗାଡ଼ି ଧକ୍କାରେ ମହିଳା ମୃତ

କଟକ ସଦର,୨୩।୫(ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରାସ୍ତା କମାପୁର ଛକରେ ଶୁକ୍ରବାର ଏକ ଟାଟା ମାଜିକ୍ ଗାଡ଼ି ଭାରସାମ୍ୟ ହରାଇ ସର୍ବତ ଓ ଚା ଦୋକାନ ଉପରକୁ ମାଡ଼ି ଯାଇଥିଲା। ଏହି ଦୁର୍ଘଟଣାରେ କନ୍ଦରପୁର ଥାନା ଅନ୍ତର୍ଗତ କମାପୁର ଗ୍ରାମର ସ୍ନେହଲତା ଦଳେଇ (୫୫) ନାମ୍ନୀ ମହିଳାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ମହିଳା ଜଣକ ସର୍ବତ ପିଉଥିବା ବେଳେ ପାରାଦୀପ ଆଡୁ ଦ୍ରୁତଗତିରେ ଆସୁଥିବା ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନାକୁ ପଠାଇଥିଲା।

## କଟକ ରେଳଷ୍ଟେସନରେ ପାରମ୍ପରିକ ଖାଦ୍ୟ, ହସ୍ତଶିଳ୍ପ ସମ୍ଭାର


କଟକ ରେଳଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ଓରମାସ ପକ୍ଷରୁ ଖୋଲାଯାଇଥିବା ସ୍ୱତନ୍ତ୍ର ଷ୍ଟଲ।

କଟକ,୨୩।୫(କାର୍ତ୍ତିକ ସାହୁ)

ଗୋଟିଏ ଷ୍ଟେସନ ଗୋଟିଏ ଉତ୍ପାଦ କାର୍ଯ୍ୟକ୍ରମ ଅଧୀନରେ କଟକ ରେଳଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ୨ଟି ଷ୍ଟଲ ଗୁରୁବାର ଉଦ୍‌ଘାଟନ କରାଯାଇଛି। ଏହି ଷ୍ଟଲରେ ସ୍ୱତନ୍ତ୍ର ଭାବେ ଓଡ଼ିଶାର ପାରମ୍ପରିକ କାକରା, ମଣ୍ଡା, ଆରିସା ଆଦି ପିଠା ଉପଲବ୍ଧ ହୋଇଛି। ଏଥିସହ ମାଣ୍ଡିଆ ଜାତୀୟ ଶସ୍ୟରୁ ପ୍ରସ୍ତୁତ ଲଡ୍ଡୁ, ମୁଢ଼ି, ନିମ୍‌କି ଆଦି ସହିତ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଟେରାକୋଟା, ତାରକସୀ ଏବଂ କଟକୀ, ମାଣିଆବନ୍ଧ, ଖଣ୍ଡୁଆ ଆଦି ଶାଢ଼ୀ ବିକ୍ରୟ କରାଯାଉଛି। ଓରମାସର ଏହି ଅଭିନବ ପ୍ରୟାସ ଦ୍ୱାରା ଏହି ୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୁନ ୩୦ଜଣ ସଭ୍ୟାଙ୍କ ସହିତ ଅନ୍ୟ ଗ୍ରାମାଞ୍ଚଳ ଗୋଷ୍ଠୀର ଉତ୍ପାଦକମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ମତବ୍ୟକ୍ତ କରିଛନ୍ତି। ମା'କାଳୀ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମା' ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଷ୍ଟଲଗୁଡ଼ିକର ପରିଚାଳନା କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ବନ୍ଦେ ଭାରତ ଟ୍ରେନ୍‌ରେ ମିଲେଟ୍ସରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଯାତ୍ରୀମାନଙ୍କୁ ଯୋଗାଇ ଦେବା ପାଇଁ ଓରମାସ ପକ୍ଷରୁ ରେଳୱେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଉଛି। ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଓରମାସର ଡେପୁଟି ସିଇଓ ଗୋବିନ୍ଦ ମଜୁମଦାର, ଶ୍ରୀକାନ୍ତ ପରିଡ଼ା, ବର୍ଷାରାଣୀ ସ୍ୱାଇଁ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ଅଷ୍ଟମ ସନ୍ଧ୍ୟା

କଟକ,୨୩।୫(ଶିଖା ପ୍ରିୟଦର୍ଶିନୀ)

କଟକ ନୃତ୍ୟ ଉତ୍ସବ କମିଟି, ଜିଲା ପ୍ରଶାସନ, ସିଏମ୍‌ସି ଓ ସଚିବଙ୍କ ମିଳିତ ଆନୁକୂଲ୍ୟରେ ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ଶୁକ୍ରବାର ଅଷ୍ଟମ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟି ସାଂସ୍କୃତିକ ସଂଯୋଜିକା ସବିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର ତଥା ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ପ୍ରାକ୍ତନ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା, ଟ୍ରାଫିକ ଏସ୍‌ସିପି ଜୟନ୍ତ ପଣ୍ଡା, ବରିଷ୍ଠ ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଯୁବ ପ୍ରଯୋଜକ ସ୍ୱର୍ଗତ ସୁମିତ ରାଉତ ମେମୋରିଆଲ ସିନେମେକର ସମ୍ମାନ ଓଲିଉଡ ଚଳଚ୍ଚିତ୍ର ପ୍ରଯୋଜକ କମଳାକାନ୍ତ ସାହୁ, ପ୍ରଫେସର ଡା. ଚିତ୍ତରଞ୍ଜନ ପଣ୍ଡା, ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁଙ୍କୁ ଜାତୀୟ ସେବା ରତ୍ନ, ବିଶିଷ୍ଟ ସର୍ଜନ ଡା. ଅରୁଣ ମହାନ୍ତିଙ୍କୁ ଓଡ଼ିଶା ସେବା ରତ୍ନ, ସଙ୍ଗୀତ ମହାନ୍ତିଙ୍କୁ ଓଡ଼ିଶା ଆଇକନ ପୁରସ୍କାର, ଶିଳ୍ପୋଦ୍ୟୋଗୀ ରଞ୍ଜନ କୁମାର ସାହୁଙ୍କୁ ଓଡ଼ିଶା ଶିଳ୍ପ ରତ୍ନ ସମ୍ମାନ, ଡ୍ରିଶା ହସ୍ପିଟାଲକୁ ଓଡ଼ିଶା ହେଲଥ କେୟାର ଏକ୍ସିଲେନ୍ସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ସାର୍ଥକ ହସ୍ପିଟାଲ ପରିଚାଳକ ସବ୍ୟସାଚୀ ସ୍ୱାଇଁ, ଅରବିନ୍ଦ ହସ୍ପିଟାଲର ପରିଚାଳକ ରଞ୍ଜନ ବେହେରାଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ଦିବେଶ ମହାପାତ୍ର ଅତିଥିଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କମିଟି ସଦସ୍ୟ ସୁନୀଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଭଡ଼ା ପାଇଁ ଗାଁଦାଣ୍ଡରେ ଘୁଷୁରିଲେ ବୃଦ୍ଧ' ଖବର ପଢ଼ି ବିଚାରପତି ଦୁଃଖିତ


ଆଭାସି ମାଧ୍ୟମରେ ଆଲୋଚନା କରାଯାଉଛି।

କଟକ,୨୩।୫(କାର୍ତ୍ତିକ ସାହୁ)

**ତ୍ୱରିତ ଆଇନ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ**

ଓଡ଼ିଶା ହାଇକୋର୍ଟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସଙ୍ଗମ କୁମାର ସାହୁ ଶୁକ୍ରବାର ଖବରକାଗଜଗୁଡ଼ିକରେ ପ୍ରକାଶିତ ଖବର 'ଭଡ଼ା ପାଇଁ ଘୁଷୁରିଲେ ୮୦ ବର୍ଷର ବୃଦ୍ଧ' ପଢ଼ି ଦୁଃଖପ୍ରକାଶ କରିଛନ୍ତି। ବିଚାରପତି ତୁରନ୍ତ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବଙ୍କୁ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ବୃଦ୍ଧ ଶ୍ରୀଧର ସାହୁଙ୍କୁ ଉପଯୁକ୍ତ ଆଇନ ସହାୟତା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଧର ଜଣେ ୮୦ ବର୍ଷ ବୟସ୍କ ବୃଦ୍ଧ। ସେ ନିଜର ଭତ୍ତା ନେବା ପାଇଁ ମେ ୨୨ରେ କେନ୍ଦ୍ରାପଡ଼ା ଜିଲା କୋରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ବୟସର ବୋଝ ଏବଂ ଯାତାୟାତର କୌଣସି ମାଧ୍ୟମ ନ ପାଇ ସେ ନିଜେ ରାସ୍ତାରେ ଘୁଷୁରି ଘୁଷୁରି ଯାଉଥିବା ସମୟରେ କେତେକ ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲେ। ଫଳସ୍ୱରୂପ ଘଟଣା ଖବରକାଗଜରେ ପ୍ରକାଶ ପାଇଥିଲା। ଶ୍ରୀଧରଙ୍କ ଦୁରାବସ୍ଥା ବିଷୟରେ ଅବଗତ ହୋଇ ବିଚାରପତି ତୁରନ୍ତ କେନ୍ଦ୍ରାପଡ଼ା ଜିଲାପାଳ, ଜିଲା ଜଜ୍, କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣର ସଚିବଙ୍କ ସହ ଆଭାସି ମାଧ୍ୟମରେ ଆଲୋଚନା କରିଥିଲେ। ଆଭାସି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଉପସ୍ଥିତ ଥିଲେ। ଏଥିସହ ଶ୍ରୀଧରଙ୍କୁ ଭତ୍ତା ଅର୍ଥ ତାଙ୍କ ବାସଭବନରେ ପ୍ରଦାନ କରାଯାଇଥିବା ବିଷୟରେ ଅବଗତ କରାଇଥିଲେ। ବିଚାରପତିଙ୍କ ପରାମର୍ଶ ଅନୁସାରେ କେନ୍ଦ୍ରାପଡ଼ା ଜିଲାପାଳ ଉକ୍ତ ଶ୍ରୀଧରଙ୍କୁ ଆସନ୍ତା ମାସଠାରୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଅନୁଯାୟୀ ତାଙ୍କ ବାସଗୃହଠାରେ ବର୍ଦ୍ଧିତ ଭତ୍ତା ଦେବା ପାଇଁ ଆଦେଶ କରିଥିଲେ। ଶ୍ରୀଧର ଏକ ଭଙ୍ଗା ଖଡ଼ିକାଛାତି କୁଡ଼ିଆରେ କାଳାତିପାତ କରୁଛନ୍ତି।

## ୫ ୱାର୍ଡ ସଭ୍ୟାସଭ୍ୟଙ୍କୁ ଅଯୋଗ୍ୟ ପାଇଁ ପ୍ରକ୍ରିୟା ଆରମ୍ଭ

କଟକ ସଦର,୨୩।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ବୁଧବାର ଆଗତ ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ କାଟ ଖାଇଲା। ଏହି ଅନାସ୍ଥା ବୈଠକରେ ଉପସ୍ଥିତ ଥିବା ୧୦ୱାର୍ଡ ସଭ୍ୟାସଭ୍ୟ ସ୍ୱତଃପ୍ରବୃତ୍ତ ଭାବେ ଇସ୍ତଫା ଦେବେ ବୋଲି ସାମାଜିକ ଗଣମାଧ୍ୟମରେ ଖବର ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ୫ଜଣ ୱାର୍ଡ ସଭ୍ୟାସଭ୍ୟ ଲଗାତର ୩ରୁ ଊର୍ଦ୍ଧ୍ୱ ସାଧାରଣ ପଞ୍ଚାୟତ ବୈଠକରେ ଅନୁପସ୍ଥିତ ରହିଥିବାରୁ ସେମାନଙ୍କୁ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ମୁତାବକ ଅଯୋଗ୍ୟ ଘୋଷଣା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଛି। ଏହି ୱାର୍ଡ ସଭ୍ୟାସଭ୍ୟମାନେ ୩ଟି ସାଧାରଣ ବୈଠକରେ ଅନୁପସ୍ଥିତ ଥିଲେ ସୁଦ୍ଧା ଅନାସ୍ଥା ଭୋଟରେ ଭାଗ ନେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଗ୍ରାମ ପଞ୍ଚାୟତ ଆଇନ ଧାରା ୨୫, ଉପଧାରା ୨ (ଖ) ମୁତାବକ ଏହିଭଳି ଅନୁପସ୍ଥିତ ରହୁଥିବା ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ଅଯୋଗ୍ୟ ଘୋଷଣା ଜିଲାପାଳ କରିପାରିବେ। ଅଭିଯୋଗ ମିଳିବା ପରେ ଗ୍ରାମପଞ୍ଚାୟତ ପ୍ରୋସିଡ଼ିଂ ଖାତା ଯାଞ୍ଚ କରାଯାଇଛି ବୋଲି ବ୍ଲକର ଜଣେ ବରିଷ୍ଠ ଅଧିକାରୀ ନିଜର ପରିଚୟ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏହାପରେ ଏହି ବାବଦରେ ବିଡିଓ ଓ ଉପଜିଲାପାଳଙ୍କ ମାଧ୍ୟମରେ କଟକ ଜିଲାପାଳଙ୍କୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପତ୍ର ଲେଖାଯିବ। ତେଣୁ ପ୍ରଥମେ ଅଯୋଗ୍ୟ ଘୋଷଣା ନାଁ ଇସ୍ତଫା ଆଗରେ ହେବ ତାକୁ ଦେଖିବା ପାଇଁ ପଞ୍ଚାୟତବାସୀ ଅପେକ୍ଷା କରି ରହିଛନ୍ତି।

## ଭାଜପାର ପରାକ୍ରମ ଶୋଭାଯାତ୍ରା

ଚୌଦ୍ୱାର,୨୩।୫(ଆଶୁତୋଷ ଦାସ)

ଅପରେସନ ସିନ୍ଦୂର ସଫଳତା ପାଇଁ ଭାରତୀୟ ସେନାଙ୍କୁ ସମ୍ମାନ ଜଣାଇ ଚୌଦ୍ୱାର ଓ ଇନ୍ଦ୍ରାଣୀପାଣା ମଣ୍ଡଳ ଭାଜପା ପକ୍ଷରୁ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନନ୍ଦ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ବିଶ୍ୱ ରଞ୍ଜନ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ସ୍ଥାନୀୟ ବିରୂପା ନଦୀ କୂଳରୁ ବାହାରି ଚୌଦ୍ୱାର ପୌରପାଳିକା ଓ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି କଲେଜପଡ଼ା ପଞ୍ଚାୟତ ମୁହାଣାଗୋଲାରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ଦଳୀୟ କର୍ମୀଙ୍କ ସମେତ ସାଧାରଣ ଜନତା ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାନେତ୍ରୀ ସଂଘମିତ୍ରା ବେହେରା, ଦାମୋଦର ନାୟକ, ପ୍ରଶାନ୍ତ ହୋତା, ବିଶ୍ୱ ଚରଣ ପରିଡ଼ା, ଭାଗିରଥୀ ଦଳେଇ, ବୈରାଗୀ ଚରଣ ପ୍ରଧାନ, ରମେଶ ନାୟକ, ଅଜିତ ପୁରୁଷିଆ, ସନ୍ତୋଷ ସାହୁ, ଇଂ.ସୁଜାତା ସାହୁ, ବିମଳ ପରିଡ଼ା, ପ୍ରଶାନ୍ତ ବିଶ୍ୱାଳ, ଚିନ୍ମୟ ବେହେରା, ସଞ୍ଜିତ ମହାନ୍ତିଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।


ଚୌଦ୍ୱାର ଭାଜପା ପକ୍ଷରୁ ବାହାରିଥିବା ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା।

## କଇଁଛ ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ

ଖୁଣ୍ଟୁଣୀ,୨୩।୫(ସଚ୍ଚିଦାନନ୍ଦ ପଣ୍ଡା)

କଇଁଛ ବଂଶର ସୁରକ୍ଷା ଜରୁରୀ। ପ୍ରକୃତି ଓ ପରିବେଶକୁ ଭାରସାମ୍ୟ ରକ୍ଷା କରୁଥିବା କଇଁଛମାନେ ବିଭିନ୍ନ ସମୟରେ ନିଜର ବଂଶ ବୃଦ୍ଧି କରି ନଦୀ ଜଳକୁ ପରିଷ୍କାର କରିବା ସହିତ ମାନବ ଜାତିକୁ ସୁସ୍ଥଜୀବନ ଧାରଣ କରିବାରେ ସହାୟକ ହୋଇଥାଏ ବୋଲି ଶୁକ୍ରବାର ବିଶ୍ୱ କଇଁଛ ଦିବସ ପାଳନ ଅବସରରେ କଣ୍ଟଡ଼ି ପଞ୍ଚାୟତ ବିଦ୍ୟାଧରପୁରଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପରିବେଶବିତ ଶ୍ୱେତକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ଧବଳେଶ୍ୱରଙ୍କ ପଠାରୁ କଣ୍ଟଡ଼ି ଦୀର୍ଘ ୫ କି.ମି. ମହାନଦୀ ଅବବାହିକାକୁ କଇଁଛ ଓ ବିଲୁପ୍ତ ପାଣିଚିରି ପକ୍ଷୀମାନେ ଏବେ ନିଜର ବାସସ୍ଥାନ ଭାବେ ବାଛି ନେଇ ଏକ ଉତ୍ତମ ପରିବେଶ ସୃଷ୍ଟି କରୁଥିବାରୁ ଏମାନଙ୍କ ସୁରକ୍ଷା ଦେବା ଜରୁରୀ ହୋଇ ପଡ଼ିଛି ବୋଲି ଅନ୍ୟବକ୍ତାମାନେ କହିଥିଲେ।


ବିଶ୍ୱ କଇଁଛ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ବିଶ୍ୱ କଇଁଛ ଦିବସ ପାଳିତ**

ସେହିପରି ବିଦ୍ୟାଧରପୁର ମତ୍ସ୍ୟଜୀବୀ ସମବାୟ ସମିତି କୋଠ ଘରଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ସଭାପତିତ୍ୱ କରି କଇଁଛ ଓ ପାଣିଚିରି ପକ୍ଷୀ ଏବେ ବିଦ୍ୟାଧରପୁର ଓ ଲିଙ୍ଗାପଡ଼ା ଗ୍ରାମ ପାର୍ଶ୍ୱ ମହାନଦୀର ବାଲୁକା ଶଯ୍ୟାରେ ଅବସ୍ଥାନ କରୁଛନ୍ତି। ଏମାନଙ୍କ ସୁରକ୍ଷା କେବଳ ଜଙ୍ଗଲ ବିଭାଗ ନୁହେଁ, ଆମ ସମସ୍ତଙ୍କ ମିଳିତ କର୍ତ୍ତବ୍ୟ ବୋଲି କହିବା ସହ ଏଥିରେ କୈବର୍ତ୍ତ ସମାଜର ଭୂମିକା ଜରୁରୀ ବୋଲି କହିଥିଲେ। ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି ବୈକୁଣ୍ଠ ସୁତାର ସମ୍ମାନିତ ଅତିଥି ଭାବେ ଯୋଗଦେଇ କଇଁଛ ଓ ପାଣି ଚିରି ପକ୍ଷୀ ସୁରକ୍ଷା ଓ ସଚେତନତା ପାଇଁ ସମିତି ପକ୍ଷରୁ ପଦକ୍ଷେପ ସମ୍ପର୍କରେ କହିଥିଲେ। ବନରକ୍ଷୀ ରମାକାନ୍ତ ବଳବନ୍ତ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ଆଲୁକାନନ୍ଦ ଖଟୁଆ, କ୍ଷୀରୋଦ ବେହେରା, ନୀଳକଣ୍ଠ ମାଝୀ, ଗୋବିନ୍ଦ ଦଳାଇ, ନବୀନ ସୁତାର, ଶଙ୍କର ସୁତାର, ରବି ଦଳାଇ, ନାରାୟଣ ସୁତାର ଓ ବାବୁଲ ସୁତାର ପ୍ରମୁଖ ସହଯୋଗ କରିଥିଲେ।

# ଜିନମ୍ ସିକ୍ୱେସିଂ ପାଇଁ ଗଲା କୋଭିଡ୍ ସଂକ୍ରମିତଙ୍କ ନମୁନା

## ବହୁବିଧ ରୋଗୀ ମାସ୍କ ପିନ୍ଧିବା ଆବଶ୍ୟକ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୩।୫ (ବନ୍ଦନା ସେଠୀ)



ରାଜ୍ୟରେ ଚଳିତବର୍ଷର ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କୋଭିଡ୍ ସଂକ୍ରମିତ ବ୍ୟକ୍ତିଙ୍କ ନମୁନା ସଂଗ୍ରହ କରାଯାଇ ଜିନମ ସିକ୍ୱେସିଂ ପାଇଁ ପଠାଯାଇଛି। ଏହା କୋଭିଡ୍‌ର ପୁରୁଣା ସବ୍‌ଭାରିଆଣ୍ଟ ନା ଆଉ କେଉଁ ପ୍ରଜାତିର, ତାହା ଜିନମ୍ ସ୍ୱିକ୍ୱେସିଂ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। କୋଭିଡ୍ ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେହିପରି ସଂକ୍ରମିତ ବ୍ୟକ୍ତିଙ୍କ ଘରେ କିମ୍ବା ଆଖପାଖରେ ଆଉ କେଉଁମାନଙ୍କଠାରେ କୋଭିଡ୍ ଲକ୍ଷଣ ନାହିଁ ବୋଲି ସୂଚନା ଦିଆଯାଇଛି। ତେବେ ଯେଉଁମାନଙ୍କର ବହୁବିଧ ରୋଗ ରହିଛି ସେମାନେ ମାସ୍କ ପିନ୍ଧିବା ଆବଶ୍ୟକ। ସେହିପରି ଗର୍ଭବତୀ, ଛୋଟପିଲା ଓ ବୟସ୍କ ବ୍ୟକ୍ତି ସତର୍କ ରହିବା ସହିତ ମାସ୍କ ପିନ୍ଧିବା ଆବଶ୍ୟକ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। କୋଭିଡ୍‌ର ମୁକାବିଲା ପାଇଁ ହସ୍ପିଟାଲଗୁଡ଼ିକ ପ୍ରସ୍ତୁତ ରହିଛି। ସମସ୍ତ ହସ୍ପିଟାଲ୍‌ରେ ରହିଥିବା କୋଭିଡ୍ ବ୍ୟବସ୍ଥାକୁ ଯାଞ୍ଚ କରାଯାଉଛି। ଆଇସିୟୁ ପ୍ରସ୍ତୁତ ରହିଥିବାବେଳେ ଟେଷ୍ଟ ପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି। କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଲେ ବେଡ୍ ସଂଖ୍ୟା ବଢ଼ିବ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ହସ୍ପିଟାଲଗୁଡ଼ିକ ସହ ଯୋଗାଯୋଗରେ ରହିଛି। କୋଭିଡ୍ ସଂକ୍ରମିତଙ୍କ ଟ୍ରାଭେଲ ହିଷ୍ଟ୍ରିକୁ ଯାଞ୍ଚ କରାଯାଉଛି। ତେବେ କୋଭିଡ୍‌କୁ ନେଇ କୌଣସି ଭୟଭୀତ ହେବାର ଆବଶ୍ୟକତା ନାହିଁ। ଏବେ ଦେଶର ବିଭିନ୍ନ ସ୍ଥାନରେ ଦେଖାଦେଉଥିବା କୋଭିଡ୍ ଭାରିଆଣ୍ଟ ରୋଗୀଙ୍କୁ ଗୁରୁତର କରୁନାହିଁ। ତେଣୁ ଏହାକୁ ନେଇ ଚିନ୍ତିତ ହେବାର କୌଣସି କାରଣ ନାହିଁ। ଏପରି କି ଭାରତ ସରକାର କିମ୍ବା ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ କଣ୍ଟ୍ରୋଲ ବା ଏନ୍‌ସିଡିସି ପକ୍ଷରୁ ଏଯାଏ କୌଣସି ନୂଆ ନିର୍ଦ୍ଦେଶନାମା ଜାରି କରାଯାଇନାହିଁ। ସ୍ୱାସ୍ଥ୍ୟ ବିଭାଗ କୋଭିଡ୍‌କୁ ନେଇ ସମ୍ପୂର୍ଣ୍ଣ ସଜାଗ ରହିଛି। ଏଥିପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କଠାରୁ ଯାହା ନିର୍ଦ୍ଦେଶନାମା ଆସିବ, ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବୁଧବାର ରାତିରେ ଭୁବନେଶ୍ୱରରୁ ରାଜ୍ୟର ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ୭୫ବର୍ଷୀୟ ହୋଇଥିବାବେଳେ ସେ ଦିଲ୍ଲୀ ଫେରନ୍ତା ବୋଲି ଜଣାପଡ଼ିଛି।

# ଇସ୍କନ୍‌ର ଅଦିନିଆ ରଥଯାତ୍ରା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସୁଦର୍ଶନ

ଭୁବନେଶ୍ୱର, ୨୩।୫ (ବନ୍ଦନା ସେଠୀ)- ବାରମ୍ବାର ବାରଣ ସତ୍ତ୍ୱେ ଇସ୍କନ ପକ୍ଷରୁ ଦେଶ ଓ ବିଦେଶରେ ଅଦିନିଆ ରଥଯାତ୍ରା କରାଯାଉଛି। ଗତ କିଛିଦିନ ତଳେ ଆମେରିକାର ବୋଷ୍ଟନ ସହରରେ ଅଦିନିଆ ରଥଯାତ୍ରାକୁ ନେଇ ବିବାଦ ହେବା ପରେ ପୁନର୍ବାର ଅଦିନିଆ ରଥଯାତ୍ରା ପାଇଁ ଆୟୋଜନ କରାଯାଉଛି। ଯାହାକୁ ନେଇ ଶୁକ୍ରବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଫେରାଦ ହେବା ସହ ଏନେଇ ଚିଠି ପ୍ରଦାନ କରିଛନ୍ତି। ସେହିପରି ଦିଘାରେ ନିର୍ମିତ 'ଜଗନ୍ନାଥ ଧାମ'ର ନାମ ପରିବର୍ତ୍ତନ ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଦାବି କରିବା ନେଇ ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ଏନେଇ ସୁଦର୍ଶନ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଅନୁରୋଧ ଏବଂ ତାଗିଦ୍ ସତ୍ତ୍ୱେ ଇସ୍କନ ବାରମ୍ବାର ଏଭଳି କାର୍ଯ୍ୟ କରି ଆସୁଛି। ଇସ୍କନ ପକ୍ଷରୁ ସାରା ବିଶ୍ୱରେ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର କରାଯାଉଛି, ଯାହାକି ସ୍ୱାଗତଯୋଗ୍ୟ। ମାତ୍ର ଜଗନ୍ନାଥଙ୍କ ରଥଯାତ୍ରା, ସ୍ନାନଯାତ୍ରାକୁ ଅଦିନିଆ ଭାବେ ମନଇଚ୍ଛା କରିବା ଦ୍ୱାରା ଏହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ କୁଠାରାଘାତ କରୁଛି। ଯଦି ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀକୁ ଇସ୍କନ କର୍ତ୍ତୃପକ୍ଷ ଅଦିନିଆ ଭାବେ ପାଳନ କରୁ ନାହାନ୍ତି, ତେବେ ଜଗନ୍ନାଥଙ୍କ ରଥଯାତ୍ରାକୁ କାହିଁକି ଏଭଳି କରାଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ଏନେଇ ଦୃଢ଼ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସୁଦର୍ଶନ କହିଛନ୍ତି।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ




'ଅନ୍ତର୍ଜାତୀୟ ବାଣିଜ୍ୟ ମେଳା'ର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୩।୫ (ଅନୁରାଧା ମହାରଣା)

ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ (ଜେମ୍‌ସ) ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ 'ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫' ଜନତା ମଇଦାନରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପସଭାପତି ଗୋଲକ ମହାପାତ୍ର, ବରିଷ୍ଠ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ସଦସ୍ୟ ରଶ୍ମି ରଞ୍ଜନ କାନୁନ୍‌ଗୋ, ଜେମସ୍‌ର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା, ନିର୍ଦ୍ଦେଶକ ପାୟଲ ଆଚାର୍ଯ୍ୟ ଗୁପ୍ତା, ଦୀପକ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜୁନ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମଲ୍ଟି ସେକ୍ଟର ବିଟୁବି ଓ ବିଟୁସି ମେଳାରେ ୨୨ଟି ରାଜ୍ୟ ଓ ୧୦ଟି ଦେଶରୁ ବ୍ୟବସାୟୀ ତଥା କାରିଗର ଯୋଗଦେଇଛନ୍ତି। ଏଥିରେ ୫୦୦ ଷ୍ଟଲରେ ରିଏଲ ଇଷ୍ଟେଟ, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ ଗୋଷ୍ଠୀ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିଥିବାବେଳେ ପ୍ରଶାଧନ ସାମଗ୍ରୀ, ଆସବାବପତ୍ର, ପୋଷାକ, ଶିକ୍ଷା, ଘର ସାଜସଜ୍ଜା ସାମଗ୍ରୀ ଆଦି ପ୍ରଦର୍ଶିତ ହୋଇଛି। ଥାଇଲ୍ୟାଣ୍ଡର ଅଳଙ୍କାର ଓ ଫୁଟ ୱେର୍, କୋରିଆନ୍ ଲେଡ଼ିଜ ଆସେସେରିଜ, ଆଫଗାନିସ୍ତାନ ଡ୍ରାଏ ଫ୍ରୁଟ୍‌ସ, ଦୁବାଇ କପଡ଼ା, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, ତୁର୍କୀ ମିଠା, କାଶ୍ମୀରୀ ଫର୍ଣ୍ଣିଚର, ଭାରତ, ବାଲାଂଦେଶର ହସ୍ତତନ୍ତ ପରି ବହୁ ସାମଗ୍ରୀ ଗ୍ରାହକଙ୍କ ପସନ୍ଦ ଆସିବ ବୋଲି ବ୍ୟବସାୟୀମାନେ ଆଶାବ୍ୟକ୍ତ କରିଛନ୍ତି। ସେହିପରି ଫୁଡ ଜୋନ୍‌ରେ ଚମ୍ପାରନ ମଟନଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ପଦାର୍ଥ ସହିତ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ଅପରାହ୍ନ ୨ଟା ୩୦ ରାତି ୧୦ଟା ଯାଏ ମେଳା ଖୋଲାରହିବ। ପ୍ରାୟ ୫ଲକ୍ଷ ଲୋକ ମେଳା ପରିଦର୍ଶନ କରିବେ ବୋଲି ଆୟୋଜକ ଆଶା ରଖିଛନ୍ତି।

# ୨ ଆଇଓସିଏଲ୍ ମେଗା ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ

ଭୁବନେଶ୍ୱର, ୨୩।୫ (ଅନୁରାଧା ମହାରଣା)

ଓଡ଼ିଶାରେ ଔଦ୍ୟୋଗିକ ବିକାଶ ଓ ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଖାରବେଳ ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ)ର ପାରାଦୀପରେ ଥିବା ଡୁଆଲ ଫିଡ୍ ନାଫ୍‌ଥା କ୍ରାକର୍ ପ୍ଲାଣ୍ଟ ଓ ଭଦ୍ରକରେ ଥିବା ୟାର୍ନ ଉତ୍ପାଦନ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଦୁଇଟି ପ୍ରକଳ୍ପ ଦେଶ ତଥା ରାଜ୍ୟ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଥିରେ ବାଧକ ସାଜିଥିବା ଜମି ଅଧିଗ୍ରହଣ ସମସ୍ୟାଗୁଡ଼ିକୁ ଶୀଘ୍ର ସମାଧାନ କରାଯିବା ଦରକାର ଓ ତା'ସହ ପ୍ରକଳ୍ପଗୁଡ଼ିକର ଶୀଘ୍ର କାର୍ଯ୍ୟାନ୍ୱୟନ ନେଇ ସ୍ପଷ୍ଟ ନିଷ୍ପତ୍ତି ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରକଳ୍ପଗୁଡ଼ିକର ଶୀଘ୍ର ଆରମ୍ଭ ଓ ସଫଳତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇ ପ୍ରକଳ୍ପ ଓଡ଼ିଶାର ଅର୍ଥନୀତିକୁ ଏକ ନୂତନ ଗତି ଦେବେ। ରାଜ୍ୟ ପାଇଁ ଆଖିଦୃଶିଆ ନିବେଶ ଆଣିବେ, ବ୍ୟବସାୟର ପରିଧି ବଢ଼ାଇବେ ଓ ହଜାର ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାସହ ଓଡ଼ିଶାକୁ ପୂର୍ବ ଭାରତର ଏକ ଅଗ୍ରଣୀ ଶିଳ୍ପ କେନ୍ଦ୍ରରୂପେ ପ୍ରତିଷ୍ଠିତ କରିବାରେ ସହଯୋଗ କରିବେ। ଅନ୍ୟପକ୍ଷରେ ଭଦ୍ରକର ୟାର୍ନ ଉତ୍ପାଦନ ପ୍ରକଳ୍ପ ରାଜ୍ୟର ବସ୍ତ୍ର ଉଦ୍ୟୋଗକୁ ପ୍ରୋତ୍ସାହିତ କରି ବଡ଼ ପରିମାଣରେ ଅର୍ଥନୈତିକ ଅଭିବୃଦ୍ଧି କରିବାରେ ସହଯୋଗ କରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ବୈଠକରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆଇଓସିଏଲ୍, ଇଡକୋ, ଇପିକଲ୍, ଓପିଟିସିଏଲ, ଟାଟା ପାୱାର୍, ଡ୍ରେଜିଂ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡର ପ୍ରତିନିଧି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ, ଭଦ୍ରକ ଓ ଜଗତ୍‌ସିଂହପୁରର ଜିଲାପାଳ ପ୍ରମୁଖ ଯୋଗ ଦେଇଥିଲେ।

# ତ୍ରିଧାରା ପକ୍ଷରୁ 'ଦେବସ୍ମୃତି ମହୋତ୍ସବ'



ମହୋତ୍ସବରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ନାଟିକା ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୨୩।୫ (ସୌମ୍ୟରଞ୍ଜନ ରାଉତ)

ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ 'ଦେବସ୍ମୃତି ମହୋତ୍ସବ' ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ ପରିବେଷଣରେ ଶିଳ୍ପୀମାନେ ମଙ୍ଗଳାଚରଣ ଲକ୍ଷ୍ମୀ ନୃସିଂହ ଧ୍ୟାନ ପରିବେଷଣ କରିଥିଲେ, ଯାହା ଗଞ୍ଜାମର ପ୍ରହ୍ଲାଦ ନାଟକରୁ ଉଦ୍ଧୃତ ଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ବାତ୍ସଲ୍ୟ ରସରେ ଆଧାରିତ ଓଡ଼ିଆ ଅଭିନୟ କେଡ଼େ ଛନ୍ଦ। ଶେଷ ପ୍ରସ୍ତୁତିଟି ଥିଲା ଦୁର୍ଗା ତାଣ୍ଡବ। ଏହି ସମସ୍ତ ନୃତ୍ୟର ସଂରଚନା ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରସାର ଭାରତୀର ପୂର୍ବତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା, କିଟ, କିମ୍ସ ଓ କିସ୍‌ର ସମ୍ପାଦକ ଆର୍.ଏନ୍. ଦାସ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ହରେକୃଷ୍ଣ ମେହେର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗର ପୂର୍ବତନ ମୁଖ୍ୟ ଡ. ରମେଶ ପ୍ରସାଦ ପାଣିଗ୍ରାହୀ, ଚିନ୍ତା ଓ ଚେତନାର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାସ ଏବଂ ତ୍ରିଧାରାର କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶୋମା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ତ୍ରିଧାରାର ସହକାରୀ ନିର୍ଦ୍ଦେଶକ ପ୍ରଭୁତୋଷ ପଣ୍ଡା ପରିଚାଳନା କରିଥିଲେ।

# ଆଜିଠାରୁ ୨ଦିନିଆ ମାଷ୍ଟର କ୍ରାଫ୍ଟସ ପ୍ରଦର୍ଶନୀ

ଭୁବନେଶ୍ୱର, ୨୩।୫

କ୍ରାଫ୍ଟ କାଉନସିଲ ଅଫ୍ ଓଡ଼ିଶାର ୨ଦିନିଆ 'ମାଷ୍ଟର କ୍ରାଫ୍ଟର୍ସ' ପ୍ରଦର୍ଶନୀ ଶନିବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ। ଏହା ଭୁବନେଶ୍ୱର କ୍ଲବ୍‌ର ବାଙ୍କ୍ୱେଟ ହଲ୍‌ରେ ପୂର୍ବାହ୍ନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ସେହିଭଳି 'ମାଷ୍ଟର କ୍ରାଫ୍ଟର୍ସ'ରେ ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ କାରିଗରଙ୍କ ସମେତ ୨୦ ଜଣ ମାଷ୍ଟର କାରିଗର ସାମିଲ ହେବେ, ଯେଉଁମାନେ ଓଡ଼ିଶାର ହସ୍ତଶିଳ୍ପଗୁଡ଼ିକର ବିବିଧ ଶୃଙ୍ଖଳାକୁ ପ୍ରଦର୍ଶିତ କରିବେ। ବିଶେଷକରି ପଟ୍ଟଚିତ୍ର, ତାଳପତ୍ର ଖୋଦନ, ଟେରାକୋଟା, ପଥର ଓ କାଠ ଖୋଦିତ ବସ୍ତୁ, ଆପ୍ଲିକ୍, ଗୋଲ୍ଡେନ ଗ୍ରାସ୍, ସବାଇ ଘାସ, ରୁପା ତାରକସି, ସିସେଲ ଆର୍ଟ, ଡୋକ୍ରା କାଷ୍ଟିଙ୍ଗ୍, ଆଦିବାସୀ ପେଣ୍ଟିଂ ଓ ହାତବୁଣା ଇକ୍କତ ଆଦି କଳାକୃତିକୁ ପ୍ରଦର୍ଶନ ଓ ବିକ୍ରି କରାଯିବ। ଏହି କାର୍ଯ୍ୟକ୍ରମ କାରିଗରିର ଉତ୍କର୍ଷର ପ୍ରଚାରପ୍ରସାର କରିବା, ସବୁ ସମୟରେ ବଜାର ସୁଯୋଗ ପ୍ରଦାନ କରିବା ଏବଂ କାରିଗର ଓ କ୍ରେତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ କାରିଗରମାନଙ୍କୁ କେବଳ ଆର୍ଥିକ ରୂପେ ସହଯୋଗ କରିବ ନାହିଁ ବରଂ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ପ୍ରୋଫାଇଲକୁ ଉନ୍ନତ କରିବ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଏବଂ ସମ୍ମାନିତ ଅତିଥି ଭାବେ କ୍ରାଫ୍ଟ କାଉନ୍ସିଲ ଅଫ୍ ଓଡ଼ିଶାର ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ସଚିବ ପୁନମ ଗୁହା ତାପସ କୁମାର, ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।


**PARADIP PORT AUTHORITY**
**HARBOUR WORKS DIVISION No.I,**
**e-TENDER CALL NOTICE**
e-TCN No.CE/HWDI/ACCTS-19/24/161, dtd.21.05.2025

**Name of the work:** "Improvement to the existing backup space of NQ-II Berth inside Harbour area". Put to tender value: Rs.4,11,79,577.17 plus GST as applicable. Last date & time of submission of tender through online bidding is 12.06.2025 up to 17:15 Hrs. For details, please log on to the Website: https://eprocure.gov.in/eprocure/app.

Sd/- Executive Engineer,
Horbour Works Division No.I,
Paradip Port Authority
PPA/PR/12/2025-2026 dtd.22.05.2025

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୧୫ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ, ଟେଣ୍ଡର ନଂ. ଏବଂ **କାର୍ଯ୍ୟର ବର୍ଣ୍ଣନା** ନିମ୍ନ ଅନୁଯାୟୀ ଅଟେ: (୧) **ଇ-କେଜିପି-ୱେଷ୍ଟ୍-୧୬-୨୦୨୫,** ଖଡ଼ଗପୁର-ଟାଟାନଗର: ଏଡିଇଏନ୍/ଝାରଗ୍ରାମଙ୍କ ଅଧୀନରେ ଘାଟଶିଳା, ଗାଲୁଡିହ, ଗିଧିନୀ ଏବଂ ଝାରଗ୍ରାମଠାରେ ୟାର୍ଡର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୩୯,୩୦,୩୭୩.୪୨ । **ଅମାନତ ରାଶି:** ₹୨,୬୯,୭୦୦/-। (୨) **ଇ-କେଜିପି-ୱେଷ୍ଟ୍-୧୭-୨୦୨୫,** ଖଡ଼ଗପୁର: ଏଡିଇଏନ୍/ପଶ୍ଚିମ/କେଜିପିଙ୍କ ଅଧୀନରେ ଓଭରରନ୍ ଲାଇନ୍, ଡେଡ୍ ଏଣ୍ଡ ଏବଂ ସ୍ୟାଣ୍ଡ ହମ୍ପର ଉନ୍ନତୀକରଣ ଓ ମାନକୀକରଣ । **ଟେଣ୍ଡର ମୂଲ୍ୟ:** ₹୧,୩୭,୦୨,୪୨୪.୧୩ । **ଅମାନତ ରାଶି:** ₹୨,୧୮,୫୦୦/-। (୩) **ଇ-କେଜିପି-ୱେଷ୍ଟ୍-୧୮-୨୦୨୫,** ଖଡ଼ଗପୁର-ଟାଟାନଗର: ଏଡିଇଏନ୍/ଝାରଗ୍ରାମଙ୍କ କ୍ଷେତ୍ରାଧିକାର ଅଧୀନରେ ଓଭରରନ୍ ଲାଇନ୍, ଡେଡ୍ ଏଣ୍ଡ ଏବଂ ସ୍ୟାଣ୍ଡ ହମ୍ପର ଉନ୍ନତୀକରଣ ଓ ମାନକୀକରଣ । **ଟେଣ୍ଡର ମୂଲ୍ୟ:** ₹୧,୦୫,୯୭,୫୪୨.୫୫ । **ଅମାନତ ରାଶି:** ₹୨,୦୩,୦୦୦/-।(୪)**ଇ-କେଜିପି-ୱେଷ୍ଟ୍-୧୯-୨୦୨୫,** ଡିଇଏନ୍/ପଶ୍ଚିମ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର-ଟାଟାନଗର ସେକ୍ସନରେ ସେସ୍‌ର ପ୍ରଶସ୍ତୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୪୪,୬୮,୮୪୭.୭୬ । **ଅମାନତ ରାଶି:** ₹୨,୭୨,୪୦୦/-। (୫) **ଇ-କେଜିପି-ଇଷ୍ଟ୍-୪୧-୨୦୨୫,** ମେଚେଡ଼ା ଓ ପାଂସକୁରା ଷ୍ଟେଶନରେ ମର୍ଚ୍ଚାଣ୍ଟ ରୁମ୍, ଲେବର୍ ରୁମ୍ ଏବଂ ଅନ୍ୟାନ୍ୟ ସୁବିଧା ସହିତ ନୂଆ ପାର୍ସଲ ଅଫିସ୍‌ର ନିର୍ମାଣ । **ଟେଣ୍ଡର ମୂଲ୍ୟ:** ₹୫,୦୮,୧୫,୫୦୫.୩୮ । **ଅମାନତ ରାଶି:** ₹୪,୦୪,୧୦୦/-। (୬) **ଇ-କେଜିପି-ଇଷ୍ଟ୍-୪୨-୨୦୨୫,** ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍ଏ-୨୨ ଏବଂ ଏଚ୍ଏ-୨୭ ନାମକ ୨ ଗୋଟି ଏଲ୍‌ସି ଫାଟକର ଇଣ୍ଟରଲକିଂ ସଂକ୍ରାନ୍ତରେ ସିଭିଲ ଇଞ୍ଜିନିୟରିଂ କାର୍ଯ୍ୟର ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୪୧,୨୬,୭୩୨.୯୨ । **ଅମାନତ ରାଶି:** ₹୮୨,୫୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୧୦।୦୬।୨୦୨୫ରିଖ ଏବଂ କ୍ର.ସଂ. ୨ ରୁ ୬ ପାଇଁ ତା୧୨।୦୬।୨୦୨୫ରିଖ । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୨୪ ମାସ, କ୍ର.ସଂ. ୨, ୩, ୪ ଓ ୫ ପାଇଁ ୧୨ ମାସ ଏବଂ କ୍ର.ସଂ. ୬ ପାଇଁ ୬ ମାସ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ ପାଇଁ ତା୨୭।୦୫।୨୦୨୫ରିଖରୁ ତା୧୦।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । କ୍ର.ସଂ. ୨ରୁ ୬ ପାଇଁ ତା୨୯।୦୫।୨୦୨୫ରିଖରୁ ତା୧୨।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "**www.ireps.gov.in**" ପରିଦର୍ଶନ କରିପାରନ୍ତି । **(PR-195)**

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-25: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୨୬।୦୫।୨୦୨୫ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୨୩।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ **(https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0125/2526

**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर**
**g-mail I.D. – eemid041@gmail.com**

पत्रांकः— 198 मेदिनीनगर, दिनांक— 21/05/2025

**शुद्धि पत्र**

इस कार्यालय के द्वारा आमंत्रित ई0— निविदा सूचना सं0:— WRD/MID/MEDININAGAR/B.D./S.L.I.-03/2025-26 PR No:- 352958 Minor Irrigation (25-26)#D Construction of Chhatarpur Solar Lift Irrigation Scheme में निर्गत सूचना में निम्न रूप से आंशिक संशोधन किया जाता है।

उक्त ई0— निविदा सूचना में निर्गत **10 HP Pumps (DC Surface water Pumps)** के स्थान पर **10 HP Pumps (AC Surface Water Pumps)** पढ़ा जाय।

PR 353350 Minor Irrigation(25-26)#D

कार्यपालक अभियंता,
लघु सिंचाई प्रमण्डल, मेदिनीनगर

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
In front of B.S. High School, At/Po/Dist- Sundargarh, Pin- 770001
Email- dpcsndgssa.opepa@nic.in Phone no.-06622-273718

**TENDER CALL NOTICE FOR PRINTING AND SUPPLY OF MULTI-LINGUAL EDUCATION TEXT BOOKS**
No. 1581/XVIII/TRB/Date : 23.05.2025

Sealed tenders are invited in prescribed format from the intending registered Offset Printers/Firms having valid PAN, GST registration certificate & experience in printing of text books for printing & supply of Tribal Language Text Books for Samagra Shiksha, Sundargarh for the session 2025-26, on payment of Rs.5000/- (Rupees five thousand) only as tender application cost. The tender paper/ bid document containing details specification with terms and conditions in two-part bidding system (application of technical bid in Part-A & application of finance bid in Part-B) which can be downloaded in website https://sundargarh.odisha.gov.in/. The tender document should reach to the office of the undersigned through registered post or speed post only on or before **Dt.09.06.2025** by 5 P.M. and the same will be opened on **Dt.10.06.2025** at 10.00 A.M. in presence of all bidders or their authorized representatives.

By the order of Collector-cum-Chairman
Sd./- DEO-cum-DPC, SS
Sundargarh

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, BALRAMPUR, DIST.: BALRAMPUR, RAMANUJGANJ (C.G.)**
**e-Procurement Tender Notice**
eProcurement Portal: **https://eproc.cgstate.gov.in**
**(FIRST CALL)**
**NIT No. 01/SAC/2025-26** **Dated: 21.05.2025**

Online tenders are invited for the following works upto 12.06.2025 (17.30 hours IST).

| S. No. | System Tender No. | Name of Work | Probable Amount of Contract |
|---|---|---|---|
| 1 | 168757 | Construction of Head and Canal Work of Banki Nadi Diversion Scheme | Rs.1407.37 Lakhs |

The details can be viewed & downloaded online directly from the Govt. of Chhattisgarh integrated e-Procurement portal **(https://eproc.cgstate.gov.in)** from date 28.05.2025 at 17.30 hours (IST) onwards.

Note: All eligible/interested contractors/bidders are mandated to get enrolled on the integrated e-Procurement portal **(https://eproc.cgstate.gov.in)** and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.

Sd./- Executive Engineer
Water Resources Division, Balrampur,
Balrampur-Ramanujganj (C.G.)
For, Chief Engineer
Hasdeo Ganga Basin, W.R. Deptt.
Ambikapur, Sarguja (C.G.)
G-252601073/6

**GOVERNMENT OF ODISHA**
**DEPARTMENT OF WATER RESOURCES**
**INVITATION OR BIDS (IFB)**
**OFFICE OF THE EXECUTIVE ENGINEER**
**BOUDH IRRIGATION DIVISION, BOUDH, PIN-762014**
e-mail i.d - eebidboudh@gmail.com
**"e"-Procurement Notice No.-02/2025-26**
**Bid Identification No. EE BOD-02/2025-26**

**No.A-206** : The **Executive Engineer, Boudh Irrigation Division, Boudh,** on behalf of Governor of Odisha invites online **Percentage rate** tenders in **Single cover system** to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | Flood Protection Embankment Work, Canal Structure |
| 2 | No. of Works | **26 Nos.** |
| 3 | Class of Contractor | **"B", "C" & "D" Class (Odisha PWD or relevant class of other licensing Authority)** |
| 4 | Bid Identification No. | EEBOD-02/2025-26 |
| 5 | Estimated Cost | Varies Approximately from 16.80 lakhs to 33.90 lakhs |
| 6 | Period of Completion | 6 (Six) Calendar Months |
| 7 | date & time of availability of bid documents in the Portal | **From 26.05.2025 (11.00 A.M.) to 7.06.2025 (05.00 P.M.)** |
| 8 | Last date/time for receipt of bids through online | **7.06.2025 upto 05.00 P.M.** |
| 9 | Date of Opening of Bid through online | **09.06.2025 (11.00 A.M. onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Boudh Irrigation Division, Boudh (Dist.-Boudh)** |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

OIPR-32111/11/0010/2526
Sd./- Executive Engineer
Boudh Irrigation Division, Boudh

**JAMSHEDPUR NOTIFIED AREA COMMITTEE**
**New Kalimati Road, Sakchi-831001**
**E- mail ID-jnacjsr@gmail.com**
**Very Short E- Procurement Notice**
**Tender Notice**
**NIT No- JNAC/04/2025-26** **Date-23.05.2025**

| | | |
|---|---|---|
| 1. | Name of the work | Waste Water Management System Drains- Nimbhatta, Baridih Basti and Bihari Basti Under Jamshedpur Notified Area Committee Jamshedpur. (2nd Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 7,32,09,964.00 |
| 3. | Cost of Bid Document (INR) | INR 25,000/- (Twenty thousand Only) Non-Refundable. |
| 4. | Bid Security (INR) | Bid Security: Rs 7,32,100.00 |
| 5. | Time of Completion | 1Year |
| 6. | Date/Time of publication of tender on website | 24.05.2025 at 05:00 Pm |
| 7. | Document downloading Start date | 24.05.2025 at 05:00 Pm |
| 8. | Pre bid meeting date, Time & venue | 26.05.2025 at 03:00 Pm, JNAC Conference Hall |
| 9. | Bid Submission Start date | 27.05.2025 at 05:00 Pm |
| 10. | Bid Submission end date | 09.06.2025 at 05:00 Pm |
| 11. | Bid Opening date | 10.06.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

PR 353344 Urban Development(25-26)#D
Deputy Municipal Commissioner,
Jamshedpur Notified Area Committee,
Jamshedpur.

**JHARKHAND COUNCIL OF EDUCATIONAL RESEARCH AND TRAINING (JCERT), RATU, RANCHI**
**Expression of Interest**

Bids are invited from established, reputed and interested Publicity Advertising/ Documentary making firms for design and development of Animated videos and dubbing of audio- video products.

**Scope of work:** The agency will be required to execute the following work:-
1. Design and Development of Animated videos
2. Dubbing of creative audio-video products/animation into Hindi/English/Tribal Language
3. Dubbing of Animated Video

Sealed quotation including all relevant cost details must be submitted in the office of Jharkhand Council of Educational Research and Training (JCERT) in the drop box latest by 3.00 pm on 12.06.2025. Conditions (financial and technical) and other details are available on official Website: jcert.jharkhand.gov.in

Sd/-Director
Jharkhand Council of Educational Research and Training
Letter No. Misc./04-79/2020/729 Date: 22.05.2025
PR 353316 (Jharkhand Council of Educational Research and Training)25-26*D

**ଶାଲୁଙ୍କେଶ୍ୱର ରାମନାଟ୍ୟ ପରିବାରର ବାର୍ଷିକ ଉତ୍ସବ**

ବାଙ୍କୀ, (ଶୁଭେନ୍ଦୁ ମହାପାତ୍ର): ବାଙ୍କୀ-ଡମପଡା ବ୍ଲକ ଅନ୍ତର୍ଗତ ଦୁଲାଣପୁର ଗ୍ରାମର ବାବା ବାଲୁଙ୍କେଶ୍ୱର ରାମନାଟ୍ୟ ପରିବାରର ତୃତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସାମାଜିକ ବିଭାଗ କର୍ମଚାରୀ ଜଗନ୍ନାଥ ପରିଡ଼ା, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ବିକାଶ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ବନମାଳୀ ରାଉତ, ସାମାଜିକ କର୍ମୀ ନିରଞ୍ଜନ ସାହୁ, ଶିକ୍ଷାବିତ୍ ଦିଲୀପ କୁମାର ମହାପାତ୍ର, ନାଟ୍ୟକାର ଓ ନିର୍ଦ୍ଦେଶକ ନିରଞ୍ଜନ ମହାପାତ୍ର, ଯୁବ ସଂଗଠକ ସୁର ପଣ୍ଡିଆରା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସନାତନ କେଶରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବାସବ ରାଜେଶ୍ୱର ରୁଦ୍ରବଂଶୀ ବାର୍ଷିକ ବିବରଣୀ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଜବରଦଖଲ: ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ବାଧାପ୍ରାପ୍ତ

**ସାଲେପୁର,୨୩।୫(ଅରବିନ୍ଦ ଭୂୟାଁ)**

ସାଲେପୁର ତହସିଲ ଅଧୀନ ୫ନଂ କେନାଲବନ୍ଧର ଶିଶୁଆଠାରୁ ମଡ଼ଙ୍ଗା ଭାୟା ଛାଣିପୁର ପ୍ରାୟ ୧୩ କି.ମି. ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୧୦କୋଟି ଟଙ୍କା ବ୍ୟୟବରାଦରେ ୨୦୨୨ରୁ ଠିକାଦାର ଚୟନ କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିଲା। ଉକ୍ତ ରାସ୍ତାର ନାମ ଏମ୍ଆରଏଲ୍-୦୮ ରହିଛି। ଶିଶୁଆ-ମଡ଼ଙ୍ଗା ଭାୟା ଛାଣିପୁରରେ ଯାଉଥିବା ଏହି ରାସ୍ତା ନିର୍ମାଣ ପାଇଁ ଅବଧି ୧୯ ସେପ୍ଟେମ୍ବର ୨୦୨୨ରୁ ୧୮ଅଗଷ୍ଟ ୨୦୨୩ ପର୍ଯ୍ୟନ୍ତ ରହିଥିଲା। ଏନେଇ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସହ ଚୁକ୍ତି ହୋଇଥିଲା। ଇତିମଧ୍ୟରେ ୩ ବର୍ଷ ଅତିବାହିତ ହୋଇଯାଇଥିଲା ମଧ୍ୟ ୫ପ୍ରତିଶତ କାର୍ଯ୍ୟ ସରିନାହିଁ।

ଏହି ରାସ୍ତା ନିର୍ମାଣ ସମୟରେ ଉକ୍ତ ୫.୫ମିଟର ଥିବାବେଳେ କେନାଲବନ୍ଧ, ନୟନଯୋରାଗୁଡ଼ିକରେ ସ୍ଥାନ ଜବରଦଖଲ ଥିବାରୁ ସମ୍ପୃକ୍ତ ରାସ୍ତା ଭାଗ୍ୟ ଅନିଶ୍ଚିତତା ମଧ୍ୟରେ ରହିଛି। ବିଶେଷକରି ଶିଶୁଆ ପଞ୍ଚାୟତର ସପନପୁର, ପୁରୁଷୋତ୍ତମପୁର ଓ ନଇଗୁଆଁ ପଞ୍ଚାୟତର ନଇଗୁଆଁ ଓ ବଲ୍ଲଭପୁରଠାରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ସ୍ଥାୟୀ ଘର, ଇଟା ପାଚେରି, ପାଇଖାନା ପ୍ରଭୃତି ନିର୍ମାଣ କରି ଜବରଦଖଲ କରିଛନ୍ତି। ଫଳରେ ଠିକାଦାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାର୍ଯ୍ୟକୁ ୫.୫ମିଟର ପରିବର୍ତ୍ତେ ୩ମିଟର ଭିତରେ କରିବାକୁ ବାଧ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ଶିଶୁଆ, ନଇଗୁଆଁ, ଛାଣିପୁର, ସିଡ଼ା, ଭୀମବାସପୁର, ରାଉସୁଙ୍ଗ୍ରା, ମହଣ ପଞ୍ଚାୟତର ଜନସାଧାରଣଙ୍କ ପ୍ରମୁଖ ରାସ୍ତା ହୋଇଥିଲେ ମଧ ରାସ୍ତା ଜବରଦଖଲ ଥିବା ଯୋଗୁ ବହୁ ସମୟରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରଧାନମନ୍ତ୍ରୀ ସଡ଼କ ପାର୍ଶ୍ୱରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ସ୍କୁଲ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ୟୁନାନୀ ଡାକ୍ତରଖାନା ସହ ଅନେକ ସଂଯୋଗୀକରଣ ରାସ୍ତା ରହିଛି। ଶିଶୁଆଠାରୁ ଛାଣିପୁର ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହାସତ୍ତ୍ୱେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସ୍ଥାନୀୟ ତହସିଲ ପ୍ରଶାସନ ଏ ଦିଗରେ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ଖୁବ୍ କମ୍ ଦିନ ମଧ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବ। ଏନେଇ ଉପରୋକ୍ତ ପଞ୍ଚାୟତଗୁଡ଼ିକର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସାଲେପୁର ତହସିଲ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏ ସମ୍ପର୍କରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କୁ ପଚାରିବାରୁ ସେ କହିଛନ୍ତି, ଜବରଦଖଲ ଉଚ୍ଛେଦ ପାଇଁ ରାସ୍ତାକୁ ଅମିନ ପଠାଇ ତଦନ୍ତ କରାଯାଇଛି। ଏହାପରେ ଜବରଦଖଲ କରିଥିବା ଲୋକଙ୍କୁ ବୁଝାଶୁଝା କରାଯାଇ ରାସ୍ତାକାମ ଚାଲୁ କରିବା ପାଇଁ ସ୍ଥିର କରାଯାଇଛି। ଯଦି ଲୋକମାନେ ନ ବୁଝନ୍ତି, ତେବେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ।


ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣାଧୀନ ରାସ୍ତା।

**ଶିଶୁଆ-ମଡ଼ଙ୍ଗା ଭାୟା ଛାଣିପୁର ରାସ୍ତା**

# ସତ୍‌ମାର୍ଗ ଦର୍ଶନ, ସତ୍‌କର୍ମ ଜୀବନର ମୂଳମନ୍ତ୍ର

**ବଡ଼ମ୍ବା, ୨୩।୫(ମାୟାଧର ମଲ୍ଲିକ)**

**ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବଡ଼ମ୍ବା ଶାଖାର ବାର୍ଷିକ ଉତ୍ସବ**

ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ମ୍ବା ଶାଖା ସେବା କେନ୍ଦ୍ରର ୩୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନରସିଂହପୁର ସେବାକେନ୍ଦ୍ର ମୁଖ୍ୟ ବ୍ରହ୍ମାକୁମାରୀ ଅନୁପମା ଭଉଣୀଙ୍କ ପୌରହିତ୍ୟରେ ମୁରଲୀ ପଠନ ସହ ଧ୍ୟାନ ପ୍ରବଚନ କରାଯାଇଥିଲା। ଅତିଥିଭାବେ ପ୍ରାକ୍ତନ ଜେଲ୍ ଅଧୀକ୍ଷକ ଜନାର୍ଦ୍ଦନ ମଲ୍ଲିକ, ମହିଳା ପତଞ୍ଜଳି ଯୋଗ ସମିତି ବଡ଼ମ୍ବା ତହସିଲ ପ୍ରଭାରୀ ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି, ପ୍ରତିମା ମଲ୍ଲିକ ପ୍ରମୁଖ ଯୋଗଦେଇ ରାଜ ଯୋଗ ଓ ଆଧ୍ୟାତ୍ମିକ ଯୋଗ ଉପରେ ଆଲୋକପାତ କରିଥିଲେ। ସତ୍‌ମାର୍ଗ ଦର୍ଶନ ଓ ସତକର୍ମ ଜୀବନର ମୂଳମନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ବଡ଼ମ୍ବା ମହାବିଦ୍ୟାଳୟ କର୍ମଚାରୀ ପୁଷ୍ପ ଭଉଣୀ, ବ୍ରହ୍ମାକୁମାରୀ ସବିତା ଭଉଣୀ, ବଡ଼ମ୍ବା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବିନୟ କୃଷ୍ଣ ମହାନ୍ତି, ପ୍ରାଣଯୋଗ ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି, ଆଇନଜୀବୀ ନଗେନ୍ଦ୍ର କୁମାର ରଥଙ୍କ ସମେତ ବ୍ରହ୍ମାକୁମାର ବିଦ୍ୟାଧର ଭାଇ, ପ୍ରବୋଧ ଭାଇ, ଜିତୁ ଭାଇ, ସ୍ୱର୍ଣ୍ଣଲତା ଭଉଣୀ, ସାଗରିକା ଭଉଣୀ, ଲକ୍ଷ୍ମୀପ୍ରିୟା ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମାକୁମାର ଅତୁଲଭାଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପ୍ରବୋଧ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

**ବାଙ୍କୀ,୨୩।୫ (ଶୁଭେନ୍ଦୁ ମହାପାତ୍ର)**

ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ମହାପ୍ରୟାଣ ଦିବସ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଓଡ଼ିଶା ଏନ୍‌ସିସି କ୍ୟାଡେଟ, ସ୍କାଉଟ ଆଣ୍ଡ ଗାଇଡ୍ସ, ଏନ୍‌ଏସ୍‌ଏସ, ସ୍ୱେଚ୍ଛାସେବୀ, ଯୁବ ରେଡ୍‌କ୍ରସ୍, ସାହିତ୍ୟ, କ୍ରୀଡ଼ା ଓ କଳା ଆଦି କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୪୮ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଯୁବ ରେଡ୍‌କ୍ରସ୍ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବାଙ୍କୀ ଉପଖଣ୍ଡସ୍ଥିତ ଅଂଶୁପା ସ୍ନାତକ ମହାବିଦ୍ୟାଳୟର ଛାତ୍ର ଅବିନାଶ ମହାରଣାଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପୁରସ୍କୃତ କରାଯାଇଛି। ଅଂଶୁପା ସ୍ନାତକ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ବାଙ୍କୀ ଶିକ୍ଷାବିତ୍‌ମାନେ ଏହାକୁ ନେଇ ପ୍ରଶଂସା କରିଛନ୍ତି।


ଛାତ୍ର ଅବିନାଶ ମହାରଣାଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି।

# ଶ୍ରୀଜୀଉଙ୍କ ସମ୍ପତ୍ତିରୁ ଜବରଦଖଲ ଉଚ୍ଛେଦ ହେବ

**ଶ୍ରୀଶ୍ରୀ ତୃତୀୟା ଦେବ ଜୀଉ ମନ୍ଦିରରେ ରଥଯାତ୍ରା ପାଇଁ ପ୍ରସ୍ତୁତି**

**ବାଙ୍କୀ , ୨୩।୫ (ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ଉପଖଣ୍ଡ ସରଣ୍ଡା ଗଡର ଆରାଧ୍ୟ ଦେବତା ଶ୍ରୀଶ୍ରୀ ତୃତୀୟା ଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ରଥଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ ଓ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଶୁଭେନ୍ଦୁ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ତହସିଲଦାର ତଥା ଏଣ୍ଡାଓମେଣ୍ଟ ମନ୍ଦିର କମିଟି ସଭାପତି ଅଶେଷ କୁମାର ନାୟକ, କମିଟି ସଦସ୍ୟ ଗନ୍ଧର୍ବ ଦଳେଇ, ପ୍ରଭାତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପୂଜକ ଶ୍ରୀନିବାସ ମହାପାତ୍ର, ଭୁବନାନନ୍ଦ ପଣ୍ଡା, ଅନ୍ନଦା ପ୍ରସାଦ ପଣ୍ଡା, କୁଞ୍ଜବିହାରୀ ପଣ୍ଡା, ଦେବୀ ପ୍ରସାଦ ପଣ୍ଡା, ଘନଶ୍ୟାମ ରଣା ପ୍ରମୁଖ ଯୋଗଦେଇ ମନ୍ଦିର ପରିଚାଳନା ଓ ସେବାୟତମାନଙ୍କ ସେବାରେ ତ୍ରୁଟି ଏବଂ ଶ୍ରୀଜୀଉଙ୍କ ସମ୍ପତ୍ତି ଜବରଦଖଲ ଉଚ୍ଛେଦ ଆଲୋଚନା କରିଥିଲେ। ଏହି ଅବସରରେ ଅଶେଷ କୁମାର ନାୟକ କହିଛନ୍ତି, ମନ୍ଦିରର ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ତଦନ୍ତ କରି ଉଚ୍ଛେଦ କରାଯିବ। ଯେଉଁ ସେବାୟତମାନେ ଶ୍ରୀଜୀଉଙ୍କ ସେବାରେ ତ୍ରୁଟି କରୁଛନ୍ତି ସେମାନଙ୍କୁ ଶ୍ରୀଜୀଉଙ୍କ ସମ୍ପତ୍ତିରୁ ଉଚ୍ଛେଦ କରାଯିବ। ଶ୍ରୀ ଜୀଉଙ୍କ ସିକିମ ଜମି ଚିହ୍ନଟ କରାଯାଇ ଉକ୍ତ ଜମିକୁ ଫେରାଇ ଅଣାଯିବ। ଏହି ଅବସରରେ ନାୟକ ନୀତିକାନ୍ତି ଉପରେ ଆଲୋଚନା କରିବା ସହ ଶ୍ରୀ ମନ୍ଦିର ସିଂହଦ୍ୱାର ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ମାପଚୁପ କରାଯିବ ବୋଲି କହିଛନ୍ତି।

# ବଜ୍ରପାତରୁ ରକ୍ଷା ପାଇଁ ତାଳଚାରା ରୋପଣର ଆବଶ୍ୟକ



**ବାଙ୍କୀ୨୩।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

**ବଢୁଛି ତାଳଗଛ ଓ ତାଳସଜ ଚାହିଦା**

Name of the work: "Improvement to the existing backup space of NQ-II Berth inside Harbour area". Put to tender value: Rs.4,11,79,577.17 plus GST as applicable. Last date & time of submission of tender through online bidding is 12.06.2025 up to 17:15 Hrs. For details, please log on to the Website: https://eprocure.gov.in/eprocure/app.

Sd/- Executive Engineer,
Horbour Works Division No.I,
Paradip Port Authority

PPA/PR/12/2025-2026 dtd.22.05.2025


# କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ନିମାପଡ଼ା,୨୩ା୫ (ବିଚିତ୍ରାନନ୍ଦ ସାହୁ)

ଚଳିତବର୍ଷର ଯୁକ୍ତ୨ ପରୀକ୍ଷାରେ ନିମାପଡ଼ା ରିଜିଓନାଲ ଯୁକ୍ତ୨ ବିଜ୍ଞାନ କଲେଜ ଆଶାତୀତ ସଫଳତା ହାସଲ କରିଛି। ୩୪୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୩୪୪ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୯ ପ୍ରତିଶତ ହୋଇଥିବା ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ସାମନ୍ତରାୟ କହିଛନ୍ତି। ୪୮ ଛାତ୍ରଛାତ୍ରୀ ୫୫ଭରୁ ଊର୍ଦ୍ଧ୍ୱ ନମ୍ବର ରଖି ପାସ୍ କରିଥିବାବେଳେ ପ୍ରଥମ ଶ୍ରେଣୀରେ ୩୦୬, ଦ୍ୱିତୀୟ ଶ୍ରେଣୀରେ ୩୭ ଓ ତୃତୀୟ ଶ୍ରେଣୀରେ ଜଣେ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ରାଜେଶ



ରାଜେଶ ସ୍ୱାଇଁଙ୍କୁ କଲେଜ ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ସାମନ୍ତରାୟ ସମ୍ବର୍ଦ୍ଧିତ କରୁଛନ୍ତି।

ସ୍ୱାଇଁ ସର୍ବାଧିକ ନମ୍ବର ରଖି ନିମାପଡ଼ା ବ୍ଲକ ଟପ୍‌ପର ହୋଇଛନ୍ତି। ସେ ମୋଟ ୬୦୦ରୁ ୫୬୯ ନମ୍ବର ତଥା ୯୪.୮୩ ପ୍ରତିଶତ ମାର୍କ ରଖିଛନ୍ତି। ଗୁରୁବାର କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜେଶଙ୍କୁ ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ସାମନ୍ତରାୟ ସମ୍ବର୍ଦ୍ଧିତ କରିଛନ୍ତି। କଠିନ ପରିଶ୍ରମ, ଅଧ୍ୟବସାୟ, ଦୃଢ଼ ଇଚ୍ଛାଶକ୍ତି ହିଁ ତାଙ୍କ ସଫଳତାର ମାପକାଠି ଏବଂ ଭବିଷ୍ୟତରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା ରାଜେଶ କହିଛନ୍ତି। କଲେଜ ଚେୟାରମ୍ୟାନ ଏବଂ ଅଧ୍ୟକ୍ଷ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# 'ଶ୍ରୀଜଗନ୍ନାଥ ଚେତନା: ସଂହତିର ସ୍ୱରଲିପି'ର ବଙ୍ଗଳା ଅନୁବାଦ ଲୋକାର୍ପିତ

ପୁରୀ,୨୩ା୫ (ଅଜିତ କୁମାର ମହାନ୍ତି)

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ୨୦୧୦ ମସିହାରେ ଓଡ଼ିଆ ଭାଷାରେ ପ୍ରକାଶିତ 'ଶ୍ରୀଜଗନ୍ନାଥ ଚେତନା: ସଂହତିର ସ୍ୱରଲିପି' ପୁସ୍ତକର ବଙ୍ଗଳା ଅନୁବାଦ ନିକଟରେ କୋଲକାତାରେ ଲୋକାର୍ପଣ ହୋଇଯାଇଛି। ୧୯ଟି ଗବେଷଣାତ୍ମକ ତଥା ଅନାଲୋଚିତ ଆଲେଖ୍ୟ ଏଥିରେ ସ୍ଥାନ ପାଇଛି। ସେଗୁଡ଼ିକ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଉପାସନା ଶାସ୍ତ୍ରୀୟ ବିଭାଗ, ଶ୍ରୀମନ୍ଦିରରେ ଦଶାବତାର ଉପାସନା, ଷଷ୍ଠ ଶତାବ୍ଦୀରେ ଆସିଥିବା (ତାମିଲନାଡୁର) ମହାଯୋଗୀଙ୍କ ନୀଳାଦ୍ରି ଦର୍ଶନ, ପତିତପାବନ ଚେତନାର ରହସ୍ୟ ଉନ୍ମୋଚନ, ମହର୍ଷି ଶାଣ୍ଡିଲ୍ୟଙ୍କ ଦୃଷ୍ଟିରେ ଶ୍ରୀପୁରୁଷୋତ୍ତମ ଉପାସନା, ଦର୍ପଦଳନ ରଥର ପ୍ରଚ୍ଛନ୍ନ ରହସ୍ୟ, ଶ୍ରୀମନ୍ଦିର ଭାସ୍କର୍ଯ୍ୟରେ ଅଳସକନ୍ୟା ପ୍ରଭୃତି ଆଲେଖ୍ୟ ରହିଛି। ଏଗୁଡ଼ିକର ଗୁରୁତ୍ୱ ଉପଲବ୍ଧି କରି ଉକ୍ତ ପୁସ୍ତକଟି କେନ୍ଦ୍ରୀୟ ଭାଷା ସଂସ୍ଥାନ, ମାନସ ଗଙ୍ଗୋତ୍ରୀ, ମହୀଶୂରଙ୍କ ଆର୍ଥିକ ସହାୟତାରେ ପ୍ରକାଶିତ ହୋଇଥିଲା। କୋଲକାତାର ଆନନ୍ଦ ପ୍ରକାଶନ ବଙ୍ଗଳା ସଂସ୍କରଣ ପ୍ରକାଶ କରିଥିବାବେଳେ ବନାରସ ହିନ୍ଦୁ ୟୁନିଭର୍ସିଟିର ଗବେଷଣା ଛାତ୍ରୀ ଶ୍ରେୟା ହାଲଦାର ଅନୁବାଦ କରିଛନ୍ତି।


**ବ.ସୂ. ଜେଲପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୧୫ [illegible]

[illegible]

ଆଗ୍ରହୀ www.ireps.gov.in ... "www.ireps.gov.in" ...

(PR-195)



**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**

In front of B.S. High School, At/Po/Dist- Sundargarh, Pin- 770001
Email- dpcsndgssa.opepa@nic.in Phone no.-06622-273718

**TENDER CALL NOTICE FOR PRINTING AND SUPPLY OF MULTI-LINGUAL EDUCATION TEXT BOOKS**

No. 1581/XVIII/TRB/Date : 23.05.2025

Sealed tenders are invited in prescribed format from the intending registered Offset Printers/Firms having valid PAN, GST registration certificate & experience in printing of text books for printing & supply of Tribal Language Text Books for Samagra Shiksha, Sundargarh for the session 2025-26, on payment of Rs.5000/- (Rupees five thousand) only as tender application cost. The tender paper/ bid document containing details specification with terms and conditions in two-part bidding system (application of technical bid in Part-A & application of finance bid in Part-B) which can be downloaded in website https://sundargarh.odisha.gov.in/. The tender document should reach to the office of the undersigned through registered post or speed post only on or before Dt.09.06.2025 by 5 P.M. and the same will be opened on Dt.10.06.2025 at 10.00 A.M. in presence of all bidders or their authorized representatives.

By the order of Collector-cum-Chairman
Sd./- DEO-cum-DPC, SS
Sundargarh



**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, BALRAMPUR, DIST.: BALRAMPUR, RAMANUJGANJ (C.G.)**
**e-Procurement Tender Notice**
eProcurement Portal: https://eproc.cgstate.gov.in
**(FIRST CALL)**

NIT No. 01/SAC/2025-26 Dated: 21.05.2025

Online tenders are invited for the following works upto 12.06.2025 (17.30 hours IST).

| S. No. | System Tender No. | Name of Work | Probable Amount of Contract |
|---|---|---|---|
| 1 | 168757 | Construction of Head and Canal Work of Banki Nadi Diversion Scheme | Rs.1407.37 Lakhs |

The details can be viewed & downloaded online directly from the Govt. of Chhattisgarh integrated e-Procurement portal (https://eproc.cgstate.gov.in) from date 28.05.2025 at 17.30 hours (IST) onwards.

Note: All eligible/interested contractors/bidders are mandated to get enrolled on the integrated e-Procurement portal (https://eproc.cgstate.gov.in) and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.

Sd./- Executive Engineer
Water Resources Division, Balrampur, Balrampur-Ramanujganj (C.G.)
For, Chief Engineer
Hasdeo Ganga Basin, W.R. Deptt. Ambikapur, Sarguja (C.G.)

G-252601073/6



**GOVERNMENT OF ODISHA**
**DEPARTMENT OF WATER RESOURCES**
**INVITATION OR BIDS (IFB)**
**OFFICE OF THE EXECUTIVE ENGINEER**
**BOUDH IRRIGATION DIVISION, BOUDH, PIN-762014**

e-mail i.d - eebidboudh@gmail.com
"e"-Procurement Notice No.-02/2025-26
Bid Identification No. EE BOD-02/2025-26

No.A-206 : The Executive Engineer, Boudh Irrigation Division, Boudh, on behalf of Governor of Odisha invites online Percentage rate tenders in Single cover system to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | Flood Protection Embankment Work, Canal Structure |
| 2 | No. of Works | 26 Nos. |
| 3 | Class of Contractor | "B", "C" & "D" Class (Odisha PWD or relevant class of other licensing Authority) |
| 4 | Bid Identification No. | EEBOD-02/2025-26 |
| 5 | Estimated Cost | Varies Approximately from 16.80 lakhs to 33.90 lakhs |
| 6 | Period of Completion | 6 (Six) Calendar Months |
| 7 | date & time of availability of bid documents in the Portal | From 26.05.2025 (11.00 A.M.) to 7.06.2025 (05.00 P.M.) |
| 8 | Last date/time for receipt of bids through online | 7.06.2025 upto 05.00 P.M. |
| 9 | Date of Opening of Bid through online | 09.06.2025 (11.00 A.M. onwards in the Office of the undersigned) |
| 10 | Name of the Officer inviting Bid | Executive Engineer, Boudh Irrigation Division, Boudh (Dist.-Boudh) |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Executive Engineer
Boudh Irrigation Division, Boudh

OIPR-32111/11/0010/2526



**JAMSHEDPUR NOTIFIED AREA COMMITTEE**
**New Kalimati Road, Sakchi-831001**
**E- mail ID-jnacjsr@gmail.com**

**Very Short E- Procurement Notice**
**Tender Notice**

NIT No- JNAC/04/2025-26 Date-23.05.2025

| | | |
|---|---|---|
| 1. | Name of the work | Waste Water Management System Drains- Nimbhatta, Baridih Basti and Bihari Basti Under Jamshedpur Notified Area Committee Jamshedpur. (2nd Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 7,32,09,964.00 |
| 3. | Cost of Bid Document (INR) | INR 25,000/- (Twenty thousand Only) Non-Refundable. |
| 4. | Bid Security (INR) | Bid Security: Rs 7,32,100.00 |
| 5. | Time of Completion | 1Year |
| 6. | Date/Time of publication of tender on website | 24.05.2025 at 05:00 Pm |
| 7. | Document downloading Start date | 24.05.2025 at 05:00 Pm |
| 8. | Pre bid meeting date, Time & venue | 26.05.2025 at 03:00 Pm, JNAC Conference Hall |
| 9. | Bid Submission Start date | 27.05.2025 at 05:00 Pm |
| 10. | Bid Submission end date | 09.06.2025 at 05:00 Pm |
| 11. | Bid Opening date | 10.06.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified Area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

PR 353344 Urban Development(25-26)#D

Deputy Municipal Commissioner,
Jamshedpur Notified Area Committee,
Jamshedpur.



**JHARKHAND COUNCIL OF EDUCATIONAL RESEARCH AND TRAINING (JCERT), RATU, RANCHI**

**Expression of Interest**

Bids are invited from established, reputed and interested Publicity Advertising/ Documentary making firms for design and development of Animated videos and dubbing of audio- video products.

**Scope of work:** The agency will be required to execute the following work:-
1. Design and Development of Animated videos
2. Dubbing of creative audio-video products/animation into Hindi/English/Tribal Language
3. Dubbing of Animated Video

Sealed quotation including all relevant cost details must be submitted in the office of Jharkhand Council of Educational Research and Training (JCERT) in the drop box latest by 3.00 pm on 12.06.2025. Conditions (financial and technical) and other details are available on official Website: jcert.jharkhand.gov.in

Sd/-Director
Jharkhand Council of Educational Research and Training

Letter No. Misc./04-79/2020/729 Date: 22.05.2025
PR 353316 (Jharkhand Council of Educational Research and Training)25-26*D

## ସଂକ୍ଷେପରେ

### ଲାଞ୍ଚ: ବାଙ୍କୋଇ ଫାଣ୍ଡି ଏଏସ୍ଆଇ, କନ୍ଷ୍ଟେବଲଙ୍କୁ ଧରିଲା ଭିଜିଲାନ୍ସ

ଖୋର୍ଦ୍ଧା, ୨୩।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇ ଫାଣ୍ଡିର ଏଏସ୍ଆଇ ତୁଷାର ନାୟକ ଏବଂ କନଷ୍ଟେବଲ ପି.କେ. ସୁନ୍ଦରାୟ ଶୁକ୍ରବାର ରାତିରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ କେସ ଡାଇରୀରୁ ନାଁ ହଟାଇବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ତାଙ୍କଠାରୁ ରଙ୍ଗ ପ୍ରଲେପ ଦିଆ ଟଙ୍କା ଜବତ ହୋଇଛି। ତୁଷାରଙ୍କ ବାଙ୍କୋଇଠାରେ ରହୁଥିବା ଘରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଥିବା ଜଣାପଡ଼ିଛି। ପରେ ଉଭୟଙ୍କୁ ଭିଜିଲାନ୍ସ ଖୋର୍ଦ୍ଧା ପରେ ଭୁବନେଶ୍ୱରକୁ ନେଇଯାଇଛି। ପ୍ରକାଶ ଯେ, ତୁଷାର ନିକଟରେ ଉଲ୍ଲେଖନୀୟ ସେବା ପାଇଁ ଜିଲା ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ।



ଏଏସ୍ଆଇ ତୁଷାର ନାୟକ

### ରୁଷିଆର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ପାଇବେ ମାଧବ କୌଶିକ

ଭୁବନେଶ୍ୱର, ୨୩।୫ (ସୌମ୍ୟରଞ୍ଜନ ରାଉତ)

ରୁଷିଆର ସର୍ବୋଚ୍ଚ ସାହିତ୍ୟ ସମ୍ମାନ 'ଦସ୍ତୋଭସ୍କି ଷ୍ଟାର୍ ପୁରସ୍କାର' ପାଇବେ ଭାରତର କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡ. ମାଧବ କୌଶିକ। ସାହିତ୍ୟ ଏବଂ ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଜୁନ୍ ୬ରେ ନୂଆଦିଲୀର ରୁଷୀୟ ବିଜ୍ଞାନ ଓ ସଂସ୍କୃତି କେନ୍ଦ୍ରରେ ଏହି ପୁରସ୍କାର ପ୍ରଦାନ କରାଯିବ। ରୁଷର କିମ୍ବଦନ୍ତୀ ଲେଖକ ଦସ୍ତୋଭସ୍କିଙ୍କ ସାହିତ୍ୟ କୃତିକୁ ବିଶ୍ୱ ସ୍ତରରେ ପ୍ରସାରିତ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସାହିତ୍ୟିକଙ୍କୁ ଏହି ପୁରସ୍କାର ଦିଆଯାଇଥାଏ। ହିନ୍ଦୀ ସାହିତ୍ୟର ଲେଖକ ଡ. ମାଧବ କୌଶିକଙ୍କର ୫୨ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି। ସେଥିରେ ଗଜଲ, କବିତା, ଗଳ୍ପ, ଶିଶୁ ସାହିତ୍ୟ ଏବଂ ପ୍ରବନ୍ଧ ଆଦି ସାହିତ୍ୟର ବିଭିନ୍ନ ବିଭାଗର ପୁସ୍ତକ ଅନ୍ତର୍ଭୁକ୍ତ ରହିଛି। ତାଙ୍କର କେତେକ କବିତା ଓ ଗଳ୍ପ ସଂକଳନ ଇଂଲିଶ, ରୁଷୀୟ, ଉର୍ଦ୍ଦୁ, ପଞ୍ଜାବୀ, ସଂସ୍କୃତ ଏବଂ ଓଡିଆ ଭାଷାରେ ଅନୂଦିତ ହୋଇ ଆଦୃତି ଲାଭ କରିଛି। ଡ. କୌଶିକ ଦକ୍ଷିଣ ଆଫ୍ରିକା, ୟୁଏଇ, ମେକ୍ସିକୋ, ଜର୍ମାନୀ ଓ ରୁଷିଆ ଆଦି ଦେଶରେ ଭାରତୀୟ ସାହିତ୍ୟର ପ୍ରତିନିଧିତ୍ୱ କରିଛନ୍ତି।



ମାଧବ କୌଶିକ

# ସପ୍ତାହକ ମଧ୍ୟରେ ସରିବ ରତ୍ନଭଣ୍ଡାର ମରାମତି

**କାର୍ଯ୍ୟର ସମୀକ୍ଷା କଲେ ଏଏସ୍ଆଇ ଡିଜି**

ପୁରୀ, ୨୩।୫(ଅଜିତ୍ କୁମାର ମହାନ୍ତି)



ସମୀକ୍ଷା ବୈଠକରେ ଏଏସ୍ଆଇ ଡିଜି ଯଦୁବୀର ସିଂ ରାୱତ ଏବଂ ଅନ୍ୟ ଅଧିକାରୀମାନେ।

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ମହାନିର୍ଦ୍ଦେଶକ (ଡିଜି) ଯଦୁବୀର ସିଂ ରାୱତ ଶୁକ୍ରବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଚାଲିଥିବା ରତ୍ନଭଣ୍ଡାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ଶ୍ରୀମନ୍ଦିର ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ମନ୍ଦିର କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ରତ୍ନଭଣ୍ଡାର କାର୍ଯ୍ୟ ଆସନ୍ତା ୭ରୁ ୮ଦିନ ମଧ୍ୟରେ ଶେଷ ହେବ ବୋଲି ଏଏସ୍ଆଇ ଡିଜି ସୂଚନା ଦେଇଛନ୍ତି। ବୈଠକରେ ଏଏସ୍ଆଇ ଅଧିକାରୀଙ୍କ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସନ୍ଧ୍ୟାରେ ଏଏସ୍ଆଇ ଡିଜି ରାୱତ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହାପରେ ସେ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରି ବହୁତ ଭଲ ଲାଗିଲା। ଦୀର୍ଘ ୪୦ ବର୍ଷ ପରେ ଆସିବାର ସୁଯୋଗ ମିଳିଲା। ଏହାରି ଭିତରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି। ପରିବର୍ତ୍ତନରେ ଏଏସ୍ଆଇର ମଧ କିଛି ପରିମାଣରେ ସହଯୋଗ ରହିଛି। ଏଠାରେ ଏଏସ୍ଆଇ ପକ୍ଷରୁ ନିରନ୍ତର ଭାବେ କାର୍ଯ୍ୟ କରାଯାଉଛି। ରତ୍ନଭଣ୍ଡାର କାର୍ଯ୍ୟ ଆଉ କିଛି ବାକି ରହିଛି, ଯାହା ଆଉ ୭ରୁ ୮ଦିନ ମଧ୍ୟରେ ଶେଷ ହେବ। ମୁଖ୍ୟତଃ ମହାପ୍ରଭୁଙ୍କ ଅନେକ ନୀତି ରହୁଛି, ତେଣୁ କାର୍ଯ୍ୟ କରିବା ପାଇଁ ବେଶି ସମୟ ମିଳିପାରୁନାହିଁ। ଆମକୁ କାର୍ଯ୍ୟ କରିବା ପାଇଁ ଅନୁମତି ମିଳିଲେ ଆମେ କରିବୁ, ଆମେ ସର୍ବଦା ପ୍ରସ୍ତୁତ ରହିଛୁ। ରଥଯାତ୍ରା ପୂର୍ବରୁ ରତ୍ନଭଣ୍ଡାର କାର୍ଯ୍ୟ ସରିଯିବ ବୋଲି ଆଶା ରହିଛି। ରଥଯାତ୍ରା ସମୟରେ ଯେଉଁ ସମୟ ମିଳିବ, ସେ ସମୟରେ ଅନ୍ୟ କାର୍ଯ୍ୟ କରାଯିବ। ସେହିପରି କୋଣାର୍କ ସୂର୍ଯ୍ୟମନ୍ଦିର କାର୍ଯ୍ୟକୁ ମଧ ଗୁରୁତ୍ୱର ସହ ନେଇଛୁ। ଟେକ୍ନିକାଲ କାମ ରହିଛି, ତାହା ସରିବା ପରେ ଆଗକୁ ବଢିହେବ। ୧୦୦ ବର୍ଷରୁ ମନ୍ଦିର ବନ୍ଦ ରହିଛି। ତେଣୁ ହଠାତ୍ ଏନେଇ ପଦକ୍ଷେପ ନେବା ଠିକ୍ ନୁହେଁ। ସମସ୍ତ ଦିଗକୁ ଭାବିଚିନ୍ତି ନିଷ୍ପତ୍ତି ନିଆଯିବ ବୋଲି ଡିଜି କହିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ସହ ରତ୍ନଭଣ୍ଡାର ମରାମତି କାର୍ଯ୍ୟର ସମୀକ୍ଷା କରିବା ପରେ ଡିଜି ଶ୍ରୀମନ୍ଦିର ପ୍ରଶାସନ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରାୱତ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଏସ୍ଆଇ ମଧ୍ୟରେ ଶ୍ରୀମନ୍ଦିରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଛି। ଭକ୍ତଙ୍କ ସୁବିଧା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ ଏବଂ ଶ୍ରୀମନ୍ଦିର ସୁରକ୍ଷା ଆଦି ବିଷୟରେ ଆଲୋଚନା କରାଯାଇଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସହ ବିଦ୍ୟୁତ୍ କେବୁଲ କାର୍ଯ୍ୟ, ନାଟମଣ୍ଡପରେ ଏସି ସଂଯୋଗ ଏବଂ ପାନୀୟଜଳ ବ୍ୟବସ୍ଥା ଆଦି କରାଯାଉଥିବା ସମ୍ପର୍କରେ ଆଲୋଚନା କରିବା ସହ ସମୀକ୍ଷା କରିଛନ୍ତି। କେମିକାଲ ୱାଶିଂ ହେବାକୁ ଯାଉଥିବା କାର୍ଯ୍ୟର ମଧ ସମୀକ୍ଷା ସହ ବିଭିନ୍ନ ପ୍ରକଳ୍ପ ବାବଦରେ ଶ୍ରୀମନ୍ଦିର ପ୍ରଶାସକଙ୍କ ସହ ଆଲୋଚନା କରାଯାଇଛି ବୋଲି ରାୱତ ସୂଚନା ଦେଇଛନ୍ତି। ଆଲୋଚନା ବେଳେ ଏଏସ୍ଆଇ ଏଡିଜି, ବୈଷୟିକ ଟିମ୍, ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ, ଆର୍କିଓଲୋଜିଷ୍ଟ, ଶ୍ରୀମନ୍ଦିର ବୈଷୟିକ ଟିମ୍ ଏବଂ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଇସ୍ରୋ ପରିଭ୍ରମଣରେ ଗଲେ ୩୦ ଛାତ୍ରୀଛାତ୍ର



ଇସ୍ରୋ ଅଭିମୁଖେ ଯାତ୍ରା ଆରମ୍ଭ ପୂର୍ବରୁ ପଠାଣି ସାମନ୍ତ ପ୍ଲାନେଟାରିୟମ ଅଧକ୍ଷା ଚିତ୍ରା ଅରୁମୁଗମ୍‌ଙ୍କ ସହ ଅନ୍ୟ ଅଧିକାରୀମାନେ ଶୁଭେଚ୍ଛା ଜଣାଉଛନ୍ତି।

ଭୁବନେଶ୍ୱର, ୨୩।୫
(ଅନୁରାଧା ମହାରଣା)

**ୟାଟ୍‌ସରେ ଉତ୍ତୀର୍ଣ୍ଣ ହୋଇଥିଲେ**

ଟାଟାଷ୍ଟିଲ ଓ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ପକ୍ଷରୁ ଆୟୋଜିତ ୧୮ତମ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ)ରେ ଉତ୍ତୀର୍ଣ୍ଣ ହୋଇଥିବା ୩୦ ଛାତ୍ରୀଛାତ୍ର ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣରେ ବାହାରିଛନ୍ତି। ଏମାନେ ବେଙ୍ଗାଲୁରୁସ୍ଥିତ ଇସ୍ରୋର ଟେଲିମେଟ୍ରିଟ୍ରାକିଂ ଏବଂ କମାଣ୍ଡ ନେଟ୍‌ୱର୍କ (ଆଇଏସ୍‌ଟିଆର୍ଏସି) ଏବଂ ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର (ୟୁଆର୍ଏସ୍‌ସି)କୁ ପରିଦର୍ଶନ କରିବା ସହ ମହାକାଶ ବିଜ୍ଞାନ ସମ୍ପର୍କରେ ଜ୍ଞାନ ଆହରଣ କରିବେ। ପ୍ଲାନେଟାରିୟମ ଅଧକ୍ଷା ଚିତ୍ରା ଅରୁମୁଗମ୍ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ପରିଭ୍ରମଣ ୨୮ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ଲାନେଟାରିୟମର ନିର୍ଦ୍ଦେଶକ ତଥା ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଉପସଚିବ ଉର୍ମିପ୍ରଭା ମହାରଣା ଏବଂ ଟାଟାଷ୍ଟିଲର କର୍ପୋରେଟ୍ କମ୍ୟୁନିକେଶନ୍ସ ଚିଫ୍ ସର୍ବେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଚଳିତବର୍ଷ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣରେ ରାଜ୍ୟର ମୋଟ ୭୧୦୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ୩୦ଜଣ କୃତକାର୍ଯ୍ୟ ହୋଇଥିଲେ। ଏହି ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଅରୁମୁଗମ କହିଲେ, ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ପିଲା ପ୍ରତିଯୋଗିତାରେ ବିଜୟୀ ହୋଇ ଇସ୍ରୋ ଯାଉଛନ୍ତି। ଏହି କାର୍ଯ୍ୟକ୍ରମ କେବଳ ପଠାଣି ସାମନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ, ବରଂ ଛାତ୍ରୀଛାତ୍ରଙ୍କ ମନରେ ବୈଜ୍ଞାନିକ ହେବାର ସ୍ୱପ୍ନ ଉଜାଗର କରିବ। ଭବିଷ୍ୟତରେ ସୁନିତା ୱିଲିୟମସଙ୍କ ଭଳି ମହାକାଶ ବିଜ୍ଞାନୀ ହେବାକୁ ଲକ୍ଷ୍ୟ ରଖିଥିବା ପିଲାଙ୍କ ସ୍ୱପ୍ନରେ ଉଡ଼ାଣ ଭରିବାକୁ ଏହି କାର୍ଯ୍ୟକ୍ରମ ବେଶ୍ ପ୍ରେରଣାଦାୟକ ହେବ। ଟାଟା ଷ୍ଟିଲର କର୍ପୋରେଟ କମ୍ୟୁନିକେଶନ୍‌ସର ଚିଫ୍ ସର୍ବେଶ କୁମାର କହିଛନ୍ତି, ଏହି ଭ୍ରମଣ ଛାତ୍ରୀଛାତ୍ରଙ୍କୁ ଭାରତର ମହାକାଶ ମିଶନ, ସାଟେଲାଇଟ ବିକାଶ ଏବଂ ଟ୍ରାକିଂ ପ୍ରଯୁକ୍ତି ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରିବ।

## ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଗଣବଳାତ୍କାର ମାମଲା**

କଟକ, ୨୩।୫(କାର୍ତ୍ତିକ ସାହୁ)

କଟକ ସଦର ଅଞ୍ଚଳର ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଗଣବଳାତ୍କାର ମାମଲାର ବିଚାର କରି କଟକ ଆଡହକ୍ ଆଡିଶନାଲ୍ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ ଜଜ୍ ଫାଷ୍ଟ ଟ୍ରାକ କୋର୍ଟ (୧) ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତମାନେ ୩୦ହଜାର ଟଙ୍କା ଲେଖାଏ ଜରିମାନା ଦାଖଲ କରିବେ। ଜରିମାନା ଦେଇ ନ ପାରିଲେ ଆଉ ଅଧିକ ୧ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ଆଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲା ଆଇନସେବା ପ୍ରାଧିକରଣକୁ କୋର୍ଟ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ଗଣବଳାତ୍କାର ନେଇ ୨୦୨୧ ଜୁଲାଇ ୨୭ରେ କଟକ ସଦର ଥାନାରେ ଏତଲା ଦିଆଯାଇଥିବା ବେଳେ ୮ ମାସ ପୂର୍ବରୁ ଘଟଣା ଘଟିଥିଲା। ଯୁବତୀଙ୍କୁ କଟକ ସଦର ଥାନା ବହଳପଡ଼ା ଡିହସାହି ଅଞ୍ଚଳର ମଙ୍ଗରାଜ ଭୋଇ ଓରଫ ମଙ୍ଗୁ, ଅରୁତମ ଭୋଇ ଓରଫ ଟିକି ଓ ଅମର ଭୋଇ ଓରଫ ନନ୍ଦୁ ପ୍ରଲୋଭନ ଦେଖାଇ ଗଣବଳାତ୍କାର କରିଥିଲେ। ପୀଡ଼ିତା ଗର୍ଭବତୀ ହୋଇ ୨୦୨୧ ଜୁଲାଇ ୨୨ରେ ଏସ୍‌ସିବି ମେଡିକାଲରେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଦୁଇଦିନ ପରେ ଶିଶୁଟିର ମୃତ୍ୟୁ ହୋଇଥିଲା। ପୀଡ଼ିତାଙ୍କ ଭାଇ କଟକ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରଶ୍ମି



@ ଗୀତା



@ ବନ୍ଦିତା



@ ରାକେଶ



@ ବାପୁନି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିଜିଲାନ୍ସ ଜାଲରେ ଆର୍ଆଣ୍ଡବି କନିଷ୍ଠ ଯନ୍ତ୍ରୀ

- ଘର ସମେତ ୮ ସ୍ଥାନରେ ଚଢ଼ାଉ, ପିପିଲିରେ ଫାର୍ମ ହାଉସ୍
- ୯ ପ୍ଲଟ୍, ଏକାଧିକ କୋଠା, ୫୫ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା

ନୂଆପଡ଼ା,(ମକାରୁ ବେମାଲ) /ଭୁବନେଶ୍ୱର, ୨୩।୫(ସତ୍ୟଜିତ୍ ରାଉତ)





କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ ଓ ଭୁବନେଶ୍ୱରରେ ଠାବ ହୋଇଥିବା ୩ ମହଲା କୋଠା।

ନୂଆପଡା ଜିଲା ଖରିଆରସ୍ଥିତ ରାସ୍ତା ଓ ଗୃହ ବିଭାଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁଶାନ୍ତଙ୍କ ଘର ସମେତ ନୂଆପଡା, ଭୁବନେଶ୍ୱର, ପିପିଲି (ପୁରୀ)ରେ ମୋଟ ୮ ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ସ୍ଥାନ ମଧ୍ୟରେ ସୁଶାନ୍ତଙ୍କ ନୂଆପଡା ଆର୍ଆଣ୍ଡବି ଡିଭିଜନ୍‌ସ୍ଥିତ ଅଫିସ ଚାମ୍ବର, ଭୁବନେଶ୍ୱର ବ୍ରିଟ୍ କଲୋନିର ବ୍ରହ୍ମେଶ୍ୱରପାଟଣାସ୍ଥିତ ସମ୍ପର୍କୀୟଙ୍କ ଘର, ନୂଆପଡାସ୍ଥିତ ସରକାରୀ କ୍ୱାର୍ଟର, ଭୁବନେଶ୍ୱର କେଦାର ଲେନ୍‌ସ୍ଥିତ ସହଯୋଗୀଙ୍କ ଘର ଏବଂ ପୁରୁଣା ଭୁବନେଶ୍ୱର ଗ୍ୟାରେଜ ଛକସ୍ଥିତ ଅନ୍ୟଜଣେ ସମ୍ପର୍କୀୟଙ୍କ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ ଓ ଯାଞ୍ଚ କରାଯାଇଛି। ସନ୍ଧ୍ୟାସୁଦ୍ଧା ସୁଶାନ୍ତଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି।

ଭିଜିଲାନ୍ସର ତଥ୍ୟ ଅନୁଯାୟୀ, ସୁଶାନ୍ତଙ୍କର ଭୁବନେଶ୍ୱର ଲିଙ୍ଗିପୁର ଗଙ୍ଗୋତ୍ରୀନଗରସ୍ଥିତ ପ୍ଲଟ୍ ନଂ.୧୦ରେ ୬୫୦୦ ବର୍ଗଫୁଟରେ ଏକ ୩ ମହଲା କୋଠା ଓ ପ୍ଲଟ୍ ନଂ.୧୦/୩୯୨୦ରେ ପ୍ରାୟ ୧୫୦୦ ବର୍ଗଫୁଟରେ ଏକ ନିର୍ମାଣାଧୀନ କୋଠା ରହିଛି। ସେହିପରି ପୁରୀ ଜିଲା ପିପିଲି ବିଲିପଡାସ୍ଥିତ ପ୍ଲଟ୍ ନଂ. ୭୪୯ରେ ୧ ଏକର ଜାଗାରେ ଗୋଟିଏ ଫାର୍ମ ହାଉସ୍ ଓ ବିଭିନ୍ନ ସ୍ଥାନରେ ୯ଟି ମୂଲ୍ୟବାନ୍ ପ୍ଲଟ୍ ଠାବ ହୋଇଛି। ଭୁବନେଶ୍ୱରରେ ୩ଟି, ପିପିଲିରେ ୫ଟି ଏବଂ ରାୟଗଡା ଟାଉନ୍‌ରେ ଗୋଟିଏ ପ୍ଲଟ୍ ରହିଛି। ରେଜିଷ୍ଟର୍ ସେଲ୍ ଡିଡ୍ ଅନୁଯାୟୀ ପ୍ଲଟ୍‌ଗୁଡ଼ିକର ଦର ୧.୦୧ କୋଟି ରହିଛି। ହେଲେ ଏସବୁର ପ୍ରକୃତ ମୂଲ୍ୟ ଅଧିକ ହେବ। ଭିଜିଲାନ୍ସ ଟେକ୍‌ନିକାଲ ୱିଙ୍ଗ୍ ପକ୍ଷରୁ କୋଠା, ପ୍ଲଟ୍, ଫାର୍ମ ହାଉସ୍‌ର ମୂଲ୍ୟ ହିସାବ କରାଯାଉଛି। ସେହିପରି ସୁଶାନ୍ତଙ୍କ ଘରୁ ୧୦୦ ଗ୍ରାମର ସୁନା ଅଳଙ୍କାର, ଗୋଟିଏ କିଆ କାରେନ୍ସ କାର୍, ୫ଟି ଦୁଇ ଚକିଆ ଯାନ, ଗୋଟିଏ ବେନାମି କାର୍ (ମାରୁତି ବ୍ରିଜା) ଏବଂ ୧୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି। ଏଥିସହ ସୁଶାନ୍ତଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୫ ଲକ୍ଷ ଟଙ୍କା ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ଭିଜିଲାନ୍ସ ଟିମ୍ ସୁଶାନ୍ତଙ୍କୁ ତାଙ୍କ ବିପୁଳ ସମ୍ପତ୍ତିର ଉତ୍ସ ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ଜାରି ରହିଥିବାରୁ ଆହୁରି ସମ୍ପତ୍ତି ଠାବ ହେବ ବୋଲି ସନ୍ଦେହ କରାଯାଉଛି। ସୁଶାନ୍ତ ୨୦୦୪ ଫେବୃଆରୀ ୧୬ରେ କନିଷ୍ଠ ଯନ୍ତ୍ରୀ (ଠିକା) ଭାବେ ସରକାରୀ ସେବାରେ ଯୋଗଦେଇଥିଲେ। ୨୦୧୧ ମାର୍ଚ୍ଚ ୧୫ରେ ସେ କନିଷ୍ଠ ଯନ୍ତ୍ରୀ ଭାବେ ନିୟମିତ ହୋଇ ଆର୍ଆଣ୍ଡବି ରାୟଗଡା ପ୍ରକଳ୍ପ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସରେ ଅବସ୍ଥାପିତ ହୋଇଥିଲେ। ଏହାପରେ ସୁଶାନ୍ତ କନିଷ୍ଠ ଯନ୍ତ୍ରୀ ଭାବେ ଅନୁଗୋଳ ଏବଂ ଖରିଆର୍ (ନୂଆପଡା) ଆର୍ଆଣ୍ଡବି ଡିଭିଜନ୍‌ରେ କାର୍ଯ୍ୟ କରିଥିଲେ। ୨୦୨୩ ସେପ୍ଟେମ୍ବର ୬ରୁ ସେ ନୂଆପଡା ଆର୍ଆଣ୍ଡବିରେ କାର୍ଯ୍ୟ କରି ଆସୁଥିଲେ।

# ଚିଲିକାରେ ତ୍ରିରଙ୍ଗା ଶୋଭାଯାତ୍ରା

କୃଷ୍ଣପ୍ରସାଦ, ୨୩।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଅପରେଶନ 'ସିନ୍ଦୂର'ର ସଫଳତା ନେଇ ଭାରତୀୟ ସୈନ୍ୟବାହିନୀ ସମ୍ମାନାର୍ଥେ ଶୁକ୍ରବାର ଚିଲିକାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର, ଭାଜପା ଜିଲା ସଭାପତି ଡ. ଦେବେନ୍ଦ୍ର ନାଥ ତରେଇଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ଏହିଅବସରରେ ଦୁଇଟି ଭେସେଲ(ଭସାପୋଲ) ଉଦ୍‌ଘାଟନ କରାଯାଇଥିଲା। ଏହି ଶୋଭାଯାତ୍ରା ସାତପଡ଼ାରୁ ବାହାରି ଜହ୍ନିକୁଦା ପର୍ଯ୍ୟନ୍ତ ଚିଲିକାରେ ଆସିଥିଲା। ଶହେରୁ ଊର୍ଦ୍ଧ୍ୱ ଡଙ୍ଗା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ପରେ ସ୍ଥାନୀୟ ଗ୍ରାମରେ ଏହି ଶୋଭାଯାତ୍ରା ହୋଇଥିଲା। ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ୍ଡ, ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ କୁମାର ବେହେରା, କୃଷ୍ଣପ୍ରସାଦ ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଦଳୀୟ କର୍ମୀ ସାମିଲ ଥିଲେ।



ଅପରେଶନ 'ସିନ୍ଦୂର'ର ସଫଳତା ନେଇ ଶୁକ୍ରବାର ଚିଲିକାରେ ଅଭିନବଭାବେ ଡଙ୍ଗାରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୭୬୯.୦୯ ପଏଣ୍ଟ ହ୍ରାସ ଘଟି ୮୧,୭୨୧.୦୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୪୩.୪୫ ପଏଣ୍ଟ କମି ୨୪,୮୫୩.୧୫ ଅଙ୍କରେ କାରବାର ଶେଷ ହୋଇଥିଲା।

# ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରଥମ ବାର୍ଷିକ ଉତ୍ସବ




ସ୍କାଏ ଅଟୋମୋବାଇଲ୍ସ କଟକ ବାଣପୁର ଶୋ'ରୁମ୍‌ରେ ଏପିକ୍ ନ୍ୟୁ ସ୍ୱିଫ୍ଟର ଅନାବରଣ ସହ ଗାଡ଼ି ଡେଲିଭରି ଦିଆଯାଉଛି। ଏହି ଅବସରରେ ଗ୍ରାହକଙ୍କ ସମେତ ସ୍କାଏ ଅଟୋମୋବାଇଲ୍ସର ଏମ୍‌ଡି ଅବିନାଶ ସିଂଘାନିଆ, ଜିଏମ୍ ସଞ୍ଜୟ ଗୁପ୍ତା, କ୍ୟୁଏମ୍ ରଶ୍ମିରେଖା ମିଶ୍ର ଏବଂ ଏସ୍ଏସ୍ଏମ୍ ଜଗନ୍ନାଥ ପ୍ରସାଦ ସାହୁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ଜ୍ୟୋତି ମୋଟର୍ସ ଭୁବନେଶ୍ୱର ପାହାଳ ଶୋ'ରୁମ୍‌ରେ ଏପିକ୍ ନ୍ୟୁ ସ୍ୱିଫ୍ଟର ଅନାବରଣ ସହ ଗାଡ଼ି ଡେଲିଭରି ଦିଆଯାଉଛି। ଏହି ଅବସରରେ ଗ୍ରାହକଙ୍କ ସମେତ ଜ୍ୟୋତି ମୋଟର୍ସର ଏମ୍‌ଡି ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ସମେତ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୩।୫: (ଅଭୟ ଦାଶ)

■ମାରୁତି ସୁଜିକି ଏରିନା ଡିଲର୍ସ ପକ୍ଷରୁ ମେଗା ଡେଲିଭରି

■ବାର୍ଷିକ ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ ଗାଡ଼ି ଚାବି ପ୍ରଦାନ

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍ଏସ୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ସ୍ୱିଫ୍ଟ (ଏପିକ୍ ନ୍ୟୁ ସ୍ୱିଫ୍ଟ)ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏମ୍ଏସ୍ଆଇଏଲ୍‌ର ଏହି ମଡେଲଗୁଡ଼ିକୁ କମ୍ପାନୀର ମାରୁତି ସୁଜୁକି ଏରିନା ପୋର୍ଟଫୋଲିଓ (ଡିଲର୍ସ) ଜରିଆରେ କାରବାର କରାଯାଉଛି। ସେହିଭଳି ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଏକ ମେଗା ଡେଲିଭରି କାର୍ଯ୍ୟକ୍ରମ ସର୍ବଭାରତୀୟସ୍ତରରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର କଟକର ସ୍କାଏ ଅଟୋମୋବାଇଲ୍ସ ଏବଂ ଭୁବନେଶ୍ୱରର ଜ୍ୟୋତି ମୋଟର୍ସ ପାହାଳ ଶୋ'ରୁମ୍ ସମେତ ଓଡ଼ିଶାର ୮ଟି ଡିଲର ପଏଣ୍ଟରେ ଏହି ମେଗା ଡେଲିଭରି ଓ ଏପିକ୍ ନ୍ୟୁ ସ୍ୱିଫ୍ଟର ଅନାବରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିପରି ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ୫୦ରୁ ଊର୍ଦ୍ଧ୍ୱ ଗାଡ଼ି ଡେଲିଭରି ବା ଚାବି ପ୍ରଦାନ କରାଯାଇଛି। ଉତ୍ସାହୀ ଗ୍ରାହକଙ୍କ ପାଇଁ ଡିଜାଇନ ହୋଇଥିବା ଏହି ମଡେଲ ଉଭୟ ସ୍ପୋର୍ଟି ଏବଂ ଆକର୍ଷଣୀୟ ଡ୍ରାଇଭିଂ ଅଭିଜ୍ଞତା ସହ ଗ୍ରାହକମାନଙ୍କୁ ଉତ୍ସାହିତ କରିଚାଲିଛି। ଏହାର ପ୍ରିମିୟମ ହ୍ୟାଚ୍‌ବ୍ୟାକ୍‌ର ଅନେକ ପ୍ରଶଂସକ ରହିଛନ୍ତି, ଯାହା ଏହାର ସେଗ୍‌ମେଣ୍ଟରେ ଏହାକୁ ଏକ ଉତ୍କୃଷ୍ଟ ପସନ୍ଦ ଭାବେ ପ୍ରତିଷ୍ଠିତ କରିଛି। ବର୍ତ୍ତମାନ ସୁଦ୍ଧା ୩ ନିୟୁତରୁ ଅଧିକ ଗ୍ରାହକଙ୍କ ସହ ଏହି ମଡେଲ ଉଲ୍ଲେଖନୀୟ ଗ୍ରାହକ ବିଶ୍ୱସ୍ତତା ଉପଭୋଗ ଦେଇଥାଏ। କାରଣ ପ୍ରତି ୪ ଜଣ ସ୍ୱିଫ୍ଟ ମାଲିକଙ୍କ ମଧ୍ୟରୁ ପ୍ରାୟ ଜଣେ ଆଉ ଏକ ସ୍ୱିଫ୍ଟ କିଣିବାକୁ ପସନ୍ଦ କରିଥାନ୍ତି। ଏହା ସ୍ୱିଫ୍ଟ ମଡେଲ ଓ ବ୍ରାଣ୍ଡ ସହ ଗ୍ରାହକମାନଙ୍କର ଦୃଢ଼ ସମ୍ପର୍କ ଏବଂ ଯାନ ପ୍ରତି ସେମାନଙ୍କର ବିଶ୍ୱାସକୁ ପ୍ରଦର୍ଶିତ କରିଥାଏ। ଏହାର ସମସ୍ତ ପାସେଞ୍ଜର ଭେହିକଲ୍ ସେଗ୍‌ମେଣ୍ଟରେ ଗ୍ରାହକଙ୍କ ପାଇଁ ଉନ୍ନତ ସୁରକ୍ଷା ପ୍ରଦାନ କରିବା ପାଇଁ ଏମ୍ଏସ୍ଆଇଏଲ୍‌ର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ମାରୁତି ସୁଜୁକି ସ୍ୱିଫ୍ଟ ଏରିନା ସେଫ୍ଟି ସିଲ୍‌ଡ ସହିତ ସଜିତ ରହିଛି। ଏଥିରେ ବିଭିନ୍ନ ସୁରକ୍ଷା ବୈଶିଷ୍ଟ୍ୟ ସାଙ୍ଗକୁ ଏରିନା ସ୍ୱିଫ୍ଟ ସିଲ୍‌ଡରେ ୬ଟି ଏୟାରବ୍ୟାଗ, ଇଲେକ୍ଟ୍ରୋନିକ୍ ଷ୍ଟାବିଲିଟି ପ୍ରୋଗ୍ରାମ+ (ଇଏସ୍‌ପି), ଇଲେକ୍ଟ୍ରୋନିକ୍ ବ୍ରେକ୍‌ଫୋର୍ସ ଡିଷ୍ଟ୍ରିବ୍ୟୁଶନ (ଇବିଡି) ସହ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ୍ (ଏବିଏସ୍), ହିଲ୍ ହୋଲ୍ଡ କଣ୍ଟ୍ରୋଲ, ରିଭର୍ସ ପାର୍କିଂ ସେନ୍ସର, ୩-ପଏଣ୍ଟ ସିଟ୍ ବେଲ୍ ଏବଂ ସିଟ୍ ବେଲ୍ ରିମାଇଣ୍ଡର ଅନ୍ତର୍ଭୁକ୍ତ ରହିଛି। ଏହାସହ ଅତିରିକ୍ତ ମାନସିକ ଶାନ୍ତି ପାଇଁ ୩ ବର୍ଷ କିମ୍ବା ୧,୦୦,୦୦୦ କି.ମି. ୱାରେଣ୍ଟି ଅନ୍ତର୍ଭୁକ୍ତ ରହିଛି।

## ନାଲ୍‌କୋ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ଉପରେ ସିଏମ୍‌ଡିଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୩।୫

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ତଥା ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଉତ୍କୃଷ୍ଟତା ଏବଂ ଅଭିବୃଦ୍ଧିର ଏକ ନୂତନ ଯୁଗର ପ୍ରାରମ୍ଭ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା କମ୍ପାନୀର ସ୍ଥିରତା, କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ମୂଲ୍ୟବୋଧ ସୃଷ୍ଟିକୁ ସୂଚିତ କରୁଛି। ଏହି ପରିପ୍ରେକ୍ଷୀରେ କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ଅବସରରେ ନାଲ୍‌କୋର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଆର୍ଥିକ ସୁପରିଚାଳନା, କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ନାଲ୍‌କୋର ରଣନୈତିକ କାର୍ଯ୍ୟପନ୍ଥା ସଫଳତାର ଭିତ୍ତି ବୋଲି କହିଥିଲେ। ଏହି ଉଲ୍ଲେଖନୀୟ ସଫଳତା କେବଳ ନାଲ୍‌କୋ ପାଇଁ ନୁହେଁ ବରଂ ପ୍ରତ୍ୟେକ କର୍ମଚାରୀ, ଅଂଶୀଦାର, ଖଣି ମନ୍ତ୍ରଣାଳୟ ଓ ଆମ ରାଜ୍ୟ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ।

ସେହିଭଳି ଆଲୁମିନା ଓ ଆଲୁମିନିୟମର ବଜାର ଦରରେ ବୃଦ୍ଧି କମ୍ପାନୀର ସଫଳତାକୁ ଆଗକୁ ନେବାରେ ସହାୟକ ହୋଇଛି। କିନ୍ତୁ ଦୀର୍ଘକାଳୀନ ସଫଳତା ନିମନ୍ତେ କାର୍ଯ୍ୟକ୍ଷମତାରେ ଉତ୍କର୍ଷ ଏବଂ ଉଚ୍ଚ କାର୍ଯ୍ୟଦକ୍ଷତା ଗୁରୁତ୍ୱପୂର୍ଣ୍ଣ । ନାଲ୍‌କୋର ସମ୍ପ୍ରସାରଣ କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ କରିବା ନିମନ୍ତେ ସେ ଗୁରୁତ୍ୱ ଦେବା ସହ ୫ମ ଷ୍ଟ୍ରିମ୍ ରିଫାଇନେରି ସମ୍ପ୍ରସାରଣ, ପଟ୍ଟାଙ୍ଗୀ ଖଣି କାର୍ଯ୍ୟକ୍ଷମ, ସ୍ମେଲ୍‌ଟର ପ୍ଲାଣ୍ଟ ତଥା କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟର ପ୍ରସ୍ତାବିତ ସମ୍ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଦର୍ଶାଇଥିଲେ। ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହୋଇପାରିଲେ ବିଶ୍ୱ ଆଲୁମିନିୟମ ବ୍ୟବସାୟ କ୍ଷେତ୍ରରେ ନାଲ୍‌କୋର ସ୍ଥିତି ଆହୁରି ସୁଦୃଢ଼ ହୋଇପାରିବ ବୋଲି ସିଂହ କହିଥିଲେ। ଏହି ଅବସରରେ ନାଲ୍‌କୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପିଆଣ୍ଡଟି) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ ପ୍ରମୁଖ ଉପସ୍ଥିତ ଥିଲେ। ସିଂହ ତାଙ୍କ ଅଭିଭାଷଣରେ କମ୍ପାନୀର କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦକତାରେ ପ୍ରତିଯୋଗିତାମୂଳକ ଧାରା ବଜାୟ ରଖିବା ପାଇଁ ନାଲ୍‌କୋ ପରିବାରକୁ ହୃଦୟର ସହ ଅଭିନନ୍ଦନ ଜଣାଇଥିଲେ। ନାଲ୍‌କୋର ଆର୍ଥିକ ଫଳାଫଳ ଅନୁଯାୟୀ ସର୍ବକାଳୀନ ସର୍ବାଧିକ ୫,୩୨୫ କୋଟି ଟଙ୍କାର ନେଟ୍ ଲାଭ ରେକର୍ଡକରି ଏକ ନୂତନ ଆର୍ଥିକ ମାଇଲଖୁଣ୍ଟ ସ୍ଥାପନ କରିଛି।

## ଖିମ୍‌ଜୀ ଜୁଏଲର୍ସ କଟକ ଷ୍ଟୋରର ୧୪ତମ ବାର୍ଷିକ ଉତ୍ସବ




ଖିମ୍‌ଜୀ ଜୁଏଲର୍ସ କଟକ ଷ୍ଟୋରର ବାର୍ଷିକ ଉତ୍ସବ ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୩।୫

**ସୁନା ଓ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୪୦% ରିହାତି**

ଖିମ୍‌ଜୀ ଜୁଏଲର୍ସ କଟକ ଷ୍ଟୋରର ୧୪ତମ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ରିହାତି ଅଫର ଦିଆଯାଉଛି। ଏପରିକି ୨୦୨୫ ଜୁନ୍ ୧ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ରିହାତି ଉପଲବ୍ଧ। ଗ୍ରାହକମାନେ ସୁନା ଅଳଙ୍କାର ଏବଂ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୪୦% ରିହାତି ପାଇପାରିବେ।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମ୍‌ଜୀ କହିଛନ୍ତି, କଟକ ଷ୍ଟୋରର ୧୪ତମ ପୂର୍ତ୍ତି ଉତ୍ସବ ପାଳନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଆମ ପାଇଁ ଏକ ଐତିହାସିକ ଅବସର ହୋଇଥିଲାବେଳେ ଗ୍ରାହକମାନେ ବର୍ଷ ବର୍ଷ ଧରି ଆମ ଉପରେ ଯେଉଁ ବିଶ୍ୱାସ ଓ ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛନ୍ତି, ସେଥିପାଇଁ ଆମେ ତାହାକୁ ଆନ୍ତରିକତାର ସହିତ ପ୍ରଶଂସା କରୁଛୁ। ଏହି ଉଲ୍ଲେଖନୀୟ ସଫଳତାକୁ ପାଳନକରିବା ନିମନ୍ତେ ଆମର କୃତଜ୍ଞତାର ନିଦର୍ଶନ ସ୍ୱରୂପ ଆମେ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛୁ। ଖିମ୍‌ଜୀ ଜୁଏଲର୍ସରେ ଆମେ ଗ୍ରାହକମାନଙ୍କୁ ଅନନ୍ୟ ମୂଲ୍ୟ ଏବଂ ଏକ ସ୍ମରଣୀୟ କ୍ରୟ ଅନୁଭୂତି ପ୍ରଦାନ କରିବା ନିମନ୍ତେ ଉତ୍ସର୍ଗୀକୃତ ରହିଛୁ, ତା' ସହ ଗ୍ରାହକମାନଙ୍କ ଆବଶ୍ୟକତା ଏବଂ ପସନ୍ଦକୁ ସର୍ବାଗ୍ରେ ରଖିବା ସୁନିଶ୍ଚିତ କରୁଛୁ।

## ୭୫,୦୦୦ କୋଟିର ନିବେଶ ଲକ୍ଷ୍ୟ: ମୁକେଶ

ଭୁବନେଶ୍ୱର,୨୩।୫

ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡିକ ବର୍ତ୍ତମାନ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି। ଏହି ଅଭିବୃଦ୍ଧିରେ ରିଲାଏନ୍ସ ଗ୍ରୁପ୍ ମଧ୍ୟ ଭାଗୀଦାରି ହୋଇପାରିଛି ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ କମ୍ପାନୀର ପୁଞ୍ଜିନିବେଶକୁ ୭୫,୦୦୦ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ଏହି ରାଜ୍ୟଗୁଡ଼ିକରେ କମ୍ପାନୀର ପ୍ରାୟ ୩୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ରହିଛି। ଅର୍ଥାତ୍ ଆଗାମୀ ୫ ବର୍ଷ ମଧ୍ୟରେ ରିଲାଏନ୍ସ ଏହି ରାଜ୍ୟଗୁଡ଼ିକରେ ପ୍ରାୟ ୪୫,୦୦୦ କୋଟି ଟଙ୍କାର ନୂତନ ପୁଞ୍ଜିନିବେଶ କରିବାକୁ ଯାଉଛି। ଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ 'ରାଇଜିଂ ନର୍ଥଇଷ୍ଟ ନିବେଶକ ସମ୍ମିଳନୀ'ରେ ଯୋଗଦେଇ ମୁକେଶ ଅମ୍ବାନୀ ଏଭଳି କହିଛନ୍ତି। ଏହି ପ୍ରସ୍ତାବିତ ନିବେଶ ଫଳରେ ୨୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ ବୋଲି ପ୍ରକାଶ କରିବା ସହିତ ମୁକେଶ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ୩୫୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବା ନେଇ ପ୍ରତିବଦ୍ଧତା ଦୋହରାଇଛନ୍ତି। ଏପରିକି ରିଲାଏନ୍ସ ଜିଓ ସମ୍ପର୍କରେ ସୂଚନା ଦେଇ ମୁକେଶ କହିଛନ୍ତି, ରିଲାଏନ୍ସ ଜିଓର ୫ଜି ନେଟ୍‌ୱାର୍କ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ପ୍ରାୟ ୯୦% ଜନସଂଖ୍ୟା ପାଖରେ ପହଞ୍ଚିସାରିଛି। ୫୦ଲକ୍ଷ ଲୋକ ବର୍ତ୍ତମାନ ଜିଓ ୫ଜି ନେଟ୍‌ୱର୍କ ସହ ଯୋଡ଼ିହୋଇଛନ୍ତି ଏବଂ ଏହି ବର୍ଷ ଉକ୍ତ ସଂଖ୍ୟା ଦ୍ୱିଗୁଣିତ ହେବ। ରିଲାଏନ୍ସ ରିଟେଲ୍ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ସେମାନଙ୍କଠାରୁ ସିଧାସଳଖ କ୍ରୟକୁ ଉତ୍ସାହିତ କରିବ। ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସାକରି ମୁକେଶ ଅମ୍ବାନୀ କହିଛନ୍ତି, ଆପଣଙ୍କ ପ୍ରୟାସ ଯୋଗୁ ଉତ୍ତର-ପୂର୍ବାଞ୍ଚଳ ଭାରତର ବିକାଶ ମାନଚିତ୍ରରେ ଦୃଢ ଭାବେ ଉଭା ହୋଇଛି। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ରିଲାଏନ୍ସ ଫାଉଣ୍ଡେଶନର କାର୍ଯ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି, ରିଲାଏନ୍ସ ଫାଉଣ୍ଡେଶନ ମଣିପୁରରେ ୧୫୦ ଶଯ୍ୟା ବିଶିଷ୍ଟ ଏକ କର୍କଟ ହସ୍ପିଟାଲ ପ୍ରତିଷ୍ଠା କରିଛି। ଏହା ସହ ଫାଉଣ୍ଡେଶନ ଜିନୋମିକ୍ ତଥ୍ୟ ବ୍ୟବହାରକରି ସ୍ତନ କର୍କଟ ଚିକିତ୍ସାକୁ ଆଗକୁ ବଢ଼ାଇବା ପାଇଁ ମିଜୋରାମ ବିଶ୍ୱବିଦ୍ୟାଳୟ ସହିତ ସହଯୋଗ କରୁଛି। ଫାଉଣ୍ଡେଶନ ପକ୍ଷରୁ ଗୁଆହାଟୀଠାରେ ଏକ ଅତ୍ୟାଧୁନିକ ମଲିକୁଲାର ଡାଇଗ୍ନୋଷ୍ଟିକ ଏବଂ ଗବେଷଣା ଲାବ୍ ସ୍ଥାପନ କରାଯାଇଛି। ଏହା ଭାରତରେ ଅନ୍ୟତମ ସର୍ବବୃହତ୍ ଜିନୋମ୍ ସିକ୍ୱେନ୍‌ସିଂ କ୍ଷମତା ହେବ। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ରିଲାଏନ୍ସ ଫାଉଣ୍ଡେଶନ ସମସ୍ତ ଆଠଟି ରାଜ୍ୟ ସହ ମିଶି ଅଲିମ୍ପିକ୍ ତାଲିମ କେନ୍ଦ୍ର ସ୍ଥାପନ କରିବ। ସେଠାରୁ ବାହାରୁଥିବା ଯୁବପିଢ଼ି ଅଲିମ୍ପିକ୍ସରେ ପଦକ ବିଜେତା ହୋଇପାରିବେ।

## ତନିଷ୍କର ନୂଆ କଲେକ୍ସନ 'ସ୍ରୋତିକା'




ନୂତନ କଲେକ୍ସନ 'ସ୍ରୋତିକା'ର ଅନାବରଣ ଅବସରରେ ତନିଷ୍କର ବରିଷ୍ଠ ଅଧିକାରୀ ଅରିନ୍ଦମ ପ୍ରାମାଣିକ, ଶର୍ମିଳା ସେନ୍ ରୟ ଏବଂ ନଟରାଜନଙ୍କ ସମେତ ବ୍ୟବସାୟିକ ସହଯୋଗୀ ଯୋଗେନ୍ଦ୍ର ହଂସ (ପପୁ ହଂସ) ଓ ଅକ୍ଷୟ ହଂସ ପ୍ରମୁଖ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୩।୫

ତନିଷ୍କର ବହୁ ପ୍ରତୀକ୍ଷିତ ତଥା ନୂତନ କଲେକ୍ସନ 'ସ୍ରୋତିକା'ର ଶୁଭାରମ୍ଭ ଶୁକ୍ରବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ତନିଷ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ, କ୍ଲଷ୍ଟର ମାର୍କେଟିଂ ମ୍ୟାନେଜର ଶର୍ମିଳା ସେନ୍ ରୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଏହି ଅବସରରେ ତନିଷ୍କ ପକ୍ଷରୁ ଆକର୍ଷଣୀୟ ରିହାତି ଅଫରର ଘୋଷଣା କରାଯାଇଥିଲା। ଏହି ଅଫର ୨୦୨୫ ମେ ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଏପରିକି ଗ୍ରାହକମାନେ ସୁନାଗହଣାର ଗଢ଼ା ମଜୁରି ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହାସହ ସୁନାଗହଣା କ୍ରୟ ଉପରେ ଗ୍ରାମ ପିଛା ୧୦୧ ଟଙ୍କା ରିହାତି ପ୍ରଦାନ କରାଯାଉଛି। ଅପରପକ୍ଷରେ ତନିଷ୍କ ଦେଶର ଯେକୌଣସି ସ୍ଥାନରୁ କିଣାଯାଇଥିବା ପୁରୁଣା ସୁନାର ଶତପ୍ରତିଶତ ମୂଲ୍ୟ ପ୍ରଦାନ କରୁଛି।

ଏ ସମ୍ପର୍କରେ ତନିଷ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ କହିଛନ୍ତି, ଆମେ ଆମର ନୂଆ କଲେକ୍ସନ 'ସ୍ରୋତିକା'ର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶାବାସୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ଏହି କଲେକ୍ସନକୁ ଆମେ ଗ୍ରାହକଙ୍କ ପାଇଁ ବଜାରରେ ଉପଲବ୍ଧ କରାଇଛୁ। ତନିଷ୍କରେ ଗ୍ରାହକ ସନ୍ତୁଷ୍ଟି ଆମର ପ୍ରାଥମିକତା ହୋଇଥିଲାବେଳେ ସଭିଙ୍କ ନିକଟରେ ସୁଲଭ ମୂଲ୍ୟରେ ଅଦ୍ୱିତୀୟ ଗହଣା ପହଞ୍ଚାଇବା ଆମ ଲକ୍ଷ୍ୟ ରହିଛି। ଓଡ଼ିଶାରେ ଏକ ଲୋକପ୍ରିୟ ବ୍ରାଣ୍ଡ ଭାବେ ଆମେ ଜୀବନର ଧାରା ଏବଂ ସୁନ୍ଦର ସୁସଜ୍ଜିତ 'ସ୍ରୋତିକା'କୁ ଶୁଭାରମ୍ଭକରି ଉତ୍ସାହିତ ଅଛୁ। ରାଜ୍ୟରେ ଥିବା ସମସ୍ତ ତନିଷ୍କ ଷ୍ଟୋରରେ ସୁନା, ହୀରା ଏବଂ ଫେଷ୍ଟିଭ୍ ଗହଣାର ବ୍ୟାପକ ସମ୍ଭାର ରହିଛି। ଏଥିରେ ଚକମଦାର ରତ୍ନପଥର, ସୁନ୍ଦର ସଲିଟାୟାର ଏବଂ ଅତି ସୂକ୍ଷ୍ମ ଡିଜାଇନଯୁକ୍ତ ଗହଣା ପିସ୍ ସାମିଲ ରହିଛି, ଯାହା ପ୍ରତ୍ୟେକ ଷ୍ଟାଇଲ୍ ଏବଂ ଅବସରକୁ ସମ୍ମାନ ଜଣାଇଥାଏ। ଆମର କାଳଜୟୀ ଡିଜାଇନ ଏବଂ ଅନନ୍ୟ ଶପିଂ ଅନୁଭୂତି ପ୍ରଦାନ କରିବା ନେଇ ତନିଷ୍କର ପ୍ରତିବଦ୍ଧତାକୁ 'ସ୍ରୋତିକା' ପୁନଃ ନିଶ୍ଚିତ କରୁଛି ।

## ୨.୫୨ ଲକ୍ଷ କୋଟିର ବାର୍ଷିକ ଋଣ ଯୋଜନା ଧାର୍ଯ୍ୟ ଲକ୍ଷ୍ୟ

ଭୁବନେଶ୍ୱର,୨୩।୫




୧୭୯ତମ ଏସ୍ଏଲ୍‌ବିସି ବୈଠକରେ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

୧୭୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍ଏଲ୍‌ବିସି) ବୈଠକ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଆର୍ଥିକ ସାକ୍ଷରତା ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ଏ ନେଇ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସ୍ଏଲ୍‌ବିସି ଓଡ଼ିଶାର ଅଧ୍ୟକ୍ଷ ବିଜୟ କୁମାର ନିବୃତ୍ତି କାମ୍ବଲେ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବାର୍ଷିକ କ୍ରେଡିଟ୍ ଯୋଜନା ଅଧୀନରେ ଓଡ଼ିଶାର ବ୍ୟାଙ୍କଗୁଡ଼ିକ ୧.୯୪ ଲକ୍ଷ କୋଟି ଟଙ୍କା ହାସଲ କରିଛନ୍ତି, ଯାହା ଧାର୍ଯ୍ୟ ଲକ୍ଷ୍ୟର ୯୨.୬୧% ବୋଲି କୁହାଯାଉଛି। ରାଜ୍ୟର ବ୍ୟାଙ୍କଗୁଡ଼ିକ କୃଷି କ୍ଷେତ୍ରରେ ୧୦୨.୨୭% ଏବଂ ଏମ୍ଏସ୍ଏମ୍ଇ ଲକ୍ଷ୍ୟ ଅନୁଯାୟୀ ୯୨.୬୮% ହାସଲ କରିଛନ୍ତି। ସେହିଭଳି ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ବ୍ୟାଙ୍କଗୁଡ଼ିକର ସଫଳତା ଉଲ୍ଲେଖନୀୟ ରହିଛି। ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଅଧୀନରେ ୧୨୯.୮୩%, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ୧୧୬.୬୪%, ଅଟଳ ପେନ୍‌ସନ ଯୋଜନା ଅଧୀନରେ ୧୧୦.୮୫% ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ୧୦୬.୦୧% ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ୨୭,୦୦୦ରୁ ଅଧିକ ବୀମା ଦାବିର ସମାଧାନ କରାଯାଇଛି।

ଅପରପକ୍ଷରେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ୨.୫୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଏପରିକି ବ୍ୟାଙ୍କଗୁଡ଼ିକୁ କୃଷି ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ସହ ସମଗ୍ର ଓଡ଼ିଶାର ଅଭିବୃଦ୍ଧି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ରାଜ୍ୟର ବିକାଶ ପାଇଁ ବାର୍ଷିକ ଋଣ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଲକ୍ଷ୍ୟ ହାସଲ କରିବା ପାଇଁ ଆରମ୍ଭରୁ ପ୍ରୟାସ କରିବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ସେ ଦେଇଥିଲେ। ଜିଲାସ୍ତରରେ ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନଙ୍କ ସମସ୍ୟାର ସମାଧାନ ପାଇଁ ଟାଉନ ହଲ୍ ବୈଠକ ଆୟୋଜନ କରିବା ପାଇଁ ଅଗ୍ରଣୀ ଜିଲା ପ୍ରବନ୍ଧକମାନଙ୍କର ପ୍ରୟାସକୁ ସେ ଉଚ୍ଚପ୍ରଶଂସା କରିଥିଲେ। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବ୍ୟାଙ୍କଗୁଡ଼ିକୁ ସାମାଜିକ ସୁରକ୍ଷା ଯୋଜନାରେ ପଞ୍ଜୀକରଣ ଏବଂ ସହଜ ଦାବି ସମାଧାନ ଉପରେ ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କିଷାନ କ୍ରେଡିଟ୍ କାର୍ଡ ସାଚୁରେଶନ ବୃଦ୍ଧି ଏବଂ ଆଲାଏଡ୍ କୃଷି କ୍ଷେତ୍ରର ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରିଥିଲେ। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସାମଗ୍ରିକ ବିକାଶ ଏବଂ ନାଗରିକ କଲ୍ୟାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା 'ଆମ ସୁବାହକ ଏବଂ ଇ-ବସ୍ ସୁଧ ରିହାତି' ନାମକ ଦୁଇଟି ଯୋଜନାକୁ ଓଡ଼ିଶା ସରକାର ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଅଛନ୍ତି। ଏହି ଯୋଜନାଗୁଡ଼ିକର ଉନ୍ନତି ପାଇଁ ସମସ୍ତ ବ୍ୟାଙ୍କକୁ ପରାମର୍ଶ ଦେବାକୁ ଅନୁରୋଧ କରିଛନ୍ତି। ଭୁବନେଶ୍ୱର ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଣ୍ଠି ଅଧୀନରେ ପ୍ରତିପୂରଣ ସୁବିଧା ପ୍ରଦାନ କରୁଛି। ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଏବଂ ଏସ୍ଏଲ୍‌ବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ ସମସ୍ତ ବ୍ୟାଙ୍କର ପ୍ରଦର୍ଶନ ବିଷୟରେ ବିଶଦ ଆଲୋଚନା କରିଥିଲେ। ପରିଶେଷରେ ଏସ୍ଏଲ୍‌ବିସିର ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

**ଓଲଟିଲା ମିନିଟ୍ରକ୍: ୨ ଦୁଲ୍‌ଦୁଲି କଳାକାର ମୃତ**

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସୋନପୁର ଥାନା ହରଡ଼ଖୋଲ ଛକର ଛୁଇବନ୍ଧ ନିକଟରେ ଦୁଲଦୁଲି ବାଦ୍ୟ କଳାକାରଙ୍କୁ ନେଇ ଯାଉଥିବା ଗାଡ଼ି ଓଲଟି ପଡିବାରୁ ୨ କଳାକାରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨୪ କଳାକାର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ହୋଇଛନ୍ତି। ମୃତ ବାଦ୍ୟ କଳାକାର ହେଲେ ବରଗଡ ଜିଲା ତୁରା ଅଞ୍ଚଳର ମଣ୍ଟୁ ଛତ୍ରିଆ(୨୪) ଓ ମାଷ୍ଟରଟିକ୍ରା ଅଞ୍ଚଳର ସୁଦାମ ସିକା(୨୪)।

# ସମସ୍ତ ସହରାଞ୍ଚଳ ହେବ ବନ୍ୟା, ଜଳବନ୍ଦୀ ମୁକ୍ତ

ଭୁବନେଶ୍ୱର,୨୩।୫ (ରବିନାରାୟଣ ଜେନା)

ଚଳିତବର୍ଷ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି। ଏହାକୁ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସହରାଞ୍ଚଳ ପାଇଁ ଏକ ସହରାଞ୍ଚଳ ବନ୍ୟା ଓ ଜଳବନ୍ଦୀ ପରିଚାଳନା ଲାଗି ଶୁକ୍ରବାର ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ ସହରାଞ୍ଚଳର ଜୀବିକାକୁ ସୁରକ୍ଷିତ ରଖିବା ପାଇଁ ପ୍ରତିରୋଧକ ଓ ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରିବା ଆକ୍ସନ ପ୍ଲାନର ମୂଳ ଲକ୍ଷ୍ୟ ରହିଛି। ଏ ସଂକ୍ରାନ୍ତରେ ପୌର ନିର୍ଦ୍ଦେଶକ ଦେବାଶିଷ ସିଂହ ଶୁକ୍ରବାର ସମସ୍ତ ପୌରାଞ୍ଚଳ ଅଧିକାରୀ ଓ ମହାନଗର ନିଗମ ଆୟୁକ୍ତଙ୍କୁ ଅବଗତ କରାଇଛନ୍ତି। ବିଭାଗର ନିଷ୍ପତ୍ତି ଅନୁସାରେ, ସମସ୍ତ ସହରାଞ୍ଚଳରେ ନାଳ ଓ ମ୍ୟାନ୍‌ହୋଲ୍‌ଗୁଡ଼ିକର ସ୍ଥିତି ଅନୁଧ୍ୟାନ ସହ ମଇଳା ସଫା କରିବା ଏବଂ ମରାମତି କାର୍ଯ୍ୟ କରାଯିବ। ମୁକୁଳା ନାଳକୁ ବନ୍ଦ କରିବା ଏବଂ ନାଳକୁ ଅବରୋଧ ମୁକ୍ତ କରିବାକୁ ଆକ୍ସନ ପ୍ଲାନ କରାଯାଇଛି। ସେହିଭଳି ନାଳଗୁଡ଼ିକରେ ତାରଜାଲି ଲଗାଯାଇ କଠିନ ବର୍ଜ୍ୟକୁ ଅଟକାଯିବ। ନିୟମିତ ମଇଳା ଅପସାରଣ ପାଇଁ ସ୍ଥାନୀୟ କର୍ମଚାରୀ ନିୟୋଜିତ ହେବେ। ଜଳବନ୍ଦୀ ହେଉଥିବା ସ୍ଥାନଗୁଡ଼ିକୁ ଚିହ୍ନଟକରି ପମ୍ପ ସେଟ୍ ଓ ଜରୁରୀ ଉପକରଣ ପୂର୍ବରୁ ମୁତୟନ କରାଯିବ। ସେହିଭଳି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ସରକାରୀ ଭିତ୍ତିଭୂମିଗୁଡ଼ିକୁ ଜରୁରୀ ଆଶ୍ରୟ ପାଇଁ ପ୍ରସ୍ତୁତ କରାଯିବ। ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ପୂର୍ବପ୍ରସ୍ତୁତି ଓ ସାମୁଦାୟିକ ସହଭାଗିତା ହେଉଛି ଆମର ରଣନୀତିର ମୂଳସ୍ତମ୍ଭ। ଆଗାମୀ ମୌସୁମୀ ପାଇଁ ସହରାଞ୍ଚଳଗୁଡ଼ିକୁ ନିରାପଦ ରଖିବା ପାଇଁ ପୂର୍ବପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି।

# ସ୍ତନ କର୍କଟ ଚିହ୍ନିବ ବାୟୋସେନ୍ସର

ରାଉରକେଲା,୨୩।୫(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକ ଦଳ ଏକ ନୂତନ ସେମିକଣ୍ଡକ୍ଟର ଡିଭାଇସ୍ ଆଧାରିତ ବାୟୋସେନ୍ସର ଉଦ୍ଭାବନ କରିଛନ୍ତି। ଏହାଦ୍ୱାରା ଜଟିଳ କିମ୍ବା ମହଙ୍ଗା ପରୀକ୍ଷାଗାର ପ୍ରକ୍ରିୟା ବିନା ସ୍ତନ କର୍କଟ କୋଷଗୁଡ଼ିକ ଚିହ୍ନଟ କରାଯାଇପାରିବ। ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ରିସର୍ଚ୍ଚ ସ୍କଲାର ଡ. ପ୍ରିୟଙ୍କା କର୍ମକାର ଉକ୍ତ ଗବେଷଣା କରିଛନ୍ତି। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ମାଇକ୍ରୋସିଷ୍ଟମ ଟେକ୍ନୋଲୋଜି ଜର୍ନାଲରେ ପ୍ରକାଶିତ ହୋଇଛି।

ଗତ କିଛିବର୍ଷ ମଧ୍ୟରେ କର୍କଟ ରୋଗ ବୃଦ୍ଧି ଯୋଗୁ ବିଶ୍ୱବ୍ୟାପୀ ଜୈବ ଅଣୁ ମୂଲ୍ୟାୟନ ଏବଂ ପଏଣ୍ଟ ଅଫ୍ କେୟାର (ପିଓସି) ପରୀକ୍ଷା ଉପରେ ଧ୍ୟାନ ଦିଆଯାଇଛି। କର୍କଟ କୋଷଗୁଡ଼ିକ ପ୍ରାୟତଃ ଅଗ୍ରଗତି ହେବାର କୌଣସି ପ୍ରାରମ୍ଭିକ ଲକ୍ଷଣ ଦେଖାନ୍ତିନାହିଁ। ତେଣୁ ପ୍ରାରମ୍ଭିକ ସମୟରେ ଏହାର ଚିହ୍ନଟ ଜରୁରୀ ଅଟେ। ବର୍ତ୍ତମାନ ଏକ୍ସ-ରେ, ମାମୋଗ୍ରାଫି, ଏନ୍‌ଜାଇମ୍ ଲିଙ୍କ୍‌ଡ ଇମ୍ୟୁନୋସର୍ବେଣ୍ଟ ଏସେ ଟେଷ୍ଟ (ଇଏଲ୍‌ଆଇଏସ୍‌ଏ), ଅଲ୍ଟ୍ରାସୋନୋଗ୍ରାଫି ଏବଂ ମ୍ୟାଗ୍ନେଟିକ୍ ରେଜୋନାନ୍ସ ଇମେଜିଂ (ଏମ୍‌ଆର୍‌ଆଇ) ଆଦି ପରୀକ୍ଷା ଦ୍ୱାରା କର୍କଟ ରୋଗ ଚିହ୍ନଟ କରାଯାଉଛି। ଏଥିପାଇଁ ତାଲିମପ୍ରାପ୍ତ କର୍ମଚାରୀ ଆବଶ୍ୟକ। ଦୂରଦୂରାନ୍ତ ଅଞ୍ଚଳର ଲୋକଙ୍କ ପାଇଁ ଏହି ପରୀକ୍ଷା ଉପଲବ୍ଧ ହେଉନାହିଁ। କୋଭିଡ୍ ମହାମାରୀ ପାଇଁ ଚିକିତ୍ସା ସମ୍ବଳଗୁଡ଼ିକ ସ୍ଥାନାନ୍ତରଣ ପ୍ରମୁଖ ପ୍ରତିବନ୍ଧକ ସାଜିଛି। ଡ. ସାହୁ ଏବଂ ତାଙ୍କ ଦଳ ଏହି ପ୍ରତିବନ୍ଧକ ଦୂର କରିବା ସକାଶେ କର୍କଟ କୋଷଗୁଡ଼ିକୁ ସେମାନଙ୍କ ଭୌତିକ ଗୁଣ ବ୍ୟବହାର କରି ଚିହ୍ନଟ କରିବାକୁ ଏକ ନୂତନ ପଦ୍ଧତି ପ୍ରସ୍ତାବ ଦେଇଛନ୍ତି। କର୍କଟଯୁକ୍ତ ସ୍ତନ କୋଷିକାଗୁଡ଼ିକରେ ଅଧିକ ଜଳଧାରଣ କ୍ଷମତା ଥାଏ ଓ ଅଧିକ ଘନ ହୋଇଥାଏ। ଏହା ମାଇକ୍ରୋୱେଭ ବିକିରଣ ପାଇଁ ଭିନ୍ନ ପ୍ରତିକ୍ରିୟା ଦେଇଥାଏ। ଏହି ପାର୍ଥକ୍ୟଗୁଡ଼ିକୁ ଡାଇଇଲେକ୍ଟ୍ରିକ୍ ଗୁଣ କୁହାଯାଏ। ଯାହା ସୁସ୍ଥ ଏବଂ କର୍କଟ କୋଷ ମଧ୍ୟରେ ପାର୍ଥକ୍ୟ କରିବାରେ ସାହାଯ୍ୟ କରିପାରେ। ବିକଶିତ ପ୍ରଯୁକ୍ତି ବିଦ୍ୟା ବିଷୟରେ ଏନ୍‌ଆଇଟି ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ସାହୁ କହିଛନ୍ତି, ଟନେଲ୍ ଫିଲ୍ଡ ଇଫେକ୍ଟ ଟ୍ରାଞ୍ଜିଷ୍ଟର (ଟିଏଫ୍‌ଇଟି) ନାମକ ଇଲେକ୍ଟ୍ରିକ ଡିଭାଇସ୍ କର୍କଟ ରୋଗଗ୍ରସ୍ତ କୋଷିକାଗୁଡ଼ିକୁ ଚିହ୍ନଟ କରିବ। ପାରମ୍ପରିକ ପରୀକ୍ଷଣ ସକାଶେ ବାୟୋସେନ୍ସର କାର୍ଯ୍ୟ କରିବା ପାଇଁ କୌଣସି ରାସାୟନିକ ପଦାର୍ଥ ବା ଲେଭଲର ଆବଶ୍ୟକତା ନାହିଁ। ପ୍ରସ୍ତାବିତ ପଦ୍ଧତିରେ ଟ୍ରାଞ୍ଜିଷ୍ଟର ଗେଟ୍ କ୍ଷେତ୍ରରେ ଏକ ଛୋଟ କେଭିଟି କରାଯାଏ। ପରେ ସେନ୍ସର ଗୁଣଧର୍ମ ଆଧାରରେ ବୈଦ୍ୟୁତିକ ସଙ୍କେତରେ ପରିବର୍ତ୍ତନ ପଡ଼ିଥାଏ ଏବଂ କୋଷଗୁଡ଼ିକ ସୁସ୍ଥ କିମ୍ବା ରୋଗିଣା ତାହା ନିର୍ଣ୍ଣୟ କରିଥାଏ। ଟି ୪୭ ଡି ଭଳି କର୍କଟ ରୋଗ କୋଷରେ ଏମ୍‌ସିଏଫ୍-୧୦ ଏ ଭଳି ସୁସ୍ଥ କୋଷ ଅପେକ୍ଷା ଅଧିକ ଡାଇଇଲେକ୍ଟ୍ରିକ୍ ସ୍ଥିରାଙ୍କ ଥିବାରୁ ସେନ୍ସର ଏହି ପରିବର୍ତ୍ତନଗୁଡ଼ିକୁ ଶୀଘ୍ର ଓ ଠିକ୍ ଭାବେ ଚିହ୍ନଟ କରିଥାଏ ବୋଲି ସାହୁ କହିଛନ୍ତି।




# ମୁଙ୍ଗେରରୁ ମାଷ୍ଟରମାଇଣ୍ଡ ମହମ୍ମଦ ଅସଲାମ୍ ଗିରଫ

ଭୁବନେଶ୍ୱର,୨୩।୫(ସତ୍ୟଜିତ୍ ରାଉତ)

**୪୨ ମୌଜାରେ ବନ୍ଧୁକ କାରଖାନା ଠାବ ଘଟଣା**

କଟକ ଜିଲା ୪୨ମୌଜାରେ ବନ୍ଧୁକ କାରଖାନା ଠାବ ଘଟଣାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ ଅଧିକ ଛାନଭିନ୍ ଚଳାଇଛି। ଏହି ଚୋରା ବନ୍ଧୁକ ର୍ୟାକେଟର ମାଷ୍ଟରମାଇଣ୍ଡଙ୍କୁ ଏସ୍‌ଟିଏଫ୍ ଟିମ୍ ବିହାର ମୁଙ୍ଗେରରୁ ଗିରଫ କରିଛି। ସେ ହେଲେ ମୁଙ୍ଗେର ଜିଲା କାସିମ୍‌ବଜାର ଥାନା ଅଞ୍ଚଳର ଏମ୍‌ଡି ଅସଲାମ୍ (୫୦)। କାସିମ୍‌ବଜାର ପୋଲିସ ସହାୟତାରେ ମଙ୍ଗଳବାର ଏସ୍‌ଟିଏଫ୍ ତାଙ୍କୁ ଗିରଫ କରିଥିଲା। ପରେ ଅସଲାମ୍‌ଙ୍କୁ ମୁଙ୍ଗେରସ୍ଥିତ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ଏସ୍‌ଟିଏଫ୍ ଟିମ୍ ୩ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିବା ପରେ ଶୁକ୍ରବାର କଟକ ଜେଏମ୍‌ଏଫ୍‌ସି-୪ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଅସଲାମ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୨ ବିଳମ୍ବିତ ରାତିରେ ୪୨ ମୌଜାର ବଡ଼ ଧୂଳେଶ୍ୱର ଗାଁରେ ସିଢୁଆ ନଦୀ କୂଳରେ ଏସ୍‌ଟିଏଫ୍ ଟିମ୍ ଏକ ବନ୍ଧୁକ ତିଆରି କାରଖାନା ଠାବ କରିଥିଲା। ସେଠାରୁ ଅଧା ତିଆରି ୧୯ ବନ୍ଧୁକ ସମେତ ବିପୁଳ ପରିମାଣର ବନ୍ଧୁକ ପ୍ରସ୍ତୁତ ଉପକରଣ ଜବତ ହୋଇଥିଲା। ଏହି ମାମଲାରେ ଘର ମାଲିକ ଶରତ ଚନ୍ଦ୍ର ବେହେରା ଓରଫ ଶରତ ଯାଦବ, ପଶ୍ଚିମବଙ୍ଗ ହାୱଡା ଜିଲା କୋଲାବାରି ଥାନା ଅଞ୍ଚଳର ମହମ୍ମଦ ଆଜମ୍ ଓରଫ ବୁଦ୍ଧୁ, ବନ୍ଧୁକ ମିସ୍ତ୍ରି ମୁଙ୍ଗେର ଜିଲା କାସିମବଜାର ଥାନା ଅଞ୍ଚଳର ମହମ୍ମଦ ଆବିଦ୍ ହୁସେନ୍ ଓ ମୁଙ୍ଗେର ଦିଲୱାଲପୁରର ମହମ୍ମଦ କାଲୁଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ତଦନ୍ତ ବେଳେ ବନ୍ଧୁକ ତିଆରି ଓ କାରବାର ର୍ୟାକେଟର ବଡ଼ ସୁରାକ ମିଳିଥିଲା। ଅଧା ତିଆରି ବନ୍ଧୁକଗୁଡ଼ିକ ୪୨ ମୌଜାରୁ ବିହାର ମୁଙ୍ଗେରକୁ ନିଆଯାଉଥିଲା। ସେଠାରେ ପୂର୍ଣ୍ଣାଙ୍ଗ ବନ୍ଧୁକ ତିଆରି ପରେ ପୁଣି ଓଡ଼ିଶାକୁ ବିକ୍ରି ପାଇଁ ପଠାଯାଉଥିଲା। ଏହି ଘଟଣାରେ ଏସ୍‌ଟିଏଫ୍ ଅଧିକ ଖୋଳତାଡ କରିବା ବେଳେ ଅସଲାମ୍‌ଙ୍କ ଲିଙ୍କ୍ ପାଇଥିଲା। ଅସଲାମ୍ ବଡ଼ ଧୂଳେଶ୍ୱରସ୍ଥିତ ବନ୍ଧୁକ କାରଖାନାକୁ ଅଧିକାଂଶ ସମୟରେ ଆସୁଥିଲେ। ସେ ମହମ୍ମଦ ଆଜମ୍ ଓ ମହମ୍ମଦ ଆବିଦ୍ ହୁସେନ୍‌ଙ୍କଠାରୁ ଅଧା ତିଆରି ବନ୍ଧୁକ ବିହାର ନେଉଥିଲେ। ଦୁଇଜଣଙ୍କ ସହ ଅସଲାମ୍ ବନ୍ଧୁକ ଡିଲ୍ ପାଇଁ ଟଙ୍କା କାରବାର କରିଥିବା ଏସ୍‌ଟିଏଫ୍ ପ୍ରମାଣ ପାଇଛି। ଅସଲାମ୍‌ଙ୍କୁ ଧରିବାକୁ ଏସ୍‌ଟିଏଫ୍ ଟିମ୍ କିଛିଦିନ ହେଲା ମୁଙ୍ଗେରରେ ଡେରା ପକାଇଥିଲା।


ଗିରଫ ଅଭିଯୁକ୍ତ।

# ବଦଳିଲେ ୩୦ ଓଏଫ୍‌ଏସ୍ ଅଧିକାରୀ

ଭୁବନେଶ୍ୱର,୨୩।୫(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଶୁକ୍ରବାର ଓଡ଼ିଶା ଅର୍ଥ ସେବା(ଓଏଫ୍‌ଏସ୍) ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ କରାଯାଇଛି। ବିଭାଗୀୟ ବିଜ୍ଞପ୍ତି ଅନୁଯାୟୀ, କଟକସ୍ଥିତ ସିଟି ଆଣ୍ଡ୍ ଜିଏସ୍‌ଟି ସ୍ୱତନ୍ତ୍ର ଆୟୁକ୍ତ ଅମ୍ବିକା ଭୋଇଙ୍କୁ କଟକସ୍ଥିତ ଓଡ଼ିଶା ସେଲ୍‌ସ୍ଟ୍ୟାକ୍ସ ଟ୍ରିବ୍ୟୁନାଲର ଆକାଉଣ୍ଟସ୍ ମେମ୍ବର ଭାବେ ନିଯୁକ୍ତ କରାଯାଇଛି। ପୂର୍ତ୍ତ ବିଭାଗର ଅର୍ଥ ପରାମର୍ଶଦାତା(ଏଫ୍‌ଏ) ତଥା ସ୍ୱତନ୍ତ୍ର ସଚିବ(ଏସ୍‌ଏସ୍) ଶିବାଶିଷ ଧଳଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏଫ୍‌ଏ ତଥା ଏସ୍‌ଏସ୍, ରତିକାନ୍ତ ମହାପାତ୍ରଙ୍କୁ ପୂର୍ତ୍ତ ବିଭାଗ ଏଫ୍‌ଏ ତଥା ଏସ୍‌ଏସ୍, ମନୋରଞ୍ଜନ ନାୟକଙ୍କୁ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍-ଭୁବନେଶ୍ୱର, ମାନସୀ ଦାସଙ୍କୁ କୃଷି ବିଭାଗର ଏଫ୍‌ଏ ତଥା ଏସ୍‌ଏସ୍, ଅରବିନ୍ଦ ରାଉତରାୟଙ୍କୁ ସିଟି ଆଣ୍ଡ୍ ଜିଏସ୍‌ଟିର ସ୍ୱତନ୍ତ୍ର ଆୟୁକ୍ତ, ସ୍ମିତା ପାଣିଙ୍କୁ ଉଚ୍ଚଶିକ୍ଷା ବିଭାଗର ଏଫ୍‌ଏ ତଥା ଏସ୍‌ଏସ୍, ସତ୍ୟନାରାୟଣ ପଣ୍ଡାଙ୍କୁ ଅତିରିକ୍ତ ଆୟୁକ୍ତ ସିଟି ଆଣ୍ଡ୍ ଜିଏସ୍‌ଟି ଯାଜପୁର ରେଞ୍ଜ୍, ପ୍ରକାଶ କୁମାର ମିଶ୍ରଙ୍କୁ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ତଥା ଏଫ୍‌ଏ, ସସ୍ମିତା ସାହୁଙ୍କୁ ଜଳ ସମ୍ପଦ ବିଭାଗ ଅତିରିକ୍ତ ସଚିବ ତଥା ଏଫ୍‌ଏ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ରୁଦ୍ର ନାରାୟଣ ଆଚାର୍ଯ୍ୟଙ୍କୁ ଏମ୍‌ଏସ୍‌ଏମ୍‌ଇ ବିଭାଗ ଏଫ୍‌ଏ ତଥା ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ସତ୍ୟଜିତ୍ ଦାସଙ୍କୁ ଅତିରିକ୍ତ ଆୟୁକ୍ତ-ସିଟି ଆଣ୍ଡ୍ ଜିଏସ୍‌ଟି କେନ୍ଦ୍ରୀୟ ଜୋନ୍-କଟକ, ଅମିତାଭ ଆନନ୍ଦ ସ୍ୱାଇଁଙ୍କୁ ଅତିରିକ୍ତ ଆୟୁକ୍ତ-ସିଟି ଆଣ୍ଡ୍ ଜିଏସ୍‌ଟି ବାଲେଶ୍ୱର ରେଞ୍ଜ୍, ସନ୍ତୋଷ କୁମାର ଦାସଙ୍କୁ ଅତିରିକ୍ତ ଆୟୁକ୍ତ-ସିଟି ଆଣ୍ଡ୍ ଜିଏସ୍‌ଟି(କଟକ-୧ ରେଞ୍ଜ୍), ସ୍ମୃତିରେଖା ସାହୁଙ୍କୁ ଲଘୁ ଖଣିଜ ନିର୍ଦ୍ଦେଶାଳୟର ଏଫ୍‌ଏ ତଥା ସିଏଓ, ଅନନ୍ତ ଚରଣ ମଲ୍ଲିକଙ୍କୁ ଅତିରିକ୍ତ ଆୟୁକ୍ତ-ସିଟି ଆଣ୍ଡ୍ ଜିଏସ୍‌ଟି-ପୁରୀ ରେଞ୍ଜ୍, ପୁଷ୍ପଲତା ସାମଲଙ୍କୁ ସାଧାରଣ ପ୍ରଶାସନ ବିଭାଗ ଏଫ୍‌ଏ, ଅରୂପାନନ୍ଦ ପ୍ରଧାନଙ୍କୁ ସ୍ୱାସ୍ଥ୍ୟ ବିଭାଗର ଏଫ୍‌ଏ, ସାରଦା ପ୍ରସାଦ ମଲ୍ଲିକଙ୍କୁ ବିଡିଏର ସଭ୍ୟ(ଅର୍ଥ), ସୁମନ୍ତ କୁମାର ଧଳଙ୍କୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶାଳୟର ଏଫ୍‌ଏ ତଥା ସିଏଓ, ଦେବାଶିଷ ଗିରିଙ୍କୁ ଅତିରିକ୍ତ ଆୟୁକ୍ତ-ସିଟି ଆଣ୍ଡ୍ ଜିଏସ୍‌ଟି-ସାଉଥ୍ ଜୋନ୍ ବ୍ରହ୍ମପୁର, ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଅତିରିକ୍ତ ଆୟୁକ୍ତ-ସିଟି ଆଣ୍ଡ୍ ଜିଏସ୍‌ଟି-ଗଞ୍ଜାମ ରେଞ୍ଜ୍, ଦିଲୀପ କୁମାର ଜେନାଙ୍କୁ ରାଜ୍ୟ ଔଷଧ ନିଗମର ଜିଏମ୍(ଏଫ୍‌ଆଣ୍ଡ୍‌ଏ), ବୀଣାପାଣି ନାୟକଙ୍କୁ ଏଫ୍‌ଏ ତଥା ଅତିରିକ୍ତ ସଚିବ ଗ୍ରାମ୍ୟ ଉନ୍ନୟନ ବିଭାଗ, ବାବୁଲାଲ ପାତ୍ରଙ୍କୁ ବିଏମ୍‌ସିର ସିଏଫ୍‌ଓ, କୁଳମଣି ଭୋଇଙ୍କୁ ଓସାମବୋର୍ଡର ଏଫ୍‌ଏ ତଥା ସିଏଓ, ପ୍ରକାଶ ଚନ୍ଦ୍ର ଦୋରାଙ୍କୁ ଅତିରିକ୍ତ ଆୟୁକ୍ତ-ସିଟି ଆଣ୍ଡ୍ ଜିଏସ୍‌ଟି-ସୁନ୍ଦରଗଡ଼ ରେଞ୍ଜ୍, ନେଲସନ ଲାକ୍ରାଙ୍କୁ ଏଫ୍‌ଏ ତଥା ଅତିରିକ୍ତ ସଚିବ କ୍ରୀଡ଼ା ଓ ଯୁବବ୍ୟାପାର, ବନିତା ସେଠୀଙ୍କୁ ଏଫ୍‌ଏ ତଥା ଅତିରିକ୍ତ ସଚିବ-ଜଳ ସମ୍ପଦ ବିଭାଗ ଏବଂ ମଧୁସ୍ମିତା ବେହେରାଙ୍କୁ ହସ୍ତତନ୍ତ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଅତିରିକ୍ତ ସଚିବ ତଥା ଏଫ୍‌ଏ ଭାବେ ନିଯୁକ୍ତ କରାଯାଇଛି।

# ଷ୍ଟାର୍ଟଅପ୍ ଓଡ଼ିଶା, ଫୋନ୍ ପେ' ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୩।୫
(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଓ-ହବ୍‌ଠାରେ ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଫୋନ୍‌ପେ' ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସହଜ ବ୍ୟବସାୟ ସୁନିଶ୍ଚିତ କରିବା ସହ ଷ୍ଟାର୍ଟଅପ୍‌ଗୁଡ଼ିକୁ ଡିଜିଟାଲ ଭାବରେ ସଶକ୍ତ କରିବା ଲକ୍ଷ୍ୟରେ ଏହି ଏମ୍‌ଓୟୁ କରାଯାଇଛି। ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ କମଲଜିତ ଦାସ ଏବଂ ଫୋନ ପେ' ଲିମିଟେଡ ମର୍ଚ୍ଚାଣ୍ଟ ବ୍ୟବସାୟର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଯୁବରାଜ ସିଂ ଶେଖାୱତ ଆନୁଷ୍ଠାନିକ ଭାବେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଷ୍ଟାର୍ଟଅପ୍ ପ୍ଲାଟଫର୍ମର ଅନ୍‌ବୋର୍ଡିଂ ନୀତି ଏବଂ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ଫୋନ୍‌ପେ' ଅତ୍ୟାଧୁନିକ ଡିଜିଟାଲ ଭିତ୍ତିଭୂମି, ପେମେଣ୍ଟ ପ୍ରଯୁକ୍ତିବିଦ୍ୟା ସମାଧାନ, ମାର୍କେଟିଂ ଏବଂ ପ୍ରୋତ୍ସାହନମୂଳକ ସହାୟତା ଯୋଗାଇଦେବ। ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଷ୍ଟାର୍ଟଅପ୍ ଓଡ଼ିଶା ଡିଜିଟାଲ ଅନ୍ତର୍ଭୁକ୍ତୀକରଣ, ନବସୃଜନର ପ୍ରୋତ୍ସାହନ, ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ସୁ-ସମ୍ପର୍କ ସ୍ଥାପନ, ସମୃଦ୍ଧ ଷ୍ଟାର୍ଟଅପ୍ ଇକୋସିଷ୍ଟମ ନିର୍ମାଣର ବ୍ୟାପକ ସୁଯୋଗ ସୃଷ୍ଟି ଜରିଆରେ ଭାରତର ଶ୍ରେଷ୍ଠ ଷ୍ଟାର୍ଟଅପ୍ ହବ୍ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରିବା ପାଇଁ ଲକ୍ଷ୍ୟ ରଖିଛି।



ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ କମଲଜିତ ଦାସ ଏବଂ ଫୋନ ପେ'ର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଯୁବରାଜ ସିଂ ଶେଖାୱତ।

## ମତଦାନ କେନ୍ଦ୍ର ବାହାରେ ମୋବାଇଲ ରଖିବା ସୁବିଧା ପାଇବେ ଭୋଟର

ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)

ମତଦାନ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ନିର୍ବାଚନ ଆୟୋଗ ବୁଥ୍ ବାହାରେ ଭୋଟରମାନଙ୍କୁ ମୋବାଇଲ ଜମା କରିବା ସୁବିଧା ପ୍ରଦାନ କରିବେ। ଏହାସହ ରାଜନୈତିକ ପ୍ରଚାର ଲାଗି ମାନଦଣ୍ଡ ଯୁକ୍ତିଯୁକ୍ତ କରିବାକୁ ୨ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ଜନପ୍ରତିନିଧି ଆଇନ, ୧୯୫୧ ଏବଂ ନିର୍ବାଚନ ଆଚରଣ ନିୟମ, ୧୯୬୧ରେ ପ୍ରାସଙ୍ଗିକ ବ୍ୟବସ୍ଥା ସହିତ ସଙ୍ଗତ। ନିର୍ବାଚନ ଆୟୋଗ ମତଦାନ କେନ୍ଦ୍ର ବାହାରେ ମୋବାଇଲ ଫୋନ୍ ଜମା କରିବା ସୁବିଧା ପାଇଁ ଅନୁମତି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବୁଥ୍‌ର ୧୦୦ ମିଟର ମଧ୍ୟରେ ମୋବାଇଲ ଫୋନ୍‌ର ଅନୁମତି ମିଳିବ। ଭୋଟ ଗ୍ରହଣ କେନ୍ଦ୍ରର ପ୍ରବେଶ ଦ୍ୱାର ନିକଟରେ ମୋବାଇଲ୍ ରଖିବା ପାଇଁ ବାକ୍ସ କିମ୍ବା ପାଟ୍ ବ୍ୟାଗ ଯୋଗାଇ ଦିଆଯିବ। ବୁଥ୍ ଭିତରକୁ ମୋବାଇଲ ଫୋନ୍ ନେବାକୁ ଅନୁମତି ଦିଆଯିବ ନାହିଁ। ହେଲେ ପ୍ରତିକୂଳ ସ୍ଥାନୀୟ ପରିସ୍ଥିତି ଆଧାରରେ ନିର୍ବାଚନ ଅଧିକାରୀ ନିର୍ଦ୍ଦିଷ୍ଟ ମତଦାନ କେନ୍ଦ୍ରରେ ଏହି ବ୍ୟବସ୍ଥା ମୁକ୍ତ କରିପାରିବେ। ବୁଥ୍ ଚାରିପାଖରେ ୧୦୦ ମିଟର ପରିଧି ମଧ୍ୟରେ ପ୍ରଚାର ଲାଗି ଅନୁମତି ମିଳିବ ନାହିଁ।

# କଂଗ୍ରେସର ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟି ଓ ଚାର୍ଜଶିଟ୍ ଡ୍ରାଫ୍ଟିଂ କମିଟି ଗଠିତ

ଭୁବନେଶ୍ୱର,୨୩।୫(ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ ରାଜନୈତିକ ବ୍ୟାପାର କମିଟିର ଏକ ବୈଠକ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ ନ୍ୟାୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଏକ ଚିଠା ପ୍ରସ୍ତୁତ ସକାଶେ ଏକ ରାଜ୍ୟସ୍ତରୀୟ ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟି ଗଠନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିନିମନ୍ତେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟିରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷ ହୋଇଥିବା ବେଳେ ପ୍ରସାଦ ହରିଚନ୍ଦନ ଆବାହକ ହୋଇଛନ୍ତି। ସଦସ୍ୟ ଭାବରେ ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ନଗେନ୍ଦ୍ର ପ୍ରଧାନ, ଶରତ ରାଉତ, ଅମରନାଥ ପ୍ରଧାନ, ମହମ୍ମଦ ମୋକିମ, ସିଏସ୍ ରାଜନ ଏକ୍କା, ବନ୍ଦିତା ପରିଡ଼ା ଏବଂ ସିପ୍ରା ମଲ୍ଲିକଙ୍କୁ ନିଆଯାଇଛି। ସେହିପରି ଚାର୍ଜସିଟ ଡ୍ରାଫ୍ଟିଂ କମିଟିରେ ପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷ ରହିଥିବା ବେଳେ ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ମହମ୍ମଦ ମୋକିମ, ବିଶ୍ୱରଞ୍ଜନ ମହାନ୍ତି, ସସ୍ମିତା ବେହେରା, ଉଦିତ ପ୍ରଧାନ, ରଜନୀ ମହାନ୍ତି ଏବଂ ଜୟଶ୍ରୀ ପାତ୍ର ସଦସ୍ୟ ରହିଛନ୍ତି।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ୪ ଜିଲାର ଆବାହକ, ସହଆବାହକ ନିଯୁକ୍ତ

ଭୁବନେଶ୍ୱର,୨୩।୫(ରବିନାରାୟଣ ଜେନା)

କଂଗ୍ରେସର ଛାମୁଆ ସଂଗଠନ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ସୁଦୃଢ଼ କରିବାର ପ୍ରକ୍ରିୟା ଜାରି ରଖିଛି। ଇତିମଧ୍ୟରେ ସଂଗଠନର ୧୪ଟି ଜିଲା ପାଇଁ ଆବାହକ ଓ ସହଆବାହକ ନିଯୁକ୍ତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ୪ଟି ଜିଲା ପାଇଁ ଆବାହକ ଓ ସହଆବାହକ ନିଯୁକ୍ତ କରାଯାଇଛି। ଭୁବନେଶ୍ୱର ଜିଲା ପାଇଁ ଡକ୍ଟର ଦେବାହୁତି ଆଚାର୍ଯ୍ୟ ଆବାହକ ଓ ଉମେଶ ଚନ୍ଦ୍ର ଦାସ ସହଆବାହକ ଭାବରେ ନିଯୁକ୍ତ ହୋଇଛନ୍ତି। ସେହିପରି ଭଦ୍ରକ ପାଇଁ ସୁଶାନ୍ତ ବାରିକ ଆବାହକ ଓ ମଞ୍ଜୁଲତା ପଣ୍ଡା ସହଆବାହକ, ନୂଆପଡ଼ା ପାଇଁ ଅମିତ ଆହିର ଆବାହକ ଓ ହୀରା ନିହାଲ ସହଆବାହକ ଏବଂ ବରଗଡ଼ ପାଇଁ କିଶୋର ସାହୁ ଆବାହକ ଓ ବାସମତି ବଞ୍ଛୋର ସହଆବାହକ ଭାବେ ନିଯୁକ୍ତି ପାଇଛନ୍ତି। ଡକ୍ଟର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ରାଜ୍ୟ କମିଟିର ସମ୍ପାଦକ ଭାବରେ ନିଯୁକ୍ତ କରାଯାଇ ତାଙ୍କୁ ରାଜ୍ୟ ଅଫିସ ପରିଚାଳନା ଦାୟିତ୍ୱ ଦିଆଯାଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ଚଳିତ ମାସ ଶେଷ ସୁଦ୍ଧା ଅନ୍ୟ ସମସ୍ତ ଜିଲାର ଆବାହକ ଓ ସହଆବାହକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ ବୋଲି ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଓ ସାଧାରଣ ସମ୍ପାଦକ ବିଜୟ ପ୍ରଧାନ ଜଣାଇଛନ୍ତି।

# ସତର୍କତାକୁ ପ୍ରାଥମିକତା ଦେବା ଆବଶ୍ୟକ

**ଆଜି ବିଶ୍ୱ ସ୍କିଜୋଫ୍ରେନିୟା ଦିବସ**

ଯେତେ ପ୍ରକାରର ମାନସିକ ସମସ୍ୟା ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିୟା ସବୁଠାରୁ ଗମ୍ଭୀର ସମସ୍ୟା। ଏଥିରେ ରୋଗୀର ବ୍ୟବହାର ଓ ଚିନ୍ତା କରିବାର ଶକ୍ତି ମୁଖ୍ୟତଃ ପ୍ରଭାବିତ ହୋଇଥାଏ। ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨.୫ କୋଟି ଲୋକ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ସ୍କିଜୋଫ୍ରେନିୟା ଆମ ଦେଶରେ ପ୍ରତି ଶହେ ଜଣରେ ପ୍ରାୟ ଜଣକୁ ହୋଇଥାଏ। ଏହି ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଲୋକଙ୍କ ମଧ୍ୟରେ ସୂଚନାର ଘୋର ଅଭାବ ରହିଛି, ଯାହାଫଳରେ ରୋଗୀମାନେ ଠିକ୍ ସମୟରେ ଉଚିତ ଚିକିତ୍ସା ପାଇ ପାରୁନାହାନ୍ତି। ତେଣୁ ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତି ବର୍ଷ ମେ' ୨୪ରେ ବିଶ୍ୱ ସ୍କିଜୋଫ୍ରେନିୟା ଦିବସ ପାଳନ କରାଯାଇଆସୁଛି।

ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାଙ୍କ ଅପେକ୍ଷା ପୁରୁଷଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀର ମନରେ ସବୁବେଳେ ଭୟର ଭାବନା ଦେଖା ଯାଇଥାଏ। କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିଙ୍କୁ ଦେଖି ପାରୁଛନ୍ତି ବୋଲି ମଧ୍ୟ କହିଥାନ୍ତି। ଏଭଳି ରୋଗୀମାନେ ବେଳେ ବେଳେ ଏ ସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେ ମନେ କଥା ହୁଅନ୍ତି। ଶୂନ୍ୟରେ ଜବାବ ଦିଅନ୍ତି, ମନକୁ ମନ ହସନ୍ତି ଓ କାନ୍ଦନ୍ତି। ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଓ ଉତ୍ତେଜିତ ହୋଇପଡ଼ନ୍ତି। ସେମାନେ ଘରୋଇ ଦାୟିତ୍ୱ ନେବା, କର୍ମ କ୍ଷେତ୍ରରେ କାର୍ଯ୍ୟ ଭାର ନେବା ଓ ବିଭିନ୍ନ ସାମାଜିକ ପରିସ୍ଥିତିରେ ନିଜକୁ ଖାପ ଖୁଆଇ ଚଳାଇବାରେ ଅସମର୍ଥ ହୁଅନ୍ତି। କିଛି ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ୍ୟ କରିଥାନ୍ତି। ଅନେକ ରୋଗୀ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ସେବନ ମଧ୍ୟ କରିଥାନ୍ତି।

ସ୍କିଜୋଫ୍ରେନିୟା ଏକ ଜଟିଳ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ସହଜରେ କରିହେବ। ଏଥିନିମନ୍ତେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ। ସ୍କିଜୋଫ୍ରେନିୟାର ଚିକିତ୍ସା ପାଇଁ ଔଷଧ (ଆଣ୍ଟିସାଇକୋଟିକ) ଗୁଡ଼ିକୁ ମୁଖ୍ୟତଃ ଟାବ୍ଲେଟ ମାଧ୍ୟମରେ ଦିଆଯାଇଥାଏ। କେତେକ ରୋଗୀ ଔଷଧ ଖାଇବାକୁ ରାଜି ହୋଇ ନ ଥାନ୍ତି, ସେହି କ୍ଷେତ୍ରରେ ପ୍ରାରମ୍ଭିକ ଅବସ୍ଥାରେ ଔଷଧଗୁଡ଼ିକୁ ଇଞ୍ଜେକଶନ ମାଧ୍ୟମରେ ଦିଆଯାଇଥାଏ। ସରକାରଙ୍କ ତରଫରୁ ସ୍କିଜୋଫ୍ରେନିୟା ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଫଳରେ ସେମାନେ ଅନେକ ସୁବିଧା ଓ ସୁଯୋଗ ପାଇପାରୁଛନ୍ତି। ବିଶ୍ୱ ସ୍କିଜୋଫ୍ରେନିୟା ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଲା ଏହି ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଯାହାଫଳରେ ପ୍ରାରମ୍ଭିକ ଅବସ୍ଥାରେ ଏହି ରୋଗକୁ ଚିହ୍ନଟ କରାଯାଇପାରିବ ଓ ରୋଗୀଙ୍କୁ ଠିକ୍ ଚିକିତ୍ସା ପ୍ରଦାନ କରାଯାଇ ପାରିବ। ଏହାଦ୍ୱାରା ରୋଗୀମାନେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ।

**-ଡା. ସତ୍ୟକାମ ମହାପାତ୍ର,** ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ : ୮୪୫୬୯୧୫୫୦୬






## ବିଶ୍ୱ କଇଁଛ ଦିବସ: ବେଳାଭୂମିରେ ସଚେତନତା ବାର୍ତ୍ତା

ବିଶ୍ୱ କଇଁଛ ଦିବସ ଅବସରରେ ଶୁକ୍ରବାର ପାରାଦୀପ ସମୁଦ୍ର ବେଳାଭୂମିରେ ପରିବେଶ କର୍ମୀ ବାପି ଗୋଚ୍ଛାୟତ ବାଲୁକା କଳା ମାଧ୍ୟମରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ନେଇ ସଚେତନତା ବାର୍ତ୍ତା ଦେଇଛନ୍ତି। ବହୁ ଦୂର ଦୂରାନ୍ତରୁ ଓଡ଼ିଶା ଉପକୂଳକୁ ସୁରକ୍ଷିତ ମନେକରି ଅଲିଭ୍ ରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନ ପାଇଁ ଆସିଥାନ୍ତି। ସେମାନଙ୍କ ସୁରକ୍ଷାରେ ଯେଭଳି ବାଧା ନ ହେବ ସେଥିପ୍ରତି ବନ ବିଭାଗ, ମତ୍ସ୍ୟବିଭାଗ, ସାମୁଦ୍ରିକ ଥାନା ଓ ପ୍ରତ୍ୟେକ ନାଗରିକ ସଚେତନ ହେବା ଦରକାର। କାରଣ ସାମୁଦ୍ରିକ ପରିବେଶ ସନ୍ତୁଳନ ରଖିବାରେ ଏହି ଅଲିଭ ରିଡ୍‌ଲେ କଇଁଛ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି ବୋଲି ବାପି କହିଛନ୍ତି।

**ପାକ୍ ଏୟାରଲାଇନ୍ସକୁ ଜୁନ୍ ୨୩ ଯାଏ ଭାରତର ବାୟୁସୀମା ମନା** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନୀ ଏୟାରଲାଇନ୍ସ ପାଇଁ ଭାରତର ବାୟୁସୀମା ବନ୍ଦ କରାଯାଇଥିଲା। ଶୁକ୍ରବାର ଏହି ସମୟସୀମାକୁ ଜୁନ୍ ୨୩ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ସେପଟେ ପାକିସ୍ତାନରେ ପଞ୍ଜୀକୃତ ହୋଇଥିବା କିମ୍ବା ପାକ୍ ଏୟାରଲାଇନ୍ସ ଅପରେଟ୍ କରୁଥିବା ବା ଏହାର ମାଲିକାନାରେ ଅଥବା ଲିଜ୍‌ରେ ଥିବା ବିମାନକୁ ଭାରତୀୟ ବାୟୁସେନା ବ୍ୟବହାର ଅନୁମତି ମିଳିବ ନାହିଁ ବୋଲି ନୋଟିସ ଟୁ ଏୟାରମେନ୍‌ରେ କୁହାଯାଇଛି।



## ଟ୍ରମ୍ପଙ୍କ ହାର୍ଭାର୍ଡ ନିର୍ଦ୍ଦେଶନାମା ଉପରେ ରୋକ୍

**ୱାଶିଂଟନ, ୨୩।୫**

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ବିଦେଶୀ ଛାତ୍ରଛାତ୍ରୀ ନାମ ଲେଖାଇପାରିବେ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଫେଡେରାଲ ଜଜ୍ ଶୁକ୍ରବାର ଏହା ଉପରେ ରୋକ୍ ଲଗାଇଛନ୍ତି। ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ବିରୋଧରେ ହାର୍ଭାର୍ଡ କର୍ତ୍ତୃପକ୍ଷ ବୋଷ୍ଟନ ଫେଡେରାଲ କୋର୍ଟରେ ପିଟିସନ ଦାଏର କରିଥିଲେ। ବିଦେଶୀ ଛାତ୍ରଛାତ୍ରୀଙ୍କ ନାମଲେଖା ରଦ୍ଦ କରାଯିବା ଆମେରିକା ସମ୍ବିଧାନ ଓ ଅନ୍ୟାନ୍ୟ ସଂଘୀୟ ଆଇନର ଗୁରୁତର ଉଲ୍ଲଂଘନ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ଏବଂ ୭,୦୦୦ରୁ ଊର୍ଦ୍ଧ୍ୱ ଭିଜାଧାରୀ କ୍ଷତିଗ୍ରସ୍ତ ହେବେ। ବିଶ୍ୱବିଦ୍ୟାଳୟ ଓ ଏହାର ମିଶନରେ ବିଦେଶୀ ଛିଲାମାନଙ୍କ ଉଲ୍ଲେଖନୀୟ ଅବଦାନ ରହିଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିଲେ। ଟ୍ରମ୍ପ ପ୍ରଶାସନର ନୀତିକୁ ରଦ୍ଦ କରିବା ପାଇଁ ଜିଲା ଜଜ୍ ଆଲିସନ ବରୋଜ ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଅନିଶ୍ଚିତତାରେ ବେଲଜିୟମ ଭାବୀ ରାଣୀଙ୍କ ମାଷ୍ଟର ଡିଗ୍ରୀ

**ବ୍ରସେଲ୍ସ, ୨୩।୫**

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ବିଦେଶୀ ଛାତ୍ରଛାତ୍ରୀ ପଢ଼ିପାରିବେ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶନାମା ଜାରି କରିବା ପରେ ସେଠାରେ ପଢ଼ୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ବେଲଜିୟମର ୨୩ ବର୍ଷୀୟା ପ୍ରିନ୍ସେସ୍ ତଥା ଭାବୀ ରାଣୀ ଏଲିଜାବେଥ୍ ସମ୍ପ୍ରତି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପବ୍ଲିକ ପଲିସିରେ ମାଷ୍ଟର ଡିଗ୍ରୀ ଅଧ୍ୟୟନ କରୁଛନ୍ତି। ନିକଟରେ ସେ ଏହି କୋର୍ସର ପ୍ରଥମ ବର୍ଷ ପୂରା କରିଛନ୍ତି। ହାର୍ଭାର୍ଡରେ ବିଦେଶୀ ଛାତ୍ରଛାତ୍ରୀଙ୍କ ଉପରେ ଟ୍ରମ୍ପ ପ୍ରଶାସନର କଟକଣା ପରେ ପ୍ରିନ୍ସେସ୍ ଏଲିଜାବେଥ୍‌ଙ୍କ ଭବିଷ୍ୟତର ପାଠପଢ଼ାକୁ ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି।



ପ୍ରିନ୍ସେସ୍ ଏଲିଜାବେଥ୍

ନିଜ ଲିଗାଲ ଷ୍ଟାଟସ୍‌କୁ ହରାଇବେ ବୋଲି ପ୍ରଶାସନ ଧମକ ଦେଇଛି। ବେଲଜିୟମ ରୟାଲ ପ୍ୟାଲେସ୍‌ର ମୁଖପାତ୍ର ଲୋର୍ ଭାନ୍‌ଡୋର୍ନ କହିଛନ୍ତି, ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତିର ପ୍ରଭାବ ଆଗାମୀ ଦିନରେ ସ୍ପଷ୍ଟ ହେବ। ବର୍ତ୍ତମାନର ସ୍ଥିତିରେ ପରିସ୍ଥିତିର ସମାଧାନ ପାଇଁ ରୟାଲ ପ୍ୟାଲେସ୍ ପକ୍ଷରୁ ବିଶ୍ଳେଷଣ କରାଯାଉଥିବା ସେ କହିଛନ୍ତି। ପ୍ରକାଶ ଯେ, ବେଲଜିୟମ ରାଜା ଫିଲିପ୍ସ ଏବଂ ରାଣୀ ମାଥିଲ୍ଡଙ୍କ ୪ ସନ୍ତାନ ମଧ୍ୟରୁ ପ୍ରିନ୍ସେସ୍ ଏଲିଜାବେଥ୍ ହେଉଛନ୍ତି ଜ୍ୟେଷ୍ଠ ସନ୍ତାନ। ତେଣୁ ପ୍ରିନ୍ସେସ୍ ଏଲିଜାବେଥ୍ ହେଉଛନ୍ତି ରାଜା ଫିଲିପ୍ସଙ୍କ ଉତ୍ତରାଧିକାରୀ ଏବଂ ବେଲଜିୟମର ଭାବୀ ରାଣୀ। ସମ୍ପ୍ରତି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କୁ ଅନ୍ୟ ୟୁନିଭର୍ସିଟିକୁ ସ୍ଥାନାନ୍ତରିତ ହେବା ପାଇଁ ଟ୍ରମ୍ପ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏପରି ନ କଲେ ସେମାନେ ଆମେରିକାରେ ହାର୍ଭାର୍ଡରେ ନାମ ଲେଖାଇବା ପୂର୍ବରୁ ସେ ବ୍ରିଟେନ୍‌ର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ହିଷ୍ଟ୍ରି ଏବଂ ପଲିଟିକ୍ସରେ ଡିଗ୍ରୀ ହାସଲ କରିଥିଲେ।

# ଆପଲ୍‌କୁ ଟ୍ରମ୍ପଙ୍କ ଟାରିଫ୍ ଧମକ

**ୱାଶିଂଟନ, ୨୩।୫**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ମଲ୍ଟିନ୍ୟାଶନାଲ ଟେକ୍ନୋଲୋଜି କମ୍ପାନୀ ଆପଲ୍‌କୁ ଟାରିଫ୍ ଧମକ ଦେଇଛନ୍ତି। ଆମେରିକାରେ ବିକ୍ରି ହେଉଥିବା ଆଇଫୋନ୍‌ର ନିର୍ମାଣ ଦେଶରେ କରା ନ ଗଲେ ନିର୍ମାଣକାରୀ କମ୍ପାନୀ ଆପଲ୍‌କୁ ୨୫% ଟାରିଫ୍ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରି ଟ୍ରମ୍ପ ଲେଖିଛନ୍ତି, ଆମେରିକାରେ ବିକ୍ରି ହେଉଥିବା ଆଇଫୋନ୍‌ଗୁଡ଼ିକ ଭାରତରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ନୁହେଁ ବରଂ ଆମେରିକାରେ ନିର୍ମାଣ ହେବା ଆବଶ୍ୟକ। ଏନେଇ ସେ ପୂର୍ବରୁ ଆପଲ ସିଇଓ ଟିମ୍ କୁକ୍‌ଙ୍କୁ ଜଣାଇ ସାରିଛନ୍ତି। ଯଦି ଆପଲ୍ ଏପରି ନ କରେ ତେବେ ଏହାକୁ ଅତି କମ୍‌ରେ ୨୫% ଟାରିଫ୍ ଆମେରିକାକୁ ଦେବାକୁ ପଡ଼ିବ। ଟ୍ରମ୍ପଙ୍କ ଏହି ଧମକ ପରେ ପ୍ରି-ମାର୍କେଟ ଟ୍ରେଡିଂରେ ଆପଲ୍‌ର ଶେୟାର ୨.୫% ହ୍ରାସ ପାଇଛି।

## ସହକର୍ମୀଙ୍କୁ ବଞ୍ଚାଇବାକୁ ଯାଇ ସେନା ଅଫିସରଙ୍କ ମୃତ୍ୟୁ

**ଲକ୍ଷ୍ନୌ, ୨୩।୫**

ସିକ୍କିମ୍‌ରେ ଜଣେ ସହକର୍ମୀଙ୍କୁ ବଞ୍ଚାଇବାକୁ ଯାଇ ୨୨ ବର୍ଷୀୟ ସେନା ଅଫିସର ଲେଫ୍ଟନାଣ୍ଟ ଶଶାଙ୍କ ତିୱାରୀ ପ୍ରାଣ ହରାଇଛନ୍ତି। ନିୟମିତ ପାଟ୍ରୋଲିଂ କରିବେଳେ ତିୱାରୀଙ୍କ ସହକର୍ମୀ ନଦୀରେ ଖସି ପ୍ରଖର ସ୍ରୋତରେ ଫସିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ତିୱାରୀ ନଦୀକୁ ଡେଇଁଥିଲେ। ସେ ସହକର୍ମୀଙ୍କୁ ସଫଳତାର ସହ ଉଦ୍ଧାର କରିଥିଲେ ମଧ୍ୟ ନିଜ ଜୀବନ ହରାଇଛନ୍ତି। ତିୱାରୀଙ୍କ ଘର ଅଯୋଧ୍ୟାରେ ହୋଇଥିବାବେଳେ ସେ ମା'ବାପାଙ୍କର ଏକମାତ୍ର ପୁତ୍ର। ୨୦୧୯ରେ ସେ



ଶଶାଙ୍କ ତିୱାରୀ

ନ୍ୟାଶନାଲ ଡିଫେନ୍ସ ଏକାଡେମି ଦ୍ୱାରା ମନୋନୀତ ହୋଇ ଗତବର୍ଷ ସେନାରେ ଯୋଗଦେଇଥିଲେ ଓ ତାଙ୍କର ପ୍ରଥମ ପୋଷ୍ଟିଂ ସିକ୍କିମ୍‌ରେ ହୋଇଥିଲା।

## TENDER

**No.PP-13** : **"Short Tender"** in sealed cover is invited from reputed suppliers for **Selection of agency for supply of musical instruments to Odisha Crafts Museum -Kalabhoomi**.

For details of Tender & TOR etc. Please visit the websites **www.sidacodisha.org.in** or **www.odishacraftsmuseum.odisha.gov.in**. The last date for submission of Tender in the office of SIDAC, Handicrafts Complex, Gandamunda, Khandagiri, Bhubaneswar, Ph: 0674-2350318 is upto 05:00 P.M. on 30.05.2025. The details of Tender will be available in the website **w.e.f. 23.05.2025**.

**Sd./- CEO, OCM-KB**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030,
Tel. No.+91(0)674 2350138, E-mail: sidacorissa@gmail.com, www.sidacodisha.org.in
SIDAC
OIPR-31036/11/0022/2526

## OFFICE OF THE MUNICIPAL COUNCIL, BALASORE

BALASORE, (ODISHA), PIN-756003
Tel.No.06782-251267 (O), Fax No.06782-251222
e-mail- balasoremunicipality@rediffmail.com

No.10961/ Dated the 23.5.2025

**No.C-390:**Notification No. 10958/ Dt.23.05.25. The details can be download from official website of Balasore District, http://balasore.nic.in

**Sd./- Executive Officer**
**Balasore Municipality**

OIPR-13154/11/0046/2526

## OFFICE OF THE EXECUTIVE ENGINEER RURAL WORKS DIVISION, PADAMPUR

**2nd Corrigendum to Tender Call Notice No.Online 02 of 2025-26**

**No.O-195:**A. Due to some unavoidable circumstances the critical dates have been changed as given below.

| Sl. No. | Schedule of dates | As per 1st Corrigendum | As per 2nd Corrigendum |
|---|---|---|---|
| 1 | 2 | 3 | 4 |
| 1. | Date & Time of availability of bid document in the portal | 16.05.2025 at 03.00 P.M. | 26.05.2025 at 10.00 A.M. |
| 2 | Last date & Time for receipt of bids in the portal | 26.05.2025 upto 05.00 P.M. | 04.06.2025 upto 05.00 P.M. |
| 3 | Last date of seeking clarification | 23.05.2025 upto 05.00 P.M. | 03.06.2025 upto 01.00 P.M. |
| 4 | Date & Time of bid opening | 28.05.2025 at 10.00 A.M. | 05.06.2025 at 10.00 A.M. |

All other terms and conditions remains unchanged.

**Sd./- Executive Engineer,**
**Rural Works Division, Padampur**

OIPR-25069/11/0030/2526

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ
## OFFICE OF THE DIVISIONAL FOREST OFFICER, DHENKANAL FOREST DIVISION

Tele Fax No. - 06762226717, e-mail ld-dfo.dhenkanal@odisha.gov.in
Bid Identification No. DFO-DKL-01/2025-26

**NOTICE INVITING TENDER**

**No.MM-57** : The Divisional Forest Officer, Dhenkanal Forest Division on behalf of Governor of Odisha invites Sealed Tender through offline, in **Double Cover System**, in **"OFF LINE"** mode for procurement of Solar Street Light of Dhenkanal Forest Division required for various forestry management as enlisted in the Annexure-II from eligible Firms/ Vendors/ Suppliers registered with the State Governments, Central Government/ M.E.S./ Railways or other Licensing Authorities for supply of the articles enlisted on production of definite proof from the appropriate authority. The tender paper with details of terms and conditions can be available in the website https://dhenkanal.odisha.gov.in and office of the Divisional Forest Officer, Dhenkanal Division, Dhenkanal in any working day from **24.05.2025 to 06.06.2025 within official hour (7 A.M. to 1.00 P.M.)** after payment of requisite fee of Rs.2,000/- (Two Thousand) only in cash or Account payee Bank Draft in **favour of Divisional Forest Officer, Dhenkanal Division** with all requisite documents. The bid along with relevant documents should reach in the O/O the Divisional Forest Officer, Dhenkanal Forest Division, AT/PO/PS/ Dist - Dhenkanal - 759001 on or before **06.06.2025** up to **1.00 P.M.** through Registered / Speed Post / Courier Service or by hand only. The tender will be opened in the office of the undersigned on **09.06.2025 at 11.00 A.M. hrs.**

**Sd./- Divisional Forest Officer**
**Dhenkanal Division**

OIPR-08037/11/0018/2526

## ODISHA STATE AIDS CONTROL SOCIETY (OSACS)

Department of Health & Family Welfare, Govt. of Odisha

Tender / Bid No. 332/OSACS Date: 20.05.2025
File No. : XV-Proc.- 13/2025

**NOTICE INVITING BID**
**FOR HIRING OF PETROL / DIESEL VEHICLES FOR OFFICIAL USE ON DAILY BASIS**

**No.E-107** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible bidders for **Hiring of Petrol / Diesel Vehicles for Official Use on Daily Basis**. The tender documents in prescribed formats should be submitted to the address as mentioned above through **Registered Post, Speed Post and Courier** only. For more details, please visit website of OSACS i.e. https://osacs.odisha.gov.in and download the tender documents. The Date of availability of Tender Document is **26.05.2025, 11.00 A.M.** & Closing Date & Time of Receiving of Sealed Tender **16.06.2025 upto 5.00 P.M.**

OIPR-10009/11/0046/2526 **Sd./- Project Director**

## OFFICE OF THE CDM & PHO-CUM- DISTRICT MISSION DIRECTOR, DHENKANAL
## DISTRICT PROGRAMME MANAGEMENT UNIT (DPMU)

(Department of Health & Family Welfare, Govt. Of Odisha)

**Walk in-Interview**

**Advertisement for the Post of Medical Officers/ Engagement of Part time Specialist at UPHC & UAAM, Dhenkanal**

Adv. No. : 2251 Date : 21.05.2025

**No.E-110** : Expression of Interest (EOI) is invited from Individuals for empanelment of part-time specialists under Ama Clinic at Urban Primary Health Centre (UPHC) and Medical Officer on contractual basis at Urban Ayushman Arogya Mandir (UAAM), Dhenkanal.

The positions are purely temporary and co-terminus with the scheme. Interested candidates can attend the Interview at the office of the CDM & PHO-cum-DMD, Dhenkanal, Pin-759001 on Dt.05.06.2025. Registration timing will be from 10.00 A.M. to 11.00 A.M. only on Walk In-interview dates. You may log on to https://dhenkanal.odisha.gov.in/ for details of vacancy, eligibility criteria, age, application form, selection procedure etc. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.

**Sd./- Chief District Medical & Public Health Officer, Dhenkanal**

OIPR-10059/11/0012/2526

## REGIONAL INSTITUTE OF PLANNING, APPLIED ECONOMICS & STATISTICS

(Planning & Convergence Department, Govt. of Odisha)
A/65, Nayapalli, Bhubaneswar-751012, Tel. : 0674-2392283,
ripaesodisha@gmail.com

*Statistics - Good Governance - People's Welfare*

No.543/RIPAE&S/21/2025 Date - 20.05.2025

**TENDER CALL NOTICE**

**(For award of contract for outsourcing Security Guards, Hostel Attendants, Sweepers & Gardener at RIPAE&S, Bhubaneswar)**

**No.X-02** : Sealed tenders are invited from intending service providers for providing Security Guards, Hostel Attendants, Sweepers & Gardener to Regional Institute of Planning, Applied Economics & Statistics (RIPAE&S), Bhubaneswar on outsourcing basis in the prescribed format of tender documents.

The detailed information for outsourcing the aforesaid manpower has been given in the tender documents which may either be downloaded from the RIPAE&S Website:www.ripaesodisha.nic.in or obtained in person from the Office of Director, RIPAE&S, Odisha, Bhubaneswar in any working day from **26.05.2025 to 16.06.2025 between 11.00 A.M. to 4.00 P.M.** on payment of **Rs.500/-** in cash or in shape of Bank Draft for Rs. 500/- (non-refundable). The downloaded Tender Document from the website should be submitted along with a Bank Draft/ Bankers Cheque of **Rs. 500/-** (non-refundable). The Bank Draft/ Bankers Cheque should be in favour of **Assistant Director-cum-DDO, RIPAE&S, A/65, Nayapalli, Bhubaneswar, Odisha.**

The tender document will be received only through **speed post/registered post** during office hour. Any other mode of submission of tender documents will not be accepted. The last date of submission of Tender Document is **16.06.2025 by 4.00 P.M.** The office shall not be responsible for any kind of postal delay. The Director, RIPAE&S, Bhubaneswar reserves the right to reject any or all tenders without assigning any reason thereof.

OIPR-50002/11/0001/2526 **Sd./- Director**

## OFFICE OF THE COLLECTOR & DISTRICT MAGISTRATE: KHORDHA
## (ST & SC DEVELOPMENT SECTION)

E-Mail :- dwokhordha@gmail.com
No.1479/Date. 21.05.2025

**No.V-02** : Advertisement for admission of ST and SC students in Urban Hostels, Bhubaneswar during the Academic Year 2025-26. Applications are invited from intending ST and SC students (both Boys & Girls) studying in Post Matric Level Courses in and around Bhubaneswar for availing free hostel facilities in the ST and SC Development Department run 500 seated (Girls) Urban Hostel at Pokhariput, Bhubaneswar and 400 seated (Boys) Urban Hostel at Kalinga Nagar, Bhubaneswar.

The detailed guidelines, procedure of admission and application forms etc. can be obtained from the District website: www.khordha.odisha.gov.in. Duly filled in Applications with all relevant documents should reach the Office of the Superintendent, Urban Hostel,Near DAV Public School, Pokhariput, Bhubaneswar for Girls and Office of the Superintendent, Urban Hostel, Near Kendriya Vidyalaya 5, Kalinga Nagar, Bhubaneswar for Boys by 31.07.2025 through Speed Post / Registered Post. For Post Graduation / Technical / Professional Courses. The last date of submission of application shall be 30.09.2025. Students can submit the Applications in person in the above-mentioned Offices.

Incomplete applications will be rejected without assigning. any reason thereof.

**Sd./- District Welfare Officer, Khordha**

OIPR-24351/11/0069/2526

No.CAD-536

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

**Tender Call Notice No.-BBSR/ELECT-II/E-358/25-26/1319**
**Dated:20.05.2025**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation, Testing & Commissioning of 500KVA, 11/0.4 KV plinth mounted Distribution Transformer for A and B Block of OUTR Ghatikia, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT-II/ e-16/25-26 | 28.05.2025 at 12.00 Hrs. | 06.06.2025 at 16.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website**.

**Sd./-Divisional Head (Elect-II),**
**IDCO, Bhubaneswar**

OIPR-14003/11/0162/2526

## ZILLA SWASTHYA SAMITI, GAJAPATI

O/o The Chief District Medical & Public Health Officer,
Gajapati, Paralakhemundi-761200, Gajapati

Advt. No. 3941 /IEC/BCC/GAJ/2025 Date: 20-05-2025

**No.E-103** : Sealed Tenders are invited from the reputed agencies / suppliers having valid GSTIN /PAN / and GST Clearance Certificate for empanelment for Printing of IEC/BCC materials, Wall Painting & fixation of Hoardings etc. to office of the CDMO Cum District Mission Director, Gajapati on annual rate contract basis.

The sealed quotation should be reached at O/o CDM& PHO, Gajapati on any working day by **Dt : 11/06/2025** till **01.00 P.M.** along with all required documents **by Speed Post/ Regd. Post /Courier only**. The tender will be opened on **Dt : 12/06/2025** at **11.30 A.M.** in the office of the undersigned in presence of the Bidders / authorized representative of the bidder. Details regarding items, terms & conditions may be downloaded from the website : **https://gajapati.odisha.gov.in**. The undersigned reserves the right to accept or reject any or all the bids without assigning any reason thereof.

**Sd./- Chief District Medical & Public Health Officer- Cum- District Mission Director, Gajapati**

OIPR-10105/11/0007/2526

See Career Appointment on every **Wednesday & Saturday**

## OFFICE OF THE PANCHAYAT SAMITI, UMERKOTE

**INVITATIONS FOR BIDS**

**No.:BDO/EDU/UKT/01/2025-26/2109** **Date:20.05.2025**

**No.i-119:**The Block Development Officer, Umerkote on behalf of the Panchayat Samiti, Umerkote invited Percentage Rate Bids through Speed Post/ Registered Posts in Single Cover System.

1. Name of the Works : As Mentioned in Table-A which includes Construction of Additional Class rooms at various elementary & secondary schools.
2. No. of Works : 21 (Twenty One) Nos. (Detailed in Tender Call Notice available in the website)
3. Estimated Costs : As mentioned in Table-A
4. Tender Paper Costs : Varies between Rs.4,000/- and Rs.6,000/- per Work
5. Class of Contractor : D & C Class
6. Period of Completion : 180 Days
7. Critical Dates : * Further details can be seen in the bidding documents, which is available in the Portal. * Subsequent corrigendum if any shall be appeared in the website www.tendersodisha.gov.in * Authority reserves the right to reject any or all tenders without assigning any reasons thereof.

| Procurement Officer | Bid Identification No. | Availability of tender online for bidding | | Last date of seeking clarification | Date of Opening of Bid |
|---|---|---|---|---|---|
| | | From | To | | |
| BDO, Umerkote | BDO/EDU/ UKT/01/2025-26 | At 10.00 AM of 26.05.2025 | At 16.00 Hours of 16.06.2025 | 16.06.2025 | 17.06.2025 |

OIPR-19050/11/0004/2526 **Sd./- Block Development Officer, Umerkote**

## OFFICE OF THE DISTRICT SOCIAL WELFARE OFFICER, NAYAGARH

**Advt. No. 2041/SW** **Date: 21.05.2025**

**TENDER CALL NOTICE FOR AWARD OF TRANSPORT CONTRACTOR FOR TRANSPORTATION OF FOOD STUFFS UNDER SUPPLEMENTARY NUTRITION PROGRAMME (SNP) IN NAYAGARH DISTRICT DURING THE YEAR 2025-26**

No. G-32: Sealed tenders in prescribed format are invited from intending registered transport contractors/transporting agents for transportation of food stuffs under Supplementary Nutrition Programme (SNP) in Nayagarh district during the year 2025-26 (for 2nd, 3rd & 4th Qtr.) under the Administrative Control of the Collector, Nayagarh. The tender documents containing detail information, terms & conditions etc. may be downloaded from the district website **http://nayagarh.odisha.gov.in/**. The tender should reach in sealed cover in the office of the District Social Welfare Officer, Nayagarh, At/P.O./P.S./Dist.: Nayagarh, PIN - 752069, Odisha through Speed Post/Regd. Post on or before Dt.10.06.2025 till 5.30 P.M. The undersigned reserves the right to reject/cancel/withdraw any or all tenders without assigning any reason thereof.

OIPR-24419/11/0001/2526 **Sd./- Collector & D.M., Nayagarh**

## OFFICE OF THE PANCHAYAT SAMITI, BANDHUGAON

Ph.No.06855-263336 E-mail Id: ori-bandugaon@nic.in

**TENDER CALL NOTICE No.04/2025-26**

**No.i-120:**The Block Development Officer, Bandhugaon, Koraput district on behalf of Governor of Odisha invites percentage rate bid shall be opened on 12.06.2025 at 11.30 AM in the office of Panchayat Samiti, Bandhugaon.

| Sl. No. | Name of the Work | Estimated Cost in Rs. | Cost of Tender Paper in Rs. Including GST 18% | EMD in Rs. | Class of Contractor | Time of Completion | Grant |
|---|---|---|---|---|---|---|---|
| 1 | Repair & Renovation of KGBV Hostel Building TYPE-1 | 25,00,000/- | 6000/- | 13000/- | C & D | 270 Days | PAB SS |

Other details can be seen in the bidding documents published in the website displayed in notice board & published in the district website Koraput.

OIPR-19038/11/0001/2526 **Sd./- Block Development Officer, Bandhugaon**

## OFFICE OF THE DHENKANAL MUNICIPAL COUNCIL, DHENKANAL

No.C-371

**E-Procurement Notice**

**Tender Call Notice No.1879/DKLMPLTY/Date:20.5.2025**

1. Name of the Work : Individual Civil Construction Work Published the **www.tenderodisha.gov.in** website
2. No. of Works put to tender : 14 Nos. individual works
3. Estimated Cost : Rs.20.0 Lakhs
4. Period of Completion : 45 days
5. Date and Time of availability of bid document in the portal : From 11.00 hours of Dt.22.05.2025 to 17.00 of Dt.03.06.2025
6. Last date/time for receipt of bids : 17.00 hours of Dt.03.06.2025
7. Date and Time of Opening of Bid : 9.00 hours of Dt.04.06.2025
8. Name and Address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-Procurement portal **https://tenderorissa.gov.in.**

**Sd./- Executive Officer**
**Dhenkanal Municipality**

OIPR-13146/11/0033/2526

## ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

## Odisha Rural Development & Marketing Society

*creating competence and values in rural Odisha*
Panchayati Raj and Drinking Water Department, Government of Odisha

ORMAS
SIRD & PR Campus
Unit - VIII, Bhubaneswar
Odisha-751012, India
Tel : 0674-2565870/71
Email : ormashq@gmail.com
Website : www.ormas.org

**No. : 1708** **Date : 23.05.2025**
File No. : ORMAS-MKT-MISC-0005-2025

**REQUEST FOR PROPOSAL (RFP)**

**Selection of Marketing/Digital Marketing Agency under ORMAS for strengthening and expansion of Rural Products Network in the Market**

**No.CAD-539** : ORMAS under the Panchayati Raj & Drinking Water Department, Government of Odisha (The Client) invites sealed two bid systems from the eligible bidders through e-tender process for **"Selection of Marketing/Digital Marketing Agency under ORMAS for strengthening and expansion of Rural Products Network in the Market"**. Bidders fulfilling the prescribed eligibility criteria of the RFP can access and download the complete RFP Document and other details from **www.ormas.org/panchayat.odisha.gov.in/www.tendersodisha.gov.in** .The bid calendar under the end to end process are:

| Date of Issue of RFP | Date of Pre-Bid Meeting | Last Date for Submission of Bid | Date of Opening of Technical proposal | Date of Technical presentation and opening of financial proposal | Bid processing fee in Rs. | EMD in Rs. |
|---|---|---|---|---|---|---|
| 24.05.2025 | 31.05.2025 at 11.30 A.M. | 16.06.2025 at 12 Noon | 17.06.2025 at 11.30 A.M. | 18.06.2025 at 11.30 A.M. & 3.30 P.M. | 11,800/- including GST | 1,00,000/- |

The bidders must apply their proposal through e-tender process latest by 16.06.2025 at 12 Noon clearly mentioning "REQUEST FOR PROPOSAL **"Selection of Marketing/Digital Marketing Agency under ORMAS for strengthening and expansion of Rural Products Network in the Market"**. The proposals received beyond the last date and time will be rejected without assigning any reason. In case of any further modification/ alteration/ amendment shall be published on the websites only. The authority reserves all the rights to reject any / all proposals at any stage without assigning any reason thereof.

OIPR-19004/11/0022/2526 **Sd./- Chief Executive Officer, ORMAS**

No.N-52

## Government of Odisha
## Directorate of Higher Secondary Education, Odisha

**Timeline for e-Admission into Higher Secondary Schools of the State for the Session 2025-26**

On-line applications are invited through SAMS for admission into Class-XI of Arts, Science, Commerce, Upashastri and Vocational streams in all Higher Secondary Schools (HSSs) of the State affiliated to CHSE (O) and Shree Jagannath Sanskrit University, Puri, Odisha.

**Eligibility :**
Applicants must have passed the High School Certificate (HSC) Examination of the Board of Secondary Education (BSE), Odisha or its equivalent Boards.

**Procedure :**
- Applicants shall apply online by **registering** themselves on the SAMS portal (www.samsodisha.gov in)
- The applicants are advised to read the **Common Prospectus (CP)** carefully before filling the online Common Application Form (CAF).
- Applicants must retain the **print copy of** CAF and payment receipt after successful submission of the CAF for future reference.
- The **CAF** fee must be paid through online mode only (details available in CP)
- All relevant original documents are to be verified at the selected Higher Secondary School during the time of admission only.
- Application fees for **General Category is ₹200/-, for ST & SC Category is ₹100/-**.
- There is **no application fee** for Persons with Disabilities (PwD) with a **permanent disability certificate or a valid temporary disability certificate of 40% and above,** as well as for **transgender** individuals and orphans.

**N.B. Any claim (Reservation / Weightage / Relaxation) must be supplemented with relevant documents**

**Important Dates**

| SL.# | Activities | Datelines |
|---|---|---|
| 1) | Commencement of On-line Common Application Form (CAF) for admission into Class-XI in the SAMS Portal (www.samsodisha.gov.in) | 24.05.2025 (02.00 P.M.) |
| 2) | Last date for submission of on-line Common Application Form (CAF) by the applicant at Student Login (www.samsodisha.gov.in) | 30.06.2025 (11.45 P.M.) |
| 3) | Publication of the First Selection Merit List and downloading of Intimation Letter in the Student Login | 07.07.2025 (11.45 A.M.) |
| 4) | Reporting of First Selection applicants and admission updation at Higher Secondary Schools level | 08.07.2025 to 14.07.2025 (up to 06.00 P.M.) |
| 5) | Commencement of Class-XI | 24.07.2025 |

**For more details,**
**a) For information regarding the publication of other e-Admission activity datelines, please visit www.samsodisha.gov.in**
**b) Contact Sanjog Helpline (Toll Free) number 155335, 1800-345-6770, e-mail: sams.dhse@gov.in**

**Changes to the dateline (if occurs) will be notified in the newspapers & website as well.**

OIPR-11033/11/0013/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧.୫୦ କୋଟିର ସାଇବର ଠକେଇ: ମଧ୍ୟପ୍ରଦେଶରୁ ୨ ଗିରଫ

କଟକ,୨୩।୫(କାର୍ତ୍ତିକ ସାହୁ)

ଓଡ଼ିଶା କ୍ରାଇମବ୍ରାଞ୍ଚ ଟିମ୍ ୧.୫୦ କୋଟି ଟଙ୍କା ସାଇବର ଠକେଇ ମାମଲାରେ ୨ ଜଣଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ତୟବ ଖାନ୍ (୨୩) ଏବଂ ଫିରୋଜ ଖାନ (୩୬)। ତଦନ୍ତକାରୀ ଟିମ୍ ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍‌କାର୍ଡ, ଆଧାର କାର୍ଡ, ପାନ୍‌କାର୍ଡ ସମେତ ବିଭିନ୍ନ ଆପରାଧିକ ସାମଗ୍ରୀ ଜବତ କରିଛି। ଏହି ମାମଲାରେ ପୂର୍ବରୁ ଅଭିଯୁକ୍ତମାନଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିବା ଡିଜିପି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ଶୁକ୍ରବାର ସୂଚନା ଦେଇଛନ୍ତି। ୨୦୨୫ ଜାନୁଆରୀ ୧ରେ ଭୁବନେଶ୍ୱରରେ ରହୁଥିବା ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଥିବା ନେଇ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ ଅଧିକ ଲାଭ ଟଙ୍କା ଫେରସ୍ତ କରିବାର ଲୋଭ ଦେଖାଇ ପୁଞ୍ଜିନିବେଶ କରିବାକୁ ପ୍ରୋତ୍ସାହିତ କରିଥିଲେ। ଫଳରେ ଅଭିଯୋଗକାରୀ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ସାଇବର ଅପରାଧୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କର କ୍ଷତି ହେଇଥିଲା। ମାତ୍ର ସାଇବର ଠକମାନେ ତାଙ୍କୁ ଅଧିକ ଟଙ୍କା ନିବେଶ କରିବାକୁ ଚାପ ପକାଇଥିଲେ। ଅଭିଯୁକ୍ତ ୨ଜଣ ନିଜକୁ ଟ୍ରେଡ୍ ଆନାଲିଷ୍ଟ ଭାବେ ଉପସ୍ଥାପନ କରିଥିଲେ। ଅଭିଯୋଗକାରୀ ନିବେଶ କରିଥିବା ଟଙ୍କା ଉଠାଇବାକୁ ଚେଷ୍ଟା କରି ବିଫଳ ହେଉଥିଲେ। ଫଳରେ ସେ ସାଇବର ଠକଙ୍କ ଫାଶରେ ପଡ଼ିଯାଇଥିବା ଜାଣି କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଥିଲେ।

# ସ୍କେଚ୍‌ରୁ ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ ବାପି ପାଣି

## ସୋର ସଶସ୍ତ୍ର ଡକାୟତି ଘଟଣା

ସୋର,୨୩।୫(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରେ ସଶସ୍ତ୍ର ଡକାୟତି ଘଟଣାରେ ୨୪ ଘଣ୍ଟା ମଧ୍ୟରେ ମିଳିଛି ପୋଲିସକୁ ସଫଳତା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବାପି ପାଣିଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଦୁଇଟି ପିସ୍ତଲ, ୨୦ଟି ଗୁଳି ଓ ଲକ୍ଷାଧିକ ଟଙ୍କାର ସୁନା, ରୁପାଗହଣା, ବୁଲେଟ, ହନୁମାନ ପଇସା ସମେତ କିଛି ପୁରୁଣା କଏନ ଜବତ ହୋଇଛି। ସ୍କେଚ୍‌କୁ ଆଧାର କରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଶୁକ୍ରବାର ସୋର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ ସୂଚନା ଦେଇଛନ୍ତି।

ବୁଧବାର ବିଳମ୍ବିତ ରାତିରେ ଦୟାନିଧିପୁର ଗ୍ରାମର ରବୀନ୍ଦ୍ର ନାୟକଙ୍କ ଘରେ ୮ ଜଣ ଦୁର୍ବୃତ୍ତ ପଶି ଘର ଲୋକଙ୍କୁ ଆକ୍ରମଣ କରିବା ସହ ହାତ ଗୋଡ଼ ବାନ୍ଧି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ନଗଦ ୫୦ ହଜାର ଟଙ୍କା ଲୁଟିନେଇଥିଲେ। ପରେ ପଡ଼ୋଶୀ ପହଞ୍ଚିବାରୁ ଡକାୟତମାନେ ଗୁଳି ଫୁଟାଇ ୨ଜଣଙ୍କୁ ଆହତ କରି ଫେରାର ହୋଇଯାଇଥିଲେ।




ଜବତ ଗୁଳି, ବନ୍ଧୁକ, ବୁଲେଟ।

ରବୀନ୍ଦ୍ରଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ଅଭିଯୋଗ ଅନୁଯାୟୀ ସୋର ପୋଲିସ ଏକ ମାମଲା(ନଂ. ୪୦୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରେ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ ପହଞ୍ଚି ଛାନଭିନ କରିଥିଲେ। ତାଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ନାୟକ, ସୋର ଆଇଆଇସି ସୁଦୀପ୍ତ ସାହୁ ଓ ସୋର ଥାନାର କେତେଜଣ ପୋଲିସ ଅଧିକାରୀଙ୍କୁ ନେଇ ଟିମ୍ ଗଠନ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପରିବାର ଲୋକଙ୍କ ସହଯୋଗରେ ଅଭିଯୁକ୍ତମାନଙ୍କ ସ୍କେଚ୍ ତିଆରି କରାଯାଇଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଗୁଡ଼ି ଅଞ୍ଚଳରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ବାସୁଦେବପୁର ଥାନା ଆଲାବାଗ ଗ୍ରାମର ବାପି ପାଣି (୩୪)ଙ୍କୁ ଶୁକ୍ରବାର ଭୋର ସମୟରେ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ଖଇରା, ସୋର, ସିମୁଳିଆ, ବାସୁଦେବପୁର, ଚାନ୍ଦବାଲି, ତାଳଚେର ସଦର ସମେତ ବିଭିନ୍ନ ଥାନାରେ ୧୯ରୁ ଅଧିକ ମାମଲା ଥିବା ଜଣାପଡିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ୨ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ଏସ୍‌ପି ଏହି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

**ବିଦେଶରେ ଚାକିରି କରାଇ ଦେବା ନାଁରେ ଠକେଇ**

# ୭ ବର୍ଷ ପରେ ଅଭିଯୁକ୍ତ ଗିରଫ

## ଡାକ୍ତର, ପ୍ରଫେସର, ଇଞ୍ଜିନିୟର ପରିଚୟ ଦେଇ ଠକୁଥିଲେ

କଟକ,୨୩।୫ (କାର୍ତ୍ତିକ ସାହୁ)

ବିଦେଶରେ ଉଚ୍ଚ ଦରମାର ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ଲୋକଙ୍କ ନିକଟରୁ ବହୁ କୋଟି ଟଙ୍କା ଠକି ନେଇଥିବା ଜଣେ ଅଭିଯୁକ୍ତଙ୍କୁ ଓଡ଼ିଶା କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳର ବିଷ୍ଣୁ ପ୍ରସାଦ ପଟ୍ଟନାୟକ। ବିଷ୍ଣୁ ବିଭିନ୍ନ ସମୟରେ ନିଜକୁ ଡାକ୍ତର, ପ୍ରଫେସର, ଇଞ୍ଜିନିୟର ପରିଚୟ ଦେଇ ଲୋକଙ୍କୁ ଠକୁଥିଲେ। ସେ ୨୦୧୮ରୁ ଲୋକଙ୍କ ନିକଟରୁ ଟଙ୍କା ଠକିନେଇ ଫେରାର ଥିଲେ। ୭ ବର୍ଷ ପରେ ତାଙ୍କୁ ରାୟଗଡ଼ାରୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର କହିଛନ୍ତି।

ଡିଜିପି ମିଶ୍ର ସୂଚନା ଦେଇଛନ୍ତି ଯେ, ବିଷ୍ଣୁ ରାୟଗଡ଼ା ଜିଲା ଗୁଣୁପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ବିଦେଶରେ ଉଚ୍ଚ ଦରମାରେ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଠକି ନେଇଥିଲେ। ବ୍ରିଟିଶ ଏୟାରୱେଜ ଏବଂ ଲୁଫ୍‌ଥାନ୍ସା ଏୟାରୱେଜ ଭଳି କମ୍ପାନୀରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୯୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏଥିନିମନ୍ତେ ସେ ତାଙ୍କୁ ନିଯୁକ୍ତି ପତ୍ର ମଧ୍ୟ ଦେଇଥିଲେ। ପରବର୍ତ୍ତୀ ସମୟରେ ନିଯୁକ୍ତିପତ୍ର ସମ୍ପୂର୍ଣ୍ଣ



ଗିରଫ ଅଭିଯୁକ୍ତ।

ଜାଲ ବୋଲି ବ୍ୟକ୍ତି ଜଣକ ଜାଣିବା ପରେ ଗୁଣୁପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ଅନ୍ୟ ଏକ ମାମଲାରେ ବିଷ୍ଣୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ପୁଅଙ୍କୁ ବିଦେଶରେ ଏକ ଲାଭଜନକ ଚାକିରି ଯୋଗାଇ ଦେବା ବାହାନାରେ ୧୫ ଲକ୍ଷ ଟଙ୍କା ଠକି ନେଇଥିଲେ। ଉଭୟ ମାମଲା ଗୁଣୁପୁର ଥାନାରେ ପଞ୍ଜୀକୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ୨ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ବିଷ୍ଣୁ ନିଜର ଠିକଣା ପ୍ରମାଣ, ଡ୍ରାଇଭିଂ ଲାଇସେନ୍ସର ଜାଲ କାଗଜ ପତ୍ର ପ୍ରସ୍ତୁତ କରିଥିଲେ। ଏତଦବ୍ୟତୀତ ଅଭିଯୁକ୍ତ ଏଚ୍‌ଆର ମାକ୍ସନ୍ସ ଏବଂ ଲୁଫ୍‌ଥାନ୍ସା ଟେକ୍‌ନିକ ଭଳି ଅନ୍ତର୍ଜାତୀୟ ପରାମର୍ଶଦାତା କମ୍ପାନୀ ନାମରେ ନକଲି ପ୍ରସ୍ତାବ ଏବଂ ନିଯୁକ୍ତିପତ୍ର ପ୍ରସ୍ତୁତ କରୁଥିଲେ ବୋଲି କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ତଦନ୍ତ ଚାଲିଥିବା ସମୟରେ ଗିରଫଦାରିରୁ ରକ୍ଷା ପାଇବା ପାଇଁ ବିଷ୍ଣୁ କାମ୍ବୋଡ଼ିଆ ପଳାଇ ଯାଇଥିଲେ ଏବଂ ନିଜର ପରିଚୟ ଲୁଚାଇବା ପାଇଁ ଦ୍ୱିତୀୟ ପାସପୋର୍ଟ ମଧ୍ୟ ତିଆରି କରିଥିଲେ। ବିଷ୍ଣୁଙ୍କ ବିରୋଧରେ ୨୦୧୯ରେ ପୋଲିସ ପକ୍ଷରୁ ଲୁକ୍ ଆଉଟ ସର୍କୁଲାର ମଧ୍ୟ ଜାରି କରାଯାଇଥିଲା। ବିଷ୍ଣୁ ବିଶାଖାପାଟଣା, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ଦେଶର ଅନ୍ୟ ସ୍ଥାନରେ ଚାକିରି ଯୋଗାଇବା ବାହାନାରେ ଲୋକଙ୍କୁ ଟଙ୍କା ଠକେଇ କରିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ତାଙ୍କୁ ଗୁଣୁପୁରର ଏସ୍‌ଡିଜେଏମ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିବା ବେଳେ ଅଧିକ ତଦନ୍ତ ନିମନ୍ତେ ରିମାଣ୍ଡରେ ଅଣାଯିବ ବୋଲି ଡିଜିପି ମିଶ୍ର ସୂଚନା ଦେଇଛନ୍ତି। ଡିଆଇଜି କ୍ରାଇମବ୍ରାଞ୍ଚ ବି. ଗଙ୍ଗାଧର ମଧ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# Classified Everyday

0674-2580101, 9692975378



## REAL ESTATE SALE

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265



## FOR RENT

Rent for PG (Gents) Service holder at Oldtown, Bhubaneswar. 9938679679, 8637266862. D-76459

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303



## Healthcare

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open Jyoti SPA positively health benefits (Expert therapist). 8458067955. D-76914

## AFFIDAVIT

By virtue of an affidavit sworn before the Notary Public Dharmasala on dated 23.05.2025, I, Sanjay Kumar Sahoo, Vill- Kumari, P.O.- Jaraka, P.S. Dharmasala, Dist.- Jajpur, Odisha, PIN- 755050 declare that I have changed my Old name Sanjaya Kumar Sahoo to New name Sanjay Kumar Sahoo. Henceforth, I shall be known as Sanjay Kumar Sahoo for all purposes.
Sanjay Kumar Sahoo D-674

I, NALLA RANJIT KUMAR, S/o- DAYANIDHI NALLA, R/o- 4th LANE, RANIGUDA FARM, VTC: Rayagada, P.O.- Rayagada(k), Sub District.-Kalyanasingpur, District.- Rayagada, State- Odisha, PIN Code- 765001 have changed the name of my minor son Amita Nalla, aged 16years he shall here after be known as AMIT KUMAR NALLA. D-680

By virtue of affidavit sworn before Executive Magistrate, Hemgir, Sundargarh 21.05.25, I, Hiramati Kuanr, W/o- Sapneswar Kuanr, Vill- Bhograkachhar, P.S.- Hemgir, Dist.- Sundargarh, I have changed my daughter's name from Fulmati Kuanr to Rambha Kuanr as according her School Certificate. Henceforth, she shall be known as Rambha Kuanr for all purpose.
Hiramati Kuanr D-686

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before affidavit No.769, Executive Magistrate, Chhendipada, dated 23.05.2025, I, Barsa Rout, Address: D/o- Arkhita Rout, At- Chhendipada Jungle, P.O./P.S.- Chhendipada, Dist.- Angul, PIN-759124 declare that I have changed my name from Barsa Mahakul to Barsa Rout. Henceforth, I shall be known as Barsa Rout for all purposes. D-681

I, Mukta Ho, W/o- Brunda Mahakud, At- Majhigaon, P.O.- Ghatkuanri, P.S.- Bangriposi, Dist.- Mayurbhanj have changed name to Mukta Mahakud by virtue of affidavit dt 09.05.2025 sworn before Executive Magistrate, Baripada, Mayurbhanj. D-678

By virtue of an affidavit sworn before the Executive Magistrate, DARPAN, dated 21.05.2025, I, Annapurna Bewa, Address: Vill- Nanapur, P.O.- Balichandrapur, P.S.- Balichandrapur, Dist.- Jajpur, Odisha-754205 declare that I have changed my name from Anarpuran Baua to Annapurna Bewa. Henceforth, I shall be known as Annapurna Bewa for all purposes. D-679

By virtue of an affidavit sworn before the Notary Public, Dharmasala, dated 23.05.2025, I, Nakhia Malik, Address: At-Barajpur, P.O.-Barabati, P.S.- Dharmasala, Dist.- Jajpur, Odisha-755008 declare that I have changed my daughter's name from Karisima Malik to Karisma Malik. Henceforth, she shall be known as Karisma Malik for all purposes. D-676

By virtue of an affidavit sworn before the Notary Public, Dharmasala, dated 23.05.2025, I, Sangram Mallik, Address: At/P.O.- Kotapur, P.S.- Dharmasala, Dist.- Jajpur, Odisha-755008 declare that I have changed my daughter's name from Hansida Mallik to Hansita Mallik. Henceforth, she shall be known as Hansita Mallik for all purposes. D-677

By virtue of an affidavit sworn before the Executive Magistrate, Dharmasala, dated 19.5.2025, I, Runu Jena, Wife of Brundaban Malik, At-Baunsanta, Antia, Jenapur, Jajpur, Odisha-755023 declare that I have changed my name Rinu Malik to Runu Jena. Henceforth, she shall be known as Runu Jena for all future purposes. D-675

I, Smt. SHAVUKARU BHAVANI, W/o- Sri B.Santosh Kumar, residing at Main Road, Semiliguda, Dist.- Koraput, PIN-764036, Odisha have changed my name to "Smt. BANGARAM BANDI BHAVANI" as per affidavit No.- 764 on dated 10.5.25 for all future purposes. D-683

I, KM RASHMI CHATURVEDI, W/o- Ashutosh Kumar Dubey, Resident At Flat No.-203, Param Arvind Enclave, SRIT Colony, Budharaja, Sambalpur, Odisha-768004 declare by this affidavit No.- 2738, date 17.05.2025 that I have changed my name from KM RASHMI CHATURVEDI to RASHMI DUBEY. Now onwards, I shall be known as RASHMI DUBEY as for all Future Purpose. D-685

Before Executive Magistrate, Khalikote, affidavit No.- A-1545/23.05.25, I, Sibaram Palai, S/o- Harihar Palai, Vill- Salabana, P.O.- Sankuda, P.S.- Begunia Pada, Ganjam, State that my daughter's named Jasmin Polei (Old name) Minor changed her name from Jasmin Polei to Jasmin Palai. Henceforth, she shall be known as Jasmin Palai in all future purposes. D-684

By virtue of an affidavit sworn before Executive Magistrate Chandabali, dated 05.04.2025, I, Ananda Samal(42 yrs), S/o- Gajendra Samal, Vill/P.O.-Karanapokhari, P.S.- Bansada, Dist.- Bhadrak, declare that I have changed my daughter's name from Lispa Rani Samal to Lipsha Rani Samal for all purposes. D-687

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିଦ୍ୟୁତ୍‌ଲତା ପାଢ଼ୀ**
କାକଟପୁର (ସେବକସାହି), ପୁରୀ
ଆବିର୍ଭାବ: ୨୧।୧୦।୧୯୬୯
ତିରୋଧାନ: ୧୭।୦୫।୨୦୨୫
ମହୀୟସୀ ମହିଳା
ଆପଣଙ୍କ ପବିତ୍ର ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ ଓ ପୁତ୍ରଙ୍କ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଧ-୭୬୪୭୦

### ପ୍ରଥମ ବାର୍ଷିକ ଶ୍ରାଦ୍ଧ



**ସ୍ୱର୍ଗତ ଦେବେନ୍ଦ୍ର କୁମାର ନନ୍ଦ**
(Advocate)
ରେଡକ୍ରସ ରୋଡ୍, ବଡ଼ଶଙ୍ଖ, ପୁରୀ
ଆବିର୍ଭାବ: ୧୧।୧୧।୧୯୬୦
ତିରୋଧାନ: ୦୩।୦୬।୨୦୨୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ- ଦୀପୁ, ପୁତ୍ର- ଟୁଟୁ, ଟିମିଲି, ମିମି ଏବଂ ପରିବାରବର୍ଗ।
ଧ-୬୬୪

### ଶ୍ରଦ୍ଧାଞ୍ଜଳି



**୰ଦୁର୍ଗା ଚରଣ ନାୟକ**
ତିରୋଧାନ- ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ
୧୫।୦୫।୨୦୦୪
DCN,
You had possessed-
A Voice of Justice,
A heart with compassion,
A brain with immense
knowledge and intelligence.
Kuni
ଧ-୬୭୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଶ୍ରୀମତୀ ସୁନିଳା ମହାନ୍ତି**
ଆବିର୍ଭାବ: ୧୮।୦୬।୧୯୪୮
ତିରୋଧାନ: ୧୪।୦୫।୨୦୨୫
ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ, ଦ୍ୱିତୀୟା ତିଥି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶୀ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୫୮

# ମୋ' ଲେଖାର ଚରିତ୍ର ସ୍ୱପ୍ନର ଝୁଲଣାରେ ଝୁଲେ କ୍ୱଚିତ୍

– ଝରଣା ପଟ୍ଟନାୟକ



ଝରଣା ପଟ୍ଟନାୟକ, ଅବସରପ୍ରାପ୍ତ ଇଂଲିଶ୍ ପ୍ରାଧାପିକା, ସାଂପ୍ରତିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ସୁପରିଚିତ ନାମ। ସେ ଏକାଧାରରେ କବୟିତ୍ରୀ ଓ କଥାଶିଳ୍ପୀ। ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ନଅଟି ଗଳ୍ପ ସଂକଳନ, ଚାରୋଟି ଉପନ୍ୟାସ ଓ ଗୋଟିଏ କବିତା ପୁସ୍ତକ। ତାଙ୍କ ସହ ସୃଜନ-ଆଳାପରେ ଏଥର ଦ୍ୱିଭାଷୀ ଲେଖିକା ସୁକାନ୍ତି ମହାପାତ୍ର।

ସୃଜନ-ଆଳାପ

ପ୍ର: ଜଣେ ସମାଜସେବୀ ଓ ସଂଗଠିକା ଭାବେ ଆପଣଙ୍କର ଅଗ୍ର ପରିଚିତି। ସାହିତ୍ୟ ଜଗତକୁ ଆପଣଙ୍କର ପ୍ରବେଶ କେବେ ଓ କିପରି?

ଉ: ଜଣେ ସଂଗଠିକା ଓ ସମାଜସେବୀ ଭାବେ ମୁଁ ଜଣାଶୁଣା। ବହୁ ସାମାଜିକ ଅନୁଷ୍ଠାନ ସହିତ ମୋର ସମ୍ପୃକ୍ତି। ମାତ୍ର ଏ ପରିଚୟ ମୋତେ କେବେ ବି ଆହ୍ଲାଦିତ କରେ ନାହିଁ। ଭାଷା ପ୍ରତି ମୋର ଦୁର୍ବଳତା ମୋତେ ଶବ୍ଦକୁ ନେଇ ମୀନାର ଗଢ଼ିବା ପାଇଁ ପ୍ରେରଣା ଦେଇଛି। ମୋତେ ଅନୁପ୍ରାଣିତ କରିଛି ଗଳ୍ପ, କବିତା, ଉପନ୍ୟାସ ମାଧ୍ୟମରେ ସାଧାରଣ ଲୋକର ସ୍ଥିତି ପରଖି ତାକୁ ଲୋକଲୋଚନକୁ ଆଣିବା ପାଇଁ। ମୁଁ କିନ୍ତୁ ପ୍ରଥମେ ଲେଖିଥିଲି କବିତା। ପଢ଼ୁଥିଲି ସପ୍ତମ ଶ୍ରେଣୀରେ। ପ୍ରଜାତନ୍ତ୍ର ମୀନାବଜାର ପୃଷ୍ଠାରେ ମୋର 'ବସନ୍ତ' ଶୀର୍ଷକ କବିତା ପ୍ରକାଶ ପାଇଥିଲା।

ପ୍ର: ଆପଣ ଜଣେ ଗାଳ୍ପିକା ତଥା ଔପନ୍ୟାସିକା ମଧ୍ୟ। ଆପଣଙ୍କ କାହାଣୀର ବଳିଷ୍ଠ ଉପାଦାନ କ'ଣ?

ଉ: ଅଳ୍ପ ବୟସରୁ ଗଳ୍ପ ଲେଖିବାକୁ ମୁଁ ପ୍ରେରଣା ପାଇଛି ମୋର ପରିବେଶରୁ। ମୋ' ଆଖପାଖ ଚାରିପାଖର ମଣିଷମାନଙ୍କୁ ଖୁବ୍ ପାଖରୁ ଦେଖିଛି। ସେମାନଙ୍କ ଦୈନ୍ୟର ବିକଳ ରୂପ ମୋତେ ମର୍ମାହତ କରିଛି। ମୋ' ଲେଖାରେ ଚରିତ୍ରଟିଏ ସ୍ୱପ୍ନର ଝୁଲଣାରେ ଝୁଲିବା କ୍ୱଚିତ୍ ଦେଖାଯାଏ। ଶୈଶବର ଚପଳାମି, କୈଶୋରର ଦୁଷ୍ଟାମି ଓ ଯୌବନର ଉଷ୍ମ ଉନ୍ମାଦନାରେ ଜଡ଼ିହୋଇ ବି ମୋର ଚରିତ୍ରମାନେ ବାଟବଣା ହୁଅନ୍ତି କ୍ୱଚିତ୍।

ପ୍ର: ଆପଣଙ୍କ ଜୀବନ-ଅନୁଭୂତି କିପରି ଆପଣଙ୍କ ସାହିତ୍ୟକୁ ପରିପୁଷ୍ଟ କରିଛି?

ଉ: ମୋର ଅନୁଭବ ଗଭୀରରୁ ଗଭୀରତର ହୁଏ, ଯେତେବେଳେ ମୁଁ ପାଖର ମଣିଷମାନଙ୍କ ଅସହାୟତାକୁ ସାମ୍ନାକରେ। ମୋ' କଲମ ଛାତ୍ରାବସ୍ଥାରୁ ଏଯାଏଁ ଆଙ୍କିଚାଲିଛି ସେଇମାନଙ୍କ ଜୀବନର ଗହନ ଚିତ୍ର।

ପ୍ର: ଆପଣ ଇଂଲିଶ୍ ସାହିତ୍ୟର ଛାତ୍ରୀ ଓ ଅଧ୍ୟାପିକା। ଇଂଲିଶ୍ ସାହିତ୍ୟର ଅଧ୍ୟୟନ ଆପଣଙ୍କ ସୃଷ୍ଟି ସମୂହକୁ ପ୍ରଭାବିତ କରିଛି କି?

ଉ: ଇଂଲିଶ୍ ସାହିତ୍ୟର ଛାତ୍ର ଭାବରେ ମୁଁ ଗର୍ବ ଅନୁଭବ କରେ। ସ୍କୁଲ ଓ କଲେଜ କ୍ଲାସ୍‌ରୁମ୍‌ରେ ଇଂଲିଶ୍ ସାହିତ୍ୟର ପଠନ ଓ ପରବର୍ତ୍ତୀ ସମୟରେ ଅଧ୍ୟାପନା ବେଶ୍ ପ୍ରଶସ୍ତ ସ୍ଥାନ ମାଡ଼ିବସିଛି ମୋର ଗଳ୍ପ ଉପନ୍ୟାସରେ। ପ୍ରଥମେ ପଢ଼ିଲି ସେକ୍ସପିଅର, ମିଲ୍‌ଟନ, ଚେକଭ୍, ଦସ୍ତୋଭସ୍କି, ଗର୍କୀ, ୱାଲ୍ଟ ହ୍ୱିଟ୍‌ମ୍ୟାନ, ଟି.ଏସ୍. ଇଲିଅଟ, ଇବସନ୍। ପରେ ପଢ଼ିଲି ମନୋଜ ଦାସ, ଗୋପୀନାଥ ମହାନ୍ତି, ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ। ଶବ୍ଦ ଗୁମ୍ଫନ, ଭାଷା ଓ ଭାବର ଛନ୍ଦାଛନ୍ଦି ଓ କଲମ ମୁନରେ ସେସବୁର ପରିସ୍ଫୁଟନକୁ ଦୌଡ଼ି ଦୌଡ଼ି ମୁଁ ପାଇଛି ଇଂଲିଶ୍ ସାହିତ୍ୟରୁ। ଲେଖେ କିନ୍ତୁ ନିଜ ଭାଷାରେ।

ପ୍ର: ଆପଣଙ୍କ ଉପନ୍ୟାସରେ ସାମାଜିକ ପ୍ରତିବଦ୍ଧତା କିପରି ରୂପ ପାଇଛି?

ଉ: ଲେଖା, ଲେଖକର ଭାବ ଓ ଅନୁଭୂତିକୁ ନେଇ ପ୍ରସାରିତ ହୁଏ। ସାମାଜିକ ପ୍ରତିବଦ୍ଧତା ନଥିଲେ ଆମେ ଦେଖୁଥିବା ଚରିତ୍ରମାନେ ବଡ଼ ଦୁର୍ବଳ ଲାଗନ୍ତି। ମୋ' ଉପନ୍ୟାସର ଚରିତ୍ରମାନେ ଅନାଥାଶ୍ରମର ଅସନ୍ତୁଳିତ ବାତାବରଣରେ ଘାଣ୍ଟି ଚକଟି ହୋଇ ଜୀବନ ବିତାନ୍ତି, ଯାହାର ରାହା ନଥାଏ କି ସାହା ନଥାଏ। କିଛି ରତନା, ବନ୍ଧୁଆମାନେ ବାଧ ହୋଇ ଗିନି କରତାଳ ଧରନ୍ତି। ପରେ ପରେ ସମ୍ଭାବନାର ବାଟ ଦିଶିଯାଏ ସେମାନଙ୍କୁ। ସମାଜ ପାଇଁ ସେମାନେ ନିଜେ ବାର୍ତ୍ତା ପାଲଟିଯାଆନ୍ତି।

ପ୍ର: ବର୍ତ୍ତମାନର ତରୁଣ, ନବୀନ ଲେଖକଙ୍କ ପାଇଁ ଆପଣଙ୍କର କି ବାର୍ତ୍ତା ରହିବ?

ଉ: ତରୁଣ ନବୀନ ଲେଖକମାନେ ଆଙ୍କିବାକୁ ଯାଉଥିବା ଚରିତ୍ରମାନଙ୍କର କଥା ଓ ବ୍ୟଥାକୁ ଭଲଭାବେ ଅନୁଧ୍ୟାନ କରନ୍ତୁ। ଲେଖିଲାବେଳେ ନିଜେ ପାଲଟନ୍ତୁ ସେଇ ଚରିତ୍ର, ଯାହାର ସ୍ମୃତି, ଅନୁଭୂତିକୁ ନେଇ ସେମାନେ କଲମ ଚଳାଉଛନ୍ତି।

ମୋ: ୯୪୩୮୬୭୨୬୫୪

## ପୁସ୍ତକ ପରିଚୟ

ରାମଚନ୍ଦ୍ର ମହାନ୍ତିଙ୍କ

### ରଚନା ସମଗ୍ର



**ସଂପାଦନା:** ରାଜେଶ ଚନ୍ଦ୍ର ମହାନ୍ତି, ସୁଜାତା ମହାନ୍ତି
**ପ୍ରକାଶକ:** ସିଦ୍ଧେଶ୍ ପବ୍ଲିଶିଂ ହାଉସ୍, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୮୦୦/-

ଆଲୋଚ୍ୟ ଗ୍ରନ୍ଥାବଳୀରେ ଲେଖକ ରାମଚନ୍ଦ୍ର ମହାନ୍ତିଙ୍କର ୧୧ଟି ସୃଜନକୃତିକୁ ଏକତ୍ର କରାଯାଇଛି। ସେସବୁ ହେଲା- କଥା ଓ ବ୍ୟଥା, ଚିନ୍ତା ଓ ଚେତନା, ଚିନ୍ତା ଅନୁଚିନ୍ତା, ଗୀତା ସୁଧାସାର, ଭକ୍ତିପୁଷ୍ପ, ଶୁଭଗ, ସ୍ୱର୍ଗକୁ ଚିଠି, ଆତ୍ମଚିନ୍ତନ, ଉଦ୍ଧାରକ, ସଦ୍‌ଭାବନା, As I Feel. 'କଥା ଓ ବ୍ୟଥା' ଆତ୍ମଜୀବନୀ ଏବଂ ଏହାକୁ ନ ପଢ଼ିଲେ ଗ୍ରନ୍ଥାବଳୀର ଏରୁଣ୍ଡି ଦେଇ ଅନ୍ୟ ୧୦ଟି ପୁସ୍ତକର ଦେହଳୀ ମଧ୍ୟକୁ ପ୍ରବେଶ କରିହେବ ନାହିଁ। ଏଥିରେ ସେ ତାଙ୍କର ଜନ୍ମଠାରୁ ଆରମ୍ଭ କରି ପାଠପଢ଼ା, ଘର ସଂସାର, ସନ୍ତାନସନ୍ତତି ଓ ଜୀବନର ଉଲ୍ଲେଖନୀୟ ଘଟଣା ସମ୍ପର୍କରେ ବିବରଣୀ ପ୍ରଦାନ କରିଛନ୍ତି। ଉପସଂହାରରେ କହିଛନ୍ତି: ''କାହାଠାରୁ କିଛି ନେବା, ଅନ୍ୟର ଶକ୍ତିକୁ ଉପଯୋଗ କରି କିଛି ସାଧନ କରି ନିଜର କହି ବାହାବା ନେବା ନୀତିର ମୁଁ ଘୋର ବିରୋଧୀ।'' ଏଥିରୁ ଲେଖକଙ୍କର ଜୀବନଦର୍ଶନର ବହର ଜଣାପଡ଼େ। 'ଚିନ୍ତା ଓ ଚେତନା' ପୁସ୍ତକରେ ସେ ଗୀତା ଓ ଆଧ୍ୟାତ୍ମିକ ସାଧନା ସହିତ ବିଭିନ୍ନ ଅନୁଭୂତିମୂଳକ ଲେଖାକୁ ସ୍ଥାନିତ କରିଛନ୍ତି, ଯାହା ଦର୍ଶନଗର୍ଭିତ। 'ଭକ୍ତିପୁଷ୍ପ', 'ଶୁଭଗ', 'ସ୍ୱର୍ଗକୁ ଚିଠି', 'ଆତ୍ମଚିନ୍ତନ', 'ଉଦ୍ଧାରକ' ଓ 'ସଦ୍‌ଭାବନା' ହେଉଛି କବିତାଗ୍ରନ୍ଥ। ଶେଷକୁ ରହିଛି ଇଂଲିଶ୍ ରଚନା 'As I Feel'। 'ଚକାଆଖି' ଶୀର୍ଷକ କବିତାରୁ କିୟଦଂଶ ଏଠାରେ ଉଦ୍ଧାର କରାଯାଇପାରେ- ''ଚକାଚକା ଡୋଳା ମେଲି/ କଅଣ ଦେଖୁଛ ହରି?/ ଦେଖୁନା କି ଅପକର୍ମେ/ ଦୁନିଆ ଗଲାଣି ଭରି।/ x x / ଦେଖି ଯେବେ ପ୍ରତିକାର/ ନ କରିବ ରମାବର/ ସେ ଦେଖାରେ କେଉଁ ଲାଭ/ କୁହ ହେ ବିଚାର କରି?'' କବିସୂର୍ଯ୍ୟ ବଳଦେବ ରଥଙ୍କ ମାର୍ଗାନୁସାରୀ ଲେଖକ ତାଙ୍କର ଏହି କବିତାରେ। ରାମଚନ୍ଦ୍ର ଗଭୀର ଭାବ ଓ ସରଳ ଭାଷାର କବି। ଏକ ହଜାର ପୃଷ୍ଠାରୁ ଊର୍ଦ୍ଧ୍ୱ କଳେବର ବିଶିଷ୍ଟ ଏହି ଗ୍ରନ୍ଥାବଳୀ ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ଦୁର୍ଲଭ ବସୁଧା



**କବି:** ଶାନ୍ତନୁ କୁମାର ରାଉତ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୪୦/-

ମୋଟ ୫୪ଟି କବିତା ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ। କବିତାଗୁଡ଼ିକର ବିଷୟବସ୍ତୁ ବ୍ୟାପକ। ବ୍ୟକ୍ତିବନ୍ଦନା ଠାରୁ ଆରମ୍ଭ କରି କରୋନା ଭୂତାଣୁ ଓ ନଦନଦୀ, ପାହାଡ଼-ଅରଣ୍ୟଠାରୁ ଆରମ୍ଭ କରି ବିଧବାର ଅନ୍ତର କଥାଯାଏ ପ୍ରଲମ୍ବିତ କବିଙ୍କର କାବ୍ୟଭାବନା। ପ୍ରକୃତି ବର୍ଣ୍ଣନା ସାଙ୍ଗକୁ ରହିଛି ଭକ୍ତିଭାବାତ୍ମକ ଜଣାଣ। କବି ହୃଦାନନ୍ଦ ପାଣିଗ୍ରାହୀ ମୁଖବନ୍ଧରେ କହନ୍ତି: ''ଦୁର୍ଲଭ ବସୁଧା ଜଣେ ଦରଦୀ କବିପ୍ରାଣର ଅଭ୍ରାନ୍ତ ଦଲିଲ। ପରିଣତ ବୟସରେ ସମାଜନିଷ୍ଠ ଏହି କବିଙ୍କର ପାକଲା ଅନୁଭୂତି ବେଶ୍ ରସାଳ ଓ ମର୍ମଭେଦୀ। ଶାନ୍ତନୁ ବାବୁ ଯଥାର୍ଥରେ ମାନବବାଦୀ ଓ ଶାନ୍ତିପ୍ରିୟ। ଏହାର ସ୍ପଷ୍ଟ ଛାପ ଏଥିରେ ପାଠକମାନେ ଭେଟିବେ।'' କତିପୟ ଉଦାହରଣ ନେବା- ୧. ''ନୀରବେ ଆସିବ ମୃତ୍ୟୁ ନେବ ଆମ ଜୀବନ/ ନିର୍ଭୟେ ଜୀବନ ପଥେ ସ୍ଥିର କର ମନ।'' (ମୃତ୍ୟୁକୁ ନ କର ଭୟ, ପୃ:୪୨), ୨. ''ଆସହେ ମଣିଷ ପୂର୍ଣ୍ଣ କରିବା/ ସୁଖଶାନ୍ତି ଆମ ହୃଦୟରେ/ ସାର୍ଥକତା ଆମ ପରିଚୟ ହେବ/ ଏହିପରି ବଞ୍ଚିବାରେ।'' (ହେ ନାରୀ! ତୁମେ କେତେ ସୁନ୍ଦର, ପୃ:୨୮)। ଗ୍ରନ୍ଥସ୍ଥ କବିତାଗୁଡ଼ିକରେ ଦର୍ଶନ ଅଛି, ଯାହା ଜୀବନ ପାଇଁ ପ୍ରେରଣାଦାୟୀ। ତେବେ କବିତାର ଭାଷା ଓ ଗଠନକ୍ରିୟା ଆଶା କରେ କବିଠୁଁ ଅଧିକ ପରିପକ୍ୱତା। ଛନ୍ଦଗତ ତ୍ରୁଟିକୁ ଅତିକ୍ରମ କରିବା ପାଇଁ ପ୍ରାଚୀନ ଓ ଆଧୁନିକ କବିତାର ମନନ ପ୍ରତି କବି ଦୃଷ୍ଟିଦେଲେ ତାଙ୍କ କବିତାର ବାକ୍‌ଶିଳ୍ପ ଆହୁରି ଶାଣିତ ହୋଇପାରିବ ଓ ଅଧିକରୁ ଅଧିକ ପାଠକ ତାଙ୍କ କବିତା ପ୍ରତି ଆକୃଷ୍ଟ ହେବେ। ତେବେ ଆଲୋଚ୍ୟ କବିତାଗ୍ରନ୍ଥଟି କବିଙ୍କର ଜୀବନଦୃଷ୍ଟି ଓ ଶୈଳୀବିଧାନ କ୍ଷେତ୍ରରେ ଯେ ଆରୋହଣର ଏକ ଶ୍ରଦ୍ଧାଶୀଳ ଉଦ୍ୟମ, ଏଥିରେ ସନ୍ଦେହ ନାହିଁ।

## କବିତା

### ସମୟ ଓ ବୟସ

ଜୟଶ୍ରୀ ପ୍ରିୟଦର୍ଶିନୀ ମହାପାତ୍ର

ବୟସ କ'ଣ ସତରେ ବଢ଼େ
ନା କମିଯାଏ
କୋଉଟା ଠିକ୍ ମୁଁ ଜାଣିନି
ବୟସ ସରିସରି ଆସୁଛି
କିନ୍ତୁ ପ୍ରେମ ତ ଅସରନ୍ତି
ସମୟ ସହିତ ବଢ଼ିଚାଲିବ
ଜୀବନ ଥିବାଯାଏଁ ରହିବ
ନା କମିବ ନା ସରିବ।

ବୟସର କ୍ଳାନ୍ତ ଅପରାହ୍ଣରେ
ଆଜି ମୁଁ ତୁମ ସହିତ ସମୟ
ଆଉ କେତେ ଦେବ
ପରାଜୟ, ସଂଘର୍ଷ, କଷ୍ଟ, ଲୁହ,
ଯନ୍ତ୍ରଣା ଅବା ପ୍ରତାରଣା
ମୁଁ ଜାଣିନି କି ଜାଣିବାକୁ ଚାହିଁନି।

ହେ ସମୟ!
ତୁ ହିଁ ଦେଇ ଦେ ତୋ' ପ୍ରଶ୍ନର ଉତ୍ତର
ଚାଲିବାକୁ ଅଛି ଯଦି ବାଟ ବହୁ ଦୂର
ନେଇଯା ମତେ ତୁ ପଶାପାଲି ଆଉ
ଛକିଶୂନର କେନ୍ଦ୍ରବିନ୍ଦୁ ହେବାକୁ
କେତେବେଳେ ବାଜି ଜିତିବାକୁ
ଆଉ କେତେବେଳେ
ନିଜ ସହିତ ହାରି ଲୁଚକାଳି
ଖେଳିବାକୁ।

ହେ ସମୟ!
ମୁଁ ତୁମରି ଦାସୀ ଅବା
ତୁମ ଇସାରାରେ ଚାଲୁଥିବା
ଦିଗହରା ନାବିକଟିଏ
ତୁମେ ମତେ ପାଣିରେ ରଖ
ବା ଭୂଇଁରେ ରଖ
ନାଁ ତ କେବଳ ତୁମର ହେବ
ସବୁ କିଛି ସମୟର ଦୋଷ ଥିଲା।

ମୋ: ୯୪୩୯୧୬୨୮୮୪

### ଜୁଆର

ଡ. ଅନିଲ ନନ୍ଦ

ତା' ଛଡ଼ା ଆଉ କିଛି
ଘଟି ପାରେନାହିଁ ବିଶେଷ,
ଉଚ୍ଛୁଳି ପଡୁଥିବା ପାଣି
ଫେରିଯାଏ ସମୁଦ୍ର ଗର୍ଭକୁ।

ମୋର ଯାହା ମନେଅଛି
ସୁନ୍ଦର ମୁହଁଟିଏ ଜହ୍ନହେଇ
ବାରମ୍ବାର ଜନ୍ମ ନେଉଥାଏ
କୃଷ୍ଣକାୟ ମେଘର ଗର୍ଭରୁ
ଥରେ ଥରେ ହସି ଦେବା ବେଳେ
ବିଜୁଳି ଆଲୁଅରେ ଝଲସିଯାଏ
ଅନ୍ଧକାର ସାମ୍ରାଜ୍ୟର କିୟଦଂଶ
ପୂରି ଉଠୁଥାଏ ନଈର ଛାତି।

ସେଦିନ ବଣୁଆ ଫୁଲମାନେ
ଟିକେ ଅଧିକ ମହକି ଉଠନ୍ତି
ପାହାଡ଼ୀ ଝରଣାର ଝରଝର ନାଦ
ସଙ୍ଗୀତରେ ହେଉଥାଏ ରୂପାନ୍ତରିତ
ନୀରବତାରୁ ଛୁଟିଆସୁଥାଏ
ଅଦୃଷ୍ଟ କୋଳାହଳ।

ଆଖିର ଭାଷା ବୁଝିବାକୁ
ଖୋଜା ଚାଲିଥାଏ ଶବ୍ଦ
ପ୍ରଶ୍ନମାନେ ଛୁରି ହେଇ
ବାରମ୍ବାର ଚିରୁଥାନ୍ତି ବିଶ୍ୱାସ
ତଥାପି ସଜଡ଼ା ଚାଲିଥାଏ ହୃଦୟ
ଓ ତା' ଆଖପାଖ ଅଞ୍ଚଳ
ଗଢ଼ିହେଇ ପୁଣି ଭାଙ୍ଗି ପଡୁଥାଏ
ଭବିଷ୍ୟତ ଲାଗି ବାଲିଘର।

ଗୋଟେ ତିର୍ଯ୍ୟକ୍ ଚାହାଣି
ଥାଏ କାହିଁ କେତେ ଦୂର
ଥରହର ହେଉଥାଏ ପୃଥିବୀ
ନଈ ସମୁଦ୍ରରେ ମାତି ଉଠୁଥାଏ
ତୁହାକୁ ତୁହା ଜୁହାର।

ମୋ: ୯୯୩୭୮୪୩୩୬୮

### ବାପା

ଜୟନ୍ତୀ ସାହୁ

ନିଜେ ଦୁଃଖର ବିଷପାନ କରି
ସନ୍ତାନକୁ ସୁଖର ଅମୃତ ଚଖାନ୍ତି ବାପା
ସନ୍ତାନର ଚଲାପଥରୁ ସବୁତକ
କଣ୍ଟା କାଢ଼ି ଦେଇ
ଅବିରତ ଫୁଲ ବିଛାଉଥା'ନ୍ତି ବାପା
ନିଜେ ଛିଣ୍ଡା ପୋଷାକ ପିନ୍ଧି
ଭଳିକି ଭଳି ପୋଷାକରେ
ସଜେଇଦିଅନ୍ତି ପୁଅ ଝିଅଙ୍କର ଦେହ।

ନିଜେ ଋଣଭାରରେ ବୁଡ଼ି
ସନ୍ତାନର ସୁଖ ସ୍ୱାଚ୍ଛନ୍ଦ୍ୟରେ
ଆତ୍ମହରା ହୁଅନ୍ତି ବାପା
ସଂସାରର ତାତି ଡହକକୁ ସହି ସହି
ପାଲଟିଯାଆନ୍ତି ନିଜେ
ଏକ ଖରାଖିଆ ମହାଦେବ
ବାପାମାନେ ତ କାଳେକାଳେ ତ୍ୟାଗୀ
ସେ ନିଅନ୍ତିନି କିଛି, ମାଗନ୍ତିନି କିଛି
ବରଂ ଦେଇଦେଇ ନିଃସ୍ୱ।

ସେ ଶିଖାଇଥା'ନ୍ତି ପିଲାଙ୍କୁ
ମୁଠାଏ ମାଟିକୁ ଚନ୍ଦନ କରିବାର ମନ୍ତ୍ର
ନୀତି, ନିୟମ ଆଉ ଆଦର୍ଶର
ଭବ୍ୟ ଆବାହନ
ତାଙ୍କ ମମତାର ବାସ୍ନାରେ ମହକିତ
ସନ୍ତାନର ଦେହ ଆଉ ମନ
ବାପା କୃପାବର୍ଷାର ଅନ୍ୟ ଏକ ନାମ।
ସନ୍ତାନ ମଥା ଉପରେ ଖୋଲାଛତା ବାପା
ସେ କାନ୍ଦିଲେ, ସେ ଲୁହରେ ଭାସିଯିବ
ପିଲାଙ୍କ ସଂସାର।

ମୋ: ୮୦୯୩୪୮୬୬୭୪

### ତମ ଆଡ଼ରୁଷା

ମନୋରଞ୍ଜନ ଦାଶ

ସମସ୍ତ ଅବସୋସକୁ ଡୋକି
ବାଟ ଚାଲୁଥିବା ବେଳେ
ତମ ଆଡ଼ରୁଷା ମୋ' ଛାତିରେ
ତୀବ୍ର ଆଘାତଟିଏ...
ହଁ! ମୋର ତ ଅଭିଶପ୍ତ ଜୀବନଟାଏ!
ଦୁଃଖସବୁ ଲହଡ଼ି ଭାଙ୍ଗନ୍ତି
ମୋ' ମନ କୂଳରେ।
ଯାହାକୁ ମୁଁ ଦେଖେଇପାରୁନି କି
କହିପାରୁନି କାହାକୁ!
ମୋ' କପାଳରେ ଯାହା ଲେଖା ଅଛି,
ତାହା ତ ମୋର ଭାଗ୍ୟ ଓ ଭବିତବ୍ୟ।
ତମର ଦୂରତା ମୋତେ
ଛଟପଟ କଲେ ବି
ନିଜ ପାଖେ ବିଳାପ କରି
ଯାହା ଭୋଗେ ଖାଲି...
ତା' ନିଶ୍ଚୁପ ଯାତନା।
ଏଇମିତି ଏକ ଅପାଂକ୍ତେୟ ମୁଁ!
ପରଷିପାରୁନି କାହାକୁ,
ଟେନାଏ ସୁଖ!
ନିରୋଳା ମୁହୂର୍ତ୍ତ ସବୁ ମୋର
ମନର ଡାଳରେ
ଲତା ହୋଇ ମାଡ଼ି ଚାଲିଛନ୍ତି!
ସତେ ଯେମିତି ମୁଁ ଆଶ୍ରୟଟିଏ,
ସେଇ ମୁହୂର୍ତ୍ତମାନଙ୍କର।
ତା' ହିଁ ମୋର ପ୍ରାପ୍ତି ଓ ସ୍ୱୀକୃତି।

ମୋ: ୯୪୩୭୩୧୭୭୨୨

### ସେଇ ଝିଅଟି

ନରେଶ୍ ମଣ୍ଡଳ

ସେଇ ଝିଅ
ଯାହାର ଓଠ ଧାରରେ
ଲାଗି ରହିଥାଏ ଅମଳିନ ହସ
ଯାହାର ଲୁହରୁ ଉତୁରି ଆସେ
ଆବେଗପ୍ରବଣ ଉଚ୍ଛୁଳା କୋହ
ଯାହାର ନୀରବତାରେ
ବୁଝି ହୋଇଯାଏ ବିଶ୍ୱାସର ପରିଭାଷା
ଯାହାର ଚାହାଣିରେ ଚିହ୍ନି ହୋଇଯାଏ
ସମ୍ପର୍କର ଅଭୀପ୍ସା
ସେଇ ଝିଅ
ନାଁ ତା'ର ପ୍ରୀତିନନ୍ଦା
ଯାହାର ଛଳନାରେ ନିଜକୁ ଚିହ୍ନେଇ ଦବାର
ମନସ୍ତତ୍ତ୍ୱ ନ ଥାଏ, ଥାଏ କେବଳ
ଅନ୍ୟକୁ ବୁଝିବାର ଆସ୍ପର୍ଦ୍ଧା।

ମୋ: ୯୪୩୮୩୨୧୪୫୪

ଗୀତି-କବିତା

### କିଛି ସ୍ମୃତି

ମଞ୍ଜୁଲତା ସିଂହ

ଲିଭି ଲିଭି ଆସେ ଗୋଲାପୀ ଗୋଧୂଳି
ସଞ୍ଜ ଯେବେ ଆସେ ନଇଁ
ପତଳା ଅନ୍ଧାରେ ଛପି ଛପି ଆସେ
ସ୍ମୃତି କା'ର ଛାଇ ହୋଇ।

ରୁପା ଚାନ୍ଦିନୀରେ ଭିଜୁଥାଏ ଯେବେ
ଘନ ଅନ୍ଧାର ରାତି
ତାରକସି ପିନ୍ଧି ତାରାଫୁଲ ସାଜି
ଝରୁଥାଏ କିଛି ସ୍ମୃତି
ମନ ସାଥେ ପୁଣି ଖେଳେ ଲୁଚକାଳି
ନିଷିଦ୍ଧ ସପନ ହୋଇ...
ଲିଭି ଲିଭି ଆସେ ଗୋଲାପୀ ଗୋଧୂଳି
ସଞ୍ଜ ଯେବେ ଆସେ ନଇଁ।

ସପନର ପଥେ ଚାଲି ଚାଲି ଯେବେ
ଶୂନ୍ୟ ମୋ' ନୀଡ଼େ ଫେରେ
ଅଙ୍କାବଙ୍କା ସେଇ ବିଜନ ପଥରେ
ସ୍ମୃତି କା'ର ବାଟ ଘେରେ..
ପଥ ହୁଡ଼େ କେବେ ସେ ସ୍ମୃତି ଭିଡ଼ରେ
ଠିକଣା ହଜାଇ ଦେଇ...
ଲିଭି ଲିଭି ଆସେ ଗୋଲାପୀ ଗୋଧୂଳି
ସଞ୍ଜ ଯେବେ ଆସେ ନଇଁ।

ସ୍ୱପ୍ନ ବିଭୋର ମନତଳେ କେବେ
ପ୍ରୀତିର ପୂରବୀ ତୋଳି
ଜୀବନ ବୀଣାରୁ ମଧୁ ମୂରଛନା
ଯାଇଥିଲା କେବେ ଝରି
ଲୁହର ଝଡ଼ ସେ ବହିଗଲା କାହିଁ
ଆଖି ଓଦା କରି ଦେଇ...
ଲିଭି ଲିଭି ଆସେ ଗୋଲାପୀ ଗୋଧୂଳି
ସଞ୍ଜ ଯେବେ ଆସେ ନଇଁ।

ମୋ: ୮୮୪୭୮୫୨୯୧୭

## କାଳକାଳକୁ

''ଯିଏ ସନ୍ଦେହ କରେ ଓ
ପ୍ରଶ୍ନ ପଚାରେ,
ସେ ଲେଖକ।''
– ଉଇଲିୟମ୍ ଟ୍ରେଭୋର୍



**ଉଇଲିୟମ୍ ଟ୍ରେଭୋର୍**ଙ୍କ ଜନ୍ମ ୨୪ ମେ ୧୯୨୮ରେ ଆୟର୍ଲାଣ୍ଡରେ ଓ ପରଲୋକ ୨୦ ନଭେମ୍ବର ୨୦୧୬ରେ ଇଂଲଣ୍ଡରେ। ଉପନ୍ୟାସ ଓ ଗଳ୍ପଲେଖକ ଟ୍ରେଭୋର୍‌ଙ୍କୁ ଆଇରିଶ୍ ଭାଷାର ଚେକଭ୍ କୁହାଯାଏ। ସେ ତାଙ୍କ ସମୟର ସବୁଠୁଁ ଖ୍ୟାତନାମା ଗଳ୍ପ ଲେଖକ। ତାଙ୍କର ବହୁ ବିଶିଷ୍ଟ ରଚନା ମଧ୍ୟରୁ 'ଦ ଓଲ୍‌ଡ ବଏଜ୍', 'ଦ ବୋର୍ଡିଂ ହାଉସ୍', 'ଲଭ୍ ଆଣ୍ଡ ସମର୍' ଓ 'ଦ ଡ୍ରେସ୍ ମେକର୍ସ ଚାଇଲ୍‌ଡ' ଆଦି ପ୍ରମୁଖ। ପ୍ରଭାବଶାଳୀ ସାହିତ୍ୟ ସୃଷ୍ଟି ପାଇଁ ୧୯୬୪ରେ ତାଙ୍କୁ 'ହଥର୍ନଡେନ୍ ପୁରସ୍କାର', ୧୯୯୯ରେ 'ଡେଭିଡ୍ କୋହେନ୍ ପୁରସ୍କାର' ଓ ୨୦୦୩ରେ 'ଆଇରିଶ୍ କଥା ପୁରସ୍କାର'ରେ ସମ୍ମାନିତ କରାଯାଇଛି। ସମ୍ମାନଜନକ 'ହ୍ୱାଇଟ୍‌ବ୍ରେଡ୍ ପୁରସ୍କାର' ପାଇଁ ତିନିଥର ଓ 'ବୁକର୍ ପୁରସ୍କାର' ପାଇଁ ପାଞ୍ଚଥର ତାଙ୍କ ନାମ ସୁପାରିସ ହୋଇଛି। ଅନ୍ତର୍ଜାତୀୟ ଡବ୍‌ଲିନ୍ ସାହିତ୍ୟ ପୁରସ୍କାରର ସଂକ୍ଷିପ୍ତ ତାଲିକାରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଛି। ଟ୍ରେଭୋର୍ କହନ୍ତି: ''ସ୍ଥାନୀୟତା ମଧ୍ୟରେ ସାର୍ବଭୌମିକତାର ଅନ୍ୱେଷଣ ହେଉଛି ଲେଖକର ପ୍ରାଥମିକତା।''

## ଅନ୍ତର୍ଦ୍ଦାହ

ଅଲେଖ ଚରଣ ପଟ୍ଟନାୟକ

॥ ଗଳ୍ପ ॥

କେଜାଣି କାହିଁକି ମୋର ଅଫିସ୍‌ଫେରନ୍ତା ରାସ୍ତାରେ ଠିକଣା ଜାଗାରେ ପାଦ ଦୁଇଟିକୁ କିଏ ଯେପରି ଜାବୁଡ଼ି ଧରିନିଏ। ମୁଁ କିଛିକ୍ଷଣ ଅଟକିଯାଏ। ରାସ୍ତା ପାର୍ଶ୍ୱରେ ଥିବା କାହିଁ କେଉଁ କାଳର ବୁଢ଼ା ବରଗଛଟିଏ। ତା' ଚାରିପାଖରେ ବିରାଟ ଚାନ୍ଦିନୀ ବୃକ୍ଷର ଶୋଭାକୁ ଦ୍ୱିଗୁଣିତ କରେ। ସେଇ ଚାନ୍ଦିନୀରେ ପାଗଳୀ ରହେ। ମୁଁ ସାଥିରେ ଯାହା ଆଣିଥାଏ ଯଥା- ବିସ୍କୁଟ, ଚୁଡ଼ାଭଜା, ସେଓ, ପାଉଁରୁଟି ଏମିତି ନାନା ରକମର ଖାଦ୍ୟ ବଢ଼େଇଦିଏ। ଖାଦ୍ୟ ଗ୍ରହଣ କରିବା ନିମନ୍ତେ ସେଇ ମଇଳା, କୋଚଟା ହାତଟି ଲମ୍ବି ଆସେ। ଅସନା ମଇଳା ଦାନ୍ତ ନିକୁଟି ପାଗଳୀ ହସିଦିଏ, ଏକ କୃତଜ୍ଞତାର ହସ।

କାହିଁ କେତେ ଦିନରୁ ସେଇ ବରଗଛ ପିଣ୍ଡି ହିଁ ପାଗଳୀର ଆଶ୍ରୟସ୍ଥଳ। ବର୍ଷା ହେଲେ ପାଖରେ ଥିବା ମୋ-ବସ୍ ରେଷ୍ଟଶେଡ୍‌କୁ ଚାଲିଯାଏ। ଚିରା, ଛିଣ୍ଡା, ସାତସିଆଁ ଲୁଗା ପିନ୍ଧି ସେଇ ଆଖପାଖରେ ଘୂରି ବୁଲୁଥାଏ। ବୟସ ପ୍ରାୟ ଚାଳିଶ ଟପିବ, ହେଲେ ତା'ର ଅବ୍ୟବସ୍ଥିତ ଜୀବନଶୈଳୀରେ ତା'ର ବୟସ ଅଧିକ ପରି ଲାଗେ। ବିଧିର ବିଧାନ ବଡ଼ ବିଚିତ୍ର। ପାଗଳୀ ସମ୍ପର୍କରେ କିଏ କେତେ କାହାଣୀ ବନାନ୍ତି। ଦିନେ ଥିଲା ସେ ଅନୂଢ଼ା ଯୁବତୀ, ସୁନ୍ଦରୀ, ସ୍ୱାସ୍ଥ୍ୟବତୀ, ହରିଣୀ ପରି ଚଳଚଞ୍ଚଳ, ଚୁଲ୍‌ବୁଲି। ମା'ବାପାଙ୍କର ଗେହ୍ଲା ଝିଅ। ଅତି ଅଲିଅଳ। ଆଜି କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ସେ ବିବାହ କରିଥିଲା। ବୈବାହିକ ଜୀବନ ବେଶ୍ ହସଖୁସିରେ ଥିଲା। 'ରାହୁଲ' ବୋଲି ପୁଅଟିଏ ଥିଲା। କାହାର ଦୁଷ୍ଟ ନଜର ପଡ଼ିଲା କେଜାଣି, ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଲା। ଉଭୟଙ୍କ ମଧ୍ୟରେ ଗଭୀର ମନୋମାଳିନ୍ୟ ହେଲା।

ତା'ପରେ ସ୍ୱାମୀ ଏକମାତ୍ର ପୁଅ ରାହୁଲକୁ ସାଥିରେ ନେଇ ସୁଦୂର ମୁମ୍ବାଇ ସହରକୁ ଚାଲିଯାଏ। ସେଠାରେ ପୁନଃ ବିବାହ କରେ। ଏହା ଅନେକଦିନ ତଳର ଘଟଣା। ମାନସିକ ସନ୍ତୁଳନ ହରାଇ ବିଚାରୀ ପାଗଳୀ ପରି ଇତସ୍ତତଃ ବୁଲୁଥାଏ। କିଏ ଦୟାକରି ଦେଲେ ଖାଏ। ନଚେତ୍ ଖାଡ଼ା ଉପାସ ରହେ। ସମୟେ ସମୟେ ପାଗଳୀ ଉଗ୍ର ହୋଇଯାଏ। ଯିଏ ସାମ୍ନାକୁ ଆସେ ଟେକା, ପଥର, ଧୂଳି ଫୋପାଡ଼େ; କିନ୍ତୁ ମୁଁ ପହଞ୍ଚିଗଲେ ତା'ର ବ୍ୟବହାରରେ ବ୍ୟତିକ୍ରମ ଦେଖାଯାଏ। ନମ୍ର ହୋଇଯାଏ। ଧୀରେ ପାଖକୁ ଆସେ। ମୁଁ ନେଇଥିବା ଖାଦ୍ୟକୁ ଗ୍ରହଣ କରେ। ତା'ର ବସିବା ଜାଗାକୁ ଫେରିଯାଇ ପୁଡ଼ିଆ ଖୋଲି ଖାଏ। ଅସହାୟ ମଣିଷ ପରିସ୍ଥିତି ଏବଂ ପରିବେଶର ଦାସ।

ଖରା ବର୍ଷା ଶୀତ କାକର, ସବୁ ଋତୁ, ସବୁଦିନ ତା' ପାଇଁ ଏକ ପ୍ରକାର ଦୁଃଖ ଯନ୍ତ୍ରଣା, ଅଭାବ, ଅନଟନରେ ଜୀବନ ବିତେଇ ସତେଯେପରି ପାଷାଣୀ ଅହଲ୍ୟା ବନିଯାଇଛି। ଥରେ ଡିସେମ୍ବର ମାସର ଶୀତସନ୍ଧ୍ୟାରେ ଥରଥର ହାତରେ ''ମୋ'ଠାରୁ ବାରମଜା, ବିସ୍କୁଟ ନେବା ବେଳେ କହିଲା, ମୋ' ପାଇଁ ଶୀତ ଲୁଗାଟିଏ ଆଣିଦେବୁ ବାବୁ!'' କାଳବିଳମ୍ବ ନ କରି ତା' ପରଦିନ ହିଁ ପାଗଳୀ ପାଇଁ ବସ୍ତ୍ରାଳୟରୁ ଚାଦରଟିଏ କିଣିନେଲି। ତା'ପରେ ଲକ୍ଷ୍ୟକଲି, କି ଶୀତ, କି ଖରା, ସବୁବେଳେ ସେଇ ଚାଦରଟିକୁ ଦେହରେ ଢାଙ୍କିଥାଏ। ତା'ର ଚାଲିଚଳଣି ଖୁବ୍ ଅସ୍ୱାସ୍ଥ୍ୟକର। କେଉଁଠି ବସେ, କେଉଁଠି ଶୁଏ, କିଛି ଠିକଣା ନ ଥାଏ। ଥରେ ତା'ର ଛିଣ୍ଡା ଜରି ବ୍ୟାଗ୍‌ରୁ ଗୋଟିଏ ଫଟୋ ବାହାରକଲା ଏବଂ ମୋତେ ଦେଖାଇଲା। ତା' ପୁଅ ରାହୁଲର ମୁହଁ କାଳେ ମୋ' ସହିତ ମେଳଖାଏ। ମୋତେ ଭେଟିଲେ ତା'ର ଉଗ୍ରରୂପ ଶାନ୍ତ ହୋଇଯାଏ। ତା'ଠାରୁ ଦୂରେଇ ଯାଇଥିବା ପୁଅର ପ୍ରତିବିମ୍ବ ଭାବେ ସେ ମୋତେ ଗ୍ରହଣ କରିନିଏ।



ସ୍ୱାମୀ ସ୍ୱାର୍ଥପର, ତାକୁ ଧୋକା ଦେଇଥିବାରୁ ଯେକୌଣସି ବ୍ୟକ୍ତି ଦେଖିଲେ ସେ ରାଗି ପଞ୍ଚମ ହୋଇଯାଏ। ପୁରୁଷସମାଜ ପ୍ରତି ତା'ର ଗଭୀର ଘୃଣାଭାବ। ଏଇ କିଛିଦିନ ହେଲା ପ୍ରବଳ ଶୀତ। ତତ୍‌ସଙ୍ଗେ ଲଗାଣ ବର୍ଷା ଯୋଗୁଁ ପାଗଳୀକୁ ମୁଁ ଭେଟିବାରେ ଅବହେଳା ହୋଇଗଲା। ମନରେ ନାନା ଦୁଶ୍ଚିନ୍ତା ଉଙ୍କି ମାରୁଥିଲା। ଅପରାହ୍ଣରେ ବର୍ଷା ଥମିଯାଇଥାଏ। ଅଫିସ୍‌ଫେରନ୍ତା ବାଟରେ ମୋର ବାଇକ୍ ସେହି ବରଗଛ ଦିଗରେ ଛୁଟାଇଦେଲି। ସେଠାରେ ଦେଖିଲି କିଛି ଲୋକ କୁଣ୍ଡଳୀ ପରି ଘେରି ରହିଛନ୍ତି। ପାଗଳୀ ମୋର ଦୃଷ୍ଟିପଥାରୂଢ଼ ହେଲା। ଭିଡ଼ ଅତିକ୍ରମ କରି ଭିତରକୁ ଗଲି। ସେ ବେଶ୍ ଶାନ୍ତ ଭାବରେ ଶୋଇଯାଇଥିଲା। ଦେହରେ ଅଧାଢଙ୍କା ହୋଇ ଚାଦରଟି ଥିଲା। ଅନ୍ୟ ହାତ ପାପୁଲିରେ ସେଇ ପୁରୁଣା ଫଟୋଟି। ପୁଅ ରାହୁଲର। ଇତ୍ୟବସରରେ ମ୍ୟୁନିସିପାଲିଟିର 'ସ୍ୱର୍ଗଦ୍ୱାର' ଗାଡ଼ିଟି ପହଞ୍ଚି ଯାଇଥିଲା। କିଛି ସ୍ୱେଚ୍ଛାସେବୀ ଶବ ଉଠାଇବା ପ୍ରସ୍ତୁତିରେ ଥିଲେ। ଜଣାଗଲା ବିଚାରୀ ଯେପରି ଅସ୍ପଷ୍ଟ ସ୍ୱରରେ ମୋ' କାନେକାନେ କହୁଥିଲା- ''ବାବୁ! ତୁ ଆସିବାରେ ଡେରି କରିଦେଲୁ। ଏଇ ଜନମରେ ଆଉ କେବେ ଦେଖା ହେବ ନାହିଁ।''

ମୁଁ ମନ୍ଦିରର ପଥରମୂର୍ତ୍ତି ପରି ସ୍ଥାଣୁ ପାଲଟି ଯାଇଥିଲି। ଏହା ଭିତରେ ଅନେକ ବର୍ଷ ବିତିଗଲାଣି। କିନ୍ତୁ ସେଇ ପୁରୁଣା ସ୍ମୃତି ମନେପଡ଼ିଗଲେ ମୁଁ ଗଭୀର ଅନ୍ତର୍ଦ୍ଦାହରେ ଜର୍ଜରିତ ହୋଇଯାଏ।

ମୋ: ୯୮୫୩୮୯୨୧୨୪

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୨୪/୨୦୨୫ Bhubaneswar, Saturday, May 24/ 2025

# ଓଡ଼ିଶାର କଶିକା ଦେଶର ୧ ନମ୍ବର

**ଭୁବନେଶ୍ୱର, ୨୩।୫ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରତିଭାସମ୍ପନ୍ନ ଗଲ୍ଫର କଶିକା ମିଶ୍ର ଦେଶର ମହିଳା ଆମେଚର ଗଲ୍ଫରମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ବ୍ରହ୍ମପୁରର ବାସିନ୍ଦା କଶିକା ଦେଶରେ ନମ୍ବର ୱାନ ହେବାରେ ରାଜ୍ୟର ପ୍ରଥମ ମହିଳା ଗଲ୍ଫର ହୋଇ ଇତିହାସ ରଚିଛନ୍ତି। ଗତ ଏକ ବର୍ଷ ଧରି କ୍ରମାଗତ ଭଲ ପ୍ରଦର୍ଶନର ପୁରସ୍କାର କଶିକାଙ୍କୁ ମିଳିଛି। ଗତ ୧୩ରୁ ୧୬ ପର୍ଯ୍ୟନ୍ତ ରୟାଲ୍ କୋଲକାତା ଗଲ୍ଫ

## ଆମେଚର ମହିଳା ଗଲ୍ଫର

କ୍ଲବରେ ଅନୁଷ୍ଠିତ ଆଇଜିୟୁ ପଶ୍ଚିମବଙ୍ଗ ଲେଡିଜ୍ ଆଣ୍ଡ୍ ଜୁନିୟର ଗର୍ଲ୍ସ ଗଲ୍ଫ ଚାମ୍ପିଅନଶିପରେ ପ୍ରଭାବୀ ପ୍ରଦର୍ଶନ କରି କଶିକା ୧୬ ପଏଣ୍ଟରେ ଅଗ୍ରଣୀ ସହିତ ଚତୁର୍ଥ ସ୍ଥାନରୁ ଉପରକୁ ଉଠି ପ୍ରଥମ ସ୍ଥାନରେ ନିଜର ସ୍ଥାନକୁ ସୁଦୃଢ଼ କରିଛନ୍ତି। ଭାରତର ଆମେଚର ଗଲ୍ଫ ରାଙ୍କିଙ୍ଗରେ ଓଡ଼ିଶାର ଆଉ ଜଣେ ଖେଳାଳି ମାନଭି ସିଂଘାନିଆ ମହିଳାମାନଙ୍କ ମଧ୍ୟରେ ୩୬ତମ ସ୍ଥାନରେ ଅଛନ୍ତି। ମାତ୍ର ପୁରୁଷ ଗଲ୍ଫ ଖେଳାଳିଙ୍କ ତାଲିକାରେ କୌଣସି ଭାରତୀୟ ଖେଳାଳିଙ୍କ ନାମ ନାହିଁ।

କଶିକା ଗତ ମାର୍ଚ୍ଚ ୬ରୁ ୯ ପର୍ଯ୍ୟନ୍ତ ଭିଏତ୍‌ନାମର ଡାନାଙ୍ଗରେ ଅନୁଷ୍ଠିତ ମହିଳା ଆମେଚର ଏସିଆ-ପାସିଫିକ୍ ଚାମ୍ପିୟନଶିପରେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଚଳିତ ମାସ ଶେଷ ସପ୍ତାହରେ ହଂକଂରେ ହେବାକୁ ଥିବା ମର୍ଯ୍ୟାଦାଜନକ ଏସିଆ ପାସିଫିକ୍ ଗଲ୍ଫ କନ୍‌ଫେଡେରେଶନ ଚାମ୍ପିୟନଶିପରେ ଭାରତୀୟ ଦଳ ପକ୍ଷରୁ ଖେଳିବେ। କଶିକା ସମ୍ପ୍ରତି ଗୁରୁଗ୍ରାମର ଶ୍ରୀରାମ ସ୍କୁଲରେ ଦ୍ୱାଦଶ ଷ୍ଟାଣ୍ଡାର୍ଡ ସମାପ୍ତ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ତାଙ୍କର ଗଲ୍ଫିଂ ଏବଂ ଉଚ୍ଚଶିକ୍ଷା ପାଇଁ ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ଯୋଗଦେବେ ବୋଲି ସୂଚନା ମିଳିଛି। ମାତ୍ର ପାଞ୍ଚ ବର୍ଷ ପୂର୍ବେ ଗଲ୍ଫ ଖେଳିବା ଆରମ୍ଭ କରିଥିବା ଏହି ଓଡ଼ିଶା ଗଲ୍ଫର ୨୦୨୩ ମେ'ରେ ଡବ୍ଲ୍ୟୁଏଜିଆର (ୱାର୍ଲ୍ଡ ଆମେଚର ଗଲ୍ଫ ରାଙ୍କିଙ୍ଗ୍) ହାସଲ କରିବା ପରେ ବର୍ଷସାରା ପ୍ରଦର୍ଶନ ଖୁବ ଭଲ ରହିଥିବାରୁ ଆମେଚର ରାଙ୍କିଙ୍ଗ୍‌ରେ ଉପରକୁ ଉଠିବାରେ ସକ୍ଷମ ହୋଇଛନ୍ତି। କଶିକାଙ୍କୁ ଗତ ୨୨ରେ କଶିକା ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ, ଯାହା ତାଙ୍କୁ ଆହୁରି କଠିନ ପରିଶ୍ରମ ଏବଂ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବାକୁ ପ୍ରେରଣା ଦେଇଛି। କଶିକା ତାଙ୍କର ଏହି ସଫଳତା ପାଇଁ ପ୍ରଶିକ୍ଷକ ଅନିତ୍ୟ ଚାନ୍ଦ, ମା' ଓ ବାପା କିରଣ ମିଶ୍ର ଏବଂ ବ୍ରିଗେଡିୟର ତାପସ ମିଶ୍ରଙ୍କ ମାର୍ଗଦର୍ଶନ, ଭୁବନେଶ୍ୱର ଏବଂ ଦିଲ୍ଲୀ ଗଲ୍ଫ କ୍ଲବ, ଓଡ଼ିଶା ସରକାର, ଅନ୍ୟାନ୍ୟ ସଂସ୍ଥାଙ୍କର ସମର୍ଥନ ଏବଂ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦକୁ ଶ୍ରେୟ ଦେଇଛନ୍ତି।



କୋଲକାତାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ପୁରସ୍କାର ସହ କଶିକା ମିଶ୍ର।

# ଓଡ଼ିଶାରୁ ଭାଗନେବ କଳିଙ୍ଗ ୱାରିୟର୍ସ

**ଭୁବନେଶ୍ୱର, ୨୩।୫ (ତପନ ସ୍ୱାଇଁ)**

## ଆସାମ ଚେସ୍ ପ୍ରିମିୟର ଲିଗ୍

ଗୁଆହାଟୀଠାରେ ଆସାମ ଚେସ୍ ପ୍ରିମିୟର ଲିଗ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଅଲ୍ ଆସାମ ଚେସ୍ ଆସୋସିଏଶନ ଓ ଆସାମ ସରକାରଙ୍କ ମିଳିତ ଉଦ୍ୟମରେ ହେବାକୁ ଯାଉଥିବା ୨ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଏକ ଦଳ ଅଂଶଗ୍ରହଣ କରିବ। ଏହାର ନାମ କଳିଙ୍ଗ ୱାରିୟର୍ସ ରଖାଯାଇଛି। ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ପ୍ରତିଯୋଗିତାରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଢାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। କଳିଙ୍ଗ ୱାରିୟର୍ସ ବ୍ୟତୀତ ରାଞ୍ଚି କ୍ୟାପିଟାଲ, ନାଇଟ ମୁଭର୍ସ, ୯୧ ୟାର୍ଡ୍ସ କ୍ଲବ, ଏଡୁ ହବ୍ ଚେକ୍‌ମେଟ୍ସ, ଆକ୍ୱୋମରିଙ୍ଗ୍ ଚେକ୍‌ମେଟ୍ସ, ସୌଭୟ ଚେକ୍‌ମେଟ୍ସ ଓ ବିଟିଆର ୱାରିୟର୍ସ ଦଳ ଏଥିରେ ଭାଗ ନେଉଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା କଳିଙ୍ଗ ୱାରିୟର୍ସ ଦଳରେ ଗ୍ରାଣ୍ଡମାଷ୍ଟର ଅଙ୍କିତ ରାଜପରା, ରାଜେଶ କୁମାର ନାୟକ, ମୃଣ୍ମୟ ରାଜଖୋୱା, ହର୍ଷିତ ରଞ୍ଜନ ସାହୁ, ଅମିୟ ଗୁପ୍ତା, ମମ୍ଲାନ ମହନ୍ତ ଓ ରିତିଶା ଏମ. ରାଜଭୋଗି ସାମିଲ ଅଛନ୍ତି। ସୁବଳ ଭୌମିକ ଦଳର ମେଣ୍ଟର ରହିଛନ୍ତି। ଅଳ୍ପ ସମୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ୧,୩୨,୦୦୦ ଟଙ୍କାରେ ଏହି ଦଳ କିଣିଛି। ଏହି ଚେସ୍ ଲିଗ୍ ସାଧାରଣ ଲୋକଙ୍କ ମନୋରଞ୍ଜନ କରିବା ସହ ଦେଶରେ ଚେସ୍‌କୁ ପ୍ରମୋଟ କରିବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଭବିଷ୍ୟତରେ ଏପରି ଆକର୍ଷଣୀୟ ଚେସ୍ ଇଭେଣ୍ଟମାନ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଏହାର ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଓଡ଼ିଶା ଭିତ୍ତିକ ଦଳ ସହ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଅଭିଷେକ ଆଚାର୍ଯ୍ୟ ଏବଂ ଟ୍ରିପଲ ସି କ୍ଲବର ସମ୍ପାଦକ ବିରଞ୍ଚି ସାହୁ ପ୍ରମୁଖ ଏବେ ଆସାମରେ ପହଞ୍ଚିଛନ୍ତି। ଏପରି ଟୁର୍ନାମେଣ୍ଟ ଦ୍ୱାରା ଆନ୍ତଃରାଜ୍ୟ ସମ୍ପର୍କ ଦୃଢ଼ ହେବା ସହ ଚେସ୍ ପ୍ରତି ପ୍ରାୟୋଜକଙ୍କୁ ଆକର୍ଷିତ କରାଯାଇ ପାରିବ ବୋଲି ଦେବବ୍ରତ କହିଛନ୍ତି।

# କ୍ରୀଡ଼ାଭିତ୍ତିକ ଶିକ୍ଷାକୁ ପ୍ରମୋଟ ପାଇଁ କିଟ୍‌ର ପଦକ୍ଷେପ

**ଭୁବନେଶ୍ୱର, ୨୩।୫ (ତପନ ସ୍ୱାଇଁ)**

କ୍ରୀଡ଼ା ଭିତ୍ତିକ ଶିକ୍ଷାକୁ ପ୍ରମୋଟ କରିବା ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ଯୋଗିକ ସାଇନ୍ସେସରେ ବ୍ୟାଚଲର ଅଫ୍ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ (ବିପିଇଏସ୍) ପ୍ରୋଗ୍ରାମକୁ ସାମିଲ କରାଯାଇଛି। ଜାତୀୟ ଶିକ୍ଷାନୀତି ଅନୁସାରେ ଏହି ୪ ବର୍ଷିଆ କୋର୍ସରେ ଉଭୟ ଶିକ୍ଷା ଓ ଆଥଲେଟିକ୍ ଡେଭଲପ୍‌ମେଣ୍ଟରେ ସନ୍ତୁଳନ ରକ୍ଷା କରାଯିବ।

### ପେସ୍-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ

ସ୍ପୋର୍ଟ୍ସ ଇକୋ ସିଷ୍ଟମରେ କିଟ୍ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ୍‌ଙ୍କ ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି। ପେସ୍ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଏମ୍‌ଓୟୁ ସ୍ୱାକ୍ଷର ପରେ ପେସ-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ କାର୍ଯ୍ୟାରମ୍ଭ କରିଛି। ଏହି ଏକାଡେମୀରେ ୧୬ଟି ଭିନ୍ନଭିନ୍ନ କ୍ରୀଡ଼ାରେ ଖେଳାଳିଙ୍କୁ ଟ୍ରେନିଂ ଦିଆଯିବ। ବିଶ୍ୱସ୍ତରୀୟ ପ୍ରଶିକ୍ଷକଙ୍କ ଦ୍ୱାରା ଏଠାରେ ପ୍ରଶିକ୍ଷଣର ବ୍ୟବସ୍ଥା ହୋଇଛି। ଫଳରେ ଏଠାରେ ଭବିଷ୍ୟତର ଅଲିମ୍ପିଆନ ସୃଷ୍ଟି ହୋଇପାରିବେ। କିଟ୍ ଓ କିସ୍ ପରିସରରେ ଏବେ କ୍ରିକେଟ, ଆର୍ଚେରୀ, ସୁଇମିଂ, ରଗ୍‌ବୀ, ବ୍ୟାଡ୍‌ମିଣ୍ଟନ, ଭଲିବଲ, ଆଥଲେଟିକ୍ସ, ଭାରୋତ୍ତୋଳନ ଓ ଚେସ୍‌ର ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଉପଲବ୍ଧ ଅଛି। ଏକାଧିକ କ୍ରୀଡ଼ାକୁ ନେଇ ଏଠାରେ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହୋଇଯାଇଛି। ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଫି'ରେ ରିହାତି ସହ ବିଶେଷଜ୍ଞ କୋଚ୍‌ଙ୍କ ଦ୍ୱାରା ଟ୍ରେନିଂ ପ୍ରଦାନ କରାଯାଉଛି। ଫଳରେ କ୍ୱାଲିଟି ଶିକ୍ଷା ସହ ପିଲାମାନେ କ୍ରୀଡ଼ାରେ ମଧ୍ୟ ଉଚ୍ଚ ସ୍ତରର ପ୍ରଶିକ୍ଷଣ ପାଇ ପାରୁଛନ୍ତି।

## ଖେଲୋ ଇଣ୍ଡିଆ ବିଚ୍ ଫୁଟ୍‌ବଲ

# ଓଡ଼ିଶାକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୩।୫ (ବିଜୟ ରଣା)**

ଡାମନ ଡିଉଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଛି। ଦଳ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଗୁଜରାଟକୁ ୩-୨ ଗୋଲରେ ହରାଇ ଦେଇଥିଲା। ସକାଳେ ସେମିଫାଇନାଲରେ ଓଡ଼ିଶା ୧୨-୭ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା। ଓଡ଼ିଶା ବିଚ୍ ଫୁଟ୍‌ବଲ ଦଳର ଏହି ଉଲ୍ଲେଖନୀୟ ସଫଳତା ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଗଣ ଖେଳାଳିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଜୁନ୍ ୧୮ରୁ ହକି ଇଣ୍ଡିଆ ମାଷ୍ଟର୍ସ କପ୍

**ନୂଆଦିଲ୍ଲୀ, ୨୩।୫ (ପି.ଟି.)**

ଭେଟେରାନ ଖେଳାଳିଙ୍କୁ ନେଇ ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ର ଉଦ୍‌ଘାଟନୀ ସଂସ୍କରଣ ଜୁନ୍ ୧୮ରୁ ୨୭ ପର୍ଯ୍ୟନ୍ତ ଚେନ୍ନାଇରେ ହେବ। ହକି ଇଣ୍ଡିଆ ଶୁକ୍ରବାର ବିଧିବଦ୍ଧ ଭାବେ ଇଭେଣ୍ଟର ଭେନ୍ୟୁ ଓ ତାରିଖ ଘୋଷଣା କରିଛି। ଟୁର୍ନାମେଣ୍ଟ ଲାଗି ଉଭୟ ପୁରୁଷ ଓ ମହିଳା ଖେଳାଳି ନିଲାମ ପ୍ରକ୍ରିୟାରେ ଭାଗ ନେବେ। ଏହି ଲିଗ୍ ଭାରତୀୟ ହକିର ଏକ ନୂଆ ଅଧ୍ୟାୟ ହେବାକୁ ଯାଉଛି। ଭେଟେରାନ ଖେଳାଳିମାନଙ୍କ ଲାଗି ଏହା ହେଉଛି ଏକ ଉତ୍ସର୍ଗୀକୃତ ପ୍ଲାଟଫର୍ମ। ଲିଗ୍‌ର ନିୟମାନୁସାରେ ଏଥିରେ ପୁରୁଷ ବିଭାଗରେ ୪୦ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ଖେଳାଳି ଭାଗ ନେଇପାରିବେ। ସେହିପରି ମହିଳା ବିଭାଗରେ ୩୫ ଏବଂ ତା'ଠାରୁ ଅଧିକ ବୟସର ଖେଳାଳି ଅଂଶଗ୍ରହଣ କରିପାରିବେ। ଉଭୟ ବିଭାଗର ଦଳଗୁଡ଼ିକର ନାମ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ହେଲେ ସମ୍ପୃକ୍ତ ଖେଳାଳିଙ୍କୁ ସେମାନେ ରାଜ୍ୟ ୟୁନିଟ ଜରିଆରେ ନାମ ପଞ୍ଜୀକରଣ କରିବାକୁ ହେବ ବୋଲି ହକି ଇଣ୍ଡିଆ କହିଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ଦଳଗୁଡ଼ିକ ସ୍ଥିର ହେବା ପରେ ପୁଲ୍ ଢାଞ୍ଚାରେ ଲିଗ୍-କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ପୂର୍ବତନ ଭାରତୀୟ ମହିଳା ହକି ଦଳ ଅଧିନାୟିକା ଅସୁନ୍ତା ଲାକ୍ରା ଟୁର୍ନାମେଣ୍ଟରେ ଭାଗନେବା ଲାଗି ତାଙ୍କର ଆଗ୍ରହ ପ୍ରକାଶ କରିଛନ୍ତି।

# ପ୍ଲେ-ଅଫ୍ ପୂର୍ବରୁ ଫେରିବେ ହାଜେଲ୍‌ଉଡ




**ନୂଆଦିଲ୍ଲୀ, ୨୩।୫ (ପି.ଟି.)**

ଅଷ୍ଟ୍ରେଲିଆ ପେସ୍ ବୋଲର ଜୋଶ ହାଜେଲଉଡ୍ କାନ୍ଧ ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି। ଫଳତଃ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ଲେ-ଅଫ୍ ପୂର୍ବରୁ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳରେ ଯୋଗଦେବା ସମ୍ଭାବନା ରହିଛି। ଏହି ଫାଷ୍ଟ ବୋଲର ଚଳିତ ଆଇପିଏଲ୍ ସିଜନରେ ଗତଥର ଏପ୍ରିଲ ୨୭ ପର୍ଯ୍ୟନ୍ତ ଖେଳିଥିଲେ। ଏହାପରେ ସେ ଦୁଇଟି ଗେମ୍ ଖେଳିପାରି ନ ଥିଲେ। ଭାରତ-ପାକିସ୍ତାନ ସାମରିକ ବିବାଦ ଯୋଗୁ ସେ ଏକ ସପ୍ତାହ ଛୁଟିରେ ସ୍ୱଦେଶ ପଳାଇଥିଲେ। ସେହିଦିନଠାରୁ ଏହି ୩୪ ବର୍ଷୀୟ କ୍ରିକେଟର ବ୍ରିସ୍‌ବେନ୍‌ରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି)ଫାଇନାଲ ପୂର୍ବରୁ ଆୟୋଜିତ ଅଷ୍ଟ୍ରେଲିଆର ପ୍ରସ୍ତୁତି କ୍ୟାମ୍ପରେ ଟ୍ରେନିଂ ନେଇ ଆସୁଥିଲେ। ବର୍ତ୍ତମାନ କ୍ରିକେଟ ଅଷ୍ଟ୍ରେଲିଆ ଓ ଆରସିବି ମ୍ୟାନେଜମେଣ୍ଟ ତାଙ୍କ ଫିଟ୍‌ନେସ୍ ଉପରେ ନଜର ରଖିଛି। ଖବର ଅନୁସାରେ ହାଜେଲ୍‌ଉଡ୍ ଅବସ୍ଥାରେ କ୍ରମେ ଉନ୍ନତି ଘଟିଛି। ମେ ୨୯ରୁ ଆରମ୍ଭ ହେବାକୁଥିବା ନକ୍‌ଆଉଟ ପର୍ଯ୍ୟାୟ ପୂର୍ବରୁ ସେ ଠିକ୍ ହୋଇଯାଇଥିବେ। ଆରସିବି ଇତିମଧ୍ୟରେ ପ୍ଲେ-ଅଫ୍‌ରେ ଏହାର ସ୍ଥାନ ପକ୍କା କରିସାରିଛି। ୨୦୧୬ ପରେ ପ୍ରଥମ ଥର ପଏଣ୍ଟ ଟେବୁଲର ଶ୍ରେଷ୍ଠ ୨ରେ ରହିବାକୁ ଲକ୍ଷ୍ୟ ରଖିଛି। ଚଳିତ ସିଜନରେ ହାଜେଲ୍‌ଉଡ୍ ଆର୍‌ସିବିର ପ୍ରମୁଖ ରହି ଆସିଛନ୍ତି। ଦଳର ସେ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର। ସେ ୮.୪୪ ଇକୋନୋମି ରେଟ୍‌ରେ ୧୯ ଉଇକେଟ ଅକ୍ତିଆର କରିଛନ୍ତି।

# ସନ୍‌ରାଇଜର୍ସଠାରୁ ଆର୍‌ସିବି ପରାସ୍ତ

**ଲକ୍ଷ୍ନୌ, ୨୩।୫**

ଟପ୍ ଅର୍ଡରରେ ପ୍ରଭାବୀ ବ୍ୟାଟିଂ ସତ୍ତ୍ୱେ ମିଡଲ ଓ ଲୋୟର ଅର୍ଡର ବିଫଳତା ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ୪୨ ରନରେ ପରାଜିତ ହୋଇଛି। ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ସନ୍‌ରାଇଜର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୩୧ ରନର ବୃହତ୍ ସ୍କୋର ଛିଡ଼ା କରିଥିଲା। ଜବାବରେ ଫିଲ୍ ସଲ୍ଟଙ୍କ ଅର୍ଦ୍ଧଶତକ ଏବଂ ବିରାଟ କୋହଲିଙ୍କ ୪୩ ରନ ସହ ଓପନିଂ ଯୋଡ଼ିରେ ୪୩ ବଲ୍‌ରୁ ୮୦ ରନ ସଂଗ୍ରହ ସତ୍ତ୍ୱେ ଆରସିବି ୧୯.୫ ଓଭରରେ ୧୮୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ପ୍ୟାଟ୍ କୁମିନ୍ସ ୩ଟି, ଇଶାନ ମାଲିଙ୍ଗା ୨ଟି ଏବଂ ଜୟଦେବ ଉନାଡକଟ୍, ହର୍ଷ ଦୁବେ, ହର୍ଷଲ ପଟେଲ ଓ ନୀତୀଶ କୁମାର ରେଡ୍ଡୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନ୍‌ରାଇଜର୍ସ ଭଲ ଆରମ୍ଭ କରିଥିଲା। ଟ୍ରାଭିସ ହେଡ୍ ଯଦିଓ ୧୭ ରନକରି ଆଉଟ ହୋଇଥିଲେ ହାଇଦ୍ରାବାଦ ଦଳ ୪ ଓଭରରେ ୫୪ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ଦୃଢ଼ ଭିତ୍ତି ପକାଇଥିଲା। କ୍ରିଜ୍‌ରେ ଯେତିକି ସମୟ ରହିଥିଲେ ବି ଦଳର ପ୍ରାୟ ସବୁ ବ୍ୟାଟର ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ଅଭିଷେକ ଶର୍ମା ୧୭ ବଲ୍‌ରୁ ୩୪ (୩ ଚୌକା, ୩ ଛକା), ହେନରିଚ୍ କ୍ଲାସେନ ୧୩ ବଲ୍‌ରୁ ୨୪ ଏବଂ ଅନିକେତ ବର୍ମା ମାତ୍ର ୯ ବଲ୍‌ରୁ ୨୬ ରନ କରିବାରୁ ଦଳ ୧୨.୩ ଓଭରରେ ୧୫୦ ରନ ଅତିକ୍ରମ କରି ଯାଇଥିଲା। ଇଶାନ କିଶନ ୪୮ ବଲ୍‌ରୁ ୭ ଚୌକା ଓ ୫ ଛକା ସହାୟତାରେ ୯୪ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଆରସିବି ପକ୍ଷରୁ ରୋମାରିଓ ଶେଫର୍ଡ ୨ଟି ଏବଂ ଭୁବନେଶ୍ୱର କୁମାର, ଲୁନ୍‌ଗି ଏନ୍‌ଗିଡ, ସୂୟାଶ ଶର୍ମା ଓ କୃନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସୂୟାଶ ଯଦିଓ ବିପଜ୍ଜନକ କ୍ଲାସେନଙ୍କ ଉଇକେଟ ପାଇଥିଲେ ତେବେ ଲୟରେ ରହିପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୩୧/୬ (ଇଶାନ କିଶନ-୯୪*, ଅଭିଷେକ ଶର୍ମା-୩୪, ଅନିକେତ ବର୍ମା-୨୬, ହେନରିଚ କ୍ଲାସେନ-୨୪, ଭୁବନେଶ୍ୱର କୁମାର-୧/୪୩, ଲୁନ୍‌ଗିଏନ୍‌ଗିଡ-୧/୫୧, ସୂୟାଶ ଶର୍ମା-୧/୪୫, କୃନାଲ ପାଣ୍ଡ୍ୟା-୧/୩୮, ରୋମାରିଓ ଶେଫର୍ଡ-୨/୧୪)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୯.୫ ଓଭରରେ ୧୮୯/ଅଲ୍‌ଆଉଟ (ଫିଲ୍ ସଲ୍ଟ-୬୨, ବିରାଟ କୋହଲି-୪୩, ପ୍ୟାଟ୍ କୁମିନ୍ସ-୩/୨୮, ଇଶାନ ମାଲିଙ୍ଗା-୨/୩୭, ହର୍ଷ ଦୁବେ-୧/୨୦, ନୀତୀଶ କୁମାର ରେଡ୍ଡୀ-୧/୧୩, ଜୟଦେବ ଉନାଡକଟ୍-୧/୪୧, ହର୍ଷଲ ପଟେଲ-୧/୩୯)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଇଶାନ କିଶନ।

## ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**

**ପଞ୍ଜାବ ବନାମ ଦିଲ୍ଲୀ**

**ସ୍ଥାନ: ଜୟପୁର**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୫ | ୭ | ୧ | ୧୧ | -୦.୭୩୭ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

# ଶ୍ରୀନାଥ ଡବ୍ଲ୍ୟୁଟିସି ମ୍ୟାଚ୍ ରେଫରି

**ଦୁବାଇ, ୨୩।୫ (ପି.ଟି.)**

ଭାରତୀୟ ଦଳ ହୁଏତ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିପାରି ନ ଥାଏ କିନ୍ତୁ ଆଗକୁ ଖେଳାଯିବାକୁଥିବା ଏହି ବଡ଼ ମୁକାବିଲାରେ ପୂର୍ବତନ ପେସର ଜାଭାଗଲ ଶ୍ରୀନାଥ ଏହାର ମ୍ୟାଚ ରେଫରି ଭାବେ ଦେଶର ଉପସ୍ଥିତି ଜାହିର କରିବେ। ଅନ୍ୟପକ୍ଷରେ ନୀତୀନ ମେନନ ୪ର୍ଥ ଅମ୍ପାୟର ଭାବେ ପ୍ରଥମ ଥର ଡବ୍ଲ୍ୟୁଟିସିରେ ପଦାର୍ପଣ କରିବେ। ଲର୍ଡ୍ସଠାରେ ଖେଳାଯିବାକୁଥିବା ଫାଇନାଲରେ ଇଂଲଣ୍ଡର ରିଚାର୍ଡ ଇଲିଙ୍ଗୱର୍ଥ ଓ ନ୍ୟୁଜିଲାଣ୍ଡର କ୍ରିସ ଗାଫାନି ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ। ଜୁନ୍ ୧୧ରୁ ୧୫ ଖେଳାଯିବାକୁଥିବା ଏହି ମ୍ୟାଚରେ ଗତଥର ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ଥର ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ସହ ମୁକାବିଲା କରିବ। ଇଂଲଣ୍ଡର ରିଚାର୍ଡ କେଟଲବୋରୋ ଆଇସିସିର ଅନେକ ଇଭେଣ୍ଟର ଫାଇନାଲଗୁଡ଼ିକରେ ମ୍ୟାଚ୍ ପରିଚାଳନା କରିଛନ୍ତି। ତନ୍ମଧ୍ୟରେ ପୁରୁଷ ବିଶ୍ୱକପ୍ ଓ ଚାମ୍ପିୟନ୍ସ ଟ୍ରଫି ସାମିଲ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ଡବ୍ଲ୍ୟୁଟିସି ୨୦୨୧ରେ ମଧ୍ୟ ସେ ସମାନ ଦାୟିତ୍ୱ ନିର୍ବାହ କରିଥିଲେ।


ଜାଭାଗଲ ଶ୍ରୀନାଥ

# ଅନୁପମାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୩।୫ (ତପନ ସ୍ୱାଇଁ)**

ଜୋର୍ଡାନରେ ଆରମ୍ଭ ହୋଇଥିବା ୯ମ ଏସୀୟ ସିନିୟର ଜୁ ଜିତସୁ ପ୍ରତିଯୋଗିତାର ପ୍ରଥମ ଦିବସରେ ଶୁକ୍ରବାର ଓଡ଼ିଶାର ଅନୁପମା ସ୍ୱାଇଁ ବ୍ରୋଞ୍ଜ ପଦକ ଜିତିଛନ୍ତି। ୫୨ କେଜି ମହିଳା ଫାଇଟିଂରେ ସେ ଏହି ସଫଳତା ପାଇଛନ୍ତି। ଏହାକୁ ମିଶାଇ ଅନୁପମା ଏସୀୟ ପ୍ରତିଯୋଗିତାରେ କ୍ରମାଗତ ୫ମ ପଦକ ହାସଲ କରିଛନ୍ତି। ଗତ ୪ଟି ଏସୀୟ ଜୁ ଜିତସୁ ପ୍ରତିଯୋଗିତାରେ କ୍ରମାଗତ ଭାବେ ପଦକ ବିଜୟୀ ଦେଶର ୧ ନମ୍ବର ଜୁ ଜିତସୁ ଖେଳାଳି ଅନୁପମା ଆଗକୁ ମହିଳା ୫୨ କେଜି ନି-ୱାଜା ଓ କଣ୍ଟାକ୍ଟ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେହିପରି ସରୋଜ ଯାନୀ ଓ ଦେବାଶିଷ ସାମନ୍ତରାୟ ନି-ୱାଜା ଓ କଣ୍ଟାକ୍ଟରେ ଏବଂ ସନ୍ତୋଷ ସିଂନି ୱାଜା ଓ ଫାଇଟିଂରେ ଅଂଶଗ୍ରହଣ କରିବେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ